

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.136, Friday, 4 September 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୬, ଶୁକ୍ରବାର, ୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org

Vol.13, Issue.136, Friday, 4 September 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୬, ଶୁକ୍ରବାର, ୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org




Vol.13, Issue.136, Friday, 4 September 2026, Puri, Pages - 23, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୬, ଶୁକ୍ରବାର, ୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

## ଭିଜିଲାନ୍ସ ପଞ୍ଝାରେ ଆସିଷ୍ଟାଣ୍ଟ ଡ୍ରଗ କଣ୍ଟ୍ରୋଲର

ରଘୁନାଥପୁର(ଅମୃତ ମିଡିଆ)



ଜଗତସିଂହପୁର ଜିଲ୍ଲା ଆସିଷ୍ଟାଣ୍ଡ ଡ୍ରଗ କଂଟ୍ରୋଲର ସଞ୍ଜୟ କୁମାର ହାନ୍ସଦା ରଘୁନାଥପୁର ବ୍ଲକ ଅଧିନ ଜଇପୁର ଛକରୁ ଜନୈକ ବ୍ୟବସାୟୀଙ୍କ ଠାରୁ ମେଡ଼ିସିନ ହୋଲସେଲିଂ ଲାଇସେନ୍ସ କରାଇଦେବାକୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜଗତସିଂହପୁର ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ପଡ଼ିଛନ୍ତି ।ସଞ୍ଜୟ ହଂସଦା ବର୍ତ୍ତମାନ ଯାଜପୁର ଜିଲ୍ଲାର ଆସିଷ୍ଟାଣ୍ଡ ଡ୍ରଗ କଂଟ୍ରୋଲର ଭାବେ କାର୍ଯ୍ୟରତ ଥିବା ବେଳେ ଜଗତସିଂହପୁର ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ପୂର୍ବରୁ ଏହି ବ୍ୟକ୍ତିଙ୍କ ଠାରୁ ଡ୍ରଗ କଣ୍ଟ୍ରୋଲର ହାଁସଦା ଉକ୍ତ ମେଡିସିନ ହୋଲସେଲିଂ କରାଇ ଦେବାକୁ ୨୦ହଜାର ଟଙ୍କା ନେଇଥିବା ବିଭାଗ ପକ୍ଷରୁ ଜଣାପଡିଛି ।ଭିଜିଲାନ୍ସ ବିଭାଗ ସଞ୍ଜୟଙ୍କୁ ଗିରଫ କରି ୩୪/୨୦୨୬ନଂରେ ଏକ ଭିଜିଲାନ୍ସ ମୋକଦ୍ଦମା ରଜୁ କରିବା ସହ ତାଙ୍କ ଅଫିସରେ ରହିଥିବା କାଗଜ ପତ୍ର ଯାଞ୍ଚ କରୁଛି ।

## ଦୁଇ ଭାଇଙ୍କ ଜଳସମାଧି

ଆଠଗଡ(ଅମୃତ ମିଡ଼ିଆ)

ଆଠଗଡ଼ରେ ଦୁଃଖଦ ଘଟଣା । ନଦୀକୁ ମାଛ ଧରିବାକୁ ଯାଇ ପାଣିରେ ବୁଡ଼ି ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି । ଆଠଗଡ଼ ଥାନା ଅନ୍ତର୍ଗତ ଇଛାପୁର ନିକଟ ସାପୁଆ ନଦୀରେ ଘଟିଛି ଅଘଟଣ। ମୃତ ୨ ଭାଇ ହେଲେ ମଣ୍ଟୁ ସାମଲ ଓ ପିଣ୍ଟୁ ସାମଲ। ଆଠଗଡ଼ ଥାନା ଅନ୍ତର୍ଗତ ଇଚ୍ଛାପୁର ନିକଟ ସାପୁଆ ନଦୀକୁ ମାଛ ଧରିବା ପାଇଁ ମଣ୍ଟୁ ସାମଲ ଓ ପିଣ୍ଟୁ ସାମଲ ଯାଇଥିଲେ। ଏହି ସମୟରେ ଅସାବଧାନତାରୁ ପାଣିରେ ବୁଡ଼ି ଯାଇଥିଲେ ଦୁଇ ଭାଇ। ପ୍ରଥମେ ସାନଭାଇ ପିଣ୍ଟୁ ସାମଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟପଟେ ନିଖୋଜ ଥିବା ବଡ଼ଭାଇ ମଣ୍ଟୁ ସାମଲଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଆଠଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଗୋଟିଏ ପରିବାରର ଦୁଇ ଭାଇଙ୍କ ମୃତ୍ୟୁ ପରେ ଇଚ୍ଛାପୁର ଗାଁରେ ଶୋକର ଛାୟା ଖେଳିଯାଇଛି । ପରିବାର ଓ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଶୋକାକୁଳ ପରିବେଶ ଦେଖାଦେଇଛି ।

### ନେପାଳରେ ବନ୍ୟା ବିଭୀଷିକା, ମିଳୁନି ଶବ

# ପ୍ରତୀକାତ୍ମକ ଚିତା ଜଳାଉଛନ୍ତି ଆତ୍ମୀୟସ୍ୱଜନ

- ଗଲାଣି ୧୨୫୨ଜଣଙ୍କ ଜୀବନ
- ଏବେବି ୪୨୦୦ରୁ ଅଧିକ ନିଖୋଜ

ନୂଆଦିଲ୍ଲୀ

ନେପାଳରେ ଭୟଙ୍କର ବନ୍ୟାକୁ ଗୋଟିଏ ସପ୍ତାହରୁ ଅଧିକ ସମୟ ହୋଇଗଲାଣି, କିନ୍ତୁ ଅନେକ ଘରେ ଏବେ ବି ଆଖିରୁ ଲୁହ ଶୁଖିନି । ଯେଉଁମାନେ ନିଖୋଜ ହୋଇଛନ୍ତି ସେମାନଙ୍କ ପରିବାର ଏବେ ଆଶା ହରାଇବାକୁ ଆରମ୍ଭ କରିଛନ୍ତି । ନୁୱାକୋଟର କିଛି ପରିବାର ସେମାନଙ୍କ ନିଖୋଜ ସମ୍ପର୍କୀୟଙ୍କ ପାଇଁ ପ୍ରତୀକାତ୍ମକ ଅନ୍ତିମ ସଂସ୍କାର କରିଛନ୍ତି । ନଦୀ କୂଳରେ ଚିତା ଜଳାଇଛନ୍ତି, କିନ୍ତୁ ସେଥିରେ କୌଣସି ମୃତଦେହ ନଥିଲା । ଏହା ବଦଳରେ, ସେମାନଙ୍କ ପ୍ରିୟଜନଙ୍କ ଫଟୋ କିମ୍ବା ପ୍ରତୀକ ରଖାଯାଇଥିଲା । ଅତ୍ୟନ୍ତ ଦୁଃଖର ସହିତ ପରିବାରବର୍ଗ ସେମାନଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଅନ୍ତିମ ସଂସ୍କାର କରିଥିଲେ । ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ନେପାଳରେ ହୋଇଥିବା ଭୟଙ୍କର ବନ୍ୟାରେ ଏପର୍ଯ୍ୟନ୍ତ ୧୨୫୨ ଜଣଙ୍କର ମୃତ୍ୟୁ ହୋଇଛି । ଅନେକ ଏବେ ବି ନିଖୋଜ ଅଛନ୍ତି । ନେପାଳର ତିବ୍ବତ ସୀମାରେ ଥିବା ଅନେକ ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି, ଘର ଏବଂ ବସତିକୁ



ଭସାଇ ନେଇଛି । ନେପାଳର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ ୩୨୪ ବିଦେଶୀ ନାଗରିକଙ୍କୁ ଉଦ୍ଧାର କରାଯାଇଛି । ୩୯ ଟି ଦେଶର ଆଉ ୫୯୦ ବିଦେଶୀ ନାଗରିକ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଏହା ବ୍ୟତୀତ, ନେପାଳରେ ୪୨୦୦ ରୁ ଅଧିକ ଲୋକ ନିଖୋଜ ଥିବା ରିପୋର୍ଟ କରାଯାଇଛି ।

■ ପୃଷ୍ଠା-୧୫

## ଆଜି ଚାଷୀଙ୍କୁ ମିଳିବ ସିଏମ୍ କିଷାନର ପଞ୍ଚମ କିସ୍ତି

**ହିତାଧିକାରୀଙ୍କ ଖାତାକୁ ଯିବ ୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା**
**ଉପକୃତ ହେବେ ୪୧ ଲକ୍ଷରୁ ଅଧିକ କୃଷକ ପରିବାର**

ଭୁବନେଶ୍ୱର(ବ୍ୟୁରୋ)

ଶୁକ୍ରବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ କୃଷକଙ୍କୁ ମିଳିବ ସିଏମ୍-କିଷାନ ଟଙ୍କା । ମିଳିବ ସିଏମ୍-କିଷାନ ଯୋଜନାର ପଞ୍ଚମ କିସ୍ତି । ଭୁବନେଶ୍ୱରରେ ଆର୍ଥିକ ସହାୟତା ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ । ହିତାଧିକାରୀଙ୍କ ଆକାଉଣ୍ଟକୁ ଡିବିଟିରେ ଯିବ ୮୩୩ କୋଟିରୁ ଉର୍ଦ୍ଧ ଟଙ୍କା । ରାଜ୍ୟର ୪୧ ଲକ୍ଷରୁ ଉର୍ଦ୍ଧ କୃଷକ ପରିବାର ଉପକୃତ ହେବେ । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ସିଏମ୍ – କିସାନ୍' (ରବି ୨୦୨୬-୨୭) ଯୋଜନା ଅନ୍ତର୍ଗତ ଆର୍ଥିକ ସହାୟତା ରାଶି ହସ୍ତାନ୍ତର କାର୍ଯ୍ୟକ୍ରମ ଆସନ୍ତାକାଲି ପ୍ରଦାନ କରାଯିବ। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ବିଶେଷ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଏହି ଆର୍ଥିକ ସହାୟତା ରାଶି ପ୍ରଦାନ ହେବ। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୪୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଏବଂ ଭୂମିହୀନ କୃଷକ ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ମୋଟ ୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ, ଯାହା ରାଜ୍ୟର ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ କୃଷି କାର୍ଯ୍ୟରେ ପ୍ରୋତ୍ସାହିତ କରିବ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସରକାରଙ୍କ ଅନ୍ୟ ମନ୍ତ୍ରୀ ଗଣ ଯୋଗଦେଇ ସିଏମ୍-କିସାନ କିସ୍ତି ପ୍ରଦାନ କରିବେ।

## ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହେଲେ ୧୪ ବରିଷ୍ଠ ଓଏଏସ୍ ଅଫିସର

ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶା ପ୍ରଶାସନିକ ସେବାର ୧୪ଜଣ ବରିଷ୍ଠ ଅଫିସର ଆଜି ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି । ବିଜ୍ଞପ୍ତି ଅନୁସାରେ, ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ୨୦୨୫ ସିଲେକ୍ଟ ଲିଷ୍ଟ ଆଧାରରେ ରାଜ୍ୟର ୧୪ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଆଇଏଏସ୍ ପାହ୍ୟାକୁ ଉନ୍ନୀତ




ହୋଇଛନ୍ତି । ୨୦୨୫ ଜାନୁୟାରୀ ୧ରୁ ଡିସେମ୍ବର ୩୧ତାରିଖ ମଧ୍ୟରେ ଖାଲି ହୋଇଥିବା ପଦବୀ ଭିତ୍ତିରେ ରାଜ୍ୟ ସରକାରଙ୍କ ସହ ବିଚାରବିମର୍ଶ ପରେ ଏହି ଚୟନ ଚୂଡ଼ାନ୍ତ ହୋଇଛି । ଅଲଇଣ୍ଡିଆ ସର୍ଭିସ ରୁଲସ୍ ଅନୁଯାୟୀ ଏହି ସମସ୍ତ ଅଫିସରଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରୋବେସନରେ ରଖାଯାଇ ଓଡ଼ିଶା କ୍ୟାଡ଼ର ଆବଂଟନ କରାଯାଇଛି । ଆଇଏଏସ୍ ପାହ୍ୟାକୁ ଉନ୍ନୀତ ହୋଇଥିବା ଏହି ୧୪ଜଣ ବରିଷ୍ଠ ଓଏଏସ୍ ଅଫିସର ହେଲେ ସୂର୍ଯ୍ୟନାରାୟଣ ଦାଶ, ସୁମିତା ସରକାର, ବାଳମୁକୁନ୍ଦ ଭୂୟା, ସୌଦାମିନୀ ସେଠୀ, ମଧୁମିତା ନାୟକ, ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ, ବବିତା ମହାନ୍ତି, ଅନୁଜ କୁମାର ଦାସ ପଟ୍ଟନାୟକ, ଜ୍ୟୋତିରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଶୁଭ୍ରା ମହାନ୍ତି, ସଂଘମିତ୍ରା ଶତପଥୀ ଓ ହିମାଂଶୁ ଶେଖର ବେହେରା ସାମିଲ ଅଛନ୍ତି । ଏହି ବିଜ୍ଞପ୍ତିର କପି ରାଜ୍ୟ ମୁଖ୍ୟ ସଚିବଙ୍କ ସମେତ ଏଜି,ୟୁପିଏସସି ଓ ମସୁରୀସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡ଼େମୀକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଯାଇଛି । ସୂଚନାଯୋଗ୍ୟ, ଓଡ଼ିଶାରେ ମୋଟ ମଞ୍ଜୁରୀପ୍ରାପ୍ତ ୨୪୮ଟି ଆଇଏଏସ୍ ପଦବୀ ରହିଛି । ସେଥିରୁ ୧୭୩ଟି ପଦବୀରେ ସିଧାସଳଖ ଓ ୭୫ଟି ପଦୋନ୍ନତି ଭିତ୍ତିକ ବୋଲି ଜଣାପଡ଼ିଛି ।

### ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

# ଆରମ୍ଭ ହେବ ପେପରଲେସ୍ ଜମି ରେଜିଷ୍ଟ୍ରେସନ

**ମାତ୍ର ୪ ପୃଷ୍ଠାରେ ସୀମିତ ରହିବ ଦଲିଲ୍**

ଭୁବନେଶ୍ୱର(ବ୍ୟୁରୋ)

ଏଣିକି ରେଜିଷ୍ଟ୍ରେସନ ଅଫିସରେ ପୁଳାପୁଳା କାଗଜପତ୍ର ଓ ଦସ୍ତାବିଜ ଧରି ଲୋକଙ୍କୁ ଦୀର୍ଘସମୟ ଧରି ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବ ନାହିଁ । ରାଜ୍ୟରେ ସମ୍ପୂର୍ଣ୍ଣ ପେପରଲେସ୍ ଓ ଡିଜିଟାଲ ଦଲିଲ ପଞ୍ଜିକରଣ ବ୍ୟବସ୍ଥା ଲାଗୁ ସହ ଦଲିଲ୍ ଦସ୍ତାବିଜକୁ ମାତ୍ର ଚାରି ପୃଷ୍ଠା ମଧ୍ୟରେ ସୀମିତ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟରେ ଜମିଜମା କାରବାର ତଥା ଦଲିଲ ପଞ୍ଜିକରଣ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ, ଦ୍ରୁତ ଓ ଲୋକାଭିମୁଖୀ କରିବା ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି । ଏହି ଐତିହାସିକ ସଂସ୍କାର ପାଇଁ ୧୯୦୮ ମସିହାର ପଞ୍ଜିକରଣ ଆଇନ ବା ରେଜିଷ୍ଟ୍ରେସନ ଆକ୍ଟରେ ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ଆଜି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଲୋକସେବା ଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ସାଧାରଣ ଲୋକଙ୍କୁ ହଇରାଣ-ହରକତରୁ ମୁକ୍ତି ଦେବା ଓ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ତଥା ଲୋକାଭିମୁଖୀ କରିବା ହେଉଛି ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ । ପ୍ରସ୍ତାବିତ ପେପରଲେସ ରେଜିଷ୍ଟ୍ରେସନ ବା କାଗଜବିହୀନ ପଞ୍ଜିକରଣ ବ୍ୟବସ୍ଥା ଦ୍ୱାରା ନାଗରିକମାନେ ଘରେ ବସି ଅତି ସହଜରେ ପଞ୍ଜିକରଣ ସେବାର ଲାଭ ଉଠାଇପାରିବେ । ଭୂ-ଲେଖ ସହିତ ପଞ୍ଜିକରଣ ରେକର୍ଡର ଡିଜିଟାଲ ସଂଯୋଗୀକରଣ କରାଯିବା ଫଳରେ ସରକାରୀ ସେବା ପ୍ରଦାନ ପ୍ରକ୍ରିୟା ଆହୁରି ଦ୍ରୁତ, ନିର୍ଭୁଲ ଓ ସ୍ୱଚ୍ଛ ହୋଇପାରିବ । ଏହି ନୂଆ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ୧୯୦୮ ମସିହାର ରେଜିଷ୍ଟ୍ରେସନ ଆଇନର ୮ଟି ପ୍ରଚଳିତ ଧାରାରେ ସଂଶୋଧନ ଅଣାଯିବା ସହ ୯ଟି ନୂଆ ଧାରା ଯୋଡ଼ିବାକୁ ପ୍ରସ୍ତାବ ରହିଛି । ଫଳରେ ଇଲେକ୍ଟ୍ରୋନିକ ବହି , ଇଲେକ୍ଟ୍ରୋନିକ ଦସ୍ତଖତ ଓ ଇଲେକ୍ଟ୍ରୋନିକ ସିଲକୁ

■ ପୃଷ୍ଠା-୧୫

## ନଦୀକୁ ଔଷଧ ଫିଙ୍ଗି ଟେକ୍ନିକାଲ ଷ୍ଟୋରକିପର ନିଲମ୍ବିତ

ବାରିପଦା(ଅମୃତ ମିଡ଼ିଆ)

ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶତାଧିକ ପେଟି ଔଷଧକୁ ନଦୀରେ ଫିଙ୍ଗି ଦେବା ଘଟଣାରେ ଟେକ୍ନିକାଲ ଷ୍ଟୋର କିପର ରୁପେନ୍ଦ୍ର ନାଥ ସିଂଙ୍କୁ ନିଲମ୍ବନ କରାଯାଇଛି । ଡାକ୍ତରଖାନା ପଛପଟେ ଥିବା ନଦୀରେ ଶତାଧିକ ପେଟି ଔଷଧ ସହିତ ଅନ୍ୟାନ୍ୟ ମେଡିକାଲ ସାମଗ୍ରୀ ଫୋପାଡ଼ି ଦିଆଯାଇଥିବା ନେଇ ଜଣାପଡ଼ିବା

■ ପୃଷ୍ଠା-୧୫

### ବନ୍ୟା ପରିଚାଳନାରେ ବ୍ୟାପକ ଅବ୍ୟବସ୍ଥା

# ସରକାରଙ୍କ ଉପରେ ବର୍ଷିଲା ବିଜେଡି



- ୨୬ ଦିନ ହେଲା ବନ୍ୟାଞ୍ଚଳରେ ହାହାକାର ପରିସ୍ଥିତି
- ବରୀ, ବିଞ୍ଝାରପୁର, ଯାଜପୁରରେ ଦିଆଯାଉନି ରିଲିଫ
- ଦଳୀୟ ଭିତ୍ତିରେ ବଣ୍ଟାଯାଉଛି ଟଙ୍କା, କର୍ମୀ ମାଲାମାଲ

**ରାଜ୍ୟରେ ବନ୍ୟା ସ୍ଥିତିକୁ ନେଇ ସରକାରଙ୍କୁ ଦାୟୀ କରି ବର୍ଷିଛି ବିଜେଡି । ପରିଚାଳନାଗତ ତ୍ରୁଟି, ରିଲିଫ ଯୋଗାଣରେ ଭେଦଭାବ ଓ ବନ୍ୟାପାଣି ଘେରରେ ରହିଥିବା ବିପନ୍ନଙ୍କ ଦୁର୍ଦ୍ଦଶାକୁ ନେଇ ସରକାରଙ୍କୁ ସମାଲୋଚନା କରାଯାଇଛି । ବିଭାଗୀୟ ଯୋଗାଯୋଗ ଓ ସମନ୍ୱୟର ଅଭାବ ଯୋଗୁଁ ସାଧାରଣ ଜନତା ଭୋକ ଉପାସରେ ରହିଛନ୍ତି । ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀମାନେ ବନ୍ୟାଞ୍ଚଳ ବୁଲି ଲୋକଙ୍କ ସ୍ଥିତି ପରଖି ଥିଲେ ହେଁ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସହାୟତା ନମିଳିବା ଦୁଃଖ ଓ ପରିତାପର ବିଷୟ । ରାଜ୍ୟରେ ୭ ଜିଲ୍ଲାର ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଏବେକାର ସ୍ଥିତି ଜଟିଳ ରହିଥିବା ବେଳେ ରାଜ୍ୟ ସରକାରଙ୍କ ବିଫଳତାକୁ ଦାୟୀକରି ବିଜେଡି ନେତାମାନେ ବର୍ଷିଛନ୍ତି । ବିଶେଷକରି ଯାଜପୁରରେ ସ୍ଥିତି ଉତ୍କଟ ରୂପ ଧାରଣ କରିଥିବା ଜଣାପଡ଼ିଛି ।**

ଭୁବନେଶ୍ୱର (ବ୍ୟୁରୋ)

ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତି ଉତ୍ତର ଓଡ଼ିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଦୀର୍ଘ ୨୬ଦିନ ହେବ ଉପଯୁକ୍ତ ସରକାରୀ ରିଲିଫ ନ ପହଞ୍ଚିବା ପରିସ୍ଥିତିକୁ ବିଷମୟ କରିପକାଇଛି । ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ସ୍ଥିତି ସଙ୍ଗିନ ରହିଛି । ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ବନ୍ୟାଞ୍ଚଳ ବୁଲି ଦେଖିଥିଲେ ହେଁ ଅନେକ ସ୍ଥାନରେ ଏପର୍ଯ୍ୟନ୍ତ ରିଲିଫ ପହଞ୍ଚିପାରିନାହିଁ । ଏଭଳି ସରକାରୀ ଅପାରଗତାକୁ ନେଇ ବର୍ଷିଛି ବିରୋଧୀ ଦଳ । ବନ୍ୟା ପ୍ରଭାବିତ ଯାଜପୁର, ବିଞ୍ଝାରପୁର ଓ ବରୀର ୩ ବିଧାୟକଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀ ସମସ୍ତଙ୍କ ଆଖି ଖୋଲିଦେଇଛି ।

ବିଜେଡି କହିଛି ଯେ, ଦୀର୍ଘ ୨୬ ଦିନ ହେଲାଣି ଯାଜପୁରରେ ବନ୍ୟା ଲାଗି ରହିଛି । ସରକାର ପୂର୍ବରୁ ବନ୍ୟା ପ୍ରସ୍ତୁତି କରିନଥିଲେ । କୌଣସି ବିଭାଗ ସହ କାହାର ଯୋଗାଯୋଗ ନାହିଁ । ଲୋକଙ୍କ ପାଖରେ ଏଯାଏଁ ଶୁଖିଲା ଖାଦ୍ୟ, ଗୋ ଖାଦ୍ୟ ପହଞ୍ଚି ନାହିଁ । ବରୀ, ବିଞ୍ଝାରପୁର, ଓ ଯାଜପୁରରେ କୌଣସି ସରକାରୀ ସହାୟତା ମିଳିଲା ନାହିଁ । ବନ୍ୟା ପ୍ରଭାବିତ ଅଞ୍ଚଳକୁ ଅଣଦେଖା କରାଗଲା । ଯାଜପୁର ବନ୍ୟା ରିଭ୍ୟୁ ଭଦ୍ରକରେ ହେଲା । ସରକାର କ'ଣ ସହାୟତା କଲେ

■ ପୃଷ୍ଠା-୧୫



**ଭାରତର ଆର୍ଥିକ ବିକାଶ ହାର ଦ୍ରୁତ ଗତିରେ ବଢୁଛି । ଆର୍ଥିକବର୍ଷ ୨୦୨୬-୨୭ରେ ଦେଶର ଅଭିବୃଦ୍ଧି ହାର ୭.୮% ଦର୍ଶାଯାଇଛି । ଅର୍ଥନୀତିର ଏଭଳି ଗୋଲାପୀ ଚିତ୍ର ସମସ୍ତଙ୍କୁ ଉତ୍ସାହିତ କରିଛି । ସେପଟେ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଘଟିଚାଲିଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ସରକାରଙ୍କ ଦ୍ୱାରା ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ ମାଗଣାରେ ରାସନ ବଣ୍ଟନ କରାଯାଉଛି । ଏହାକୁ ସରକାର ନିଜର ମହାନ ସଫଳତା ବୋଲି କହୁଥିଲେ ମଧ ଏହା ବାସ୍ତବରେ ଏକ ସରକାରୀ ସ୍ୱୀକାରୋକ୍ତି ଯେ, ଦେଶର ପ୍ରତି ୧୦ ଜଣ ନାଗରିକଙ୍କ ମଧ୍ୟରୁ ୬ ଜଣ ନାଗରିକ ନିଜ ପରିବାର ପାଇଁ ଦୁଇ ଓଳି ଖାଦ୍ୟ ଯୋଗାଡ଼ କରିବାକୁ ମଧ ସକ୍ଷମ ନୁହନ୍ତି । ଯଦି ଅଭିବୃଦ୍ଧିର ଲାଭ ପ୍ରକୃତରେ ସମସ୍ତଙ୍କ ପାଖରେ ପହଞ୍ଚୁଛି, ତେବେ ଏତେବଡ଼ ଜନସଂଖ୍ୟା ମାଗଣା ରାସନ ଉପରେ ନିର୍ଭର କରି ବଞ୍ଚୁଛନ୍ତି କାହିଁକି ? ବିକାଶର ବ୍ୟାଖ୍ୟା ଏଭଳି ହେବା ଦରକାର, ଯେଉଁଥିରେ ପ୍ରତ୍ୟେକ ନାଗରିବ ଆତ୍ମନିର୍ଭରଶୀଳ ହୋଇ ଗର୍ବ ଅନୁଭବ କରୁଥିବେ । ନହେଲେ ଏଭଳି ବିକାଶର ଗୋଲାପୀ ଚିତ୍ର ଦେଖାଇ ଲୋକଙ୍କୁ ବୋକା ବନାଇବା କେତେଦୂର ଯଥାର୍ଥ, ତାହା ବିଚାରଯୋଗ୍ୟ ।**




# ଜିଡିପି ଅଭିବୃଦ୍ଧିର ଗୋଲାପୀ ଚିତ୍ର

**ସୁଶାନ୍ତ କୁମାର ଦାସ**

ଭାରତୀୟ ଅର୍ଥନୀତିର ବର୍ତ୍ତମାନର ସ୍ଥିତିକୁ ନେଇ ସରକାରୀ ପ୍ରଚାର ଏବଂ ବାସ୍ତବତା ମଧ୍ୟରେ ଯେଉଁ ବିରାଟ ତାରତମ୍ୟ ଦେଖାଦେଇଛି, ତାହା ଆଜି ଦେଶର ଚେତନଶୀଳ ନାଗରିକଙ୍କ ପାଇଁ ଏକ ଗମ୍ଭୀର ଆଲୋଚନାର ବିଷୟ ପାଲଟିଛି । ଆଜି ସରକାର ତଥା ସରକାର-ସମର୍ଥକ ଗଣମାଧ୍ୟମ ଦ୍ୱାରା ଦେଶକୁ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ଭାବରେ ଚିତ୍ରଣ କରାଯାଉଛି । ତ୍ରୈମାସିକ ଜିଡିପି ଅଭିବୃଦ୍ଧି ହାର ପ୍ରାୟ ୭.୮ ପ୍ରତିଶତ ବୋଲି ଦର୍ଶାଇ ପ୍ରତ୍ୟେକଟି ମଞ୍ଚରେ ଉତ୍ସବର ପରିବେଶ ସୃଷ୍ଟି କରାଯାଉଛି । ସରକାର ଚାହାନ୍ତି ଯେ, ଦେଶର ସାଧାରଣ ଲୋକ ଏହି ସଂଖ୍ୟାର ଚମକକୁ ଦେଖି ଉଲ୍ଲସିତ ହୁଅନ୍ତୁ, ପ୍ରଶଂସାରେ ଶତମୁଖ ହୁଅନ୍ତୁ ଏବଂ ଏହି ଅଭୂତପୂର୍ବ ବିକାଶର ଆଖିଝଟକା କାହାଣୀକୁ ଚୁପଚାପ୍ ଗ୍ରହଣ କରିନିଅନ୍ତୁ । ରାସ୍ତାଘାଟ, ରେଳପଥ, ବନ୍ଦର ଏବଂ ଡିଜିଟାଲ ଭିତ୍ତିଭୂମିରେ କରାଯାଉଥିବା ସରକାରୀ ପୁଞ୍ଜିନିବେଶ, ମଜଭୂତ ବିଦେଶୀ ମୁଦ୍ରା ଭଣ୍ଡାର ତଥା ଜିଏସ୍‌ଟି ମାଧ୍ୟମରେ ରେକର୍ଡ କର ସଂଗ୍ରହକୁ ସରକାରୀ ସଫଳତାର ମୁଖ୍ୟ ପ୍ରମାଣ ଭାବେ ଉପସ୍ଥାପନ କରାଯାଉଛି । କିନ୍ତୁ ଏହି ଆକର୍ଷଣୀୟ ଶିରୋନାମା ଏବଂ ପରିସଂଖ୍ୟାନର ପରଦା ପଛରେ ଏକ ଅତ୍ୟନ୍ତ ଚିନ୍ତାଜନକ ମୌଳିକ ସତ୍ୟ ଲୁଚି ରହିଛି, ଯାହା ଭାରତୀୟ ଅର୍ଥନୀତିର ଏକ ବିପର୍ଯ୍ୟସ୍ତ ଓ ଦ୍ୱୈତ ରୂପକୁ ପ୍ରକାଶ କରୁଛି । ଯେତେବେଳେ ପ୍ରତ୍ୟେକଟି ତଥ୍ୟକୁ ଗଭୀର ଭାବରେ ବିଶ୍ଳେଷଣ କରାଯାଏ, ସେତେବେଳେ ପ୍ରତ୍ୟେକଟି ତଥ୍ୟ ଏକ ବଡ଼ ପ୍ରଶ୍ନ ହୋଇ ଛିଡ଼ାହୁଏ ଏବଂ ପ୍ରତ୍ୟେକଟି ପ୍ରଶ୍ନର ଉତ୍ତରରେ ପ୍ରଶାସନ ପକ୍ଷରୁ କେବଳ ଏକ ରହସ୍ୟମୟ ନୀରବତା ହିଁ ମିଳିଥାଏ ।

## ତଥ୍ୟକୁ ନେଇ ଉଠିଲା ପ୍ରଶ୍ନ

ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟକୁ ନେଇ ଯେତେବେଳେ ପୂର୍ବତନ କେନ୍ଦ୍ରୀୟ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଗମ୍ଭୀର ପ୍ରଶ୍ନବାଚୀ ଉଠାଇଲେ, ସେତେବେଳେ ସରକାରୀ ତଥ୍ୟର ପ୍ରକୃତ ସତ୍ୟ ପଦାରେ ପଡ଼ିଲା । ଏହି ତଥ୍ୟ ଯାଞ୍ଚ କରିବା ପରେ ଜଣାପଡ଼ିଲା ଯେ, କାହାଣୀ ସେତିକି ସହଜ ଓ ସରଳ ନୁହେଁ ଯେତିକି ପ୍ରଶାସନ ଦେଖାଇବାକୁ ଚେଷ୍ଟା କରୁଛି । ଗର୍ଗଙ୍କ ସବୁଠାରୁ ଶକ୍ତ ଏବଂ ଦୃଢ଼ ଯୁକ୍ତି ଥିଲା ଯେ, ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପୂର୍ବରୁ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକ ପାଇଁ ନାମମାତ୍ର ଜିଡିପି ପ୍ରାୟ ୮୬.୦୫ ଲକ୍ଷ କୋଟି ଟଙ୍କା ବୋଲି କହିଥିଲା । ମାତ୍ର ପରବର୍ତ୍ତୀ ସମୟରେ କୌଣସି ସ୍ପଷ୍ଟ ସାର୍ବଜନୀନ ବ୍ୟାଖ୍ୟା ବିନା ସେହି ତଥ୍ୟକୁ ହଠାତ୍ ହ୍ରାସ କରି ୮୦ ଲକ୍ଷ କୋଟିକୁ ଖସାଇ ଦିଆଗଲା । ଅର୍ଥାତ୍ ରାତାରାତି ପ୍ରାୟ ୬.୦୫ ଲକ୍ଷ କୋଟି ଟଙ୍କାର ଏକ ବିଶାଳ ହ୍ରାସ ଘଟିଲା, ଯାହାର ଏକ ମୁଖ୍ୟ ଅଂଶ ସେବା କ୍ଷେତ୍ର ସହିତ ସିଧାସଳଖ ଜଡ଼ିତ ଥିଲା । ଏହି ପରିବର୍ତ୍ତନ କୌଣସି ସାଧାରଣ ତ୍ରୁଟି ନଥିଲା, ବରଂ ଏହା ଥିଲା ଏକ ବିରାଟ ପରିସଂଖ୍ୟାନଗତ ଖେଳ । ଏହି ଆଧାରରେ ହିଁ ଅଭିବୃଦ୍ଧି ହାରକୁ ନେଇ ଏକ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଗର୍ଗ ପୁରୁଣା ୮୬.୦୫ ଲକ୍ଷ କୋଟିକୁ ନୂତନ ଶୃଙ୍ଖଳାର ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକର ୮୮.୨୭ ଲକ୍ଷ କୋଟି ସହିତ ତୁଳନା କରି ଦର୍ଶାଇଥିଲେ ଯେ, ଅଭିବୃଦ୍ଧି ହାର ମାତ୍ର ୨.୬ ପ୍ରତିଶତ । ସଂଖ୍ୟା ଦୃଷ୍ଟିରୁ ଏହି



୨.୬ ପ୍ରତିଶତର ଗାଣିତିକ ହିସାବ ସମ୍ପୂର୍ଣ୍ଣ ସଠିକ୍ ଥିଲେ ମଧ ଏହା ଦୁଇଟି ଭିନ୍ନ ଆଧାର ବର୍ଷର ତଥ୍ୟକୁ ମିଶାଇବାର ଏକ ଫଳାଫଳ ଥିଲା, ଯାହା ସମାନ ମାପଦଣ୍ଡର ତୁଳନା ନୁହେଁ । କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି, ପୁରୁଣା ତଥ୍ୟରେ ଏତେ ବଡ଼ ଧରଣର ସଂଶୋଧନ କରିବାର ଆବଶ୍ୟକତା କାହିଁକି ପଡ଼ିଲା ?

## ଆଧାରବିହୀନ ତଥ୍ୟର ଅବଗଣନା

ପ୍ରକୃତ ଜିଡିପି କ୍ଷେତ୍ରରେ ଏହି ପରିବର୍ତ୍ତନ ଆହୁରି ଅଧିକ ବିସ୍ମୟକର । ପୁରୁଣା ୨୦୧୧-୧୨ ଆଧାର ଶୃଙ୍ଖଳାରେ ୨୦୨୫-୨୬ର ପ୍ରଥମ ତ୍ରୈମାସିକର ରିଅଲ୍ ଜିଡିପି ୪୭.୮୯ ଲକ୍ଷ କୋଟି ଥିଲା । ମାତ୍ର ନୂତନ ୨୦୨୨-୨୩ ଆଧାର ଶୃଙ୍ଖଳା ଲାଗୁ ହେବା କ୍ଷଣି ସେହି ସମାନ ତ୍ରୈମାସିକର ଆକାର ହଠାତ୍ ୭୫.୪୬ ଲକ୍ଷ କୋଟିକୁ ବୃଦ୍ଧି ପାଇଲା । କେବଳ ହିସାବର ଆଧାର ବର୍ଷ ବଦଳାଇ ଦେବା ଦ୍ୱାରା ଅର୍ଥ ବ୍ୟବସ୍ଥାର ଆକାର କାଗଜପତ୍ରରେ ବିରାଟ ଦେଖାଗଲା ସତ, ମାତ୍ର ବାସ୍ତବ କ୍ଷେତ୍ରରେ ଦେଶର ଉତ୍ପାଦନ କ୍ଷମତା ରାତାରାତି ବଢ଼ିନଥିଲା । ଏହା ସହିତ ୨୦୨୫-୨୬ ପ୍ରଥମ ତ୍ରୈମାସିକର ଅଭିବୃଦ୍ଧି ହାର ଯାହା ପୂର୍ବରୁ ୭.୮ ପ୍ରତିଶତ ଘୋଷଣା ହୋଇଥିଲା, ତାହା ନୂତନ ଶୃଙ୍ଖଳାରେ ହ୍ରାସ ପାଇ ୬.୯ ପ୍ରତିଶତ ହୋଇଗଲା । ଏବେ ଯେତେବେଳେ ଆର୍ଥିକ ବର୍ଷ ୨୦୨୬-୨୭ ର ପ୍ରଥମ ତ୍ରୈମାସିକରେ ରିଅଲ୍ ଜିଡିପି ୮୧.୩୬ ଲକ୍ଷ କୋଟିରେ ପହଞ୍ଚିଛି, ସେତେବେଳେ ନୂତନ ୭୫.୪୬ ଲକ୍ଷ କୋଟିର ଆଧାର ସହିତ ତୁଳନା କରି ସରକାର ପୁଣି ୭.୮ ପ୍ରତିଶତର ଚମତ୍କାର ଅଭିବୃଦ୍ଧି ହାର ଘୋଷଣା କରୁଛନ୍ତି । ଗାଣିତିକ ଦୃଷ୍ଟିକୋଣରୁ ନୂତନ ପରିବର୍ତ୍ତିତ ଶୃଙ୍ଖଳା ଭିତରେ ୭.୮ ପ୍ରତିଶତର ହିସାବ ସଠିକ୍ ହୋଇପାରେ, କିନ୍ତୁ ନିରପେକ୍ଷ ଭାବେ ଦେଖିଲେ ଏହା ପ୍ରମାଣ କରେ ଯେ ତଥ୍ୟର ସ୍ୱଚ୍ଛତା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି । ବାରମ୍ବାର ବିନା କୌଣସି ବିଶ୍ୱାସନୀୟ ବ୍ୟାଖ୍ୟାରେ ଆଧାର ବର୍ଷ ଓ ଗଣନା ପଦ୍ଧତି ବଦଳାଇ ଦିଆଗଲେ ସାଧାରଣ ଲୋକେ ତଥା ବିଶ୍ଳେଷକମାନେ କେଉଁ ସଂଖ୍ୟାକୁ ସତ୍ୟ ବୋଲି ଧରିବେ ?

## ଆର୍ଥିକ ସଙ୍କଟର ବାସ୍ତବ ସମାଧାନ ନାହିଁ

ଯଦିଓ ୨.୬ ପ୍ରତିଶତର ଗଣିତ ଦୁଇଟି ଭିନ୍ନ ଶୃଙ୍ଖଳାର ମିଶ୍ରଣରୁ ଉତ୍ପନ୍ନ, ତଥାପି ବର୍ତ୍ତମାନର ଅର୍ଥନୈତିକ ବାସ୍ତବତାକୁ ଅନୁଧ୍ୟାନ କଲେ ଏହି ୨.୬ ପ୍ରତିଶତ ଅଭିବୃଦ୍ଧି ହାର ହିଁ ଭୂମି ସ୍ତରର ସ୍ଥିତି ସହିତ ଅଧିକ ସଦୃଶ୍ୟ ରଖୁଥିବା ପରି ମନେହୁଏ । ଏହାର କାରଣ ହେଉଛି ଦେଶର କୌଣସି ଗଠନମୂଳକ ଆର୍ଥିକ ସଙ୍କଟର ସମାଧାନ ହୋଇପାରିନାହିଁ । ବର୍ତ୍ତମାନ ସମୟରେ ବେକାରୀ ସମସ୍ୟା ଚରମ ସୀମାରେ ପହଞ୍ଚିଛି, ସାଧାରଣ ଉପଭୋକ୍ତାଙ୍କ ଖର୍ଚ୍ଚ କ୍ଷମତା କ୍ରମାଗତ ଭାବେ ହ୍ରାସ ପାଉଛି ଏବଂ କେନ୍ଦ୍ର ସରକାରଙ୍କ ଋଣଭାର ବୃଦ୍ଧି ପାଇ ୨.୨୦ ଲକ୍ଷ କୋଟିରେ ପହଞ୍ଚିଛି, ଯାହା ୨୦୧୪ ମସିହା ତୁଳନାରେ ପ୍ରାୟ ପାଞ୍ଚଗୁଣ ଅଧିକ । ଏହା ବ୍ୟତୀତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ବା ଏଫ୍‌ଡିଆଇ ହ୍ରାସ ପାଇବା ସହ ଘରୋଇ ଘରୋଇ କର୍ପୋରେଟ୍ ପୁଞ୍ଜିନିବେଶ ମଧ ସମ୍ପୂର୍ଣ୍ଣ ଭାବେ ମାନ୍ଦା ପଡ଼ିରହିଛି । ଯେତେବେଳେ ଦେଶ ଭିତରକୁ ନୂତନ ପୁଞ୍ଜି ଆସୁନାହିଁ ଏବଂ ଶିଳ୍ପପତିମାନେ ନୂଆ କାରଖାନା ପ୍ରତିଷ୍ଠା କରିବାକୁ ଆଗ୍ରହ ଦେଖାଉନାହାନ୍ତି, ସେତେବେଳେ ଜିଡିପି ୭.୮ ପ୍ରତିଶତ ଭଳି ଉଚ୍ଚହାରରେ ବୃଦ୍ଧିପାଇବା କିପରି ସମ୍ଭବ ? ଏହି ସମସ୍ତ ବିରୋଧାଭାସ ସ୍ପଷ୍ଟ ସୂଚିତ କରେ ଯେ, ସରକାରୀ ଜିଡିପି ଆକଳନ ଏକ ମନଗଢ଼ା ପ୍ରଚାର ଛଡ଼ା ଆଉ କିଛିନୁହେଁ ।

## ମୁଣ୍ଡପିଛା ଆୟ ସମୃଦ୍ଧିର ମାପକାଠି

ମୋଟ ଜିଡିପିର ଆକାର ଯେତେ ବଡ଼ ଦେଖାଗଲେ ମଧ ତାହା ଦେଶବାସୀଙ୍କ ପ୍ରକୃତ ଜୀବନଧାରଣର ମାନ ନିର୍ଦ୍ଧାରଣ କରିପାରେ ନାହିଁ । ଜିଡିପି କେବଳ ଦେଶର ସମଗ୍ର ବାର୍ଷିକ ଆର୍ଥିକ ଉତ୍ପାଦନର ଏକ ମୋଟାମୋଟି ହିସାବ, କିନ୍ତୁ ସାଧାରଣ ଜନତାଙ୍କ ସମୃଦ୍ଧିର ମାପକାଠି ହେଉଛି ମୁଣ୍ଡପିଛା ଆୟ । ସରକାର ଜିଡିପି ଆକାରକୁ ନେଇ ବଡ଼ ବଡ଼ ଦାବି କରୁଥିବା ବେଳେ ମୁଣ୍ଡପିଛା ଆୟ ସମ୍ପର୍କରେ କହିବାକୁ କୁଣ୍ଠାବୋଧ କରନ୍ତି । ବାସ୍ତବତା ହେଉଛି, ବିଶ୍ୱର ପ୍ରମୁଖ ୨୦ଟି ଅର୍ଥବ୍ୟବସ୍ଥା ବା ଜି-୨୦ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ସର୍ବନିମ୍ନ ସ୍ତରରେ ରହିଛି । ଜି-୨୦ର ପ୍ରତ୍ୟେକଟି ସଦସ୍ୟ ଦେଶର ଜଣେ ହାରାହାରି ନାଗରିକ ଭାରତୀୟ ନାଗରିକଙ୍କ ତୁଳନାରେ ଯଥେଷ୍ଟ ଅଧିକ ରୋଜଗାର କରନ୍ତି । ଏପରି ସ୍ଥିତିରେ କେବଳ ଜିଡିପି ବଢୁଛି ବୋଲି କହି ଦେଶ ଧନୀ ହେଉଛି ବୋଲି ଭାବିବା ଏକ ମସ୍ତବଡ଼ ଭ୍ରମ ଅଟେ । ଯେପର୍ଯ୍ୟନ୍ତ ଏହି ଅଭିବୃଦ୍ଧିର ଲାଭ ଦେଶର ସବୁଠାରୁ ତଳ ସ୍ତରରେ ଥିବା ଗରିବ ନାଗରିକ ପାଖରେ ନ ପହଞ୍ଚିଛି, ସେପର୍ଯ୍ୟନ୍ତ ଏହାକୁ ପ୍ରକୃତ ବିକାଶ ବୋଲି କୁହାଯାଇପାରିବ ନାହିଁ ।

## ଦ୍ରୁତଗତିରେ ବଢୁଛି ଆର୍ଥିକ ଅସମାନତା

ଭାରତୀୟ ଅର୍ଥନୀତିର ସବୁଠାରୁ ଭୟଙ୍କର ସତ୍ୟ ହେଉଛି ଦିନକୁ ଦିନ ବୃଦ୍ଧି ପାଉଥିବା ଚରମ ଆର୍ଥିକ ଅସମାନତା । କରୋନା ମହାମାରୀ ପରଠାରୁ ଦେଶରେ ଧନୀ ଶ୍ରେଣୀ ଅତି ଦ୍ରୁତ ଗତିରେ ଅଧିକ ଧନୀ ହେଉଛନ୍ତି ଏବଂ ଗରିବ ତଥା ମଧ୍ୟବିତ୍ତ ବର୍ଗ କ୍ରମାଗତ ଭାବେ ଅଧିକ ଦାରିଦ୍ର୍ୟ ଆଡ଼କୁ ଠେଲି ହୋଇଯାଉଛନ୍ତି । ବିଭିନ୍ନ ଅନ୍ତର୍ଜାତୀୟ ରିପୋର୍ଟ ଅନୁସାରେ, ଆଜି ଦେଶର ଶୀର୍ଷ ୧ ପ୍ରତିଶତ ଅତି ଧନୀ ବ୍ୟକ୍ତିଙ୍କ ହାତରେ ଦେଶର ମୋଟ ସମ୍ପତ୍ତିର ୪୦ ପ୍ରତିଶତରୁ ଅଧିକ ଅଂଶ ଠୁଳ ହୋଇ ରହିଛି । ଅନ୍ୟପକ୍ଷରେ, ତଳେ ଥିବା ୫୦ ପ୍ରତିଶତ ଜନସଂଖ୍ୟା, ଯାହା ପ୍ରାୟ ୭୦ କୋଟି ଲୋକଙ୍କୁ ନେଇ ଗଠିତ, ସେମାନେ ମାତ୍ର ୩ ପ୍ରତିଶତ ସମ୍ପତ୍ତି ଉପରେ ନିର୍ଭର କରି ଅତି ଦୟନୀୟ ଭାବେ ଜୀବନ ଅତିବାହିତ କରୁଛନ୍ତି । ଏହି କାରଣରୁ ଦେଶରେ ବିଳାସପୂର୍ଣ୍ଣ କାର, ମୂଲ୍ୟବାନ ଆପାର୍ଟମେଣ୍ଟ ଏବଂ ଦାମୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ବିକ୍ରି ବଢୁଥିବା ବେଳେ ସାଧାରଣ ଉପଭୋକ୍ତା ସାମଗ୍ରୀ, ଦୁଇଚକିଆ ଯାନ ଏବଂ ଗ୍ରାମୀଣ ବଜାରରେ ଚାହିଦା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ଏହି ସ୍ଥିତି କୌଣସି ସୁସ୍ଥ ଅର୍ଥନୀତିର ଲକ୍ଷଣ ନୁହେଁ, ବରଂ ଏହା ଏକ 'ବିଲିୟନେୟାର ରାଜ୍' ଏବଂ କ୍ରୋନି କ୍ୟାପିଟାଲିଜିମ୍‌ର ଉଦାହରଣ, ଯେଉଁଠାରେ ସରକାରୀ ନୀତି କେବଳ କିଛି ନିର୍ଦ୍ଦିଷ୍ଟ ପୁଞ୍ଜିପତିଙ୍କ ସ୍ୱାର୍ଥ ସାଧନ ପାଇଁ ଉଦ୍ଦିଷ୍ଟ । ବଡ଼ ବଡ଼ ଶିଳ୍ପପତିମାନଙ୍କର ହଜାର ହଜାର କୋଟି ଟଙ୍କାର ବ୍ୟାଙ୍କଋଣ ଛାଡ଼ କରାଯାଉଛି, ଯାହା ପ୍ରକୃତରେ ସାଧାରଣ ଟିକସଦାତାଙ୍କ ପରିଶ୍ରମର ଅର୍ଥକୁ ଲୁଟ୍ କରିବା ସହ ସମାନ ।

## ନିଯୁକ୍ତିହୀନ ଅଭିବୃଦ୍ଧି ଶ୍ରମଶକ୍ତି ପ୍ରତି ଉପହାସ

ଏହି ଆଡ଼ମ୍ବରପୂର୍ଣ୍ଣ ଅଭିବୃଦ୍ଧି ପଛରେ ଥିବା ଆଉ ଏକ ବିରାଟ ବିଡ଼ମ୍ବନା ହେଉଛି 'ନିଯୁକ୍ତିହୀନ ଅଭିବୃଦ୍ଧି' । କାଗଜପତ୍ରରେ ଜିଡିପି ସଂଖ୍ୟା ବଢୁଥିଲେ ମଧ ଶିକ୍ଷିତ ଯୁବପିଢ଼ି ପାଇଁ କୌଣସି ସମ୍ମାନଜନକ କର୍ମସଂସ୍ଥାନ ସୃଷ୍ଟି ହେଉନାହିଁ । ସହରାଞ୍ଚଳରେ ସାଧାରଣ ବେକାରୀ ହାର ପ୍ରାୟ ୬.୭ ପ୍ରତିଶତ ଥିବା ବେଳେ ଶିକ୍ଷିତ ଯୁବ ବେକାରୀ ହାର ୧୬ ପ୍ରତିଶତରୁ ଅଧିକ ରହିଛି । ଶ୍ରମ ଶକ୍ତି ଅଂଶଗ୍ରହଣ ହାର ବିଗତ ପାଞ୍ଚ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଆସିଛି ଏବଂ ମହିଳାମାନଙ୍କ କାର୍ଯ୍ୟକ୍ଷମ ହାର ଅନ୍ୟ ବିକାଶଶୀଳ ଦେଶ ତୁଳନାରେ ଅତ୍ୟନ୍ତ ନୈରାଶ୍ୟଜନକ । ଚାକିରି ବିନା କେବଳ ପରିସଂଖ୍ୟାନର ଅଭିବୃଦ୍ଧି କୌଣସି ଗରିବ ପରିବାରର ଚୁଲି ଜଳାଇ ପାରିବ ନାହିଁ କିମ୍ବା ଯୁବକମାନଙ୍କୁ ସୁରକ୍ଷିତ ଭବିଷ୍ୟତ ଦେଇପାରିବ ନାହିଁ । ସେହିଭଳି ଉତ୍ପାଦନ ଏବଂ କୃଷି କ୍ଷେତ୍ରର ସ୍ଥିତି ମଧ ଏହି ବିଫଳତାକୁ ସ୍ପଷ୍ଟ କରୁଛି । ଦଶନ୍ଧି ତଳେ ବହୁତ ଉତ୍ସାହର ସହିତ ଆରମ୍ଭ ହୋଇଥିବା 'ମେକ୍ ଇନ୍ ଇଣ୍ଡିଆ' ଯୋଜନାର ମୁଖ୍ୟ ଲକ୍ଷ୍ୟ ଥିଲା ଜିଡିପିରେ ଉତ୍ପାଦନ କ୍ଷେତ୍ରର ଅଂଶକୁ ୨୫ ପ୍ରତିଶତକୁ ବୃଦ୍ଧି କରିବା । କିନ୍ତୁ ଆଜି ମଧ ଏହା ମାତ୍ର ୧୩ରୁ ୧୫ ପ୍ରତିଶତ ମଧ୍ୟରେ ଅଟକି ରହିଛି । ଅନ୍ୟପଟେ, ଦେଶର ମୋଟ ଶ୍ରମଶକ୍ତିର ପ୍ରାୟ ୪୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାବେଳେ ଜିଡିପିରେ କୃଷିର ଅବଦାନ ମାତ୍ର ୧୬ ପ୍ରତିଶତ ଅଟେ । ଏହାର ଅର୍ଥ ହେଉଛି ଦେଶର ଅର୍ଦ୍ଧେକ ଜନସଂଖ୍ୟା ଅତ୍ୟନ୍ତ ସ୍ୱଳ୍ପ ଆୟ ମଧ୍ୟରେ ବଞ୍ଚିବାକୁ ବାଧ ହେଉଛନ୍ତି । ଶିଳ୍ପ କ୍ଷେତ୍ରରେ ନୂତନ ନିଯୁକ୍ତି ସୃଷ୍ଟି ହେଉନଥିବାରୁ ଏହି ବିଶାଳ ଶ୍ରମଶକ୍ତି କୃଷି କ୍ଷେତ୍ର ଛାଡ଼ି ଅନ୍ୟ କୌଣସି ଉତ୍ପାଦନକ୍ଷମ କ୍ଷେତ୍ରକୁ ଯାଇପାରୁ ନାହାନ୍ତି । ଏହା ଭାରତର ସବୁଠାରୁ ବଡ଼ ଗଠନମୂଳକ ସଙ୍କଟକୁ ଦର୍ଶାଉଛି ।

## ୪ ଟ୍ରିଲିୟନ ଡଲାର ଛୁଇଁପାରୁନି ଅର୍ଥନୀତି

ସରକାରଙ୍କ ଦ୍ୱାରା ବାରମ୍ବାର ପ୍ରଚାରିତ '୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥା'ର ପ୍ରତିଶ୍ରୁତି ମଧ ନିଜର ଲକ୍ଷ୍ୟ ହରାଇ ବସିଛି । ପ୍ରଥମେ ଏହାକୁ ୨୦୨୪ ସୁଦ୍ଧା ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିଲା, ପରେ ଏହାକୁ ୨୦୨୫ କୁହାଗଲା ଏବଂ ବର୍ତ୍ତମାନ ଏହି ପ୍ରସଙ୍ଗରେ ଆଲୋଚନା ମଧ କମିଯାଇଛି । ଡଲାର ତୁଳନାରେ ଟଙ୍କାର କ୍ରମାଗତ ଅବମୂଲ୍ୟାୟନ ଯୋଗୁଁ ଭାରତୀୟ ଅର୍ଥନୀତି ଏବେ ବି ମାତ୍ର ୪ ଟ୍ରିଲିୟନ ଡଲାର ଛୁଇଁବା ପାଇଁ ସଂଘର୍ଷ କରୁଛି, ଯେତେବେଳେ କି ଚୀନ୍ ୨୦ ଟ୍ରିଲିୟନ ଡଲାର ଅତିକ୍ରମ କରିସାରିଛି । ଏହା ସହିତ ମାନବ ବିକାଶ ସୂଚକାଙ୍କରେ ଭାରତ ବିଶ୍ୱର ୧୯୩ଟି ଦେଶ ମଧ୍ୟରୁ ୧୩୦ ତମ ସ୍ଥାନରୁ ତଳେ ରହିବା ଏବଂ ପରିବେଶ କାର୍ଯ୍ୟଦକ୍ଷତା ସୂଚକାଙ୍କରେ ୧୭୭ଟି ଦେଶ ମଧ୍ୟରୁ ୧୭୬ ତମ ସ୍ଥାନରେ ରହିବା ଆମର ମୌଳିକ ବିକାଶର ଅସଲ ଚେହେରାକୁ ସାମ୍ନାକୁ ଆଣିଦେଉଛି । ବାୟୁ ପ୍ରଦୂଷଣ, ପ୍ରାକୃତିକ ସମ୍ପଦର ଧ୍ୱଂସ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳତା ଦୀର୍ଘକାଳୀନ ଭାବେ ଦେଶର ମାନବ ସମ୍ବଳକୁ ପଙ୍ଗୁ କରିଦେଉଛି ।

## ବିମୁଦ୍ରୀକରଣ ଏବଂ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି

ସରକାରଙ୍କ ବିମୁଦ୍ରୀକରଣ ଏବଂ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଯୋଗୁଁ ବି ଅତିତରେ ଦେଶର ଅଣ-ସଂଗଠିତ କ୍ଷେତ୍ର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି, ଯାହାର ପ୍ରକୃତ କ୍ଷୟକ୍ଷତି ସରକାରୀ ଜିଡିପି ତଥ୍ୟରେ ପ୍ରତିଫଳିତ ହୁଏନାହିଁ । ସଂକ୍ଷେପରେ କହିବାକୁ ଗଲେ, ଭାରତର ବର୍ତ୍ତମାନର ଅଭିବୃଦ୍ଧି କାହାଣୀ କୌଣସି ସର୍ବଜନହିତାୟ ସଫଳତା ନୁହେଁ । ଏହା ଏକ ଏପରି ଦ୍ୱୈତ ଅର୍ଥବ୍ୟବସ୍ଥା ଯେଉଁଠାରେ ମାତ୍ର ଏକ ପ୍ରତିଶତ ଧନୀ ଶ୍ରେଣୀ ଏବଂ ବଡ଼ କର୍ପୋରେଟ୍ ସଂସ୍ଥା ଅମାପ ଲାଭ କମାଉଛନ୍ତି, କିନ୍ତୁ ବାକି ୧୪୦ କୋଟି ସାଧାରଣ ଜନତା ସ୍ଥିର ଆୟ, ମହଙ୍ଗା ମାଡ଼ ଏବଂ ନିଯୁକ୍ତିହୀନତାର ଅନ୍ଧକାରରେ ଛଟପଟ ହେଉଛନ୍ତି । ଯେଉଁ ଅଭିବୃଦ୍ଧି ସାଧାରଣ ନାଗରିକଙ୍କ ହାତରେ କାମ ଏବଂ ପକେଟରେ ପଇସା ଦେଇପାରେନାହିଁ, ତାହା କେବଳ ଏକ ସଂଖ୍ୟାର ମାୟାଜାଲ । ଏହି ଅଭିବୃଦ୍ଧି ପ୍ରକୃତରେ କାହାର ସ୍ୱାର୍ଥ ପାଇଁ, ତାହା ଆଜି ଦେଶର ପ୍ରତ୍ୟେକଟି ବିବେକବାନ ନାଗରିକ ପଚାରିବାର ସମୟ ଉପନୀତ ହୋଇଛି । ତେଣୁ ବାସ୍ତବତାର ହିସାବ ନରଖି ଅର୍ଥନୀତିର ଗୋଲାପୀ ଚିତ୍ର ଦେଖି ଖୁସିବ୍ୟକ୍ତ କରିବା କେବେହେଲେ ଗ୍ରହଣଯୋଗ୍ୟ ନୁହେଁ ।



# ବେଲପଡା ବ୍ଲକରେ ମନରେଗା ପ୍ରଶାସନିକ ଖର୍ଚ୍ଚକୁ ନେଇ ବଡ଼ ପ୍ରଶ୍ନ

## ୩ ମାସ ରେ ୬୩ ଲକ୍ଷ ଖର୍ଚ୍ଚ




**ବଲାଙ୍ଗୀର(ଅମୃତ ମିଡିଆ):** ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ର ଏପ୍ରିଲ ରୁ ଜୁନ ମାତ୍ର ତିନି ମାସ ମଧ୍ୟରେ ମନରେଗା ପ୍ରଶାସନିକ ଖର୍ଚ୍ଚ ଭାବେ ପ୍ରାୟ ୬୩ ଲକ୍ଷ ଟଙ୍କା ବ୍ୟୟ ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ କାର୍ଯ୍ୟାଳୟ ରେ ହୋଇଥିବା ତଥ୍ୟକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଲଗାତାର ବଢୁଥିବା ଖର୍ଚ୍ଚ ଏବେ ସନ୍ଦେହର କାରଣ ପାଲଟିଛି। ସୂଚନା ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷ ରେ ମନରେଗା ପ୍ରଶାସନିକ ଖର୍ଚ୍ଚ ପ୍ରାୟ ୨୨.୪୮ ଲକ୍ଷ ଥିବା ବେଳେ ୨୦୨୫-୨୬ ରେ ଏହା ବଢି ପ୍ରାୟ ୪୮ ଲକ୍ଷ ଟଙ୍କା ହୋଇଥିବା ଜଣାପଡିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମନରେଗା ର ଅବଧି ୩୦ ଜୁନ୍ ୨୦୨୬ ରେ ଶେଷ ହୋଇଥିଲା । ଏପରି ସ୍ଥିତି ରେ ଏପ୍ରିଲ-ଜୁନ ମଧ୍ୟରେ ଏତେ ବଡ ପରିମାଣ ର ପ୍ରଶାସନିକ ଖର୍ଚ୍ଚ କାହିଁକି ହେଲା । ଏହାର ପ୍ରକୃତ ଆବଶ୍ୟକତା କଣ ଥିଲା ଏବଂ କେଉଁ ଅନୁମୋଦନ ଆଧାରରେ ଏହି ଖର୍ଚ୍ଚ କରାଗଲା ତାହା ବର୍ତ୍ତମାନ ଯାଂଚ ର ଆବଶ୍ୟକତା ରହିଛି । ଏହି ବ୍ୟୟ ରେ ବେଲପଡା ବ୍ଲକର ଏପିଓ, ଏସିପି, ସିଗନୋଟୋରିସ୍, ବ୍ଲକ ର କ୍ୟାସିୟର ଏବଂ ବିଡିଓ ଙ୍କ ଯାଂଚ ପ୍ରକ୍ରିୟା କେତେ ସଠିକ ଭାବରେ ହୋଇଛି ତାହା ମଧ୍ୟ ତଦନ୍ତ ର ବିଷୟ ହେବା ଆବଶ୍ୟକ ବୋଲି ଦାବି ହେଉଛି । ତେବେ ପ୍ରଶାସନିକ ଖର୍ଚ୍ଚ ବେଲପଡା ବ୍ଲକ ର ୨ ଜଣ ନରେଗା ଆସିଷ୍ଟାଂଟ ,୧ ଜଣ ଏସିପି ଏବଂ ୧ ଜଣ ଏପିଓ ଙ୍କ ଦରମା ସହ ଗାଡି ଭଡା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଆଇସି ଖର୍ଚ୍ଚ ସାମିଲ ହେଲେ ମଧ୍ୟ ପ୍ରକୃତ ଖର୍ଚ୍ଚ ଓ ଆବଶ୍ୟକତା ଅନୁସାରେ ଥିଲା କି ନାହିଁ ତାହା ଯାଂଚ କରିବା ଆବଶ୍ୟକ। ଏହା ର ସ୍ପଷ୍ଟ ଉତ୍ତର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଠାରୁ ଦାବି ହୋଇଛି । ସମ୍ପୂର୍ଣ୍ଣ ଘଟଣା ରେ ଏମଆଇଏସ ଡାଟା,ବିଲ ଭାଉଚର, ଗାଡି ଲଗବୁକ୍, ଆଇଇସି ଏକ୍ସପେଣ୍ଡିଚର, ପେମେଣ୍ଟ୍ ରେକର୍ଡ ଓ ସେକ୍ସନ ଅର୍ଡର ର ସ୍ୱତନ୍ତ୍ର ଯାଂଚ କରାଗଲେ ଏହି ବଢୁଥିବା ପ୍ରଶାସନିକ ଖର୍ଚ୍ଚର ପ୍ରକୃତ ଚିତ୍ର ସାମ୍ନା କୁ ଆସି ପାରିବ । ଏହା ମିଳି ଭଗତ ଉଦ୍ଦେଶ୍ୟ ରେ ଅନାବଶ୍ୟକ ବ୍ୟୟ ନା ସାଧାରଣ ପ୍ରଶାସନିକ ଖର୍ଚ୍ଚ ଆହୁରି ମଧ୍ୟ ବେଲପଡା ବ୍ଲକ ର କଣ୍ଟିଜେନ୍ସି ଖର୍ଚ୍ଚ ମଧ୍ୟ ମନ୍ଦ ଉଦ୍ଦେଶ୍ୟ ଅଭିଯୋଗ କୁ ଆହୁରି ବ୍ୟାପକ କରିବ ତାହାର ନିରପେକ୍ଷ ତଦନ୍ତ ହିଁ ବର୍ତ୍ତମାନ ର ମୁଖ୍ୟ ଦାବି ହୋଇଛି । ଏ ନେଇ ବଲାଙ୍ଗିର ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନାଙ୍କୁ ପ୍ରତିକ୍ରିୟା ନେବାରୁ, ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧରଣ ରେ ଦାବି ହେଉଛି ।

# କାଦୁଅ ରାସ୍ତାରେ ଫସିଲା ମୁଖ୍ୟମନ୍ତ୍ରୀ ବସ୍‌ସେବା ଗାଡ଼ି



**ବାଲିଶଙ୍କରା(ଅମୃତ ମିଡିଆ):** ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ଯୋଗାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ବସ ସେବା ଆରମ୍ଭ ହୋଇଥିଲେ ମଧ ରାସ୍ତାର ଦୁରବସ୍ଥା ଯୋଗୁଁ ଯାତ୍ରୀ ଓ ଗ୍ରାମବାସୀନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିଶଙ୍କରା ବ୍ଲକ ଧୁବେନଦାଣ୍ଡ ପଞ୍ଚାୟତ ଅଞ୍ଚଳରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ବର୍ଷାଯୋଗୁଁ ଧୁବେନଦାଣ୍ଡ ରାସ୍ତା କାଦୁଅ ପଚପଚ ହୋଇଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ବସ ସେବାର ଏକ ବସ କାଦୁଅରେ ଫସି ଯାଇଥିଲା। ବସଟି ଫସିଯିବା ପରେ ଗ୍ରାମବାସୀମାନେ ପଛପଟୁ ଠେଲି ବସକୁ ବାହାର କରିବାକୁ ଉଦ୍ୟମ କରିଥିଲେ।

ତେବେ ବସଟି ଗଭୀର କାଦୁଅରେ ଫସିଥିବାରୁ ଉଦ୍ୟମ ସଫଳ ହୋଇନଥିଲା। ଶେଷରେ ଏକ ଟ୍ରାକ୍ଟର ଆଣି ବସକୁ ଟାଣି ବାହାର କରାଯାଇଥିଲା। ଏହା ଫଳରେ ବସରେ ଥିବା ଯାତ୍ରୀମାନେ ଦୀର୍ଘ ସମୟ ଧରି ହଇରାଣ ହରକତ ହୋଇଥିଲେ। ସରକାରଙ୍କ ଗ୍ରାମାଞ୍ଚଳ ପରିବହନ ଯୋଜନାରେ ବସ ଚଳାଚଳ ଆରମ୍ଭ ହୋଇଥିଲେ ମଧ ଅନେକ ଅଞ୍ଚଳରେ ରାସ୍ତା ଅତ୍ୟନ୍ତ ଦୟନୀୟ ରହିଛି। ଖାଲଖମା ଓ ବର୍ଷାଦିନର କାଦୁଅ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେଣୁ ବସ ସେବାକୁ ସୁଗମ କରିବା ପୂର୍ବରୁ ଧୁବେନଦାଣ୍ଡ ରାସ୍ତାକୁ ଶୀଘ୍ର ମରାମତି ଓ ସ୍ଥାୟୀ ଭାବେ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମର୍ମନ୍ତୁଦ ଟ୍ରକ୍ ଦୁର୍ଘଟଣା : ୧ ମୃତ, ୧ ଗୁରୁତର



**ସୁବର୍ଣ୍ଣପୁର (ଅମୃତ ମିଡିଆ):** ସୋନପୁର ଥାନା ବିର୍ନିକାରୁ ଖଲିଆପାଲି ରାସ୍ତାର ନାଗପାଲି ବୁଲାଣିରେ ଏକ ଟ୍ରକ୍ ଓ ବାଲି ବୋଝେଇ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ ଟ୍ରକ୍‌ରେ ଚାପି ହୋଇ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ହାଇୱା ଚାଳକ ଗୁରୁତର ହୋଇଛନ୍ତି । ମୃତକ ଜଣକ ହେଲେ ଖଲିଆପାଲି ଗ୍ରାମର ରମେଶ ସେଠୀ ଓ ଗୁରୁତରଙ୍କ ନାମ ଜଣାପଡ଼ିନାହିଁ । ସୂଚନା ଅନୁସାରେ, ସୋନପୁର ପଟରୁ ଯାଉଥିବା ଟ୍ରକ୍ ସହ ଖଲିଆପାଲି ପଟରୁ ଆସୁଥିବା ବାଲି ବୋଝେଇ ହାଇୱାର ମୁହାଁମୁହିଁ ଧକ୍କା ହୋଇଥିଲା । ଖବରପାଇ ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଉଭୟ ଗାଡ଼ିରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ କଟର ସାହାଯ୍ୟରେ କାଟି ଉଭୟଙ୍କୁ ଉଦ୍ଧାର କରିଥିଲେ । ପରେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେଙ୍କ ଠାରୁ ସୂଚନା ମିଳିଛି । ହେଲେ ସେଠାରେ ଡାକ୍ତର ଟ୍ରକ୍ ଚାଳକ ରମେଶଙ୍କୁ ମୃତ ଘୋଷଣା କରିଥିଲେ । ପ୍ରାଥମିକ ଚିକିତ୍ସାପରେ ହାଇୱା ଚାଳକଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଖବରପାଇ ହରଡ଼ଖୋଲ ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ମାଝି ଘଟଣାସ୍ଥଳରେ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଚଳାଇଛନ୍ତି ।

# ପମ୍ପ ଡ୍ରାଇଭର ଓ ଏସିଏମଙ୍କୁ ପ୍ରାପ୍ୟ ପ୍ରଦାନ ଦାବି



**ଲୋଇସିଂହା(ଅମୃତ ମିଡିଆ):** ନବଗଠିତ ଲୋଇସିଂହା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବୁର୍ଡା ଓ ଲୋଇସିଂହା ଗ୍ରାମ ପଞ୍ଚାୟତରେ ପାନୀୟ ଜଳଯୋଗାଣ ତଥା ନଳକୂପ ମରାମତି ଦାୟିତ୍ୱରେ ଥିବା ଏସିଏମ୍ ଓ ପମ୍ପ ଡ୍ରାଇଭର ମାନେ ଗତ ଏପ୍ରିଲ ମାସରୁ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି । ପୂର୍ବରୁ ପଞ୍ଚାୟତ କର୍ତ୍ତୃପକ୍ଷ ସେମାନଙ୍କୁ ଦରମା ଦେଉଥିବା ବେଳେ ଏବେ ସମୀକରଣ ବଦଳି ଯାଇଛି। ନୂତନ ଭାବେ ଲୋଇସିଂହା ଏନଏସି ମାନ୍ୟତା ପାଇବା ପରେ ଉଭୟ ପମ୍ପ ଡ୍ରାଇଭର ଓ ଏସିଏମ ମାନେ ଏନଏସି ଅଧୀନରେ କାର୍ଯ୍ୟ କରିବା ସହିତ ଜଳଯୋଗାଣ ଦାୟିତ୍ୱରେ ରହିଛନ୍ତି । ତେବେ ଆବଶ୍ୟକ ଫଣ୍ଡ ନ ଥିବା ଦର୍ଶାଇ ଗତ ୫ ମାସ ଧରି ଉପରୋକ୍ତ କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବାରୁ ଅତି ଦୟନୀୟ ଅବସ୍ଥାରେ ସେମାନେ ପରିବାର ପ୍ରତିପୋଷଣ କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ଏନଏସି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଲୋଇସିଂହା ବିଡ଼ିଓଙ୍କୁ ପୂର୍ବରୁ ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନଥିବା ଅଭିଯୋଗ ହୋଇଛି । ଏଥିସହିତ ଦରମା ଦିଆ ନ ଗଲେ ଆସନ୍ତା ୬ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଜଳଯୋଗାଣ ବନ୍ଦ ରହିବ ବୋଲି ଚେତାବନୀ ଦିଆଯାଇଛି । ଦିଲୀପ ଥନାପତି, କୃଷ୍ଣଚନ୍ଦ୍ର ପାଣ୍ଡେ, ରୋହିତ ବରାଡ, ଚିନ୍ମୟ ଥନାପତି, ସୁରେଶ ପଧାନ, ଭୋଳାଶଙ୍କର ସାହୁ, ବିଦ୍ୟାଧର ପଧାନ, ଅକ୍ଷୟ ପଧାନ, ଚୂଡ଼ାମଣି ଧରୁଆ, ପୁରୋହିତ ବରାଡ ପ୍ରମୁଖ ଏ ନେଇ ଲୋଇସିଂହା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି ।

# ବସ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ରାଜଗାଙ୍ଗପୁର(ଅମୃତ ମିଡିଆ):** ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁଟୁନିଆ ପଞ୍ଚାୟତଅନ୍ତର୍ଗତ ଭାଲୁଦୁମା ନିକଟରେ ମୁଖ୍ୟମନ୍ତ୍ରୀ ବସ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ଡ୍ୟୁଟି ସାରି ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଭାଲୁଦୁମା ନିକଟରେ ମୁଖ୍ୟମନ୍ତ୍ରୀ ବସ୍‌ଟି ତାଙ୍କ ବାଇକ୍‌କୁ ଧକ୍କା ଦେବାରୁ ଯୁବକ ଜଣକ ରାସ୍ତାରେ ଗୁରୁତର ଭାବେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାରକରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ପୁଲିସ ଘଟଣାରତଦନ୍ତ ଆରମ୍ଭ କରିଛି।

# ସାପ କାମୁଡ଼ାରେ ଚାଲିଗଲା ମହିଳାଙ୍କ ଜୀବନ

**କୂଆଁରମୁଣ୍ଡା(ଅମୃତ ମିଡିଆ):** ବିଷାକ୍ତ ସାପ କାମୁଡ଼ିବା ପରେ ପ୍ରଥମେ ଝଡ଼ାଫୁଙ୍କା ଓ ପରେ ନକଲି ଡାକ୍ତରଙ୍କ ନିକଟକୁ ଯାଇ ପରିସ୍ଥିତି ସଙ୍କଟାପନ୍ନ ହେବାରୁ ଶେଷରେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଯିବା ଓ ସେଠାରେ ମହିଳାଙ୍କ ମୃତ୍ୟୁ ଘଟିବା ଭଳି ଘଟଣା ଗୁରୁବାର ରାଏବୋଗା ଥାନା ଅଞ୍ଚଳରେ ଘଟିଛି। ମୃତକ ହେଉଛନ୍ତି ଝୁନମୁର ପଞ୍ଚାୟତ ଗୋପୁର ଗ୍ରାମର ବିଶ୍ରାମ ଭେଙ୍ଗ୍ରାଙ୍କ ସ୍ତ୍ରୀ ଫୁଲ ଭେଙ୍ଗ୍ରା(୫୦)। ଏ ନେଇ ରାଏବୋଗା ଥାନା ଏଏସ୍‌ଆଇ ସୁଶାନ୍ତ ଜେନା ବୀରମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (୧୦/୨୬) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ, ବୁଧବାର ରାତିରେ ଶୋଇଥିବାବେଳେ ଝୁନମୁର ପଞ୍ଚାୟତର ଗୋପୁର ଗ୍ରାମର ଫୁଲଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଏହା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ମହୁଆଟୋଲିର ଜଣେ ଗୁଣିଆ ନିକଟକୁ ଝଡ଼ାଫୁଙ୍କା ପାଇଁ ନେଇଥିଲେ। ଏହାପରେ ଗ୍ରାମର ଜଣେ ନକଲି ଡାକ୍ତର ପାଖକୁ ଯାଇ ଇଞ୍ଜେକସନ ନେଇ ଗୁରୁତର ହୋଇଥିଲେ। ଏହାପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗୁରୁବାର ସକାଳୁ ବୀରମିତ୍ରପୁର ସରକାରୀ ଡାକ୍ତରଖାନା ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦେଢ଼ଲକ୍ଷରୁ ଅଧିକ ଟଙ୍କାର ବ୍ରାଉନସୁଗାର ଜବତ

**ସମ୍ବଲପୁର(ଅମୃତ ମିଡିଆ):** ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇ ପ୍ରାୟ ୧୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାସହ ଏହି ବେଆଇନ କାରବାରରେ ଲିପ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିର ମହମ୍ମଦ ଅରସାଦ(୧୮)। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଅଧିକାରୀମାନେ ସୁନାପାଲି ଛକ ନିକଟରେ ଚଢ଼ାଉ କରି ବ୍ରାଉନସୁଗାର ଜବତ କରିବା ସହ ନିଶା କାରବାରରୁ ମିଳିଥିବା ବିକ୍ରିଲବ୍ଧ ନଗଦ ୧ ଲକ୍ଷ ୮୦ ହଜାର ଟଙ୍କା ଜବତ କରିଛନ୍ତି। ଜବତ ହୋଇଥିବା ବ୍ରାଉନସୁଗାର ଓ ନଗଦ ଟଙ୍କା ସମେତ ମୋଟ୍ ସମ୍ପତ୍ତିର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହାକୁ ନେଇ ଅବକାରୀ ଆଇନରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ଏହି ନିଶା କାରବାର ନେଟ୍‌ୱର୍କ ସମ୍ପର୍କରେ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ବଳଭଦ୍ର ମାର୍କେଟ ଉଚ୍ଛେଦ ପ୍ରସଙ୍ଗ

# ବିଧାୟକ ଦୁର୍ଗା ତନ୍ତୀଙ୍କ ହସ୍ତକ୍ଷେପରୁ ଧାରଣା ସ୍ଥଗିତ



**ରାଉରକେଲା(ଅମୃତ ମିଡିଆ):** ବିଶ୍ରା ଛକରୁ ବନ୍ଧମୁଣ୍ଡା ଯିବା ରାସ୍ତାକଡ଼ରେ ଗତ ୫ ଦଶନ୍ଧିରୁ ଅଧିକ ସମୟ ଧରି ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିବା ଦୋକାନ ଗୁଡିକୁ ଉଚ୍ଛେଦ ପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଗତ ଅଗଷ୍ଟ ମାସରେ ଏକ ନୋଟିସ ଜାରି କରିଥିଲେ । ତେବେ ବିନା ଥଇଥାନରେ ହେଉଥିବା ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ସମ୍ପୃକ୍ତ ମାର୍କେଟର ସମସ୍ତ ଦୋକାନୀ ଭାଇ ମାନେ ଗତ ଅଗଷ୍ଟ ମାସ ୧୭ ତାରିଖରୁ ରାଉରକେଲା ଇସ୍ପାତ କାରଖାନା ସହରସେବା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଦୋକାନୀଙ୍କ ଦାବି ହେଉଛି ଉଚ୍ଛେଦ ପୂର୍ବରୁ ଆମକୁ ଯେକୌଣସି ସ୍ଥାନରେ ଥଇଥାନ କରାଯାଉ । ଅପରପକ୍ଷେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଉଚ୍ଛେଦ ହେବାକୁ ଥିବା ଦୋକାନୀଙ୍କ ଥଇଥାନ ପାଇଁ କୌଣସି ପଦକ୍ଷେପ ନେଇନଥିଲା । ତେବେ ଆଜି ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ଦୁର୍ଗା ଚରଣ ତନ୍ତୀ ଧାରଣା ସ୍ଥଳରେ ପହଞ୍ଚି ଦୋକାନୀ ଭାଇଙ୍କ ସହିତ ପ୍ରଥମେ କଥାବାର୍ତ୍ତା ହେବା ପରେ ଦୋକାନୀ ଭାଇଙ୍କ ଏକ ପ୍ରତିନିଧି ମଣ୍ଡଳୀଙ୍କ ସହିତ ସହରସେବା ପ୍ରଶାସନ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀଙ୍କ ସହିତ କଥାବାର୍ତ୍ତା ହୋଇଥିଲେ । ବର୍ତ୍ତମାନ ବଳଭଦ୍ର ମାର୍କେଟରେ ଦୋକାନ କରିଥିବା ଦୋକାନୀ ଭାଇଙ୍କ ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଉଭୟଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଥିଲା । ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ହସ୍ତକ୍ଷେପ ଫଳରେ ଦୋକାନୀ ଭାଇମାନେ ଗତ ୧୬ ଦିନ ଧରି ଚଳାଇ ଆସିଥିବା ଧାରଣାକୁ ସ୍ଥଗିତ କରିଥିଲେ ।

## ଅବକାରୀ ବିଭାଗର ଅଜବ କାର୍ଯ୍ୟାନୁଷ୍ଠାନ

# ବାପାଙ୍କ ନାମରେ ଥିଲା ଅଭିଯୋଗ, ୨ ବର୍ଷର ପୁଅ ସହ ମା'ଙ୍କୁ ଅଟକ




**ସୁନ୍ଦରଗଡ଼(ଅମୃତ ମିଡିଆ):** ବାପାଙ୍କ ନାମରେ ବେଆଇନ ମଦ ବିକୁଥିବା ଅଭିଯୋଗ ଥିଲା, ହେଲେ ଅବକାରୀ ଦଳ ବାପାଙ୍କୁ ଧରି ନପାରି ଦୁଇ ବର୍ଷର ପୁଅ ସହ ମାଙ୍କୁ ଉଠାଇ ଆଣି ଅବକାରୀଥାନାରେ ଅଟକ ରଖିଲେ । ଥାନା ଭିତରେ ମା ପାଖରେ ଥାଇ ମଧ୍ୟ କୁନି ପୁଅଟି ଖାକିବର୍ଦ୍ଦିଧାରୀଙ୍କୁ ଦେଖି ଡରି ଯାଇଥିବା ଦେଖାଯାଇଛି। ସବୁଠାରୁ ବଡ଼କଥା ହେଲା, ଅବକାରୀ ଦଳ ଚଢ଼ଉ କରିଥିଲେ ମଧ୍ୟ ମଦ ପାଇ ନଥିଲେ। ମଦ ଚଢ଼ଉ ନାମରେ ଏ ପ୍ରକାର ଅଜବ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ସଦର ଅବକାରୀ ଥାନାରେ। ବାପାଙ୍କ ଭୁଲ୍ ପାଇଁ ନିରପରାଧୀ ମା ସହ ନିଷ୍ପାପ କୁନି ପୁଅକୁ ଉଠାଇ ଆଣିବା ଆଲୋଡ଼ନ ସୃଷ୍ଟି କରିଛି।

ଶିଶୁ କଲ୍ୟାଣ କମିଟି ସଦସ୍ୟା ପ୍ରତିମା ସାହୁ ଏହା ବେଆଇନ ବୋଲି କହିଛନ୍ତି। ସଦରଥାନା ବଳଦମାଲ ଗାଁରେ ଗୁରୁବାର ସକାଳ ୭ଟାରେ ସୁନ୍ଦରଗଡ଼ ସଦର ଅବକାରୀ ଅଧିକାରୀ ଫୁଲ ସାହୁଙ୍କ ନେତୃତ୍ୱରେ ଅବକାରୀ ଦଳ କରନ ନାଏକଙ୍କ ଘରେ ଚଢ଼ଉ କରିଥିଲେ। କିନ୍ତୁ ଘରୁ ବୁନ୍ଦାଏ ବି ମଦ ମିଳି ନଥିଲା। କିନ୍ତୁ ଅଧିକାରୀଙ୍କ କହିବା ଅନୁସାରେ ଅବକାରୀ ଦଳକୁ ଦେଖି ୨ ଲିଟର ମଦ ଢାଳି ଦେଇ କରନ ପଳାଇ ଯାଇଥିଲେ। ହେଲେ ଅବକାରୀ ଦଳ କରନଙ୍କୁ ଧରି ନପାରି ସେତେବେଳେ ଘରେ ଉପସ୍ଥିତ ଥିବା ୨ ବର୍ଷର ପୁଅ ସହ ତାଙ୍କ ସ୍ତ୍ରୀ ବେବିନା ଏକ୍କାଙ୍କୁ ଜବରଦସ୍ତ ଉଠାଇ ଆଣି ଥାନାରେ ଅଟକ ରଖିଥିବା ଦେଖାଯାଇଛି।

ମଦ ନଥାଇ କିପରି ନିରପରାଧ ମହିଳା ଓ ଶିଶୁଙ୍କୁ ଅବକାରୀ ଦଳ ଉଠାଇ ଆଣିଲେ ତାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଅବକାରୀ ଅଧିକାରୀ ଫୁଲ ସାହୁ କହିଛନ୍ତି, କରନଙ୍କୁ ଆଣି ହେଲାନି, ତେଣୁ ମା' ଙ୍କୁ ଆଣିଲୁ। ଛୁଆକୁ ଛାଡ଼ିବାକୁ ମା ମନା କରିବାରୁ ତାକୁ ମଧ୍ୟ ଆଣିବାକୁ ପଡ଼ିଲା ବୋଲି କହିଥିଲେ।

# ରାଜ୍ୟର ପ୍ରଥମ ସିଲିକନ୍ କସମେଟିକ୍ ରିଷ୍ଟୋରେସନ୍ ଲାବୋରେଟୋରୀ ଅଚଳ

- ନଷ୍ଟ ହେଉଛି ଅତ୍ୟାଧୁନିକ ଯନ୍ତ୍ରପାତି, ସରଞ୍ଜାମ
- ଦିବ୍ୟାଙ୍ଗଙ୍କୁ ମିଳୁନି କୃତ୍ରିମ ଅଙ୍ଗ



**ସମ୍ବଲପୁର(ଅମୃତ ମିଡିଆ):** ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କୁ ଅତ୍ୟାଧୁନିକ କୃତ୍ରିମ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇବା ପାଇଁ ସମ୍ବଲପୁରରେ ଆରମ୍ଭ ହୋଇଥିବା ରାଜ୍ୟର ସର୍ବପ୍ରଥମ 'ସଲିକନ୍ କସମେଟିକ୍ ରିଷ୍ଟୋରେସନ୍ ଲାବୋରେଟୋରି' କାର୍ଯ୍ୟକ୍ଷମ ହୋଇପାରୁନି । ୨୦୨୧ରେ ଉଦ୍‌ଘାଟିତ ହେବାର ପ୍ରାରମ୍ଭିକ ସମୟରେ ହାତଗଣତି ହିତାଧିକାରୀଙ୍କୁ କୃତ୍ରିମ ଅଙ୍ଗ ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇଥିଲା । ବାଲିବନ୍ଧାରେ ନୂଆ କରି ପ୍ରତିଷ୍ଠା ହୋଇଥିବା ବହୁମୁଖୀ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରରେ ଏହା ସଞ୍ଚାଳିତ ହେବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ସମ୍ପ୍ରତି ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଓ ମାନବ ସମ୍ବଳ ବିନା ଏହା ପୁନଃ କାର୍ଯ୍ୟକ୍ଷମ ହେବା ଅନିଶ୍ଚିତତା ମଧ୍ୟରେ ରହିଛି । ଫଳରେ ପ୍ରାରମ୍ଭିକ ସମୟରେ ଆସିଥିବା ମୂଲ୍ୟବାନ ଯନ୍ତ୍ରପାତି ଓ ସରଞ୍ଜାମ ଅଚଳ ହେବାରେ ଲାଗିଛି । କୌଣସି କାରଣରୁ ଅଙ୍ଗ ହରାଇଥିବା କିମ୍ବା ଆଶିଂକ ବିକୃତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସେମାନଙ୍କ ଶରୀର ଆକୃତିର ଅବିକଳ ତଥା ଅତ୍ୟାଧୁନିକ ଅଙ୍ଗ ପ୍ରଦାନ କରିବା ପାଇଁ ୨୦୨୧ରେ ରାଜ୍ୟ ସରକାରଙ୍କ ଦ୍ୱାରା ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ୨୦୧୮ରେ ଜିଲ୍ଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ରାଜ୍ୟର ପ୍ରଥମ ପ୍ରକଳ୍ପ ଭାବେ ସମ୍ବଲପୁର ଜିଲ୍ଲା ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଆର୍‌ସିଡିଆର)ରେ ଏହାକୁ ଆରମ୍ଭ କରାଯାଇଥିଲା । ସେତେବେଳେ ଏହି ପ୍ରକଳ୍ପ ପାଇଁ ସରକାର ପ୍ରାୟ ୧୦ ଲକ୍ଷ ଟଙ୍କାର ଅନୁମୋଦନ କରିଥିଲେ ଓ ଅତ୍ୟାଧୁନିକ ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ମାପ ନେବା ପରେ ପ୍ରାୟ ସପ୍ତାହେ ମଧ୍ୟରେ କୃତ୍ରିମ ଅଙ୍ଗ ପ୍ରସ୍ତୁତ କରି ହସ୍ତାନ୍ତର କରାଯାଇ ପାରୁଥିଲା । ପ୍ରାୟ ୮ ଲକ୍ଷ ଟଙ୍କା ପ୍ରାରମ୍ଭିକ ଖର୍ଚ୍ଚ ମଧ ହୋଇଥିଲା । କାମ ଆରମ୍ଭ ହେବାର ପ୍ରାୟ ୩ ବର୍ଷ ପରେ ୨୦୨୧ରେ ଏହାକୁ ଉଦ୍‌ଘାଟନ କରାଯାଇଥିଲା । ଏହି କେନ୍ଦ୍ରରେ ଅତ୍ୟାଧୁନିକ ସିଲିକନ୍ କସମେଟିକ୍ ସିଷ୍ଟମ୍‌ରେ ମନୁଷ୍ୟ ଶରୀରର କୃତ୍ରିମ ହାତ, ଗୋଡ଼, ନାକ, ଆଖି, ଅଙ୍ଗୁଳି ଓ ନଖ ପରି ବାହ୍ୟ ଅଙ୍ଗ ପ୍ରସ୍ତୁତ କରାଯିବା ଯୋଜନା ରହିଥିଲା । ଅତ୍ୟାଧୁନିକ ପ୍ରଣାଳୀରେ ବ୍ୟକ୍ତିର ଅଙ୍ଗପ୍ରତ୍ୟଙ୍ଗର ରଙ୍ଗ, ପ୍ରକୃତ ଆକୃତି ଓ ଆକାରର ମୌଳିକତା ରହିଥାଏ । ଏହି ସରକାରୀସ୍ତରରେ ଭିନ୍ନକ୍ଷମ ଘୋଷିତ ବ୍ୟକ୍ତିବିଶେଷ ବୈଧ ପ୍ରମାଣପତ୍ର ସହ କୃତ୍ରିମ ଅଙ୍ଗ ପାଇଁ ଆବେଦନ କରୁଥିଲେ । ବିନା ଖର୍ଚ୍ଚରେ ଏହାର ଲାଭ ପାଇପାରୁଥିଲେ । ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଜିଲ୍ଲାର ଅନେକ ଶିଶୁଙ୍କ ସମେତ ପ୍ରାୟ ୨୦ ଜଣ ଦିବ୍ୟାଙ୍ଗ ଏହି କେନ୍ଦ୍ରରୁ କୃତ୍ରିମ ଅଙ୍ଗ ମଧ୍ୟ ପାଇ ପାରିଥିଲେ । ତେବେ ପରବର୍ତ୍ତୀ ସମୟରେ ରାଜ୍ୟର ଏହି ଏକମାତ୍ର କେନ୍ଦ୍ର ଲକ୍ଷ୍ୟରୁ ଦୂରେଇ ଯାଇଛି ।

ସମ୍ପାଦକୀୟ...

# ମଣିପୁରରେ ପୁଣି ହିଂସା

ଏକ ନିର୍ଦ୍ଦିଷ୍ଟ ସମୟର ନୀରବତା ପରେ ପରେ ମଣିପୁରରେ ପୁଣି ତେଜୁଛି ଏମିତି ପରିସ୍ଥିତି ଯାହା ପୁଣି ଏକ ଆନ୍ଦୋଳନ ମୁଣ୍ଡ ଟେକୁଛି ଯାହା ଏକ ଶାନ୍ତ ସରଳ ମଣିପୁର ପରିବେଶକୁ ଧୀରେ ଧୀରେ ଅଶାନ୍ତ କରିବାର ଉପକ୍ରମ କରୁଛି ଯାହା ଆଗାମୀ ସମୟରେ ମଣିପୁରରେ ଏକ ବଡ଼ ଧରଣର ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି କରିପାରେ ଯାହା କେବଳ ସେହି ରାଜ୍ୟର ପରିବେଶକୁ ତ ଖରାପ୍ କରିବ, ତାହା ସହିତ ଆଖପାଖ ପଡ଼ୋଶୀ ରାଜ୍ୟମାନଙ୍କ ଉପରେ ମଧ୍ୟ ଖରାପ ପ୍ରଭାବ ପକାଇବ । ମଣିପୁର ରାଜଧାନୀ ଇମ୍ଫାଲ ଠାରୁ ପ୍ରାୟ୍ ଶୂନ୍ୟ କିଲୋମିଟର ପରିଧି ପରିସରରେ ରାଜଧାନୀ ଇମ୍ଫାଲ ଅର୍ଥାତ୍ ରାଜଧାନୀକୁ ଚାରିପଟରୁ ଏକପ୍ରକାର ଘେରି ରହିଛି ଇମ୍ଫାଲ୍ ଭ୍ୟାଲୀ ଏବଂ ସେହି ପରିବେଷ୍ଟନୀ ମଧ୍ୟରେ ..ରାଜ୍ୟର ଜଙ୍ଗଲ ପାହାଡ଼ ଘେରା ପରିବେଶ ମଧ୍ୟରେ ରହୁଥିବା ରାଜ୍ୟର ଅତି ପୁରାତନ ଆଦିବାସୀ ସମୂହ କୁକୀ ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ମେ ୨୦୨୩ରେ ପ୍ରଥମେ ଆରମ୍ଭ ହୋଇଥିଲା ବିବାଦ ଯାହା ପଛରେ ସେମିତି କୌଣସି ନିର୍ଦ୍ଦିଷ୍ଟ କାରଣ ନାହିଁ, ଯାହା ପଛରେ ସେମିତି କୌଣସି ସ୍ୱତନ୍ତ୍ର କାରଣ ନାହିଁ ତେବେ ଅଯଥାରେ,ଅକାରଣେ ସେହି ବିବାଦକୁ ଭିନ୍ନ ମୋଡ଼ ଦିଆଯାଇଛି,ଅଯଥାରେ ସେହି ବିବାଦକୁ ଅତିରଞ୍ଜିତ କରାଯାଇଛି ଯାହା ପଛରେ ରାଜନୈତିକ ଅସ୍ଥିରତା ଏବଂ ପ୍ରଶାସନିକ ବିଫଳତାକୁ ମୁଖ୍ୟତଃ ଦାୟୀ କରାଯାଇପାରେ। ମଣିପୁରର ସେହି ଦୁଇ ଆଦିବାସୀ ସମ୍ପ୍ରଦାୟଙ୍କ ନିହାତି ମୂର୍ଖାମୀର କୁପରିଣାମ ହେଉଛି ମଣିପୁର ହିଂସା ଯାହା କି ଆରମ୍ଭ ହୋଇଥିଲା ୩ ମେ ୨୦୨୩ ମସିହାରୁ ଯାହା କି ଏଯାବତ୍ ଜାରି ରହିଛି। ମଝିରେ ମଝିରେ ମଣିପୁରର ସେହି ଦୁଇ ସମ୍ପ୍ରଦାୟ ସେମାନେ ସେମାନଙ୍କର ମୂର୍ଖାମିକୁ କିଛିଟା ବିରାମ ଦେଉଛନ୍ତି, ସେମାନଙ୍କୁ ବି ଟିକିଏ ବିଶ୍ରାମ ଦରକାର । ସେଥିପାଇଁ ବନ୍ଦ ରହୁଛି ହିଂସା । ତେବେ ମଣିପୁରର ପୂର୍ବ ବିଜେପି ସରକାର ରାଜ୍ୟର ହିଂସା ରୋକିବାରେ ଏକପ୍ରକାର ବିଫଳ ହୋଇଥିଲା ବୋଲି କୁହାଯାଇପାରେ। ସେଥିପାଇଁ ତ ରାଜ୍ୟରେ ଶାନ୍ତି ଶୃଙ୍ଖଳା ବିପନ୍ନ ହେବାର ଆଶଙ୍କା କରି,ରାଜ୍ୟରେ ଏକ ବୃହତ୍ ଜନଆନ୍ଦୋଳନର ଆଶଙ୍କା କରି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ମଣିପୁରରେ ଯେବେ ଆରମ୍ଭ ହୋଇଥିଲା ରାଷ୍ଟ୍ରପତି ଶାସନ, ସେବେ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂଙ୍କୁ ମୁଖ୍ୟମନ୍ତ୍ରୀ ଫେବ୍ରୁଆରୀ ୨୦୨୫ ମସିହାରେ ତାଙ୍କ୍ ପଦରୁ ହଟାଇଦିଆଯାଇଥିଲା ବା ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ ଯାହା କଥା ଏକା । ତଥାପି ମଣିପୁରରେ ଏଯାବତ ଥମୁନି ହିଂସା କି କମୁନି ହିଂସା କାରଣ ତାଙ୍କ ପରେ ମଣିପୁରର ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇଥିବା ମହାଶୟ ଯେ କି ସେହି ବିଜେପିର, ସେ ବି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛନ୍ତି । ତାଙ୍କର ପଲିସୀ ବି କାମ କରୁନି । ଅର୍ଥାତ୍ ମଣିପୁରରେ ବି ଡବଲ୍ ଇଞ୍ଜିନ୍ ସରକାର। ତଥାପି ସରକାର ଫେଲ ବୋଲି କୁହାଯାଇପାରେ। କାରଣ ଦୀର୍ଘ ଦିନର ନୀରବତା ପରେ ପରେ ଏବେ କେତେକ ନାଗା-କୁକୀ ସମ୍ପ୍ରଦାୟର କେତେକ ଅସାମାଜିକ ଅବା ଦୁର୍ବୃତ୍ତ ସଙ୍ଘବଦ୍ଧ ହୋଇ ଆସି ଇମ୍ଫାଲ୍ ନିକଟବର୍ତ୍ତୀ ଏକ ମୈତେଇ ବହୁଳ ଅଞ୍ଚଳରେ ଅବାଧ ପ୍ରବେଶ କରି କେତେକ ମୈତେଇ ଗୋଷ୍ଠୀର ଲୋକଙ୍କ ଉପରେ ଆଖବୁଜା ଗୁଳି ଚାଳନା କରି ତୁରନ୍ତ ଗାୟବ ହୋଇଯାଇଥିଲେ। ଏବେସୁଦ୍ଧା ବି ମଣିପୁର ପୋଲିସ୍ କୌଣସି ଜଣଙ୍କୁ ବି ଗିରଫ କରିବାରେ ସଫଳ ହୋଇପାରିନାହିଁ। ବିଭିନ୍ନ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦୀର୍ଘ ଦିନର ଯାହା ମଧ୍ୟରେ ପ୍ରମୁଖ ହେଲା ମୈତେଇ ଯେମାନେ ନିଜକୁ ଆଦିବାସୀ ବୋଲି ଦାବି କରୁଛନ୍ତି ଏବଂ ସୁପ୍ରିମ୍ କୋର୍ଟ ବି ମାନ୍ୟତା ଦେଇଛନ୍ତି ଅଥଚ ନାଗା-କୁକୀ କିନ୍ତୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି।କାଳେ ସେମାନଙ୍କ ସଂରକ୍ଷିତ ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହେବାର ଭୟ କାରଣରୁ ସେମାନଙ୍କ ଏପରି ବିରୋଧ ଯାହାକୁ କେନ୍ଦ୍ର ସରକାର ଅତି ଗୁରୁତର ସହ ନେବା ଉଚିତ।

ଜ୍ଞାନାମୃତ

## ନିଷ୍ଠୁର ରାଜା

ବିନା କାରଣରେ ଜଣେ ରାଜା ଥରେ ତାଙ୍କର ଜଣେ ସଭାର ଜଣେ ପାରିଷଦଙ୍କୁ ଅତି କାଠୋର ଦଣ୍ଡ ବିଧାନକଲେ। ଏପରି କି ବାରମ୍ବାର କାକୁତିମିନତି, ବାରମ୍ବାର ଗୁହାରି କଲା ପରେ ବି କେହି ତାଙ୍କ କଥା ଶୁଣିନଥିଲେ କି କେହି ବି ତାଙ୍କ କଥା ଉପରେ ଧ୍ୟାନ ଦେଇନଥିଲେ। କେହି ବି କିଛି ଧ୍ୟାନ ଦେବା ଦରକାର ନ ଥିଲା। କେବଳ ରାଜାଙ୍କୁ କିନ୍ତୁ ସେ ବିଷୟରେ ଧ୍ୟାନ ଦେବାର ଥିଲା। ହେଲେ ରାଜା କିନ୍ତୁ ଥିଲେ ନିର୍ଦ୍ଦୟ ରାଜା କିନ୍ତୁ ଥିଲେ ନିଷ୍ଠୁର। ସାମାନ୍ୟ ଅପରାଧ ପାଇଁ ରାଜା ତାଙ୍କର ଜଣେ ପାରିଷଦଙ୍କୁ କଠାର ରୁ ଅତି କଠୋର ଦଣ୍ଡରେ ଦଣ୍ଡିତ କରିଥିଲେ। ରାଜା ତାଙ୍କର ସେହି ପାରିଷଦଙ୍କୁ ଅତି ଭୟଙ୍କର ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ଦିନ ବାର ଦେଖି ରାଜା ତାଙ୍କର ସେହି ପାରିଷଦଙ୍କୁ ଦଣ୍ଡ ଶୁଣାଇଦେଲେ। ଶେଷରେ ରାଜାଙ୍କ ସମ୍ମୁଖରେ ସେହି ପାରିଷଦଙ୍କ ପରିବାର ଲୋକ ମଧ୍ୟ ଗୁହାରି କଲେ। ତଥାପି ରାଜା କିନ୍ତୁ ସେ ବିଷୟରେ ତିଳେମାତ୍ର କର୍ଣ୍ଣପାତ କରିନଥିଲେ କି ସେମାନଙ୍କ ପରିବାର ସଦସ୍ୟ ଯେ କେହି ବି ରାଜାଙ୍କୁ ଯେତେ ଅନୁରୋଧ କଲାପରେ ରାଜା କିନ୍ତୁ ନଛୋଡ଼ବନ୍ଧା। ତାଙ୍କ ଜିଦ୍‌ରେ କିନ୍ତୁ ସେ ଅଟଳ। ସବୁ କଥାକୁ ପଛରେ ପକାଇ ମହାରାଜା ଶେଷରେ ତାଙ୍କର ସେହି ଅଭିଯୁକ୍ତ ଅପରାଧୀଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଇଦେଲେ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ପାରିଷଦଙ୍କୁ ମୃତ୍ୟୁ ଦଣ୍ଡ ବିଧାନର ବ୍ୟବସ୍ଥା କରାଗଲା। ତେବେ ଦଣ୍ଡ ବିଧାନ ଦିନ ରାଜାଙ୍କ ସଭାରେ ଉପସ୍ଥିତ ରାଜଦରବାରର ସଦସ୍ୟମାନଙ୍କ ମଧ୍ୟରେ ସଂପୃକ୍ତ ପାରିଷଦଙ୍କ ଧର୍ମପତ୍ନୀଙ୍କ ଆଖିରୁ ଧାର ଧାର ହୋଇ ବହିଯାଉଥିବା ଲୁହ କିନ୍ତୁ ଉପସ୍ଥିତ ସଭାସଦଙ୍କୁ ବିଚଳିତ କଲେ ମଧ୍ୟ ରାଜାଙ୍କ ଉପରେ କିନ୍ତୁ ସେହି ଲୁହର କୌଣସି ବି ପ୍ରଭାବ ପଡ଼ିନଥିଲା। ତେବେ ମୃତ୍ୟୁ ପୂର୍ବରୁ କିନ୍ତୁ ସେହି ପାରିଷଦ ତାଙ୍କ୍ ପତ୍ନୀଙ୍କ ଆଖି ଲୁହରେ ବିଚଳିତ ହୋଇ ତାଙ୍କ ପୁଅଙ୍କୁ କହି ଦେଇଗଲେ ଏକ ଶେଷ ବାକ୍ୟ। ଯାହା ଥିଲା କିଛି ଏହିଭଳି । ମା' ଆଖି ଲୁହର ମୂଲ୍ୟ ବୁଝିବୁ ... ବାପାର ହତ୍ୟାର ପ୍ରତିଶୋଧ ନେବୁ। ବାସ୍ ତା' ପରେ ସବୁକିଛି ଶେଷ।. ପାରିଷଦଙ୍କ ପୁତ୍ର ମଧ୍ୟ ମନରେ ବାପାଙ୍କର ଏହି ଶେଷକଥାକୁ ମନେ ରଖିଲେ ଏବଂ ରାଜାଙ୍କ ଉପରେ ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ମନେ ମନେ ସ୍ଥିର କଲେ ଏବଂ ମନ କଥା ମନରେ ରଖି ପାରିଷଦ ପୁତ୍ର ସେ ତାଙ୍କ କାମରେ ଆଗେଇ ଚାଲିଲେ। ତେବେ ସମୟ ସମୟ ସୁବିଧା ଦେଖି କିନ୍ତୁ ସେ ସେହି ନିଷ୍ଠୁର ରାଜାଙ୍କ ଉପରେ ¸ ପିତୃହତ୍ୟାର ପ୍ରତିଶୋଧ ନେବାର ଯୋଜନା ପ୍ରସ୍ତୁତ କରିଚାଲିଲେ ଧୀରେ ଧୀରେ। ସେମିତି ବି ସମୟ ଆସିଲା ଥରେ ଯେବେ ସେହି ପାରିଷଦ ପୁତ୍ର ସୁଯୋଗ ଦେଖି ରାଜାଙ୍କ୍ ଏକମାତ୍ର ଅଲୀଅଳୀ କନ୍ୟାକୁ ଫୁସୁଲେଇ ଅନ୍ଧାର ରାତିରେ ଗାୟବ କରିଦେଲେ।

# 'ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ'



କାଳିଦାସ

'ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ

ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ'

ଭଗବତ ଗୀତା ୪: ୯ଯେଉଁମାନେ ମୋର ଜନ୍ମ ଓ କର୍ମର ଦିବ୍ୟତାକୁ ବୁଝିପାରନ୍ତି, ହେ ଅର୍ଜୁନ ! ସେମାନେ ଶରୀର ତ୍ୟାଗ ପରେ, ପୁନର୍ବାର ଜନ୍ମ ଗ୍ରହଣ ନକରି, ମୋର ଦିବ୍ୟଧାମକୁ ଆସିଥାନ୍ତି । ଭଗବାନଙ୍କର ଶହ ଶହ ଅବତାର ମଧ୍ୟ ରୁ ଆମେ କେବଳ ୧୦ଟି ଅବତାର କୁ ସ୍ମରଣ କରି ଥାଉ।ଏହା ଭିତରୁ ମୁଖ୍ୟ ହେଲା କୃଷ୍ଣ ଅବତାର। ବିବର୍ତ୍ତନବାଦ୍ କୁ ଆଧାର କରି ସତେ ଯେମିତି ଅବତାର ଗୁଡ଼ିକ ଜନ୍ମ ନେଇଛନ୍ତି।ପ୍ରଥମ ଅବତାର ମତ୍ସ୍ୟ ବିବର୍ତ୍ତନ ବାଦ ରେ ମାଛ ର ସୃଷ୍ଟି ପ୍ରଥମେ ବୋଲି ମାନ୍ୟତା ରହିଛି।ଶ୍ରୀ କୃଷ୍ଣ ଅବତାର ଏକ ଶ୍ରେଷ୍ଠ ଅବତାର।ଶ୍ରୀ କୃଷ୍ଣ ଙ୍କୁ ଅନେକ ଅବତରି ବୋଲି ମାନିଥାନ୍ତି। ଶ୍ରୀକୃଷ୍ଣଙ୍କ ପାଖରେ ଅନେକ ଦୈବୀ ଗୁଣ କୁ ଲକ୍ଷ କରାଯାଇଅଛି।ଅନେକ ଚମତ୍କାର ଘଟଣା ମଧ୍ୟ ଭଗବାନ ଶ୍ରୀକୃଷ୍ଣ ଦେଖାଇ ଛନ୍ତି।ଭଗବାନ ଶ୍ରୀକୃଷ୍ଣ ଙ୍କୁ ସେଥିପାଇଁ ଶ୍ରେଷ୍ଠ ବୋଲି କୁହାଯାଏ।

ଯେତେବେଳେ ସୃଷ୍ଟି ରେ ଅରାଜକତା ଓ ପାପ ବଢ଼ିଥାଏ।ଧର୍ମ ର ଯେତେବେଳେ ଗ୍ଲାନି ହୁଏ ,ସେତେବେଳେ ଧର୍ମାତ୍ମା କୁ ରକ୍ଷା କରିବା ପାଇଁ ଭଗବାନ ଅବତାର ଗ୍ରହଣ କରିଥାନ୍ତି।

ଶ୍ରୀ କୃଷ୍ଣଙ୍କ ଅବତାର ରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅନେକ ଚମତ୍କାର କରିବା ଦେଖାଯାଇଛି।ଜେଲ ର କବାଟ ଆପେ ଆପେ ଖୋଲି ଯାଉଛି। ପ୍ରଭୁ ଶ୍ରୀ କୃଷ୍ଣ ଜନ୍ମ ହେବା ସମୟ ରେଜେଲ ର ଜଗୁଆଳ ଙ୍କୁ ନିଦ ଘାରିଛି।ମାତା ଦେବକୀ ଓ ବାସୁଦେବଙ୍କ ହାତ ଓ ଗୋଡ ରେ ବନ୍ଧା ଯାଇଥିବା ଲୁହା ଶିକୁଳି ଖୋଲି ଯାଇଛି। ବଢ଼ି ଆସିଥିବା ଜମୁନା ପାଣି ଦୁଇଭାଗ ହୋଇ ବସୁଦେବ ଙ୍କୁ ରାସ୍ତା ଦେଇଛି ଏବଂ ବସୁଦେବ ସଫଳ ଭାବରେ ଭଗବାନ ଶ୍ରୀ କୃଷ୍ଣ ଙ୍କୁ ନନ୍ଦ ରାଜା ଙ୍କ ଘରେ ଛାଡି ପାରିଛନ୍ତି ଓ ନନ୍ଦ ଓ ଯଶୋଦା ଙ୍କ ଝିଅ କୁ ନେଇ ଆସିପାରିଛନ୍ତି। ଏହା ପରେ ବିଭିନ୍ନ ରାକ୍ଷସ ଓ ରାକ୍ଷାସୀଙ୍କ ର ନନ୍ଦ ଗାଁ କୁ ଆକ୍ରମଣ ଓ ଏହି ଆକ୍ରମଣ କୁ ଅସଫଳ କରି ପାରିବା ସମସ୍ତ ଚମତ୍କାର ଅଟେ। ଭଗବାନ ଶ୍ରୀ କୃଷ୍ଣ ଙ୍କ ମହିମା କୁ ବର୍ଣ୍ଣନା କରିବା ବା ଭଗବାନ ଶ୍ରୀ କୃଷ୍ଣ ଙ୍କୁ ବୁଝିବା ପାଇଁ ସାଧାରଣ ମଣିଷ ର ମସ୍ତିଷ୍କ ରେ ଶକ୍ତି ନାହିଁ। କୃଷ୍ଣ ପକ୍ଷର ଅଷ୍ଟମୀ ଦିନ ରାତିରେ ଭଗବାନ ଶ୍ରୀ କୃଷ୍ଣ ଜନ୍ମ ହୋଇଛନ୍ତି।ଜନ୍ମ ହେବା ପରେ ପରେ ହିଁ ଭଗବାନ ଶ୍ରୀ କୃଷ୍ଣଙ୍କୁ ମାରିବା ପାଇଁ ଉଦ୍ୟମ ହୋଇଛି। ପୁତନା ରାକ୍ଷାସୀ ପ୍ରଥମେ ଚେଷ୍ଟା କରିଛି ଭଗବାନ ଙ୍କୁ ମୃତ୍ୟୁ ମୁହଁ କୁ ଠେଲିଦେବା ପାଇଁ କିନ୍ତି ଜନ୍ମ ଓ ମୃତ୍ୟୁ ଯାହାର ଖେଳ ଘର ତାକୁ ମୃତ୍ୟୁ ର ଭୟ ଦେଖାଇବା ସହଜନୁହେଁ। ଭଗବାନ ନିଜ ଲିଳା ସହିତ ମାନବ ସମାଜ କୁ ଜୀବନ ର ଦର୍ଶନ ପଢ଼ାଇଛନ୍ତି। ହିନ୍ଦୁ ଧର୍ମ ର ଧର୍ମ ଗ୍ରନ୍ଥ ଶ୍ରୀମଦ ଭଗବତ ଗୀତା ଭଗବାନ ଶ୍ରୀ କୃଷ୍ଣଙ୍କ ମୁଖ ର ବାଣୀ। ଭଗବାନ ଶ୍ରୀକୃଷ୍ଣ ମହାନ ଚରିତ୍ର କୁ ଆମେ ଭାଗବତମ ଓ ମହାଭାରତ ର ପୃଷ୍ଠା ରେ ପାଇ ଥାଉ। ପଞ୍ଚୁ ପାଣ୍ଡବ ଓ ଦ୍ରୋପଦୀ ଙ୍କୁ ସବୁବେଳେ ଭଗବାନ ଶ୍ରୀ କୃଷ୍ଣଙ୍କ ସାହାଯ୍ୟ ମିଳିଛି।

ଯୋଗ ଓ ତ୍ୟାଗ ଦୁଇଟି ଯାକ ର ସମନ୍ୱୟ ହେଉଛନ୍ତି ଭଗବାନ ଶ୍ରୀ କୃଷ୍ଣ। ଶତାବ୍ଦୀ ଶତାବ୍ଦୀ ଧରି ଯୋଗୀ ଓ ସନ୍ୟାସୀ ଭଗବାନ ଶ୍ରୀ କୃଷ୍ଣ କୁ ଉପାସନା କରିଛନ୍ତି। କୃଷ୍ଣ ଙ୍କ ସାନ୍ନିଧ ପାଇବା ପାଇଁ ଚାହିଁଛନ୍ତି। ଭଗବାନ ଶ୍ରୀ କୃଷ୍ଣ ଭାରତୀୟ ସଂସ୍କୃତି ର ଯେପରି ମେରୁଦଣ୍ଡ।ବୃନ୍ଦାବନ ର ସରଳ ଜୀବନ ଯାପନ,ମଥୁରା ରେ କଂସ ଓ ଅନ୍ୟ ରାକ୍ଷସଙ୍କୁ ଦମନ କରିବା,ଜରାସନ୍ଧର ବାରମ୍ବାର ଆକ୍ରମଣ ରୁ ମଥୁରା ବାସୀଙ୍କୁ ସୁରକ୍ଷା ଦେବାପାଇଁ ଦ୍ୱାରକା ର ସ୍ଥାପନ କେବଳ ଭଗବାନ ଶ୍ରୀ କୃଷ୍ଣ ଙ୍କ ଦ୍ୱାରା ସମ୍ଭବ। ଶ୍ରୀ କୃଷ୍ଣ ଙ୍କ ଅବତାର କୁ ଏକ ସମ୍ପୂର୍ଣ୍ଣ ଅବତାର ମଧ୍ୟ କୁହାଯାଏ। ମହାଭାରତ ର ଯୁଦ୍ଧ ଭୂମି ରେ ବିଚଳିତ ଅର୍ଜୁନ ଙ୍କୁ ବୁଝାଇବା ପାଇଁ ୧୮ ଅଧ୍ୟାୟ ଭାଗବତ ଗୀତା ର ବ୍ୟାକ୍ଷା କେବଳ ଭଗବାନ ଶ୍ରୀ କୃଷ୍ଣ ଙ୍କ ଦ୍ୱାରା ସମ୍ଭବ। ଶେଷ ରେ ଭଗବାନ ଶ୍ରୀ କୃଷ୍ଣ ଅର୍ଜୁନ କୁ କହିଛନ୍ତି ଯେ 'ଯଥା ଇଚ୍ଛା ତଥା କୁରୁ' ଏହାର ଅର୍ଥ ହେଲା ଏସବୁ ଶୁଣିଲା ପରେ ଯାହା ତୁମର ଇଚ୍ଛା ତାହା କର। ଅର୍ଜୁନ ଶ୍ରୀ କୃଷ୍ଣ ଙ୍କ ବିଶ୍ୱ ରୂପ ଦର୍ଶନ ସହିତ ନିଜର ନଗନ୍ୟ ଅସ୍ତିତ୍ୱ କୁ ବୁଝି ଛନ୍ତି ଏବଂ ଭଗବାନ କୃଷ୍ଣଙ୍କୁ ଅର୍ଜୁନ କ୍ଷମା ମାଗିଛନ୍ତି ଓ କହିଛନ୍ତି ଯେ ସଖା ଭାବ ରେ ଅନେକ ସମୟ ରେ ଆପଣଙ୍କୁ ଅନେକ କିଛି କହିଛି, ଆପଣ ଯେ ଏତେ ମହାନ ଆଜି ମୁ ଜାଣୁଛି।ଆପଣଙ୍କ ମହିମା ସାଧାରଣ ଲୋକଙ୍କୁ ଅଗୋଚର।ଏହା ପରେ ମହାଭାରତ ଓ ଯୁଦ୍ଧ ପାଇଁ ଅର୍ଜୁନ ପ୍ରସ୍ତୁତ ହୋଇଛନ୍ତି।

ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ କୁ ସମଗ୍ର ଭାରତ ରେ ବେଶ୍ ହର୍ଷ ଉଲ୍ଲାସ ରେ ପାଳନ କରାଯାଏ। ପୁରୀ ରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଙ୍କୁ ଜନ୍ମାଷ୍ଟମୀ ଅବସର ରେ ସ୍ନାନ କରାଯାଏ ଏବଂ ନୂତନ ବସ୍ତ୍ର ପିନ୍ଧା ଯାଏ।ଶ୍ରୀ କୃଷ୍ ଙ୍କ ର ବାଳ ଲୀଳା କୁ ସଙ୍ଗୀତ ଓ ନୃତ୍ୟ ମାଧ୍ୟମ ରେ ପରିବେଶଣ କରାଯାଏ। ଜନ୍ମାଷ୍ଟମୀ ଦିନ ପ୍ରାୟ ଭକ୍ତମାନେ ଉପବାସ କରିଥାନ୍ତି। ରାତି ରେ ଶ୍ରୀ କୃଷ୍ଣ ଙ୍କୁ ପୂଜା କରି ପ୍ରସାଦ ସେବନ କରିଥାନ୍ତି। ଜନ୍ମାଷ୍ଟମୀ ପର ଦିନ ନନ୍ଦ ଉତ୍ସବ ହୁଏ। ପ୍ରତ୍ୟେକ ଙ୍କ ଘରେ ଉତ୍ସବ ମୁଖରିତ ହୋଇଥାଏ।

ବ୍ରହ୍ମପୁର
ଖୋଡାସିଂଙ୍ଗ କଳିଙ୍ଗନଗର,
ଫୋନ ନମ୍ବର -
୭୨୦୫୧୦୦୮୩୯

# ଯେଉଁ ରାତିରେ କୃଷ୍ଣ ଜନ୍ମନେଲେ ସେହି ରାତିରେ ଆଶା ଜନ୍ମନେଲା



ସୌଭାଗ୍ୟ ରଞ୍ଜନ ମହାନ୍ତି



ଅନ୍ଧାର ରାତି ଥିଲା। ମଥୁରାର କାରାଗାରରେ ବନ୍ଦୀ ଥିଲେ ଦେବକୀ ଓ ବସୁଦେବ। ଚାରିଆଡ଼େ ଭୟ, ଅତ୍ୟାଚାର ଓ ନିରାଶାର ପରିବେଶ। କିନ୍ତୁ ସେହି ଗଭୀର ଅନ୍ଧକାରର ଛାତି ଚିରି ଯେତେବେଳେ ଶ୍ରୀକୃଷ୍ଣ ଜନ୍ମ ନେଲେ, ସେତେବେଳେ କେବଳ ଜଣେ ଶିଶୁ ଜନ୍ମ ନେଇନଥିଲେ—ଜନ୍ମ ନେଇଥିଲା ଆଶା, ଜନ୍ମ ନେଇଥିଲା ସାହସ, ଜନ୍ମ ନେଇଥିଲା ଧର୍ମର ବିଜୟର ଏକ ଅମର ବିଶ୍ୱାସ। ସେଥିପାଇଁ ଜନ୍ମାଷ୍ଟମୀ କେବଳ ଏକ ପର୍ବ ନୁହେଁ; ଏହା ମଣିଷର ଅନ୍ତରରେ ଆଲୋକ ଜାଗିଉଠିବାର ଏକ ପବିତ୍ର ମୁହୂର୍ତ୍ତ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ଆସିଲେ ଆମ ଘରେ ଘରେ କାହ୍ନାଙ୍କ ଆଗମନ ପାଇଁ ପ୍ରସ୍ତୁତି ହୁଏ। କେଉଁଠି ଶଙ୍ଖ ବାଜେ, କେଉଁଠି ହରିନାମ ଶୁଭେ, କେଉଁଠି ଛୋଟ ଶିଶୁଟିଏ କୃଷ୍ଣ ବେଶରେ ହସୁଥାଏ, ଆଉ କେଉଁଠି ମାଆ ନିଜ ହାତରେ କାହ୍ନାଙ୍କ ପାଇଁ ନୈବେଦ୍ୟ ସଜାଉଥାଏ। ଏହି ସବୁ ଦୃଶ୍ୟ କେବଳ ଉତ୍ସବର ନୁହେଁ; ଏହା ଆମ ସଂସ୍କୃତି, ଆମ ପରିବାର, ଆମ ସ୍ମୃତି ଓ ଆମ ଭକ୍ତିର ଚିତ୍ର। କୃଷ୍ଣଙ୍କୁ ଆମେ କେତେ ରୂପରେ ଦେଖୁ—ଯଶୋଦାଙ୍କ ନଟଖଟ ଲାଲ, ଗୋପାଳମାନଙ୍କ ସାଙ୍ଗ, ଗୋପୀମାନଙ୍କ ପ୍ରାଣର କାହ୍ନା, ଗୋବର୍ଦ୍ଧନଧାରୀ, କଂସବିନାଶକ, ଦ୍ୱାରକାଧୀଶ ଏବଂ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ସାରଥୀ। କିନ୍ତୁ ଏହି ସମସ୍ତ ରୂପର ପଛରେ ଥିବା କୃଷ୍ଣ ହେଉଛନ୍ତି ମଣିଷ ଜୀବନର ମହାନ ଶିକ୍ଷକ। ତାଙ୍କ ଜୀବନ ଆମକୁ ଶିଖାଏ—ପରିସ୍ଥିତି ଯେତେ କଠିନ ହେଉ, ନିଜ କର୍ତ୍ତବ୍ୟରୁ ପଛକୁ ହଟିବା ନୁହେଁ। ଏହି ଶିକ୍ଷା ଆଜିର ଛାତ୍ରଛାତ୍ରୀଙ୍କ ପାଇଁ ବୋଧହୁଏ ଆହୁରି ଆବଶ୍ୟକ। ଆଜିର ଜଣେ ଛାତ୍ରର କୁରୁକ୍ଷେତ୍ର କେବେ ପରୀକ୍ଷା ହଲ୍ ?, କେବେ ପ୍ରତିଯୋଗିତାର ମଞ୍ଚ, କେବେ ଭବିଷ୍ୟତକୁ ନେଇ ଭୟ, ଆଉ କେବେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିବାର ଅଦୃଶ୍ୟ ଯୁଦ୍ଧ। ଜଣେ ଛାତ୍ର ଭଲ ନମ୍ବର ନପାଇଲେ ନିଜକୁ ବିଫଳ ଭାବିଥାଏ, ଅନ୍ୟଜଣେ ଅନ୍ୟର ସଫଳତା ଦେଖି ନିଜ ସ୍ୱପ୍ନକୁ ଛୋଟ ଭାବିବା ଆରମ୍ଭ କରେ। କେହି ପରୀକ୍ଷାର ଫଳକୁ ନେଇ ଭୟ କରେ, କେହି ଚାକିରିକୁ ନେଇ ଚିନ୍ତିତ, କେହି ପରିବାରର ଆଶା ପୂରଣ କରିପାରିବ କି ନାହିଁ ବୋଲି ରାତିରେ ନିଦ ହରାଏ। ଏମିତି ପ୍ରତ୍ୟେକ ମନ ପାଇଁ ଗୀତାର କୃଷ୍ଣ ଆଜି ମଧ୍ୟ ଏକ ଶାନ୍ତ ସ୍ୱରରେ କହୁଛନ୍ତି—ତୁମ ହାତରେ ଅଛି ପରିଶ୍ରମ, ତୁମ ହାତରେ ଅଛି ସତ୍ୟନିଷ୍ଠା, ତୁମ ହାତରେ ଅଛି ଆଜିର କର୍ତ୍ତବ୍ୟ; ଫଳକୁ ନେଇ ଭୟ କରନାହିଁ। ଏହାର ଅର୍ଥ ଫଳକୁ ଅବହେଳା କରିବା ନୁହେଁ; ବରଂ ଫଳର ଭୟକୁ ନିଜ ପରିଶ୍ରମଠାରୁ ବଡ଼ ହେବାକୁ ନଦେବା। ଯେଉଁ ଛାତ୍ର ଆଜି ବିଫଳ ହୋଇଛି, ତା'ପାଇଁ କୃଷ୍ଣଙ୍କ ସନ୍ଦେଶ—ଏକ ପରୀକ୍ଷାର ଫଳ ତୁମ ସମଗ୍ର ଜୀବନର ପରିଚୟ ନୁହେଁ। ଆଜି ଯେଉଁ ଦ୍ୱାର ବନ୍ଦ ଲାଗୁଛି, କାଲି ତାହାଠାରୁ ଭଲ ଏକ ଦ୍ୱାର ଖୋଲିପାରେ। ତେଣୁ ହାରିଯିବା ନୁହେଁ, ଆଉଥରେ ଉଠିବା ହିଁ କୃଷ୍ଣଙ୍କ ପଥ। ଆଜିର ଯୁବପିଢ଼ି ପାଇଁ କୃଷ୍ଣଙ୍କ ଆଉ ଏକ ବଡ଼ ଶିକ୍ଷା ହେଉଛି—ନିଜକୁ ଅନ୍ୟ ସହିତ ତୁଳନା କରନାହିଁ। ପ୍ରତ୍ୟେକ ମଣିଷର ଜୀବନର ରାସ୍ତା ଅଲଗା। କେହି ଶୀଘ୍ର ସଫଳ ହୁଏ, କେହି ଡେରିରେ; କେହିଙ୍କ ପଥ ସରଳ, କେହିଙ୍କ ପଥ କଣ୍ଟକିତ। କିନ୍ତୁ ମୂଲ୍ୟ ନିର୍ଣ୍ଣୟ ହୁଏ ଯାତ୍ରାର ଦୀର୍ଘତାରେ ନୁହେଁ, ଯାତ୍ରାର ସତ୍ୟତାରେ। ଶ୍ରୀକୃଷ୍ଣ ଓ ସୁଦାମାଙ୍କ ମିତ୍ରତା ଆମକୁ ଶିଖାଏ ଯେ ସତ୍ୟ ସମ୍ପର୍କର ମାପ ଧନ, ପଦବୀ କିମ୍ବା ପ୍ରତିଷ୍ଠା ନୁହେଁ; ମାପ ହେଉଛି ହୃଦୟ। ଆଜି ଯେତେବେଳେ ସୋସିଆଲ ମିଡିଆରେ ଅନ୍ୟର ଚମକୁଥିବା ଜୀବନ ଦେଖି ଅନେକ ଯୁବକଯୁବତୀ ନିଜ ଜୀବନକୁ ଅପୂର୍ଣ୍ଣ ଭାବୁଛନ୍ତି, ସେତେବେଳେ କୃଷ୍ଣଙ୍କ ଜୀବନ ଆମକୁ ମନେ ପକାଏ—ଦେଖାଯାଉଥିବା ସଫଳତା ହିଁ ଜୀବନର ସମଗ୍ର ସତ୍ୟ ନୁହେଁ। ମନର ଶାନ୍ତି, ଚରିତ୍ରର ଦୃଢ଼ତା, ଭଲ ମଣିଷ ହେବାର ସନ୍ତୋଷ—ଏଗୁଡ଼ିକ ହିଁ ଜୀବନର ପ୍ରକୃତ ସମ୍ପଦ। ଓଡ଼ିଶାର ମାଟିରେ ଏହି କୃଷ୍ଣଭାବନା ଆହୁରି ଗଭୀର, କାରଣ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି। ଏଠାରେ କୃଷ୍ଣ କେବଳ ପୁରାଣର ଚରିତ୍ର ନୁହେଁ; ସେ ଭକ୍ତିର ଅନୁଭବ, ଘରର ଦେବତା, ମାଆର ପ୍ରାର୍ଥନା ଓ ଓଡ଼ିଆ ମନର ଏକ ଅଂଶ। ତେଣୁ ଜନ୍ମାଷ୍ଟମୀର ଦୀପ ଜଳାଇବା ସମୟରେ ଆମେ ନିଜ ଭିତରର ଅନ୍ଧକାରକୁ ମଧ୍ୟ ଦେଖିବା। ଆମ ଭିତରର କ୍ରୋଧ, ଲୋଭ, ଈର୍ଷ୍ୟା ଓ ଅହଂକାର ହିଁ ଆଜିର କଂସ। ତାକୁ ପରାଜିତ କରିବା ପାଇଁ କୌଣସି ଅସ୍ତ୍ର ଦରକାର ନାହିଁ; ଦରକାର ସତ୍ୟ, ସଂଯମ, ପ୍ରେମ ଓ ଆତ୍ମବିଶ୍ୱାସ। ଯେଉଁ ଛାତ୍ର ଭୟକୁ ଜିତି ପୁଣି ପଢ଼ିବାକୁ ବସେ, ଯେଉଁ ଯୁବକ ବିଫଳତା ପରେ ପୁଣି ଚେଷ୍ଟା କରେ, ଯେଉଁ ମଣିଷ ଅନ୍ୟାୟ ଦେଖି ଚୁପ୍ ନରହି ସତ୍ୟ ପାଇଁ ଠିଆ ହୁଏ—ସେହି ମଣିଷର ହୃଦୟରେ ହିଁ କୃଷ୍ଣ ଜନ୍ମ ନିଅନ୍ତି। ଜନ୍ମାଷ୍ଟମୀ ତେଣୁ ଆମକୁ କେବଳ ଅତୀତର ଏକ ଦିବ୍ୟ ଘଟଣା ସ୍ମରଣ କରାଏ ନାହିଁ; ଏହା ପ୍ରତିବର୍ଷ ଆମକୁ ନୂଆ ହେବାର ଅବସର ଦିଏ। ଆମେ ଯେଉଁଠି ଭାଙ୍ଗିଯାଇଛୁ, ସେଠି ଆଶା ଜନ୍ମ ନେଉ; ଯେଉଁଠି ଭୟ ଅଛି, ସେଠି ସାହସ ଜନ୍ମ ନେଉ; ଯେଉଁଠି ଘୃଣା ଅଛି, ସେଠି ପ୍ରେମ ଜନ୍ମ ନେଉ। ମନ୍ଦିରରେ କୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରିବା ସହିତ ଆମ ମନରେ ମଧ୍ୟ ଏକ ନୂଆ କୃଷ୍ଣର ଜନ୍ମ ହେଉ—ଏମିତି କୃଷ୍ଣ, ଯିଏ ଆମକୁ ସତ୍ୟ କହିବାର ସାହସ ଦେବେ, ବିଫଳତାରେ ଭାଙ୍ଗିପଡ଼ିବାକୁ ଦେବେ ନାହିଁ, ସଫଳତାରେ ଅହଂକାରୀ ହେବାକୁ ଦେବେ ନାହିଁ ଏବଂ ଅନ୍ୟର ଦୁଃଖରେ ଆମକୁ ନିରବ ରହିବାକୁ ଦେବେ ନାହିଁ। ଏହି ଜନ୍ମାଷ୍ଟମୀରେ ଜଣେ ଛାତ୍ର ଯଦି ନିଜକୁ କହିପାରେ—'ମୁଁ ମୋର ସର୍ବଶ୍ରେଷ୍ଠ ପ୍ରୟାସ କରିବି'; ଜଣେ ଅଭିଭାବକ ଯଦି ସନ୍ତାନକୁ କହିପାରନ୍ତି—'ତୁମ ନମ୍ବରଠାରୁ ତୁମେ ଜଣେ ଭଲ ମଣିଷ ହେବା ମୋ ପାଇଁ ବଡ଼'; ଏବଂ ଜଣେ ସମାଜ ଯଦି ନିଷ୍ପତ୍ତି ନିଏ—'ଆମେ ଦ୍ୱେଷ ନୁହେଁ, ମାନବିକତା ବାଛିବା', ତେବେ ଏହି ପର୍ବ ସତ୍ୟରେ ସାର୍ଥକ ହେବ। ଯେଉଁ ରାତିରେ କୃଷ୍ଣ କାରାଗାରର ଅନ୍ଧକାରରେ ଜନ୍ମ ନେଇଥିଲେ, ସେହି ରାତି ଆଜି ମଧ୍ୟ ଆମକୁ ଏକ ଅମର ସତ୍ୟ କହେ—ଅନ୍ଧକାର କେତେ ଗଭୀର ହେଲେ ବି, ଆଲୋକର ଜନ୍ମକୁ କେହି ଅଟକାଇପାରେ ନାହିଁ। ତେଣୁ ଏହି ଜନ୍ମାଷ୍ଟମୀରେ କେବଳ କୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରିବା ନୁହେଁ, ନିଜ ଭିତରେ ଆଶାର ଜନ୍ମ ଦେବା। ନିଜ ଭିତରର କଂସକୁ ହରାଇବା। ନିଜ କର୍ତ୍ତବ୍ୟକୁ ଭଲପାଇବା। ବିଫଳତାକୁ ଭୟ ନକରିବା। ମଣିଷକୁ ଭଲପାଇବା। କାରଣ କୃଷ୍ଣ କେବଳ ମଥୁରାରେ ଜନ୍ମ ନେଇନଥିଲେ; ସେ ପ୍ରତ୍ୟେକ ସେହି ହୃଦୟରେ ଜନ୍ମ ନିଅନ୍ତି, ଯେଉଁଠି ସତ୍ୟ ଅଛି, ପ୍ରେମ ଅଛି, ସାହସ ଅଛି ଏବଂ ଅନ୍ୟର ମଙ୍ଗଳ ପାଇଁ ଧଡ଼କୁଥିବା ଏକ ନିର୍ମଳ ହୃଦୟ ଅଛି। ଏହି ପବିତ୍ର ଜନ୍ମାଷ୍ଟମୀରେ ଆମ ଘର ଆଲୋକିତ ହେଉ, ଆମ ସନ୍ତାନମାନଙ୍କ ସ୍ୱପ୍ନ ଆଲୋକିତ ହେଉ, ଆମ ସମାଜ ମାନବିକତାରେ ଆଲୋକିତ ହେଉ ଏବଂ ଆମ ଅନ୍ତର ଶ୍ରୀକୃଷ୍ଣଙ୍କ ପ୍ରେମରେ ପୂର୍ଣ୍ଣ ହେଉ। ଜୟ ଶ୍ରୀକୃଷ୍ଣ। ଜୟ ଜଗନ୍ନାଥ।

ଭୁବନେଶ୍ୱର
ମୋବାଇଲ୍: ୯୪୩୭୯୯୪୩୭୯

# ଓଁ କୃଷ୍ଣାୟ ଶରଣଂ...



ଜ୍ୟୋତ୍ସ୍ନା ମହାପାତ୍ର

ମାନବ ଜୀବନ ସବୁଠୁ ସୁନ୍ଦର ଓ ସର୍ବୋତ୍ତମ ଅଟେ। ମାନବ ଜୀବନରେ ଘଟୁଥିବା ମିଠା ଖୁସିର କିଛି ମୁହୂର୍ତ୍ତକୁ ଅନୁଭବ କରିବାକୁ ସମୟ ସମୟରେ ଭଗବାନ ମଧ୍ୟ ଧରାପୃଷ୍ଠରେ ଅବତାର ନେଇଥାନ୍ତି। ଶାସ୍ତ୍ର ଅନୁସାରେ ଭଗବାନ ବିଷ୍ଣୁ ମଧ୍ୟ ମାନବ ରୂପ ଧାରଣ କରି ଧରିତ୍ରୀରେ ଆନନ୍ଦ ଉପଭୋଗ କରିଛନ୍ତି। ତାଙ୍କର ଅନେକ ରୂପ ମଧ୍ୟରୁ ଗୋଟିଏ ହେଉଛି ଶ୍ରୀକୃଷ୍ଣ ଅବତାର। ଏହି ଅବତାରରେ ଧରାପୃଷ୍ଠରେ ସେ ରଚିଥିଲେ ଅନେକ ଲୀଳା।

କୃଷ୍ଣଙ୍କୁ ଲୋକେ ରାସରସିୟା, ଲୀଳାଧର, ଦେବକୀ ନନ୍ଦନ, ଗିରୀଧାର, କଳାକହ୍ନେଇ ଏମିତି ଅନେକ ନାମରେ ଜାଣିଥିଲେ। କୃଷ୍ଣ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ଗୀତାକୁ ହିନ୍ଦୁଧର୍ମରେ ସବୁଠୁ ବଡ଼ ଗ୍ରନ୍ଥ ଓ ପଥପ୍ରଦର୍ଶକ ରୂପେ ବିବେଚିତ କରାଯାଇଛି। ମାନ୍ୟତା ରହିଛି ଦ୍ୱାପର ଯୁଗର ଅନ୍ତିମ ଚରଣରେ ଭାଦ୍ରପଦ କୃଷ୍ଣ ଅଷ୍ଟମୀ ଅର୍ଦ୍ଧରାତ୍ରିରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ତିଥିର ମଧ୍ୟରାତ୍ରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ହୋଇଥିଲା।

ଏହି କାରଣରୁ ଭାଦ୍ରପଦ କୃଷ୍ଣ ଅଷ୍ଟମୀ ଅର୍ଦ୍ଧରାତ୍ରିରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନ କରାଯାଏ ବୋଲି ଉଲ୍ଲେଖ ରହିଛି। ରୋହିଣୀ ନକ୍ଷତ୍ରରେ ଭଗବାନ କୃଷ୍ଣ ମାତା ଦେବକୀ ଓ ଶ୍ରୀ ବସୁଦେବଙ୍କ ପୁତ୍ର ଭାବେ



ଜନ୍ମଲାଭ କରିଥିଲେ। କଂସ ନିଜର ମୃତ୍ୟୁ ଭୟରେ ଦେବକୀ ଓ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରିରଖିଥିଲେ। କୃଷ୍ଣଙ୍କ ଜନ୍ମ ସମୟରେ ଚାରିଆଡ଼େ ଅନ୍ଧକାର ଛାଇ ଯାଇଥିଲା। ଭଗବାନଙ୍କ ନିର୍ଦ୍ଦେଶାନୁସାରେ, କୃଷ୍ଣଙ୍କୁ ବସୁଦେବ ମଥୁରାରୁ ଗୋକୁଳର ନନ୍ଦବାବାଙ୍କ ଘରକୁ ନେଇଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଧରିତ୍ରୀରେ ଜନକଲ୍ୟାଣ ପାଇଁ ହୋଇଥିଲା। ତାଙ୍କ ଜନ୍ମର ଉଦ୍ଦେଶ୍ୟ ଥିଲା ଧରାପୃଷ୍ଠରେ ଚାଲିଥିବା ଅନ୍ୟାୟ, ଅତ୍ୟାଚାରର ମୂଳୋତ୍ପାଟନ କରିବା। ସେ ଯୁଗକୁ ନବ-ସୃଜନ ଦିଗକୁ ମୋଡ଼ି ଥିଲେ। ଶ୍ରୀକୃଷ୍ଣଙ୍କ ଜନ୍ମ ଦିବସ କେବଳ ମାତ୍ର ଗୋଟିଏ ପୂଜାର୍ଚ୍ଚନା ନୁହେଁ ବରଂ ଉତ୍ସବ ରୂପେ ପାଳନ କରାଯାଏ।

ଏହି ଉତ୍ସବରେ ଭଗବାନଙ୍କ ଶ୍ରୀବିଗ୍ରହ ଉପରେ କର୍ପୂର, ହଳଦୀ, ଦହି, ଘିଅ, ତେଲ, କେସର ତଥା ଜଳ ଆଦି ଚଢ଼ାଯାଏ। ଏହାପରେ ଲୋକେ ଖୁବ୍ ହର୍ଷୋଲ୍ଲାସରେ ଏହି ବସ୍ତୁକୁ ଏକ ହାଣ୍ଡିରେ ରଖି ବହୁ ଉଚ୍ଚରେ ବାନ୍ଧି ଦିଅନ୍ତି। ଆରମ୍ଭ ହୁଏ ହାଣ୍ଡିଭଙ୍ଗା ପ୍ରତିଯୋଗିତା। ଦଳ ଦଳ ହୋଇ ପ୍ରତିଯୋଗୀମାନେ ହାଣ୍ଡି ଭାଙ୍ଗିବାର ଏକ ନିଆରା ମଜା ନେଇଥାନ୍ତି।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-mail :
abhisekmohapatra
1999@gmail.com




# ଜଳ ବଦଳରେ ଜହର ଦେଉଥିଲା ବିଭାଗ, ଲ୍ୟାବ ଟେଷ୍ଟ ପାଇଁ ଗଲା ପାଣି

## ୫ ଜଣ ଜଣ୍ଡିସ୍ ଆକ୍ରାନ୍ତ, ଏକାଧିକ ଜ୍ୱରରେ ପୀଡିତ

**ନୀଳଗିରି (ଅମୃତ ମିଡିଆ) :** ଜଳ ବଦଳରେ ଜହର ଯୋଗାଉଥିଲା ବିଭାଗ। ବସୁଧା ଜଳ ପିଇ ୫ ଜଣ ଜଣ୍ଡିସରେ ଆକ୍ରାନ୍ତ। ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ସାମ୍ନାକୁ ଆସିଲା ବିଭାଗର ଅସଲି ସତ।ବୋତଲରେ ଥିବା ଜଳର ମାନକୁ ଟିକେ ଦେଖନ୍ତୁ। କେମିତି କଳା ରଙ୍ଗର ଗୁଣ୍ଡ ଏ ଭିତରେ ଭାସୁଛି।ଏହି ପାଣିକୁ ପିଇବାକୁ ଘରେ ଘରେ ପାଇପ୍ ଯୋଗେ ଯୋଗାଉଥିଲା ଆରଡବ୍ଲୁଏସ୍‌ଏସ୍ ବିଭାଗ। ଲଗାଣ ବର୍ଷା ପରେ ଲୋକଙ୍କୁ ଏବେ ଡରାଉଛି ଜଣ୍ଡିସ ରୋଗ। ସୂଚନା ମୁତାବକ ନୀଳଗିରି ବ୍ଲକ ଗରଡିହୀ ଗ୍ରାମରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ସେମାନେ ନିକଟ ବସୁଧା ଟାଙ୍କି ଓ ନଳକୂପ ଉପରେ ଭରଷା କରିଥାଆନ୍ତି। ହେଲେ ଅନେକ ସ୍ଥାନରେ ବସୁଧା ପାଇପ ଫାଟି ଥିବା ବେଳେ ବର୍ଷାର ଗୋଳିଆ ପାଣି ପାଇପ ଦେଇ ଭିତରେ ପ୍ରବେଶ କରୁଛି। ସେହିପରି ପାଇପର ଚାବି ଥିବା ସ୍ଥାନ ଗୁଡିକରେ ସଫା ହେଉନଥିବାରୁ ପାଣି ଜମି ପୋକସାଲୁବାଲୁ ହେଉଥିବାର ଦେଖିବାକୁ ମିଳିଛି। ନଳକୂପ ଗୁଡିକରେ ମଧ ଗୋଳିଆ ପାଣି ବାହାରୁଥିବାର ଦେଖିବାକୁ ମିଳିଛି। ସେହି ପାଣି ଗୁଡିକ ପିଇବା ଫଳରେ ପ୍ରଥମେ ଲୋକମାନେ ଜ୍ୱରରେ ପୀଡିତ ହେଉଛନ୍ତି ପରେ ଜଣ୍ଡିସରେ ଆକ୍ରାନ୍ତ ହେଉଛନ୍ତି। ଗାଁର ରଞ୍ଜିତ କୁମାର ପସା, ଜଗତଜୀବନ ଖିଲାର, ପ୍ରମୋଦ କୁମାର ଖିଲାର, ରଶ୍ମିରଞ୍ଜନ ଖିଲାର, ତନ୍ମି ପରିଡା ୫ ଜଣ ଏଯାବତ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଛନ୍ତି। କେବଳ ଏଇ ଗୋଟିଏ ଗାଁ ନୁହେଁ ନିକଟ ବାଙ୍କିସାହି ଗ୍ରାମର ପ୍ରଭାକର ବାରିକ ମଧ ଆକ୍ରାନ୍ତ ହୋଇଛନ୍ତି। ବସୁଧା ଟାଙ୍କି ଗୁଡିକୁ ସଫା କରିବା ପାଇଁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କାର ବ୍ଲିଚିଂ ଓ ଏହାର ମରାମତି ନିମନ୍ତେ ଟଙ୍କା ଓ ଅଧିକାରୀଙ୍କୁ ନିୟୋଜିତ କରିଥିଲେ ମଧ ସେମାନେ ସଠିକ ଭାବରେ କାର୍ଯ୍ୟ କରୁନାହାନ୍ତି। କିମ୍ବା ସଠିକ୍ ଭାବରେ ତଦାରଖ କରୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଟାଙ୍କି ବିଶୋଧନ ହେଉନଥିବାରୁ ଲୋକେ ଦୂଷିତ ଜଳ ପିଇ ରୋଗାଗ୍ରସ୍ତ ହେଉଛନ୍ତି। କନକ ନ୍ୟୁଜରେ ଖବର ପ୍ରସାରଣ ପରେ ବିଭାଗୀୟ ଜେଇ ଗାଁକୁ ଯାଇଥିବା ବେଳେ ଲୋକେ ତାଙ୍କୁ ପୋକ ସାଲୁବାଲୁ ଟାଙ୍କି ଦେଖାଇ ଟ୍ୟୁସନ କକିଥିଲେ। ଅପର ପକ୍ଷରେ କେବଳ ଆଶା ଦିଦି, ସିଏଚଓ ଓ ଏଏନ୍‌ମ ଦିଦି ଜଣ୍ଡିସ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ବସ୍ଥା ଯାଞ୍ଚ କରିଥିବା ବେଳେ କୌଣସି ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚିନାହାନ୍ତି।ଏ ନେଇ ଆରଡବ୍ଲୁଏସ୍‌ଏସ୍ ବିଭାଗର ଯନ୍ତ୍ରୀ ମହେଶ୍ୱର ସିଂଙ୍କୁ ପଚାରିବାରୁ ବ୍ଲିଚିଂ ପଡୁଛି, ପାଣି ମଧ ଟେଷ୍ଟ ପାଇଁ ନିଆଯାଇଛି ସଫେଇ ହୋଇନାହିଁ ପାଇପ ଫାଟିଥିବା ସ୍ଥାନ ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ରାଜମିସ୍ତ୍ରୀ ମୃତ

## ଦୀର୍ଘ ୪୨ ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁ ଚିକିତ୍ସିତ ହେଉଥିଲେ

**ବାଲିଅନ୍ତା (ଅମୃତ ମିଡିଆ) :** ୨୨/୦୭/୨୬ ତାରିଖରେ ଭୁବନେଶ୍ୱର-ପୁରୀ ବାଇପାସ ରାସ୍ତା ଶିଶୁପାଳଗଡ଼ ଯାତ୍ରା ପଡିଆ ବିପରୀତ ଦିଗରେ ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ରାଜମିସ୍ତ୍ରୀ ଗୁରୁତର ଆହତ ହୋଇଥିଲେ । ଆହତ ରାଜମିସ୍ତ୍ରୀ ବାଲିପାଟଣା ଥାନା ଫୁଲପାଳ ଗ୍ରାମର ରବିନ୍ଦ୍ର ପୃଷ୍ଟିଙ୍କ ପୁଅ ପ୍ରଦୀପ।ପ୍ରକାଶ ଥାଉକି ପ୍ରଦୀପ ରାଜମିସ୍ତ୍ରୀ ଭାବେ କାମ କରନ୍ତି । ପ୍ରତିଦିନ ଭଳି ସେଦିନ ଭୁବନେଶ୍ୱରକୁ ମିସ୍ତ୍ରୀ କାମ ପାଇଁ ଯାଇଥିଲେ । କାମ ସାରି ଫେରୁଥିବା ସମୟରେ ସନ୍ଧ୍ୟା ପ୍ରାୟ ୭ ଟାରେ ଉପରୋକ୍ତ ସ୍ଥାନରେ ଦୁର୍ଘଟଣାର ଶିକାର ହୋଇଥିଲେ । ଉକ୍ତ ସ୍ଥାନରେ ଷ୍ଟ୍ରିଟ ଲାଇଟ



ଜଳୁନଥିବାରୁ ଅନ୍ଧାର ହେବାସହ ଗାଇଗୋରୁ ଶୋଇଥିଲେ। ଫଳରେ ପ୍ରଦୀପ ଜାଣିନପାରି ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଖବରପାଇ ଧଉଳି ଥାନା ପୁଲିସ ପଇଁତରା ଗାଡି ଉଦ୍ଧାର କରି ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପ୍ରଦୀପ ଦୀର୍ଘ ୪୨ ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁ ରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଉଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ତାଙ୍କର ବ୍ରେନ୍ ଡେଡ୍ ହୋଇଯାଇଥିଲା। ୦୧/୦୯/୨୬ ରେ ପ୍ରଦୀପଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆଜି ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇବା ପରେ ପୁରୀରେ ପ୍ରଦୀପଙ୍କ ଅନ୍ତିମ ସଂସ୍କାର କରିଥିଲେ ପରିବାର ଲୋକେ। ଏ ନେଇ ପ୍ରଦୀପଙ୍କ ପରିବାର ଲୋକେ ଧଉଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗକୁ ଛାତ୍ରଛାତ୍ରୀ ଉପଲବ୍ଧି କରନ୍ତୁ

**ଜେନାପୁର (ଅମୃତ ମିଡିଆ) :** ବହୁ ତ୍ୟାଗ ଓ କଷ୍ଟରେ ଦେଶକୁ ସ୍ୱାଧୀନତା ମିଳିଛି। ଏହାକୁ ଛାତ୍ର ଛାତ୍ରୀ ମାନେ ଉପଲବ୍ଧି କଲେ ସେମାନେ ଦେଶପ୍ରେମୀ ହେବା ସହ ଚରିତ୍ରବାନ ହୋଇପାରିବେ। ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟର ସମସ୍ତ ବିଭାଗର +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜ ବିଭାଗକୁ ସ୍ୱାଗତ ଉତ୍ସବ ଅବସରରେ ବରୀ ମାଟିରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା। ମହାବିଦ୍ୟାଳୟର ସମସ୍ତ ବିଭାଗର +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜ ବିଭାଗକୁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମହାବିଦନ୍ୟାଳୟର ୧୩ ଟି ବିଭାଗର ଛାତ୍ରଛାତ୍ରୀ ଏକକାଳୀନ ଏହି ଉତ୍ସବକୁ ପୃଥକ ଭାବେ ପାଳନ କରିଥିଲେ। ଏହି ଅବସରରେ ଓଡିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ବିମଳ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଜାତୀୟତା ମନ୍ତ୍ରରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୁଦ୍ଧ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ବରୀ ମାଟିର ସନ୍ତାନ ଭାବରେ ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ଅଧ୍ୟକ୍ଷ କହିଥିଲେ ଓଡିଶାର ସ୍ୱାଧୀନତା ସଂଗ୍ରାମରେ ବରୀରେ ଯେଉଁ ଆଶ୍ରମ ପ୍ରତିଷ୍ଠା ହୋଇଥିଲା, ସେଥିରେ ରମାଦେବୀ, ମାଳତୀ ଦେବୀ, ନବକୃଷ୍ଣ ଚୌଧୁରୀ, ଅନ୍ନପୂର୍ଣ୍ଣା ଦେବୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଦେଶ, ଜାତି ଏବଂ ନିଜ ଭାଷା ପାଇଁ ଜୀବନ ଉତ୍ସର୍ଗ



କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ। ଅଧ୍ୟାପକ ଚକ୍ରଧର ନାୟକଙ୍କ ସଭପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପିକା ତଥା ଲେଖିକା ଡ ଚନ୍ଦ୍ରକଳା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ପରାଧୀନ ଭାରତର ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ଓଢଣା ତଳେ ରହୁଥିବା ନାରୀ ରମାଦେବୀ ଦିନ ଦିନ ଗାଁରୁ ଗାଁ ଭୋକ ଉପାସରେ ପାଦରେ ବୁଲି ଲୋକ ମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ଆହ୍ୱାନ ଦେଉଥିଲେ। ଏକ ସମ୍ଭ୍ରାନ୍ତ ପରିବାରର କନ୍ୟା ଏବଂ ବଧୂ ହୋଇ ତାଙ୍କର ଜୀବନକୁ ଏକ ସାଧାରଣ ମହିଳା ଭାବରେ ବିତାଇଥିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନରେ ସମଗ୍ର ଜୀବନକୁ ସମର୍ପି ଦେଇଥିଲେ। କଟକରେ ପ୍ରଥମ ମହିଳା ସମ୍ମିଳନୀରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନିକଟରେ ଓଡିଶାର ପ୍ରଥମ ମହିଳା ଭାବେ ତାଙ୍କର ସମସ୍ତ ସ୍ୱର୍ଣ୍ଣ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କରିଥିଲେ। ଏବେ ଭୋଗବାଦୀ ସମାଜରେ ଛାତ୍ରଛାତ୍ରୀ ମାନେ ନିସ୍ୱାର୍ଥପର ଭାବେ ସେବା ମନୋଭାବ ନେଇ ଦେଶର ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ଏହି ଉତ୍ସବରେ ଅଧ୍ୟାପକ ସତ୍ୟ ରଂଜନ ମଲିକ, ଶ୍ରୀକାନ୍ତ ବିଶ୍ୱାଳ, ସ୍ମୃତି ରଂଜନ ସେଠୀ ଛାତ୍ରଛାତ୍ରୀ ମାନଙ୍କୁ ମାନବିକତାର ମନ୍ତ୍ରରେ ଉଦବୁଦ୍ଧ ହେବା ପାଇଁ ଅଭିମନ୍ତ୍ରିତ କରିଥିଲେ। ଏହି ସଭାରେ +୩ ତୃତୀୟ ବର୍ଷର ଛାତ୍ରୀ ସ୍ୱପ୍ନାରାଣୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ, ପ୍ରଶ୍ନୋ ର ପ୍ରଭୃତି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂଆ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଉପଲକ୍ଷେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# କନ୍ଧମାଳରେ ରାଜ୍ୟସ୍ତରୀୟ ୮୧ତମ ପୋଲିସ୍ ଫୁଟବଲ୍ ମହାକୁମ୍ଭ ଉଦ୍‌ଯାପିତ

**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ସ୍ଥିତ ରିଜର୍ଭ ପୁଲିସ ପଡ଼ିଆଠାରେ ୮୧ତମ ରାଜ୍ୟ ପୁଲିସ ଚାମ୍ପିୟନସିପ ମହାକୁମ୍ଭ ୨୦୨୬ ଉଦ୍‌ଯାପିତ ହୋଇଛି। ଏହି ଉଦଯାପନୀ ସମାରୋହରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜି ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ଓ ବାରିପଦା ଓ ଏସ ଏ ପି ୫ମ ବାଟାଲିୟନ ମଧ୍ୟରେ ଯେଉଁ ସଂଘର୍ଷ ପୂର୍ଣ୍ଣ ଚିତାକର୍ଷକ ଖେଳ ପ୍ରଦର୍ଶନ ହୋଇଥିଲା ଏହି ଖେଳରେ ବାରିପଦା ଚମ୍ପିୟାନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଖେଳାଳି ମାନଙ୍କ ମଧ୍ୟରେ ଏକତା, ଶୃଙ୍ଖଳା ଓ ଭାଇଚାରା, ଟିମ୍ ୱାର୍କ୍ ଦେଖିବାକୁ ମିଳିଥିଲା। ଓଡ଼ିଶା ପୋଲିସ୍ କ୍ରୀଡ଼ା କ୍ଷେତ୍ରରେ ଆଗକୁ ଯାଉଛନ୍ତି।ଆନ୍ତର୍ଜାତୀୟ ,ଜାତୀୟ ସ୍ତରରେ ଓଡ଼ିଶା ପୋଲିସ୍ ବିଭିନ୍ନ ଇଭେଣ୍ଟ ରେ ଭାଗ ନେଇ ଗୋଲ୍ଡ,ସିଲ୍ଭର ଓ ବ୍ରୋଞ୍ଜ ମେଡାଲ ନେଇ ଆସୁଛନ୍ତି। ଆମ ଓଡ଼ିଶା ସରକାର ଓଡ଼ିଶା ପୋଲିସ୍ ର ଏକ ଆହ୍ୱାନ ରହିଛି। କ୍ରୀଡା କ୍ଷେତ୍ର ରେ ଆମେ ଓଡ଼ିଶା ପୋଲିସ୍ ଭିତରେ ବେଶୀ ପ୍ରଶୟ ଦେବୁ। ଆଗାମୀ ଦିନରେ ଆମ ଯବାନ ମାନେ ଯେଉଁ ମେଡାଲ ପାଇଛନ୍ତି ସେମାନଙ୍କୁ ଆଗକୁ ନେବା ପାଇଁ ପ୍ରାଧାନ୍ୟ ଦେବୁ ବୋଲି କହିଥିବା ବେଳେ ଓଡ଼ିଶା ରୁ ମାଓ ମୁକ୍ତ ,କନ୍ଧମାଳ ରୁ ମାଓ ମୁକ୍ତ ଅଭିଯାନ ଭାରତ ସରକାର ଏକ ଭଲ ପଦକ୍ଷେପ। ଏବେ ପର୍ଯ୍ୟନ୍ତ କିଛି ମାଓବାଦୀ ରହିଯାଇଛନ୍ତି ।



ପୋଲିସ୍ ପାଖରେ ସେମାନଙ୍କର ସମସ୍ତ ଖବର ଅଛି। ସେମାନେ ସରେଣ୍ଡର୍ କରନ୍ତୁ ନଚେତ୍ ପୋଲିସ୍ ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଆମ ଓଡ଼ିଶା ଆଗକୁ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ହୋଇ ହୋଇ ଯାଇଛି। ଶାନ୍ତି ଯଦି ରହିବ,ଆଇନ୍ ଶୃଙ୍ଖଳା ଯଦି ଭଲ ରହିବ ହେଲେ ଓଡ଼ିଶା ଆମର ଭାରତ ବର୍ଷରେ ଭଲ ରାଜ୍ୟ ହେବ ବୋଲି କହିଥିଲେ।ମୁଖ୍ୟ ଅତିଥି ଚମ୍ପିୟାନ ହେଇଥିବା ଓଏସଏପି ପଞ୍ଚମ ବାଟାଲିୟନ ଚାରିପଦା ଟିମକୁ ବିଜୟ ଟ୍ରଫି ପ୍ରଦାନ କରିଥିଲେ । ଏଥିସହ ରନର୍ସଅପ୍ ସମ୍ବଲପୁର ପୁଲିସ ଜିଲ୍ଲା ଟିମକୁ ମଧ ସେ ଟ୍ରଫି ପ୍ରଦାନ କରିଥିଲେ ଓ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଖେଳାଳିମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡ଼ିଶା ପୁଲିସର ସୁନାମ ବଢ଼ାଇବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଶ୍ରୀ କୁମାର ବିଜେତା ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ରନର୍ସଅପ୍ ଏବଂ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀ ଦଳର ସଦସ୍ୟଙ୍କ ସମର୍ପଣ ଓ ମନୋବଳକୁ ପ୍ରଶଂସା କରିଥିଲେ। ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଆୟୋଜକ ଏହି ପୁଲିସ ଫୁଟବଲ ଚାମ୍ପିୟନସିପକୁ ସ୍ମରଣୀୟ କରିବାରେ ସେମାନଙ୍କର ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ଆଜି ଅପରାହ୍ନରେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ଓ ସମ୍ବଲପୁର ଜିଲ୍ଲା ପୁଲିସ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ?ରେ ଓଏସଏପି ପଞ୍ଚମ ବାଟାଲିୟନ ଚାରିପଦା ୧/୦ ଗୋଲରେ ସମ୍ବଲପୁର ପୁଲିସ ଜିଲ୍ଲାକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଏହି ଚାମ୍ପିୟନସିପ ଗତ ୨୦ରୁ ଆରମ୍ଭହୋଇ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା, ବାଟାଲିୟନ୍ ଓ ପୋଲିସ୍ ପ୍ରତିଷ୍ଠାନରୁ ମୋଟ ୪୮ଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୬୪ଟି ମ୍ୟାଚ ଖେଳାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୨୪ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ?ର ଶ୍ରେଷ୍ଠ ଖେଳାଳି ଭାବେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦାର କାରୁ ହାଁସଦା,ଗୋଲକିପର ଭାବେ ସମ୍ବଲପୁର ଜିଲ୍ଲାର ପରେଶ ରାଉତ, ଶ୍ରେଷ୍ଠ ଡିଫେଣ୍ଡର ଭାବେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦାର ମନୋଜ ଟୁଡୁ, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ାର ରବି କୁମାର, ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ସୁନ୍ଦରଗଡ଼ର ଆଲିଷ୍ଟର ବ୍ୟାଙ୍କ୍, ଟୁର୍ଣ୍ଣାମେଣ୍ଟ୍‌ର ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁର ପୁଲିସ ଜିଲ୍ଲାର ଶ୍ରୀକାନ୍ତ ଭୋଇ ଏବଂ ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବେ କନ୍ଧମାଳ ଜିଲ୍ଲା ପୋଲିସ ଦଳକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ଜିଲ୍ଲାପାଳ ବେଦଭୂଷଣ, ଏସପି ରାମେନ୍ଦ୍ର ପ୍ରସାଦ, ବୌଦ୍ଧ ଏସପି କୁଲଦୀପ ମୀନା, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ୮୧ ତମ ଫୁଟବଲ୍ ମ୍ୟାଚ୍ କୁ କନ୍ଧମାଳ ଏସ୍ ପି ରମେନ୍ଦ୍ର ପ୍ରସାଦ ଓ ରିଜର୍ଭଇନ୍‌ସ୍ପେକ୍ଟର ବାଲୁଙ୍କେଶ୍ୱର କଶ୍ୟପ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମାନି ପାଇଁ ଯୋଗଦେଲେନି ବିଧାୟକ

**ଦଶପଲ୍ଲା (ଅମୃତ ମିଡିଆ) :** ଅଗଷ୍ଟ ୩୧ତାରିଖକୁ ସାରାଦେଶ ପୌରାଞ୍ଚଳ, ବିଜ୍ଞାପିତ ଅଞ୍ଚଳ ରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଭାବେ ବହୁ ଆଡମ୍ବର ସହିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନ ଦେଇ ନିମନ୍ତ୍ରଣ କରାଯାଏ ,ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଧିବା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମନମାନି ଆନ୍ତରିକତା ଅଭବ ଯୋଗୁଁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଯୋଗଦେଲେନି ବିଧାୟକ, ତହସିଲଦାର, ଖବର ନେବରେ ଜଣପଡିଛି ଦଶପଲ୍ଲା ବିଧାୟକ,ତହସିଲଦାରଙ୍କୁ ବରେଣ୍ୟ ଅତିଥି,ସମ୍ମାନିତ ଅତିଥି ଭାବେ ନିମନ୍ତ୍ରଣ କାର୍ଡ ଉଲେଖଥିବା ବେଳେ ବିଧାୟକଙ୍କୁ ୩୦ ତାରିଖ ରାତିରେ ଫୋନ୍ ମଧ୍ୟମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଫୋନକରି ଜଣାଇଥିବାରୁ ହଠାତ୍ ଏଭଳି ମନମାନି କାର୍ଯ୍ୟ ଉପରେ କ୍ଷୋଭପ୍ରକାଶ କରି ଯୋଗଦେବା ପାଇଁ ମନାକରିଥିଲେ। ସେହିଭଳି ତହସିଲଦାର ବ୍ୟକ୍ତିଗତ କାର୍ଯ୍ୟ ରେ ବାହାରେ ଥିଲେ ଗତକାଲା କାର୍ଯ୍ୟ ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ଦଶପଲ୍ଲା ଆସିଥିଲେ ମଧ୍ୟ ସଭାକାର୍ଯ୍ୟରେ ଯୋଗନଦେବାକୁ ନେଇ ଲୋକଙ୍କ ମନରେବିନ୍ନ ପ୍ରଶ୍ନ ଉଙ୍କି ମାରିବା ସହିତ କାର୍ଯ୍ୟନିର୍ବାହି ଅଧିକାରୀଙ୍କ ମନମାନିରେ ତାଙ୍କ ପରାମର୍ଶରେ ବହୁ ପ୍ରକୃତ ହିତାଧିକାରୀଙ୍କ ବାଦ୍ କରି ଥିଲାବାଲାଙ୍କୁ ଘରଉପରେ ଘରଡିହ ରେକର୍ଡ ନଥିବା ଲୋକଙ୍କୁ କେନ୍ଦ୍ରସରକାରଙ୍କର ପ୍ରଧାନମନ୍ତ୍ରୀ ଆବାସ ଘର,ଅବସର ପ୍ରାପ୍ତ ପରିବାରଙ୍କୁ ରେସନ କାର୍ଡ, ମଧୁବାବୁ ପେନ୍‌ସନ୍ କରାଯାଏ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।ଉଚ୍ଚସ୍ତରିୟ ବରିଷ୍ଠ ଅଧିକାରୀଙ୍କ ତଦନ୍ତ ପାଇଁ ଜନସାଧାରଣଙ୍କର ଦାବି ହେଉଛି।



# ବର୍ଷା ଜନିତ କ୍ଷୟକ୍ଷତି ପରିବାରଙ୍କୁ ଭେଟିଲେ ଯୁବ ନେତା ଅର୍ଜୁନ ସାହୁ

**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁହାସିଙ୍ଗା ଗ୍ରାମର ଅଧିବାସୀ ବେଣୁଧର ପ୍ରଧାନଙ୍କ ବର୍ଷା ଜନିତ କାରଣରୁ ଗୋଟିଏ ପାର୍ଶ୍ୱ ଘର କାନ୍ଥ ମାଡ଼ି ବସିଥିଲା । ଗତ କିଛିଦିନ ହେଲା ବହୁତ ଅସୁବିଧାରେ କାଳାତିପାତ କରୁଥିବା ବେଳେ ବିଜେପି ନେତା ଅର୍ଜୁନ ସାହୁ ତାଙ୍କ ବାସ ସ୍ଥାନକୁ ଯାଇ ବେଣୁଧର ପ୍ରଧାନଙ୍କୁ ଭେଟି କ୍ଷୟକ୍ଷତି ବାବଦରେ ଆଲୋଚନା କରିଥିଲେ। ସ୍ଥାନୀୟ ତହସିଲଦାରଙ୍କ ସହିତ ଯୋଗାଯୋଗ କରି ପ୍ରଶାସନ ତରଫରୁ ସାହାଯ୍ୟ ସହଯୋଗ କରିବାକୁ ଅନୁରୋଧ କରିଥିଲେ।



# ଯଶୁଆପୁର ପ୍ରବେଶ ଦ୍ୱାରରେ ଐତିହ୍ୟ ତୋରଣ ନିର୍ମାଣ ପାଇଁ ଦାବି



**ବାଲିଅନ୍ତା (ଅମୃତ ମିଡିଆ) :** ଯଶୁଆପୁର ଗ୍ରାମର ପ୍ରବେଶ ଦ୍ୱାରରେ ଏକ ଐତିହ୍ୟ ତୋରଣ ନିର୍ମାଣ ପାଇଁ ଦାବି ହୋଇଛି। ଏନେଇ ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ସମିତି ସଭ୍ୟ ତଥା ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ଯଶୁଆପୁର ଗ୍ରାମ ନିଜର ଐତିହ୍ୟ, ସାମାଜିକ ଓ ସାଂସ୍କୃତିକ ପରିଚୟ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଗ୍ରାମର ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ୨୦୧୬ ମସିହାରେ "ଯଶୁଆପୁର ବିକାଶ ପରିଷଦ" ନାମକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗଠନ କରିଥିଲେ। ଏହି ଅନୁଷ୍ଠାନ ପକ୍ଷରୁ ୨୦୧୬ ମସିହାରୁ ନିରବଚ୍ଛିନ୍ନ ଭାବେ "ଯଶୁଆପୁର ମହୋତ୍ସବ" ଆୟୋଜିତ ହୋଇଆସୁଛି। ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ସାହିତ୍ୟ, କଳା, ସଂସ୍କୃତି, ଲୋକପରମ୍ପରା ଓ ଲୋକକଳାକୁ ସୁରକ୍ଷିତ ରଖିବା ସହ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ଏବଂ ଭାଇଚାରା ଓ ସାମାଜିକ ଏକତାକୁ ସୁଦୃଢ଼ କରିବା। ଗତ ୯ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି ମହୋତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଲୋକକଳା ଓ ଲୋକନୃତ୍ୟ ସହିତ ଗୋଟିପୁଅ, ସମ୍ବଲପୁରୀ, ଛଉ ନୃତ୍ୟ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦେଇ ଆସୁଛନ୍ତି। ଏଥିସହିତ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ "ଯଶୁଆପୁର ସମ୍ମାନ" ପ୍ରଦାନ କରାଯାଇଥାଏ। ଯଶୁଆପୁର ମହୋତ୍ସବରେ ଓଡ଼ିଶାର ବିଭିନ୍ନ ମାନ୍ୟବର ମନ୍ତ୍ରୀ, ସାଂସଦ, ଶିକ୍ଷାବିତ୍, ସାହିତ୍ୟିକ, କଳାକାର ଓ ସମାଜସେବୀମାନେ ଯୋଗଦେଇ ଆସୁଛନ୍ତି। ଫଳରେ ଯଶୁଆପୁର ଗ୍ରାମର ଐତିହ୍ୟ ଓ ସାଂସ୍କୃତିକ ପରିଚୟ ରାଜ୍ୟସ୍ତରରେ ପ୍ରଚାର ଓ ପ୍ରସାର ଲାଭ କରିଛି। ଏହା ଯଶୁଆପୁରବାସୀଙ୍କ ପାଇଁ ଗୌରବର ବିଷୟ ଯେ, ଭାରତ ସରକାରଙ୍କ ଡାକ ବିଭାଗ ପକ୍ଷରୁ ଯଶୁଆପୁର ମହୋତ୍ସବକୁ ନେଇ ଦୁଇଥର ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚନ କରାଯାଇଛି। ଏହା ଯଶୁଆପୁରର ସାଂସ୍କୃତିକ ଓ ଐତିହ୍ୟ ପରିଚୟର ଏକ ବିଶେଷ ସ୍ୱୀକୃତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏପରି ପରିପ୍ରେକ୍ଷୀରେ ଯଶୁଆପୁର ଗ୍ରାମର ପ୍ରବେଶ ଦ୍ୱାରରେ ଏକ ସୁନ୍ଦର ଓ ଆକର୍ଷଣୀୟ ଐତିହ୍ୟ ତୋରଣ ନିର୍ମାଣ କରାଗଲେ ଏହା ଗ୍ରାମର ଐତିହ୍ୟ, କଳା, ସଂସ୍କୃତି ଓ ଯଶୁଆପୁର ମହୋତ୍ସବର ଏକ ସ୍ଥାୟୀ ପ୍ରତୀକ ଭାବେ ପରିଚିତ ହେବ। ଏଥିସହିତ ଏହା ଜୟଦେବ ନିର୍ବାଚନ ମଣ୍ଡଳୀର ଏକ ଗୌରବମୟ ପରିଚୟ ସୃଷ୍ଟି କରିବା ସହିତ ଅଞ୍ଚଳର ସୌନ୍ଦର୍ଯ୍ୟ ଓ ପର୍ଯ୍ୟଟନ ଆକର୍ଷଣକୁ ମଧ ବୃଦ୍ଧି କରିବ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦାବିଟିକୁ ସହୃଦୟତାର ସହ ଗ୍ରହଣ କରି ଏହାର ଆବଶ୍ୟକୀୟ ପଦକ୍ଷେପ ନେବା ନେଇ ଆଶ୍ୱାସନ ଦେଇଥିବା ଜଣାପଡ଼ିଛି।

# ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ ରାଜନୈତିକ ଦଳ ଗୁଡ଼ିକ ସହ ବୈଠକ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ୧.୦୭.୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାଳପଡ଼ାରେ ଏସଆଇଆର ପ୍ରକ୍ରିୟାର ଅଗ୍ରଗତି ନେଇ ସମୀକ୍ଷା ଓ ଆଲୋଚନା କରାଯାଇଥିଲା। ବୈଠକରେ ଭୋଟର ତାଲିକାରେ ନାମ ଯୋଗ, ବାଦ ଓ ସଂଶୋଧନ ସମେତ ଏସଆଇଆର-୨୦୨୬ ଅଧିନରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକଳାପ ଓ ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ସୁଚାରୁ ଭାବେ ସମ୍ପାଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପ୍ରକ୍ରିୟାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କ ସକ୍ରିୟ ସହଯୋଗ ଓ ସହଭାଗିତା ପାଇଁ ଆଶା ପ୍ରକାଶ କରାଯାଇଥିଲା। ବୈଠକରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରଭାତ କୁମାର ପାଣି, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଡିସିସି ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ବିଜୁ ଜନତା ଦଳ ପକ୍ଷରୁ ଉପସଭାପତି ମୁକ୍ତାର ଖାନ, ବହୁଜନ ସମାଜ ପାର୍ଟି ପକ୍ଷରୁ ଜିଲ୍ଲା ପ୍ରଭାରୀ ସୁଧାକର ମଲ୍ଲିକ, ଆମ୍ ଆଦମୀ ପାର୍ଟି ପକ୍ଷରୁ ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା ଏବଂ ସିପିଆଇ(ଏମ୍) ପକ୍ଷରୁ ଗୟାଧର ଧଳ ଯୋଗଦେଇଥିଲେ। ଏହାସହ ୯୬-ପାଟକୁରା ନିର୍ବାଚନମଣ୍ଡଳୀର ଇଆରଓ ଅଜାମ୍ବର ମହାନ୍ତି, ୯୭-କେନ୍ଦ୍ରାପଡ଼ାର ଇଆରଓ ଅରୁଣ କୁମାର ନାୟକ, ୯୮-ଆଳିର ଇଆରଓ ନବକ୍ରିଷ୍ଣ ଜେନା, ୯୯-ରାଜନଗରର ଇଆରଓ ରବୀନ୍ଦ୍ର କୁମାର ମଲ୍ଲିକ, ୧୦୦-ମହାକାଳପଡ଼ାର ଇଆରଓ ସନ୍ଧ୍ୟାଞ୍ଜଳି ମାଝୀ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଅମୀୟ କେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# କ୍ଷେତରେ ପଶି ରୁଆଧାନ ଦଳିଦେଲେ ୫ ହାତୀ



**ସମ୍ବଲପୁର (ଅମୃତ ମିଡିଆ) :** ସମ୍ବଲପୁରଜିଲ୍ଲା ବଡ଼ରମା ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ବିଶ୍ୱାଳପାଲି ଗାଁରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଜଙ୍ଗଲରୁ ହାତୀପଲ ଗାଁମୁହାଁ ହୋଇ ଚାଷଜମିରେ ପଶି ଧାନ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ରୁଆ ଓ ବୁଣା ଧାନ କିଆରୀରେ ହାତୀ ପଶି ଦଳି ଦେବା ସହ ଧାନ ଖାଇ ଯାଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ବିଶ୍ୱାଳପାଲି ଗାଁର ଚାଷୀ ଲିଳଚାନ୍ଦ ସିଂଙ୍କ ପ୍ରାୟ ୨ ଏକର ଚାଷଜମିରେ ୫ଟି ହାତୀ ପଶି ତାଣ୍ଡବ ରଚିଥିଲେ। ହାତୀପଲ ଧାନ କିଆରୀରେ ପଶି ରୁଆ ଓ ବୁଣା ଧାନ ମାଡ଼ି ଦଳିବା ସହ ଖାଇ ନଷ୍ଟ କରି ଦେଇଥିବା ଜଣାପଡ଼ିଛି। ଫଳରେ ଚାଷୀଙ୍କ ଏକର ଏକର ଜମିରେ ଫସଲ କ୍ଷତି ହୋଇଥିବା ବେଳେ ଆଗାମୀ ଦିନର ଚାଷକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ବିଶ୍ୱାଳପାଲି ଓ ଏହାର ଆଖପାଖ ଅଞ୍ଚଳରେ ହାତୀଙ୍କ ଧାନ ଖାଇବା ଏବେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପ୍ରତି ରାତିରେ ହାତୀପଲ ଗାଁ ନିକଟକୁ ଆସି ଚାଷଜମିରେ ପଶୁଥିବାରୁ ଚାଷୀମାନେ ନିଜ ଫସଲ ଜଗିବାକୁ ବାଧ ହେଉଛନ୍ତି। ହାତୀ ଭୟରେ ରାତିରେ ଚାଷଜମିକୁ ଯିବାକୁ ମଧ ଚାଷୀମାନେ ସାହସ କରିପାରୁନାହାନ୍ତି। ଏଭଳି ପରିସ୍ଥିତିରେ ବନ ବିଭାଗ ପକ୍ଷରୁ ହାତୀପଲର ଗତିବିଧି ଉପରେ ନଜର ରଖିବା ସହ ହାତୀଙ୍କୁ ଗାଁ ଓ ଚାଷଜମିଠାରୁ ଦୂରେ ରଖିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିସହ ହାତୀ ଦ୍ୱାରା ନଷ୍ଟ ହୋଇଥିବା ଧାନ ଫସଲର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ନିୟମାନୁସାରେ କ୍ଷତିପୂରଣ ଯୋଗାଇଦେବାକୁ ମଧ ଦାବି ହୋଇଛି।

# ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପଟପ ବଣ୍ଟନ



**କର୍ଲାମୁଣ୍ଡା (ଅମୃତ ମିଡିଆ) :** ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ଶିକ୍ଷାକୁ ସହଜ ଓ ଡିଜିଟାଲ ମାଧ୍ୟମରେ ଆହୁରି ସୁଗମ କରିବା ଉଦ୍ଦେଶ୍ୟରେ ଜିଲାପାଳଙ୍କ ପକ୍ଷରୁ ଲାପଟପ ବଣ୍ଟନ କରାଯାଇଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ୍ୟ ଦୃଷ୍ଟିବାଧିତ ୬ ଜଣ ବେଦାନ୍ତ ସାହୁ, ସୁଷମା ସାହୁ,ମନକାନ୍ତି କୁମାର, ସାହିଲ କୁମାର ମହଲା, ମନ୍ଦାକିନୀ ଗହୀର, ଗଜେନ୍ଦ୍ର ବଗର୍ତ୍ତୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଲାପଟପ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ସଚିନ ପାୱାର, ଜିଲ୍ଲା ସାମାଜିକସୁରକ୍ଷା ଅଧିକାରୀ ଦିନେଶ କୁମାର କହଁର, ଡିଡିଆରଓ ନିବାସ କୁମାର ସାହୁ, କର୍ଲାମୁଣ୍ଡା ଜୋନ (ଖ)ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ଉପସ୍ଥିତ ଥିଲେ ଛାତ୍ରଛାତ୍ରୀଙ୍କୁ ଲାପଟପର ସୁବିନିଯୋଗ କରି ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଡିଜିଟାଲ ଶିକ୍ଷା ମାଧ୍ୟମରେ ଦୃଷ୍ଟିବାଧିତ ଛାତ୍ରୀଛାତ୍ରମାନେ ନିଜର ଜ୍ଞାନ ଓ ଦକ୍ଷତା ବିକାଶ କରିପାରିବେ ବୋଲି ସେ କହିଥିଲେ। ଏହି ପଦକ୍ଷେପକୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି।

# ଡକାୟତି ଅଭିଯୋଗରେ ୭ ଅଭିଯୁକ୍ତ କୋର୍ଟଚାଲାଣ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଗତ ଅଗଷ୍ଟ ମାସ ୧୨ ତାରିଖ ବୁଧବାର ଦିନ ମଧ୍ୟାହ୍ନ ୧୨ ଘଣ୍ଟା ସମୟରେ ନର୍ଲା ଥାନା ଅନ୍ତର୍ଗତ ଚିପୂଲ ନାଲା ନିକଟରେ ଭବାନୀପାଟଣା ସହରର ଘନଶ୍ୟାମ ଅଗ୍ରୱାଲ ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତ ଚୋର ମାନେ ଚୋରୀ କରିଥିବା ଘଟଣାକୁ ନେଇ ଉପେନ୍ଦ୍ର ରାଉତ ନାମକ ବ୍ୟକ୍ତି ନର୍ଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଁ ନର୍ଲା ପୋଲିସ କେଶ୍ ନମ୍ବର୍ -୧୬୭/ ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବିଭିନ୍ନ ସିସି କ୍ୟାମେରା ଫୁଟେଜ୍‌କୁ ଆଧାର କରି ପୋଲିସ୍ ଗତ ୦୧/ ୦୯/୨୬ ରିଖ ମଙ୍ଗଳବାର ଦିନ ବିଭିନ୍ନ ଅଞ୍ଚଳରୁ ସାତ ଜଣ ଅଭିଯୁକ୍ତ କୁ ଗିରଫ କରିବାରେ ସଫଳ ହୋଇଥଲା,ତାଙ୍କ ଠାରୁ ବ୍ୟବହୃତ ଦୁଇଟି ୪ଚକିଆ କାର ଓ ଦୁଇଟି ମୋଟର ସାଇକେଲ ସହିତ ନଗଦ ୩,୮୫,୦୦୦/- ଟଙ୍କା ସୁନା ୭, ୬୯୦ ଗ୍ରାମ ସହିତ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ବ୍ୟବହୃତ ମୋବାଇଲ ଫୋନ୍ ଜବତ୍ କରିଥିଲା । ଅଭିଯୁକ୍ତ ମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ୦୨/୦୯/୨୬ ରିଖ ବୁଧବାର ଦିନ ସନ୍ଧ୍ୟା ଛଅ ଘଣ୍ଟା ସମୟରେ ନର୍ଲା ଥାନା ଅଧିକାରୀ ଶ୍ରୀଯୁକ୍ତ କୈବଲ୍ୟ ସେଠ୍ ସାମ୍ବାଦିକ ସମ୍ମିଳନୀ କରି ସାତ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଛନ୍ତି । ଅଭିଯୁକ୍ତ ମାନେ ହେଲେ (୧) ବିକାଶ ଚନ୍ଦ୍ର ସାହୁ ୨୮ ବର୍ଷ ଗ୍ରାମ- ବଳବସପୁର (୨) ସୁଶାନ୍ତ ଗୌଡ଼ ୩୫ ବର୍ଷ ଗ୍ରାମ- ସିକେରକୁପା (୩) ପ୍ରଦୀପ କୁମାର ନାଏକ ୩୦ ବର୍ଷ ଗ୍ରାମ- ସିକେରକୂପା (୪) ପ୍ରଶାନ୍ତ କୁମାର ଜାଲ ୨୮ ବର୍ଷ ଗ୍ରାମ- କାଉଗୁଡା (୫) ଦେବାଶିଷ ଗଉଡ ୨୧ ବର୍ଷ ଗ୍ରାମ - ଲାଞ୍ଜିଗଡରୋଡ (୬) ଅଜିତ୍ କୁମାର ସାହୁ ୩୮ ବର୍ଷ ଗ୍ରାମ -ବଳବସପୁର (୭) ଆରୀୟନ୍ ନାଏକ ୨୫ ବର୍ଷ ଗ୍ରାମ - ମେଦିନୀପୁର ବାସିନ୍ଦା ଅଟନ୍ତି ଆଉ ତିନି ଅଭିଯୁକ୍ତ ଫେରାର ହୋଇଥିବା ସୂଚନା ମିଳିଛି।

# ଲୋୟର ସୁକତେଲ ଡ୍ୟାମ ପାଖରେ ମୟୂର ବିହାର ଓ ୨ ୱାଚଟାୱାର ନିର୍ମାଣ ପ୍ରସ୍ତାବ

## ବନ ଅଧିକାରୀ ଦେଲେ ପ୍ରତିଶ୍ରୁତି



**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ଲୋୟର ସୁକତେଲ ଡ୍ୟାମ ଜିଲ୍ଲାର ଜୀବନ ରେଖା କୁହାଯାଉଥିବା ପ୍ରକଳ୍ପ ଦ୍ୱାରା ଅନେକ ଗାଁ ବିସ୍ଥାପିତ ହୋଇଥିବା ବେଳେ ହଜାର ହଜାର ଏକର ଜଙ୍ଗଲ ଜମି ମଧ ଧ୍ୱଂସ ହୋଇଯାଇଥିଲା, ଲକ୍ଷ ଲକ୍ଷ ଗଛ କଟାଯାଇଥିଲା। ଏବେ ଡ୍ୟାମରେ ବିପୁଳ ପାଣି ରହୁଥିବାରୁ ଜିବଜନ୍ତୁ ଏବେ ରାସ୍ତାରେ ରହୁଛନ୍ତି। ଜିବଜନ୍ତୁଙ୍କ ପାଇଁ କୌଣସି ପଦକ୍ଷେପ ନ ନେଉଥିବାରୁ ପ୍ରଶାସନ ଅସୁରକ୍ଷିତ ଅବସ୍ଥାରେ ଡ୍ୟାମର ଚାରି ପାଶ୍ୱର୍ରେ ବୁଲୁଛନ୍ତି। ବିଭିନ୍ନ ଜିବଜନ୍ତୁଙ୍କ ଶିକାର ଚାଲିଥିବା ବେଳେ ଶିକାରୀମାନେ ଶିକାର କରୁଛନ୍ତି। ଏ ବାବଦକୁ ନେଇ ଗତ ୪.୦୮.୨୦୨୬ ତାରିଖ ଦିନ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ବିଷୟକୁ ନେଇ ଲୋୟର ସୁକତେଲ ଅଂଚଳର ଗ୍ରାମବାସୀ ଓ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ର, ବଲାଙ୍ଗିର ଡିଏଫ୍‌ଓଙ୍କ ସହ ଆଲୋଚନା କରାଯାଇଥିଲା। ବିଭିନ୍ନ ପ୍ରସ୍ତାବ ଦିଆଯାଇଥିବା ବେଳେ ଜାତୀୟ ପକ୍ଷୀ ମୟୁର ଡ୍ୟାମ ଚାରି ପାଶ୍ୱରେ ବୁଲୁଥିବା ବେଳେ ଏମାନଙ୍କ ସୁରକ୍ଷା ପାଇଁ କିଭଳି ପଦକ୍ଷେପ ନିଆଯିବ ଏବଂ ବିଭିନ୍ନ ଜିବଜନ୍ତୁ କିଭଳି ସୁରକ୍ଷା ରହିବେ ଏହା ଉପରେ ଆଲୋଚନା ହୋଇଥିଲେ। ଡିଏଫ୍‌ଓ ଅଜିତ ବିଶି ଓ ଏସିଏଫ୍ ମାନସ ରଂଜନ ବେହେରା ଉପସ୍ଥିତ ଥାଇ ପ୍ରତିଶୃତି ଦେଇଥିଲେ । ଏ ମାସର ଦ୍ୱିତୀୟ ସପ୍ତାହ ମଧରେ ଗ୍ରାମବାସୀଙ୍କୁ ନେଇ ଆଲୋଚନା ହେବ ଏବଂ ସୁରକ୍ଷା ପାଇଁ ସ୍କାଡ ନିୟୋଜିତ ହୋଇଯାଇଛନ୍ତି, ଜିବଜନ୍ତୁଙ୍କ ପାଇଁ ଜାଗା ଚିହ୍ନଟ ହୋଇ ଏବଂ ସ୍ୱତନ୍ତ୍ର ମୟୁରଙ୍କ ପାଇଁ ମୟୁର ବିହାର ନିର୍ମାଣ କରାଯିବ ଏବଂ ସୁରକ୍ଷା ପାଇଁ ଦୁଇ ଗୋଟି ୱାଚ ଟାୱାର ନିର୍ମାଣ ପ୍ରସ୍ତାବ ସରକାର ନିକଟକୁ ପଠାଇବାକୁ ଦେଲେ ପ୍ରତିଶ୍ରୁତି। ପ୍ରକୃତି ବନ୍ଧୁ ପ୍ରଶାନ୍ତ ମହାକୁର, ବନଦୁର୍ଗା ମହୋତ୍ସବ କମିଟିର କୋଷାଧକ୍ଷ ନରେନ୍ଦ୍ର ବିଶି, ସହ ସଂପାଦକ ବିକାଶ ରଂଜନ ରଥ, ଯୁବନେତା ବିଶ୍ୱଜିତ ନାଥ ଆଲୋଚନାରେ ଭାଗ ନେଇଥିଲେ।

# ପୁରସ୍କୃତ ହେବା ପରେ ପୌର ପରିଷଦକୁ ସହରବାସୀଙ୍କ ଭବ୍ୟ ସମ୍ବର୍ଦ୍ଧନା

**ବଲାଙ୍ଗୀର (ଅମୃତ ମିଡିଆ) :** ନିଜର ଉଲ୍ଲେଖନୀୟ ଟିକସ ଆଦାୟ, କାର୍ଯ୍ୟଦକ୍ଷତା, ସହରର ସାମଗ୍ରିକ ବିକାଶ, ପରିମଳ ବ୍ୟବସ୍ଥା ଓ ଜନସେବା କ୍ଷେତ୍ରରେ ସଫଳତା ପାଇଁ ବଲାଙ୍ଗୀର ପୌର ପରିଷଦ ପୁରସ୍କୃତ ହେବା ପରେ ସମଗ୍ର ସହରରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଏହି ଗୌରବମୟ ସଫଳତାକୁ ସହରବାସୀ ନିଜର ସଫଳତା ଭାବେ ଗ୍ରହଣ କରି ବଲାଙ୍ଗୀର ପୌର ପରିଷଦକୁ ଏକ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ସହରର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ବର୍ଗର ସହରବାସୀ ଏକାଠି ହୋଇ ଏହି ସଫଳତାକୁ ଉତ୍ସବର ରୂପ ଦେଇଥିଲେ। ସ୍ଥାନୀୟ ପାଟଣେଶ୍ୱରୀ ମନ୍ଦିରରୁ ମା' ସମଲେଇ ମନ୍ଦିର ଦେଇ ବଲାଙ୍ଗୀର ପୌର ପରିଷଦର ରାଜେନ୍ଦ୍ର ପାର୍କ ପର୍ଯ୍ୟନ୍ତ ଏକ ଭବ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରିଷଦ ସମସ୍ତ ସଦସ୍ୟ ସଦସ୍ୟା ଓ ସହର ବହୁ ସଂଖ୍ୟକ ଲୋକ ଏହି ପଦଯାତ୍ରାରେ ସାମିଲ ହୋଇ ବଲାଙ୍ଗୀର ସହରର ଏହି ଗୌରବମୟ ସଫଳତାକୁ ଉତ୍ସାହର ସହ ପାଳନ କରିଥିଲେ। ପଦଯାତ୍ରା ପରେ ସ୍ଥାନୀୟ ରାଜେନ୍ଦ୍ର ପାର୍କଠାରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇଥିଲେ ଓ ପରିଷଦ ଅଧକ୍ଷା, ଉପ ନଗରପାଳ, ସମସ୍ତ ସଦସ୍ୟ ଓ ସଦସ୍ୟା ମଞ୍ଚାସିନ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଉପସ୍ଥିତ ସମସ୍ତ ଅତିଥି, ସହରବାସୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ବଲାଙ୍ଗୀର ପୌର ପରିଷଦର ଅଧକ୍ଷା ଶ୍ରୀମତୀ ଲିକା ସାହୁ ଏବଂ ମୁଖ୍ୟ ଅତିଥି ବିଧାୟକ ଶ୍ରୀ କଳିକେଶ ନାରାୟଣ ସିଂହଦେଓଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ନିଜର ଅଭିଭାଷଣରେ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ଲିକା ସାହୁ କହିଥିଲେ ଯେ, ବଲାଙ୍ଗୀର ପୌର ପରିଷଦକୁ ମିଳିଥିବା ଏହି ସମ୍ମାନ ଓ ପୁରସ୍କାର କେବଳ ପୌର ପରିଷଦର ନୁହେଁ, ବରଂ ସମଗ୍ର ବଲାଙ୍ଗୀର ସହରବାସୀଙ୍କର।

# ପୁଣି ଫୁଲୁଛି ହୀରାକୁଦ : ୪ ଗେଟ୍ ଦେଇ ହେଉଛି ଜଳ ନିଷ୍କାସନ

**ସମ୍ବଲପୁର (ଅମୃତ ମିଡିଆ):** ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମଶଃ ବୃଦ୍ଧି ପାଇ ୬୨୭ ଫୁଟ ଟପିଯାଇଛି। ଫଳରେ ଗୁରୁବାର ସକାଳେ ପୁଣି ୨ଟି ସ୍ଲୁଇସ ଗେଟ୍ ଖୋଲି ଦିଆଯାଇଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ବାମ ପାର୍ଶ୍ୱର ୩ ଓ ଦକ୍ଷିଣ ପାର୍ଶର ୧ଟି ମିଶି ମୋଟ୍ ୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗୁରୁବାର ସକାଳ ସାଢ଼େ ୯ଟାରେ ପ୍ରାପ୍ତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୭.୨୯ ଫୁଟରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୪୧ ହଜାର ୯୬୨ଘନଫୁଟ ବନ୍ୟାଜଳ ପ୍ରବେଶ କରୁଛି। ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୯୮ ହଜାର ୭୪୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

# ଟେଣ୍ଡର କାମ ପ୍ରତ୍ୟାହାର ପାଇଁ ଯୁବକଙ୍କୁ ଅପହରଣ ଅଭିଯୋଗ

## ବନ୍ଧୁକ ଦେଖାଇ ଧମକ, ଟଙ୍କା ଓ ଦସ୍ତାବିଜ ଛଡ଼ାଇ ନେଇଥିବା ଅଭିଯୋଗ : ବିଜେପୁର ଥାନାରେ ମାମଲା

**ବରଗଡ (ଅମୃତ ମିଡ଼ିଆ) :** ଟେଣ୍ଡର କାମ ପ୍ରତ୍ୟାହାର କରିବାକୁ ଧମକ ଦେଇ ଜଣେ ଯୁବକଙ୍କୁ ଅପହରଣ, ମାଡ଼ ମାରିବା ଓ ବନ୍ଧୁକ ଦେଖାଇ ଭୟଭୀତ କରାଯାଇଥିବା ନେଇ ବିଜେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ହେଲେ ପୁଟୁକା ଗ୍ରାମର ରାଜକୁମାର ମେହେର (୨୮)। ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧ ତାରିଖ ଅପରାହ୍ନ ପ୍ରାୟ ୧ଟା ୩୦ରେ ରାଜକୁମାର ଟେଣ୍ଡର ସମ୍ପର୍କିତ ସମସ୍ତ କାଗଜପତ୍ର ଧରି ବିଜେପୁର ଏନ୍ ?ଏସି କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ମହେଶ ଦେବତା, ନରସିଂହ ଓରଫ ପପୁ ପୂଜାରୀ, କୌଶିକ ପାଣିଗ୍ରାହୀଙ୍କ ସମେତ ପ୍ରାୟ ୨୦ରୁ ୩୦ ଜଣ ଲୋକ ଏକ ଥାର ଗାଡ଼ିରେ ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ସରଣ୍ଡାପାଲି ନିକଟ ଏକ ନିଛାଟିଆ ସ୍ଥାନକୁ ନେଇଥିବା ଅଭିଯୋଗ ହୋଇଛି। ସେଠାରେ ବନ୍ଧୁକ ଦେଖାଇ ଟେଣ୍ଡର କାମରୁ ଓହରିଯିବା ପାଇଁ ଧମକ ଦିଆଯିବା ସହ ତାଙ୍କ ପାଖରେ ଥିବା ୧୦ ହଜାର ୩ଶହ ଟଙ୍କା, ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ନେଇଯାଇଥିବା ରାଜକୁମାର ଅଭିଯୋଗ କରିଛନ୍ତି। ଏପରିକି ଏକ ଖାଲି କାଗଜରେ ତାଙ୍କ ଦସ୍ତଖତ ନେଇ ତାଙ୍କୁ ମାଡ଼ ମାରିବା ସହ ଜାତିଆଣ ଗାଳିଗୁଲଜ କରାଯାଇଥିବା ମଧ ସେ ଅଭିଯୋଗ କରିଛନ୍ତି। ପୁଣି ତାଙ୍କ ଓ ତାଙ୍କ ପିଲାମାନଙ୍କୁ ହତ୍ୟା କରିବାର ଧମକ ଦେଇ ଟେଣ୍ଡର ପ୍ରତ୍ୟାହାର କରିବାକୁ ବାଧ କରାଯାଇଥିବା ଅଭିଯୋଗ ରହିଛି। ପରେ ସେହିଦିନ ପ୍ରାୟ ୩ଟା ୩୦ରେ ତାଙ୍କୁ ବିଜେପୁର ଏନ୍ ?ଏସି କାର୍ଯ୍ୟାଳୟକୁ ଆଣି କୌଶିକ ପାଣିଗ୍ରାହୀଙ୍କ ନାମରେ ଟେଣ୍ଡରରୁ ଓହରିବା ସମ୍ପର୍କିତ ଲିଖିତ ଦସ୍ତାବିଜରେ ଦସ୍ତଖତ କରାଇଥିବା ଅଭିଯୋଗ ହୋଇଛି। ଏହା ସହ ତାଙ୍କ ହାତରେ ଜୋରଜବରଦସ୍ତ ବନ୍ଧୁକ ଧରାଇ ଫଟୋ ଉଠାଇବା ଏବଂ ମିଥ୍ୟା ମାମଲାରେ ଫସାଇବାକୁ ଧମକ ଦିଆଯାଇଥିବା ସେ ପୁଲିସକୁ କହିଛନ୍ତି। ଭୟ କାରଣରୁ ଅଭିଯୋଗ କରିବାରେ ବିଳମ୍ବ ହୋଇଥିବା ରାଜକୁମାର ପ୍ରକାଶ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ବିଜେପୁର ଥାନା ପୁଲିସ କେସ୍ ନମ୍ବର ୨୪୭, ତାରିଖ ୦୩.୦୯.୨୦୨୬ରେ ବିଏନ୍‌ଏସ୍‌ର ବିଭିନ୍ନ ଧାରା, ଆର୍ମସ୍ ଆକ୍ଟ ଏବଂ ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିବାରଣ ଆଇନର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉପରୋକ୍ତ ଅଭିଯୋଗଗୁଡ଼ିକର ସତ୍ୟତା ପୁଲିସ ତଦନ୍ତ ପରେ ଅଧିକ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି ।

# ଶକ୍ତିଶ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ



**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ, ବଙ୍ଗୋମୁଣ୍ଡା ଠାରେ ଦୀର୍ଘ ୬ ଦିନ ଧରି ଚାଲିଥିବା ଶକ୍ତିଶ୍ରୀ ଆତ୍ମ ସୁରକ୍ଷା ଶିବିର ଆଜି ଉଦ୍‌ଯାପିତ ହୋଇଯାଇଅଛି। ଏହି ଶିବିର +୩ ପ୍ରଥମ ବର୍ଷର କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ନବାଗତ ଛାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଶୋଭେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସଂଯୋଜିକା ଜୟନ୍ତୀ ଖୁଣ୍ଟିଆ, ଶିକ୍ଷା ବିଭାଗର ମୁଖ୍ୟ ଆଲୋକ କୁମାର ରଥ, ପ୍ରଶିକ୍ଷିକା ଯାଜ୍ଞସିନୀ ମାଝୀ, ଇତିହାସ ବିଭାଗର ଅଧାପିକା ପ୍ରଭାସିନୀ ମେହେର ତଥା ଖେଳ ଶିକ୍ଷକ ଜୟପ୍ରକାଶ ସାହୁ ମଞ୍ଚାସିନ ଥିଲେ। ଶକ୍ତିଶ୍ରୀ ସଂଯୋଜିକା ଶ୍ରୀମତୀ ଖୁଣ୍ଟିଆ ଶକ୍ତିଶ୍ରୀର ପ୍ରସିକ୍ଷଣ ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ମତବ୍ୟକ୍ତ ରଖିଥିଲେ। ଅଧକ୍ଷ ଶ୍ରୀ ମେହେର ଓ ଶିକ୍ଷା ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ରଥ ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସାହସ, ସଚେତନତା ସଂପର୍କରେ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଶିବିରରେ ୧୫୧ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ରେଡ୍-କ୍ରସ ଶାଖାର ସଂଯୋଜକ ଭାସ୍କର ମେହେର, ଅଧ୍ୟାପକ ରାମକୃଷ୍ଣ ବାଗ, ଡିଲେଶ୍ୱର ନିଆଲ, ଲୋକନାଥ ମେହେର, ଗିରୀଶ ଚନ୍ଦ୍ର ଧୁବଲ, ରଂଜିତ ସଗରିଆ, ଆଲୋକ ମୁଣ୍ଡ, ଲେଖୁପ୍ରସାଦ ବଚ୍ଛା, ଅଧ୍ୟାପିକା ମୋନାଲିସା ମେହେର, ଶ୍ୱେତପଦ୍ମା ମେହେର, ଅଧ୍ୟାପକ ପବନ ପୁଟେଲ, ହୃସିକେଶ ପୁଟେଲ, ଜୟପ୍ରକାଶ ମେହେର, ଭୂଷଣ ଚନ୍ଦ୍ର ମେହେର, କ୍ଷୀରସିନ୍ଧୁ ରଣା, ଦେବରାଜ ମେହେର ତଥା ଅନ୍ୟାନ୍ୟ ସହକର୍ମୀ ଉପସ୍ଥିତ ଥିଲେ।

# ଡୁମ୍ବେରବାହାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳନ

**ବରଗଡ(ଅମୃତ ମିଡ଼ିଆ) :** ଡୁମ୍ବେରବାହାଲ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେପଟ୍ଟେମ୍ବର ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ବିଦ୍ୟାଳୟ ପରିସରକୁ ସ୍ୱଚ୍ଛ ଓ ପରିଚ୍ଛନ୍ନ ରଖିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ସେପଟ୍ଟେମ୍ବର ୧ ତାରିଖରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ହୃଷୀକେଶ ବାଗଙ୍କ ସଭାପତିତ୍ୱରେ ସ୍ୱଚ୍ଛତା ପକ୍ଷ ପାଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷକ ଶ୍ରୀ ବାବୁଲାଲ ଧରୁଆ, ଶ୍ରୀ ସୁଦାମ କନ୍ଧେର, ଶ୍ରୀ ଶୌତମ ଛତର, ଶ୍ରୀ ଡେଜଲିଙ୍ଗ ଦନ୍ତା ଓ ଶ୍ରୀମତୀ ମୌସୁମୀ ପ୍ରଧାନ ସହଯୋଗ କରିଥିଲେ। ସ୍ୱଚ୍ଛତା ପ୍ରତି ସମସ୍ତଙ୍କୁ ସଚେତନ କରିବା ସହ ବିଦ୍ୟାଳୟ ଓ ଏହାର ଆଖପାଖ ପରିବେଶକୁ ପରିଷ୍କାର ରଖିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଆହ୍ୱାନ ଦେଇଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ୱଚ୍ଛତାମୂଳକ କାର୍ଯ୍ୟକ୍ରମ ଜାରି ରହିବ।

# ଖଇରୀଙ୍କ ମୁଣ୍ଡ ଉପରେ ୫ ନାତୁଣୀନାତିଙ୍କ ଭାର

## ଦୁଇମୁଠା ଖାଦ୍ୟ ପାଇଁ କରୁଛନ୍ତି ସଂଘର୍ଷ



**ଜମନକିରା (ଅମୃତ ମିଡିଆ) :** ସମୟ ବଦଳିଲେ ମଣିଷର ଭାଗ୍ୟ ବି ବଦଳିଯାଏ। କିନ୍ତୁ କିଛି ଲୋକଙ୍କ ଜୀବନରେ ଏଭଳି ପରିସ୍ଥିତି ଆସେ, ଯେଉଁଠି ଦୁଃଖ କେବେ ସରେ ନାହିଁ। ଏମିତି ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି ସମ୍ବଲପୁର ଜିଲା ଜମନକିରା ବ୍ଲକ ଫାଶିମାଲ ପଞ୍ଚାୟତର ପୁକୁଡା ଗ୍ରାମରୁ। ଯେଉଁଠି ପରିଣତ ବୟସରେ ଜଣେ ଅସହାୟ ବୃଦ୍ଧା ପାଞ୍ଚ ନାତି ନାତୁଣୀଙ୍କ ଭାର ସମ୍ଭାଳୁଛନ୍ତି। ଖାଇବାକୁ ଦୁଇ ମୁଠା ପାଇଁ ସଂଘର୍ଷ କରୁଥିବା ବେଳେ ପିଲାମାନଙ୍କ ପାଠପଢ଼ା ଓ ପ୍ରତିପୋଷଣର ଦାୟିତ୍ୱ ତାଙ୍କ ମୁଣ୍ଡରେ। ଖଇରୀ ଦେହୁରୀ (୬୨), ପୁକୁଡା ଗ୍ରାମର ଜଣେ ବାସିନ୍ଦା। ଦିନେ ତାଙ୍କର ଏକ ହସଖୁସିର ସଂସାର ଥିଲା। ହେଲେ ଛଅ ବର୍ଷ ତଳେ ଏକମାତ୍ର ପୁଅ ଶ୍ରୀକାନ୍ତ ଦେହୁରୀଙ୍କ ମୃତ୍ୟୁ ପରେ ତାଙ୍କ ଜୀବନର ସବୁ କିଛି ବଦଳିଗଲା। ପୁଅର ମୃତ୍ୟୁ ପରେ ବୋହୂ ସୁଭଦ୍ରା ଦେହୁରୀ ପାଞ୍ଚ ଜଣ ପୁଅଝିଅଙ୍କୁ ଛାଡ଼ି କୁଆଡ଼େ ଚାଲିଗଲେ। ଏହିଭଳି ଏକ ଅସହାୟ ଅବସ୍ଥାରେ ଗୋଟିଏ ନାତି ଓ ଚାରି ନାତୁଣୀଙ୍କ ଦାୟିତ୍ୱ ନେଇଥିଲେ ଖଇରୀ ଓ ତାଙ୍କ ସ୍ୱାମୀ। ଦୁହେଁ ମୂଲ ଲାଗି ପରିବାର ଚଳାଉଥିଲେ। ହେଲେ ଦୁଃଖର ସମୟ କମି ନ ଥିଲା। କିଛି ଦିନ ପରେ ଖଇରୀଙ୍କ ସ୍ୱାମୀଙ୍କର ମଧ ମୃତ୍ୟୁ ହୋଇଗଲା। ଏବେ ପାଞ୍ଚ ନାତି ନାତୁଣୀଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ଏକାକୀ ଖଇରୀଙ୍କ ଉପରେ। ବୟସ ବଢ଼ିବା ସହ ଶରୀର ଆଉ ସାଥ ଦେଉନାହିଁ। ମୂଲ ଲାଗିବାକୁ ଅସମର୍ଥ ଖଇରୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ୨୫ କେଜି ଚାଉଳ ଓ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ହିଁ ଏବେ ଏକମାତ୍ର ଆଶ୍ରା। କିନ୍ତୁ ଏତିକି ସହାୟତାରେ ଏତେ ବଡ଼ ପରିବାର ଚଳାଇବା ଖଇରୀଙ୍କ ପାଇଁ କାଠିକର ପାଠ। ପାଞ୍ଚ ଜଣ ଯାକ ପିଲା ସ୍କୁଲ ଯାଉଛନ୍ତି। ସେମାନଙ୍କ ପାଠପଢ଼ା ଖର୍ଚ୍ଚ ସହ ଖାଦ୍ୟ, ପୋଷାକ ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ଖଇରୀଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଅଭାବ ଅନଟନ ମଧରେ ପାଖ ପଡ଼ୋଶୀଙ୍କ ସହଯୋଗରେ କଷ୍ଟେମଷ୍ଟେ ପରିବାର ଚଳୁଥିବା ସେ କହିଛନ୍ତି। ଏହା କେବଳ ଏକ ପରିବାରର ଦୁଃଖର କାହାଣୀ ନୁହେଁ, ଏହା ପାଞ୍ଚ ଜଣ ନିରୀହ ଶିଶୁଙ୍କ ଭବିଷ୍ୟତ। ଏହି ଅସହାୟ ପରିବାର ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ। ଯଦି ସେମାନଙ୍କୁ ସରକାରୀ ସହାୟତା ମିଳନ୍ତା, ତେବେ ଖଇରୀଙ୍କ ବୋଝ କମିବା ସହ ପିଲାମାନଙ୍କ ଭବିଷ୍ୟତ ବି ସୁରକ୍ଷିତ ହୋଇପାରନ୍ତା। କେବଳ ସରକାର ନୁହେଁ, ବରଂ ସମାଜର ଦାୟିତ୍ୱବାନ ନାଗରିକ ଓ ସଂଗଠନମାନେ ମଧ ଏହି ପରିବାରକୁ ସହାୟତା କରିବା ପାଇଁ ଆଗେଇ ଆସିବା ଉଚିତ୍। ଅସହାୟ ପରିବାରକୁ ସାହା ହେବ କିଏ, ତାହା ଏବେ ବଡ଼ ପ୍ରଶ୍ନ ?

## ଆଖି ନେଇଗଲା ଚକ୍ଷୁ ଚିକିତ୍ସାଳୟ !

# ଅସ୍ତ୍ରୋପଚାର ପରେ କମିଗଲା ଦୃଷ୍ଟିଶକ୍ତି; ଅନ୍ୟର ସାହାରାରେ ବୃଦ୍ଧ ଭଗୀରଥ

**ବାରିପଦା(ଅମୃତମିଡିଆ):** ରାସଗୋବିନ୍ଦପୁର ବ୍ଲକ ରଙ୍ଗାମାଟିଆସ୍ଥିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରରେ ଲୋକଙ୍କ ଚିକିତ୍ସା ଖାମଖିଆଲି ନୀତିରେ ଚାଲୁଥିବାରୁ ରୋଗୀମାନେ ଚିକିତ୍ସିତ ହୋଇ ଭଲ ହେବା ପରିବର୍ତ୍ତେ ଦୁର୍ବିଷହ ଜୀବନ ବିତାଉଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଚକ୍ଷୁ ଚିକିତ୍ସାଳୟର ଭ୍ୟାନ ବର୍ଷ ତମାମ ବିଭିନ୍ନ ବ୍ଲକର ଗାଁକୁ ଗାଁ ବୁଲି ରୋଗୀଙ୍କୁ ଡାକ୍ତରଖାନାକୁ ଆଣି ଚିକିତ୍ସା କରନ୍ତି। କିନ୍ତୁ ଉକ୍ତ ଚିକିତ୍ସା ଲୋକ ଦେଖାଣିଆ ଏବଂ ଲୋକଙ୍କୁ ଜୋରଜବରଦସ୍ତ ଆଖି ଅସ୍ତ୍ରୋପଚାର କରନ୍ତି ବୋଲି ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ, ମୋରଡା ବ୍ଲକ ଅଧୀନ ଚିତ୍ରଡା ଏନଏସି ଅନ୍ତର୍ଗତ ହଳଦୀପାଳ ଗ୍ରାମର ବୃଦ୍ଧ ଭଗୀରଥ ବେହେରାଙ୍କୁ ଉକ୍ତ ଡାକ୍ତରଖାନାର ଜଣେ ମହିଳା କର୍ମଚାରୀ ଘରେ ପହଞ୍ଚି ଆଖି ଭଲ କରିଦେବେ କହି ଡାକ୍ତରଖାନାକୁ ନେଇଥିଲେ। ତେବେ ଭଗୀରଥଙ୍କ ପୁଅ ଘରେ ନ



ଥିବା ସମୟରେ ଜୋରଜବରଦସ୍ତ ଘରୁ ଆଧାରକାର୍ଡ ନେଇ ତାଙ୍କର କେବଳ ଆଖି ଟେଷ୍ଟ କରାଯିବ, ଅପେରସନ ହେବ ନାହିଁ ବୋଲି କହି ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପରେ ପରିସ୍ଥିତି ଭିନ୍ନ ଥିଲା। ଡାକ୍ତରଖାନାରେ ଭଗୀରଥଙ୍କୁ ପାଗଳ କହି ଜୋରଜବରଦସ୍ତ ଆଖି ଅପରେସନ କରାଗଲା। ତେବେ ଅସ୍ତ୍ରୋପଚାର ପରେ ଆଖି ଭଲ ହେବା ବଦଳରେ ଭଗୀରଥଙ୍କ ଦୃଷ୍ଟିଶକ୍ତି ଏତେ କମିଛି ଯେ, ସେ ନିଜେ କୁଆଡେ ଏକାକୀ ଯାଇପାରୁ ନାହାନ୍ତି। ଆଶାବାଡ଼ି ଭଳି ତାଙ୍କ ସହିତ କେହି ଜଣେ ଦରକାର। ଏହାକୁ ନେଇ ସେ ସମ୍ପୂର୍ଣ ଭାଙ୍ଗି ପଡିଛନ୍ତି। ତେବେ ଘଟଣାକୁ ନେଇ ଭଗୀରଥ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାକୁ ନେଇ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ଘଟଣାର ସଠିକ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

## ସାହାରପଡ଼ା ବ୍ଲକରେ ଏନ୍‌ଡିଆରଏଫ୍‌ର ସଚେତନତା ଶିବିର ଓ ମକ୍ ଡ୍ରିଲ୍

# ବିପର୍ଯ୍ୟୟ ପୂର୍ବରୁ ସଚେତନତା ହିଁ ସୁରକ୍ଷାର ମୂଳମନ୍ତ୍ର

**ବାରିପଦା /ସାହାରପଡ଼ା (ଅମୃତମିଡିଆ):** ପ୍ରାକୃତିକ ବିପର୍ଯ୍ୟୟ



ସମୟରେ କିପରି ନିଜ ଜୀବନ ଓ ସମ୍ପତ୍ତିକୁ ସୁରକ୍ଷିତ ରଖା ଯାଇ ପାରିବ, ସେନେଇ ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନ୍‌ଡିଆରଏଫ୍) ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ସଚେତନତା ଶିବିର ଓ ମକ୍ ଡ୍ରିଲ୍ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ସଭାଗୃହରେ ଏକ ବିଶେଷ ବିପର୍ଯ୍ୟୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଏନ୍‌ଡିଆରଏଫ୍ ଟିମ୍‌ର କମାଣ୍ଡୋ ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସମେତ ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବିପର୍ଯ୍ୟୟ ସମୟରେ ଆପତ୍କାଳୀନ ପରିସ୍ଥିତିର ମୁକାବିଲା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସାହାରପଡା ବିଡିଓ ରଣଜିତ କୁମାର ମହାନ୍ତ, ବ୍ଲକ ଅଧକ୍ଷା ରିନା ନାଏକ ଓ ଏବିଡିଓ ରଶ୍ମିରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରେ ବନ୍ୟା, ବାତ୍ୟା, ବଜ୍ରପାତ ଓ ଅଗ୍ନିକାଣ୍ଡ ଭଳି ବିଭିନ୍ନ ପ୍ରାକୃତିକ ତଥା ଆକସ୍ମିକ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିବାକୁ ହେବ, ସେନେଇ ଛାତ୍ରଛାତ୍ରୀ ଓ ଉପସ୍ଥିତ ଲୋକଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ବିଶେଷକରି ବନ୍ୟା ସମୟରେ ଘରେ ଥିବା ଖାଲି ପ୍ଲାଷ୍ଟିକ ବୋତଲ, ଜାର୍କିନ୍ ଓ ବାଉଁଶ ଭଳି ସହଜରେ ଉପଲବ୍ଧ ସାମଗ୍ରୀ ବ୍ୟବହାର କରି କିପରି ଅସ୍ଥାୟୀ ଭାସମାନ ସୁରକ୍ଷା ଉପକରଣ ଓ ଲାଇଫ୍ ଜ୍ୟାକେଟ୍ ପ୍ରସ୍ତୁତ କରାଯାଇ ପାରିବ, ତାହାର ପ୍ରଦର୍ଶନ କରାଯାଇଥିଲା। ସେହିପରି ବଜ୍ରପାତ ସମୟରେ ଖୋଲା ପଡ଼ିଆ, ଗଛ ତଳେ କିମ୍ବା ବିଦ୍ୟୁତ ଖୁଣ୍ଟ ନିକଟରେ ନ ରହି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବା ସମ୍ପର୍କରେ ସଚେତନ କରାଯାଇଥିଲା। ଅଗ୍ନିକାଣ୍ଡ ସମୟରେ ଗ୍ୟାସ ସିଲିଣ୍ଡର ଓ ଅନ୍ୟାନ୍ୟ ଦାହ୍ୟ ସାମଗ୍ରୀକୁ କିପରି ସୁରକ୍ଷିତ ଭାବେ ନିୟନ୍ତ୍ରଣ କରାଯିବ ଏବଂ ପ୍ରାଥମିକ ଅଗ୍ନି ନିର୍ବାପନ ପଦ୍ଧତି ସମ୍ପର୍କରେ ମଧ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ବହୁ ସଂଖ୍ୟକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଯୋଗଦେଇ ଏନ୍‌ଡିଆରଏଫ୍ ଟିମ୍‌ର ପ୍ରଦର୍ଶନ ଓ ପ୍ରଶିକ୍ଷଣକୁ ମନୋଯୋଗ ସହକାରେ ଅନୁଧ୍ୟାନ କରିଥିଲେ। ବିପର୍ଯ୍ୟୟ ସମୟରେ ଭୟଭୀତ ନହୋଇ ସଚେତନତା ଓ ପ୍ରାଥମିକ ଜ୍ଞାନର ସହାୟତାରେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ ବୋଲି ଏନ୍‌ଡିଆରଏଫ୍ ପକ୍ଷରୁ କୁହାଯାଇଥିଲା।

## ଗଛରୁ ନଡ଼ିଆ ପଡ଼ି ଛାତ୍ର ମୃତ

**ବାରିପଦା(ଅମୃତମିଡିଆ):** ବାରିପଦା ସହର ମଧୁବନ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗଛରୁ ନଡ଼ିଆ ଖସି ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡରେ ପଡିବାରୁ ତା'ର ଅକାଳରେ ଜୀବନ ଦୀପ ଲିଭିଯାଇଛି। ମଧୁବନ ତଳସାହି ଅଞ୍ଚଳର ଅଜୟ ପାତ୍ରଙ୍କ ୧୧ ବର୍ଷର ପୁଅ ବାଦଲ ରିଲିଫ ଖାଦ୍ୟ ନେଇ ଘରକୁ ଫେରିବା ସମୟରେ ଏହି ଦୁଃଖଦ ଘଟଣା ଘଟିଛି । ଅଜୟଙ୍କ କହିବା ଅନୁଯାୟୀ ବନ୍ୟାରେ ତାଙ୍କ ଘରଟି ବୁଡିଯାଇଥିବାରୁ ମଙ୍ଗଳବାର ଦିନ ତାଙ୍କ ପୁଅ ମଧୁବନ ବିଦ୍ୟାଳୟରେ ବଣ୍ଟନ ହେଉଥିବା ରିଲିଫ ଖାଦ୍ୟ ଧରି ଫେରିବା ବାଟରେ ଗଛରୁ ଏକ ନଡ଼ିଆ ତା' ମୁଣ୍ଡରେ ପଡିଥିଲା । ଘରେ ତା'ର ମୁଣ୍ଡ ଯନ୍ତ୍ରଣା ହେଉଥିବା ନେଇ ତାଙ୍କୁ ଜଣାଇଥିଲେ । ଯନ୍ତ୍ରଣା ଅଧିକ ହେବାରୁ ଆଜି ସକାଳେ ତାକୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲକୁ କଲେଜ ଚିକିତ୍ସା ନିମନ୍ତେ ନିଆ ଯାଇଥିଲା। ତେବେ ଦିନ ୧୧ ଟା ସମୟରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି

## ସର୍ପାଘାତରେ ମହିଳା ମୃତ

**ବାରିପଦା(ଅମୃତମିଡିଆ):** ବିଶୋଇ ବ୍ଲକର ମହୁ ଭଣ୍ଡାର ଗ୍ରାମରେ ଜନୈକା ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମହୁ ଗ୍ରାମର ଶୁକରାମ ବିନ୍ଧାଣୀ ଏବଂ ତାଙ୍କ ପତ୍ନୀ ମଇନି (୪୫) ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲେ । ହଠାତ୍ ତାଙ୍କୁ ସାପ କାମୁଡ଼ିଲା ବୋଲି ମଇନି ଚିତ୍କାର କଲେ। ପରେ ମଇନିଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିଶୋଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି

## ଦୁର୍ଘଟଣାରେ ଆହତ ଭାଇ ଭଉଣୀଙ୍କୁ ଉଦ୍ଧାର କଲେ ବିଧାୟକ

**ବାରିପଦା(ଅମୃତମିଡିଆ):** ଠାକୁରମୁଣ୍ଡା-ଉଦଳା ରାସ୍ତାର ଭଦୁବେଡା ନିକଟ ପୋଲ ପାଖରେ ରାସ୍ତାରେ ଥିବା ବଡ ଗାତରେ ଭାରସାମ୍ୟ ହରାଇ ସ୍କୁଟିରୁ ପଡି ଭାଇ-ଭଉଣୀ ଗୁରୁତର ଆହତ ହୋଇଛନ୍ତି।



ମିଳିଥିବା ସୂଚନା ଅନୁସାରେ, ନୋଟ ପଞ୍ଚାୟତ ହଳଦିସାହିର ସୁମିତ୍ରା ବଦ୍ରା (୨୨) ଏବଂ ତାଙ୍କ ଭାଇ ଚମ୍ପାଇ ବଦ୍ରା (୧୩) ସ୍କୁଟି ନେଇ ଉଦଳାକୁ ସର୍ଭିସିଂ ପାଇଁ ଯାଇଥିଲେ। ସେଠାରୁ ଫେରି କେଶଡିହା ସ୍ଥିତ କକା ଘରକୁ ଯାଉଥିବା ବେଳେ ଭଦୁବେଡା ପୋଲ ପାଖରେ ରାସ୍ତାର ଗାତରେ ସ୍କୁଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଉଭୟ ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଏହି ସମୟରେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବୁରୁ ଶରତରୁ ଠାକୁରମୁଣ୍ଡା ଅଭିମୁଖେ ଆସୁଥିଲେ। ରାସ୍ତା କଡରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଭାଇ-ଭଉଣୀଙ୍କୁ ଦେଖି ସେ ତୁରନ୍ତ ନିଜ କାରରେ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରାଇଥିଲେ। ବର୍ତ୍ତମାନ ଉଭୟ ସେଠାରେ ଚିକିତ୍ସାଧୀନ ଅଛନ୍ତି। ବିଧାୟକଙ୍କ ଏଭଳି ମାନବିକତାକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ଏସ୍‌ପି ପାହ୍ୟାକୁ ପଦୋନ୍ନତି ହେଲେ କରଞ୍ଜିଆର ରଣଜିତ କୁମାର ପୃଷ୍ଟି

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** ରାଜ୍ୟ ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଚିଠି ନଂ. ୩୧୫୦୮/୦୧. ୦୯.୨୦୨୬ ଅନୁସାରେ କଟକର ଅତିରିକ୍ତ ଡିସିପି ରଣଜିତ୍ କୁମାର ପୃଷ୍ଟିଙ୍କୁ ଆରକ୍ଷୀ ଅଧୀକ୍ଷକ(ଏସପି)ପଦବୀକୁ ପଦୋନ୍ନତି ମିଳିଛି। ଶ୍ରୀ ପୃଷ୍ଟି ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଓ ଏରସମା ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ । ସେହି ସମୟରେ ୧୯୯୯ ମସିହାର ମହାବାତ୍ୟା ବେଳେ ଉତ୍କୃଷ୍ଟ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇଥିଲେ । ଏହାପରେ ସେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ ଭାବେ ଦକ୍ଷତାର ସହିତ ଦାୟିତ୍ୱ ତୁଲାଇ ଥିଲେ। ପ୍ରକାଶ ଥାଉ କି, ଧୁଷୁରୀ(ଭଦ୍ରକ) ଥାନାରେ ଅବସ୍ଥାପିତ ଥିବା ସମୟରେ ୨୦୦୭ ମସିହାର ରାଜ୍ୟର ସର୍ବଶ୍ରେଷ୍ଠ ଥାନାଧିକାରୀ



ଭାବେ ରାଜ୍ୟପାଳ ପଦକ ହାସଲ କରିଥିଲେ । ୨୦୦୮ ମସିହାରେ ଶ୍ରୀ ପୃଷ୍ଟି ଇନ୍‌ସପେକ୍ଟର ପଦବୀକୁ ପଦୋନ୍ନତି ପାଇ କଟକ ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନାର ଆଇଆଇସି ଭାବେ ସୂଚାରୁ ରୂପେ କାର୍ଯ ସଂପାଦନ କରିଥିଲେ। ୨୦୧୭ ମସିହାରେ ସେ ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇଥିଲେ । ପୁନଶ୍ଚ, ୨୦୨୩ ମସିହାରେ ଆଡିସନାଲ୍ ଏସ୍‌ପି ପଦବୀକୁ ପଦୋନ୍ନତି ପାଇ ଛତ୍ରପୁରଠାରେ ଅବସ୍ଥାପିତ ହୋଇଥିଲେ। ୨୦୨୫ ମସିହାରେ ତାଙ୍କର କମିଶନରେଟ୍ ପୋଲିସ୍‌କୁ ଆଡିସନାଲ୍ ଆଡିସନାଲ ଡିସିପି ଭାବେ ବଦଳି ହୋଇଥିଲା । ଏବେ ସେ ଏସ୍‌ପି ଭାବେ କଟକ କମିଶନରେଟ ପୋଲିସ୍‌ରେ ହିଁ କାର୍ଯଭାର ତୁଲାଇବେ । ତାଙ୍କ ନିଜ ଘର କରଞ୍ଜିଆ ରଜାବନ୍ଧ ସାହିରେ। ଶ୍ରୀ ପୃଷ୍ଟି କରଞ୍ଜିଆ ଅଂଚଳର ପ୍ରଥମ ଏସ୍‌ପି ହୋଇଥିବାରୁ ଏଠାରେ ଆନନ୍ଦର ଲହରୀ ଖେଳି ଯାଇଛି । ତାଙ୍କର ସବା ବଡ଼ ଭାଇ ହେଉଛନ୍ତି କର୍ଣ୍ଣେଲ ସନ୍ତୋଷ କୁମାର ପୃଷ୍ଟି । ଆଉ ଅନ୍ୟ ଦୁଇ ଭାଇ ହେଲେ ଅବସରପ୍ରାପ୍ତ ଅଧାପକ ହଳଧର ପୃଷ୍ଟି ଓ ଅବସରପ୍ରାପ୍ତ ଜିଲ୍ଲା କୋଷାଗାରାଧିକାରୀ ଶତଘ୍ନ ପୃଷ୍ଟି ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାରିପଦା (ଅମୃତମିଡିଆ):** ରାଧାରାଣୀ ଓ



ଦୟାଭାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷୟିତ୍ରୀ ମିନତୀ ରଥ ଅଧିକାରୀଙ୍କ ଉଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୂର୍ବତନ ସଭାପତି ରାଜକିଶୋର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ କିଙ୍କର ଦତ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ମହାନ୍ତ, ପ୍ରଦୀପ ଲେଙ୍କା, ପ୍ରଦୀପ କୁମାର ଦେ ଏବଂ ସୁକାନ୍ତି ମହାପାତ୍ର ଅତିଥି ଭାବରେ ଯୋଗଦେଇ ଶ୍ରୀମତୀ ରଥ ଅଧିକାରୀଙ୍କ ଦୀର୍ଘ ବର୍ଷର ନିଷ୍ଠାପର ସେବା, କର୍ତ୍ତବ୍ୟ ପରାୟଣତା ନେଇ ଆଲୋଚନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ସରୋଜ କୁମାର ଦାସ ଏବଂ ଶିକ୍ଷୟିତ୍ରୀ ରୁନି ମହାପାତ୍ର ମୀନା କୁମାରୀ ବେହେରା, ସସ୍ମିତା ପାଣିଗ୍ରାହୀ, ସବିତା ରାମ, ଶିବାନୀ ଦାସ, ସୁରୁବାଳି ସର୍ଦ୍ଦାର ସଭା ପରିଚାଳନା କରିଥିଲେ । ଏହି ଅବସରରେ ଶ୍ରୀମତୀ ରଥ ଅଧିକାରୀଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶିକ୍ଷୟିତ୍ରୀ ପଲ୍ଲବୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଦୁଇ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧନା





**ବାରିପଦା(ଅମୃତମିଡିଆ):** ଇଟରନିଟୀ ଆନ୍ତରାଷ୍ଟ୍ରୀୟ ସଂଗଠନ, ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ଓଡିଶାର ବିଶିଷ୍ଟ ପ୍ରଚ୍ଛଦପଟ୍ଟ ଗାୟକ ଓ କିମ୍ବଦନ୍ତୀ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ସନ୍ଧ୍ୟାରେ ମୟୁରଭଞ୍ଜ ର ଦୁଇ ପ୍ରସିଦ୍ଧ ଓଡିଶୀ ନ ?ତ୍ୟଶିଳ୍ପୀ ଶୁଭଦୀପ୍ତୀ ଶତପଥୀ ଓ ଆକାଂକ୍ଷା ପ୍ରୀୟଦର୍ଶିନୀ ସମ୍ବର୍ଦ୍ଧିତ ହେକ୍ଷଇଛନ୍ତି କ୍ଷ ଅନୁଷ୍ଠାନ ତରଫରୁ ସ୍ୱର୍ଗତ ପଟ୍ଟନାୟକଂକୁ ଶ୍ରଦ୍ଧାଞ୍ଜଳି ଦେବାବସରରେ ସ୍ୱତନ୍ତ୍ର ଭାବେ ଆୟୋଜିତ ଅନ୍ୟ ଏକ ଉତ୍ସବରେ ଇଟରନିଟୀ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଇଟରନିଟୀ ଅନ୍ତରାଷ୍ଟ୍ରୀୟ ଇଂରାଜୀ ପତ୍ରିକାର ସଂପାଦକ ହରେକୃଷ୍ଣ ମହାନ୍ତ ସେମାନଙ୍କୁ ଉତ୍ତରୀୟ ଓ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧୀତ କରିଛନ୍ତି କ୍ଷ ଏହି ଉତ୍ସବରେ ବିଗତ ଦିନ ଓଡିଆ ସିନେମାର ସୁବର୍ଣ୍ଣ ଯୁଗର ମହାନ୍ ଗାୟକ ଓଡିଶାର ଗର୍ବ ଓ ଗୌରବ ପ୍ରଣବ ପଟ୍ଟନାୟକଂକୁ ଭାରତ ସରକାର ମରଣୋତ୍ତର ପଦ୍ମଶ୍ରୀ ପୁରସ୍କାର ଦିଅନ୍ତୁ ବୋଲି ମତ ପ୍ରକାଶ ପାଇଥିଲା ।

## ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଶ୍ରମିକ

**ବାରିପଦା(ଅମୃତମିଡିଆ):** ପେଟ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଜଣେ ଶ୍ରମିକ। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେନ୍ଦୁଝିଆଣି ପଞ୍ଚାୟତ ସାରୁବିଲ ଗ୍ରାମରେ। ମୃତକ ହେଲେ ସେହି ଗ୍ରାମର ଭୁଣ୍ଡା ହୋ'ଙ୍କ ପୁଅ ନନ୍ଦିଆ ହୋ (୪୪)। ସେ ଚେନ୍ନାଇରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କାମ କରୁଥିବା ସମୟରେ ତାଙ୍କ ଦେହ ଅସୁସ୍ଥ ହୋଇଯାଇଥିଲା। ପାଖରେ କାମ କରୁଥିବା ସମ୍ପର୍କୀୟ ଭିଣୋଇଙ୍କ ସହ ସେ ଘରକୁ ଫେରୁଥିଲେ। ଫେରିବା ବେଳେ ଗତ ୨୮



ଅଗଷ୍ଟ ଶୁକ୍ରବାର ରାତି ପ୍ରାୟ ୧୦ ଟା ସମୟରେ ଟ୍ରେନରେ ତାଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ତାଙ୍କୁ ଏକ ଷ୍ଟେସନରେ ଓହ୍ଲାଇ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେଷରେ ଠାକୁରମୁଣ୍ଡା ଡ୍ରାଇଭର ମହାସଂଘ ସଦସ୍ୟ ଗୋପବନ୍ଧୁ ମହାନ୍ତ, ଐଜଉର ଇଣ୍ଡିଆର ରାଜ୍ୟ ସଭାପତି ସୋମନାଥ ନାୟକ ଏବଂ ଜାତୀୟ କାର୍ଯ୍ୟକାରୀ ସଭାପତି ଦୁଃଖବନ୍ଧୁ ବିଶ୍ୱାଳ ଏବଂ ଶ୍ରମ ଅଧିକାରୀଙ୍କ ସହଯୋଗରେ ୪ ଦିନ ପରେ ତାଙ୍କ ମରଶରୀର ନିଜ ଜନ୍ମମାଟି ସାରୁବିଲରେ ପହଞ୍ଚିଛି। ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଅସହାୟ ବୃଦ୍ଧା ଓ ନାତିଙ୍କୁ ଉଦ୍ଧାର କଲା ଶିଶୁ ସୁରକ୍ଷା ୟୁନିଟ୍

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀ ପଞ୍ଚାୟତର ମାଳିହାତୀ ଗ୍ରାମରୁ ଏକ ଅତ୍ୟନ୍ତ ସଂବେଦନଶୀଳ ଓ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଜଣେ ଅସହାୟ, ଶଯ୍ୟାଶାୟୀ ବୃଦ୍ଧା ଓ ତାଙ୍କ ନାତିଙ୍କ ଶୋଚନୀୟ ପରିସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇ ବାରିପଦା ସ୍ଥାନାନ୍ତର କରାଯାଇଛି । ସୂଚନା ମୁତାବକ ମାଳିହାତୀ ଗ୍ରାମର ଲକ୍ଷ୍ମି ହାଁସଦାଙ୍କ ସ୍ୱାମୀ ପ୍ରାୟ ୩୦ ବର୍ଷ ପୂର୍ବେ ଆରପାରିକୁ ଚାଲିଯିବା ପରେ ସେ ନିଜ ଦୁଇ ପୁଅଙ୍କୁ ଧରି କଷ୍ଟେମଷ୍ଟେ ଚଳି ଆସୁଥିଲେ । ତେବେ ୫ ବର୍ଷ ତଳେ ବଡ଼ ପୁଅର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ବୋହୂ ନିଜ ଦୁଇ ଶିଶୁ ସନ୍ତାନଙ୍କୁ ଛାଡ଼ି ଅନ୍ୟତ୍ର ବିବାହ କରି ଚାଲିଯାଇଥିଲେ। ଲକ୍ଷ୍ମି ନିଜ ଦୁଇ ନାତିଙ୍କ ସହ ଏକ ମାଟି ଘରେ ରହୁଥିଲେ । ମାତ୍ର ଲଗାଣ ବର୍ଷା ଯୋଗୁଁ ଘରଟି ଭାଙ୍ଗିଯାଇଥିଲା । ଏବେ ଲକ୍ଷ୍ମି ଶଯ୍ୟାଶାୟୀ । ଭଙ୍ଗା ହାତ ବଙ୍କା ହୋଇ ଯୋଡ଼ି ରହିଛି । ଆଣ୍ଠୁଗଣ୍ଠି ବ୍ୟଥା ହୋଇଥିବାରୁ ସେ ଚାଲିବୁଲି ପାରୁନାହାନ୍ତି । ଖାଇବା ଓ ପିନ୍ଧିବା ପାଇଁ ମଧ୍ୟ ତାଙ୍କ ପାଖରେ କିଛି ନାହିଁ। ସମ୍ପର୍କୀୟ ଘରୁ ବାସହୀନ ହେବା ପରେ ଲକ୍ଷ୍ମି ନିଜ ସାନ ନାତିଙ୍କୁ ଧରି ସ୍ଥାନୀୟ ସାମ୍ବାଦିକ ତାପସ ନାୟକଙ୍କ ଅଫିସ ପିଣ୍ଡାରେ ବିଗତ ୫ ଦିନ ଧରି ରହୁଥିଲେ । ଘଟଣା ବିଷୟରେ ଜାଣିବା ପରେ ବଡ଼ସାହି ବିଡିଓ ବନଜା ଦାସ ଏବଂ ତହସିଲଦାର ବିଶ୍ୱନାଥ ବିଶ୍ୱାଳ ତୁରନ୍ତ ସାହାଯ୍ୟର ହାତ ବଢ଼ାଇଥିଲେ । ପ୍ରଶାସନ ପକ୍ଷରୁ ତୁରନ୍ତ ତମ୍ବୁ ଏବଂ ଖାଦ୍ୟ ସାମଗ୍ରୀ ପହଞ୍ଚାଯାଇଥିଲା । ବିଡିଓଙ୍କ ନିର୍ଦ୍ଦେଶରେ ବ୍ଲକ ସ୍ତରୀୟ ଟିମ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଆଧାର କାର୍ଡ ନଥିବାରୁ ବୃଦ୍ଧା ଜଣକ ସରକାରୀ ସୁବିଧାରୁ ବଞ୍ଚିତ ଥିବା ଜଣାପଡ଼ିଥିଲା । ସ୍ଥାନୀୟ ସରପଞ୍ଚ ସାବିତ୍ରୀ ସିଂ ଏବଂ ନାଏବ ସରପଞ୍ଚ ଅଜିତ କୁମାର ପଣ୍ଡା ତାଙ୍କ ପାଇଁ ପକ୍କା ଘର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା ଓ ପୁଷ୍ଟିକର ଆହାର ପ୍ରତି ଧ୍ୟାନ ଦେଇ ତହସିଲଦାର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମଚାରୀ ମାନେ ଗାଁରେ ପହଞ୍ଚି ଅସୁସ୍ଥ ବୃଦ୍ଧା ଓ ତାଙ୍କ ନାତି ସତ୍ୟମଙ୍କୁ ଉଦ୍ଧାର କରି ବାରିପଦା ସ୍ଥାନାନ୍ତର କରିଛନ୍ତି । ଡିସିପିଓ ମମତା ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ପ୍ରଥମେ ବୃଦ୍ଧା ମହିଳାଙ୍କ



ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯିବ । ସେ ସୁସ୍ଥ ହେବା ପରେ ତାଙ୍କୁ ଓ୍ୱାନ-ଷ୍ଟପ ସେଣ୍ଟରରେ ରଖାଯିବ । ନାତି ସତ୍ୟମ ହାଁସଦାଙ୍କୁ ତୁରନ୍ତ ଏକ ବାଳାଶ୍ରମରେ ରଖାଯିବା ସହ ତାଙ୍କ ପାଠପଢ଼ା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଗାଁରେ ଥିବା ଅନ୍ୟ ଅନାଥ ଓ ଅବହେଳିତ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଶିଶୁ କଲ୍ୟାଣ କମିଟି, ପୋଲିସ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ସହମତିରେ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

## ଚିପଟଅସ୍ତିଆଠାରୁ ବୁଢ଼ାରାଉଳ ମଠ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ

**ବାରିପଦା(ଅମୃତମିଡିଆ):** ଚିପଟ ଅସ୍ତିଆ ଗ୍ରାମ ପି.ଡବ୍ଲ୍ୟୁ.ଡି. ରାସ୍ତା ଠାରୁ ଦୁର୍ଗାପୁର ଗାଁ ଦେଇ ଐତିହାସିକ ବୁଢାରାଉଳ ମଠ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ତଥା ଏକମାତ୍ର ରାସ୍ତାଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ୨୦୧୩ ମସିହା ଫାଇଲିନ ବେଳେ ବୁଢାବଳଙ୍ଗ ଓ ନିପଟ ନଦୀର ବନ୍ୟାଜଳ ଦ୍ୱାରା ବାରିପଦା ସହରର ଅର୍ଦ୍ଧାଧିକ ଅଂଶ ସହିତ ଏହି ଗାଁ ଗୁଡିକ ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା । ବୁଢାରାଉଳ ମଠ ସମ୍ପୂର୍ଣ୍ଣ ବନ୍ୟାଜଳରେ ବୁଡି ଯାଇଥିଲା । ସେହିଦିନ ଠାରୁ ଉକ୍ତ ରାସ୍ତାଟିର ସ୍ଥାୟୀ ନିର୍ମାଣ ବା ମରାମତି ହୋଇ ନଥିବାରୁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି କରୁଛି । ଏହାର ପୁନଃ ନିର୍ମାଣପାଇଁ ଗ୍ରାମବାସୀ ତଥା ଏହି ରାସ୍ତା ଦେଇ ପ୍ରତିଦିନ ବୁଢାରାଉଳ ମଠ ଏବଂ ସତସଙ୍ଗ ବିହାରକୁ ଯାତାୟତ କରୁଥିବା ବହୁ ଭକ୍ତ ଗଣ ଶ୍ୟାମାଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହିଯନ୍ତ୍ରୀ ଙ୍କ ନିକଟରେ ବାରମ୍ବାର ଗୁହାରି ଜଣାଇବା ସତ୍ତ୍ୱେ ଏହାର ପୁନର୍ନିର୍ମାଣ କରାଯାଇ ପାରି ନାହିଁ । ସେହିପରି



ରାସ୍ତାର ଡ୍ରେନେଜ ବ୍ୟବସ୍ଥା ମଧ ନଥିବାରୁ ବର୍ଷା ହେଲେ ଉପର ପଟୁ ଆସୁଥିବା ନର୍ଦ୍ଦମା ପାଣି ବର୍ତ୍ତମାନ ରାସ୍ତା ଉପରେ ଅବିରତ ଚାଲୁଛି । ଫଳରେ ବୁଢା ରାଉଳ ମଠ ଏବଂ ସତସଙ୍ଗ ବିହାର କୁ ନିତିଦିନ ଯାଇଥିବା ଶହ ଶହ ଭକ୍ତ ଉକ୍ତ ଅଳିଆ ତଥା ଦୂଷିତ ପାଣି ମାଡି ଯିବାକୁ ପଡୁଛି । ରାସ୍ତାରେ ଖାଲ ଖମା ହେବା ସହ ପାଣି ଜମି ରହୁଥିବାରୁ ଉକ୍ତ ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ମଧ ଘଟୁଛି । ଏଣୁ ଉକ୍ତ ରାସ୍ତାକୁ ତୁରନ୍ତ ନିର୍ମାଣ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ଗ୍ରାମବାସୀ ତରୁଣ କୁମାର ସାହୁ, ଗୌରହରି ପତ୍ର, ମଙ୍ଗୁଲୁ ବାରିକ, ଜଗନ୍ନାଥ ସାହୁ, ଶାନ୍ତନୁ ନାଏକ, ହାଡିବନ୍ଧୁ ବେହେରା, ଭାଗିରଥୀ ରାଉତ ପ୍ରମୁଖ ଦାବୀ ଜଣାଇଛନ୍ତି ।

## ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ



**ବାରିପଦା(ଅମୃତମିଡିଆ):** ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ରାଇରଙ୍ଗପୁର ପିସିଏମ୍ କଲ୍ୟାଣ ମଣ୍ଡପ ପରିସରରେ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ମହାସମାରୋହରେ ପାଳନ କରାଯାଇଛି। ପୂର୍ବାହ୍ନରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବାମନଘାଟୀ ଉପଖଣ୍ଡର ୭ଟି ବ୍ଲକର ଓଡ଼ିଶା ଡ୍ରାଇଭର ସଂଘର ସଦସ୍ୟମାନେ ଚାଲି ଚାଲି ଜଗନ୍ନାଥ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା ସହ ଜଗନ୍ନାଥ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ । ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ରାଇରଙ୍ଗପୁର ସହର ପରିକ୍ରମା କରି ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପହଞ୍ଚି ଥିଲେ । ଡ୍ରାଇଭର ଏକତା ଜିନ୍ଦାବାଦ, ଓଡ଼ିଶା ଡ୍ରାଇଭର ମହାସଂଘ ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ । ସେମାନଙ୍କର ମୁଖ୍ୟ ଦାବି ସରକାର ସବୁ ଦିବସକୁ ମାନ୍ୟତା ଦେଉଥିବାବେଳେ ସେପ୍ଟେମ୍ବର ପହିଲାକୁ ସରକାର ରାଷ୍ଟ୍ରୀୟ ଡ୍ରାଇଭର ଦିବସ ମାନ୍ୟତା ଦିଅନ୍ତୁ । ରାଇରଙ୍ଗପୁର ଡ୍ରାଇଭର ସଂଘର ସଭାପତି ଅମୂଲ୍ୟ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମୟୂରଭଂଜ ଜିଲ୍ଲା ସଭାପତି ବିଜୟ ଦାସ, କୋଷାଧକ୍ଷ ପାର୍ଥ ସାରଥି ମହାନ୍ତ, ବିନୋଦ ଲୋହାର, ଡାକ୍ତର ଛାମୁଣ୍ଡିଆ ସମେତ ଶତାଧିକ ଡ୍ରାଇଭର ଯୋଗ ଦେଇଥିଲେ । ଜିଲ୍ଲା ସଭାପତି ବିଜୟ ଦାସ କହିଥିଲେ, ଦେଶର ଅର୍ଥନୀତି ବିକାଶରେ ଡ୍ରାଇଭରମାନଙ୍କ ଭୂମିକା ଅବର୍ଣ୍ଣନୀୟ । ସେମାନଙ୍କର ଦାବି ଜାତୀୟ ରାଜପଥରେ ବିଶ୍ରାମ ଘର, ଟ୍ରମା ସେଣ୍ଟର,ଡ୍ରାଇଭର ଦିବସ ମାନ୍ୟତା, ପେନସନ୍ ବ୍ୟବସ୍ଥା ଏବଂ ସାମାଜିକ ସୁରକ୍ଷା ସେମାନଙ୍କୁ ଦିଆଯାଉ ।ଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ପାଳିତ ।

## କଳାପଥର ଜଙ୍ଗଲରେ ଚଢ଼ାଉ; ୯୦୦ କେଜି ମହୁଲ ପୋଚ ନଷ୍ଟ, ୨୦ ଲିଟର ଦେଶୀ ମଦ ଜବତ



**ବାରିପଦା(ଅମୃତମିଡିଆ):** ଅବୈଧ ଦେଶୀ ମଦ ପ୍ରସ୍ତୁତି ବିରୋଧରେ ଯଶୀପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୯୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଏଥିସହ ୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଯଶୀପୁର ଥାନା ଅନ୍ତର୍ଗତ କାଳାପଥର ଜଙ୍ଗଲ ଅଞ୍ଚଳରେ ଅବୈଧ ଭାବେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ନେଇ ସୂଚନା ପାଇବା ପରେ ଯଶୀପୁର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସେଠାରେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ପ୍ରାୟ ୯୦୦ କେଜି ମହୁଲ ପୋଚ ଠାବ କରାଯାଇଥିଲା। ପୋଲିସ ପକ୍ଷରୁ ଘଟଣା ସ୍ଥଳରେ ଏହାକୁ ନଷ୍ଟ କରାଯିବା ସହ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାକୁ ନେଇ ଯଶୀପୁର ଥାନାରେ କେସ୍ ନମ୍ବର ୨୯୫/୨୬ ମୂଳେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଯଶୀପୁର ଥାନା ଅଧିକାରୀ ରାଜେଶ କୁମାର ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିବା ର ଜଣାପଡ଼ିଛି। ଅବୈଧ ମଦ ପ୍ରସ୍ତୁତି ଓ ବିକ୍ରି ବିରୋଧରେ ଆଗାମୀ ଦିନରେ ମଧ ଚଢ଼ାଉ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

## ॥ ୧୫୬ ଦିନରେ ନୀରବ ସତ୍ୟାଗ୍ରହ ॥

# ଅଧିକାର ପାଇଁ ଗଣତାନ୍ତ୍ରିକ ଓ ଅହିଂସାମୂଳକ ପ୍ରୟାସ





**ପୁରୀ (ବ୍ୟୁରୋ):** ୧୫୬ ଦିନ ବିତିଗଲା। ଋତୁ ବଦଳିଲା, ଦିନ ବଦଳିଲା, କିନ୍ତୁ ପୁରୀବାସୀଙ୍କ ଦାବି ବଦଳିନାହିଁ ଏବଂ ସଂକଳ୍ପ ମଧ୍ୟ ଦୁର୍ବଳ ହୋଇନାହିଁ। ନ୍ୟାୟସଙ୍ଗତ ଅଧିକାର ପାଇଁ ଆରମ୍ଭ ହୋଇଥିବା ସଚେତନତା ପଦଯାତ୍ରା ଆଜି ୧୫୬ତମ ଦିନରେ ପହଞ୍ଚିଛି। ପୁରୀବାସୀଙ୍କ ପାଇଁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ଏବଂ ସମ୍ମାନଜନକ ବ୍ୟବସ୍ଥା କରାଯାଉ-ଏହି ଦାବିକୁ ନେଇ ଗତ ଉତ୍କଳ ଦିବସ, ୧ ଏପ୍ରିଲରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିଲା ଏହି ଯାତ୍ରା। ଆଜି ଦେଢ଼ଶହରୁ ଅଧିକ ଦିନ ପରେ ମଧ୍ୟ ଦାବିର ସ୍ୱର ସେହିଭଳି ଅବିଚଳ ରହିଛି।ସତ୍ୟାଗ୍ରହୀ ପଦଯାତ୍ରୀମାନଙ୍କ ମତରେ, ଏହି ଦାବି କୌଣସି ସୁବିଧା ପାଇବାର ଦାବି ନୁହେଁ; ଏହା ପୁରୀବାସୀଙ୍କ ଦୀର୍ଘଦିନର ଧାର୍ମିକ ପରମ୍ପରା, ଆସ୍ଥା ଓ ଅଧିକାର ସହ ଜଡ଼ିତ ପ୍ରଶ୍ନ। ତେଣୁ ଏହାର ସମାଧାନ ମଧ୍ୟ ସ୍ଥାୟୀ ଓ ସମ୍ମାନଜନକ ହେବା ଆବଶ୍ୟକ। ଆଜି ସତ୍ୟାଗ୍ରହୀମାନେ ପୁଣି ଭକ୍ତ ସାଲବେଗ ପୀଠରେ ଏକତ୍ରିତ ହୋଇଥିଲେ। ସେଠାରୁ ଶାନ୍ତି ଓ ଅହିଂସାର ବାର୍ତ୍ତା ନେଇ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦାବି ଶୀଘ୍ର ପୂରଣ ହେଉ ଏବଂ ପୂର୍ବପରି ଦର୍ଶନ ବ୍ୟବସ୍ଥା ଫେରିଆସୁ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ୧୫୬ ଦିନର ଏହି ଯାତ୍ରା ପ୍ରମାଣ କରିଛି ଯେ ପୁରୀବାସୀ ନିଜ ଅଧିକାର ପ୍ରସଙ୍ଗରେ ଦୃଢ଼। ଆନ୍ଦୋଳନର ମାର୍ଗ ଶାନ୍ତିପୂର୍ଣ୍ଣ, କିନ୍ତୁ ଦାବି ପ୍ରତି ସଂକଳ୍ପ ଦୁର୍ବଳ ନୁହେଁ। ଏହା କୌଣସି ଦଳ, ବ୍ୟକ୍ତି କିମ୍ବା ସରକାର ବିରୋଧୀ ଆନ୍ଦୋଳନ ନୁହେଁ; ଏହା ପୁରୀବାସୀଙ୍କ ଅଧିକାର ଓ ଭାବନା ପାଇଁ ଏକ ଗଣତାନ୍ତ୍ରିକ ଓ ଅହିଂସାମୂଳକ ପ୍ରୟାସ। ସେ କହିଛନ୍ତି ଯେ, "ସମୟ ଯେତେ ଲମ୍ବା ହେଉ, ଆମର ସଂକଳ୍ପ ସେତେ ଅଧିକ ଦୃଢ଼ ହେବ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ବନ୍ଦ ହେବ ନାହିଁ।" ଆଜିର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, କାହ୍ନୁ ଚରଣ ପ୍ରଧାନ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ମୀନାକ୍ଷୀ ଦାସ, ମମତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ନାୟକ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ଯାଦବନନ୍ଦ ରାୟ, ଲିଙ୍ଗରାଜ ସାହୁ, ସନ୍ତୋଷ ସେନାପତି, ବାପିନା ସାମନ୍ତରାୟ, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ। ୧୫୬ ଦିନର ପଦଯାତ୍ରା ଏବେ ପୁରୀବାସୀଙ୍କ ଦୃଢ଼ ମନୋବଳର ପରିଚୟ। ନିରବତାକୁ ଦୁର୍ବଳତା ଭାବିବାର କୌଣସି କାରଣ ନାହିଁ। ଅହିଂସାର ପଥରେ ଚାଲିଥିବା ଏହି ସତ୍ୟାଗ୍ରହର ସଂକଳ୍ପ ଅଟଳ। ଦାବି ପୂରଣ ପାଇଁ ଆଜି ପୁଣି ଉଠିଛି ସେହି ଏକମାତ୍ର ସ୍ୱର- ପୁରୀବାସୀଙ୍କୁ ପୂର୍ବପରି ସମ୍ମାନଜନକ ଦର୍ଶନର ଅଧିକାର ଦିଆଯାଉ। ସତ୍ୟ ଓ ଅହିଂସାର ଏହି ଯାତ୍ରା ଜାରି ରହିବ।

# ବଢୁଛି ଇ-ହୁଣ୍ଡିରେ ଦାନ ପରିମାଣ

## ୪୫ ଦିନରେ ୫୬.୭୦ ଲକ୍ଷ ଟଙ୍କା, ଶହେକୋଟି ଟପିଲା ବ୍ୟାଙ୍କ ଜମା

**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିର ତଥା ଅନ୍ୟାନ୍ୟ ସ୍ଥାନରେ ସ୍ଥାପିତ ହୁଣ୍ଡି ଅପେକ୍ଷା ଇ-ହୁଣ୍ଡିରେ ଦାନ କରିବାକୁ ବଢୁଛି ଭକ୍ତଙ୍କ ଆଗ୍ରହ। ଲୋକାର୍ପଣ ହେବାର ୪୫ ଦିନ ମଧ୍ୟରେ ୫୬ ଲକ୍ଷ ୭୦ ହଜାର ୭୦୫ ଟଙ୍କାର ଦାନ ଆସିଛି। ରଥଯାତ୍ରା ପୂର୍ବରୁ ଜୁଲାଇ ୧୫ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଡିଜିଟାଲ୍ ହୁଣ୍ଡି 'ସମର୍ପଣ'କୁ ଲୋକାର୍ପିତ କରିଥିଲେ। ପୃଥିବୀର ଯେକୌଣସି ସ୍ଥାନରେ ଥିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଶ୍ରୀଜଗନ୍ନାଥ ମନ୍ଦିର ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ଦେବା ଏବଂ ରସିଦ ଡାଉନ୍ ?ଲୋଡ୍ କରିବାର ସୁବିଧା ରହିଥିବାରୁ ଶ୍ରଦ୍ଧାଳୁଙ୍କର ଏଥିପ୍ରତି ଆଗ୍ରହ ବଢୁଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ପୁରୀର ଆୟ ମୁଖ୍ୟତଃ ଭକ୍ତଙ୍କ ଦାନ, ଶ୍ରୀମନ୍ଦିର ଖଣି ଖାଦାନ, ସ୍ଥାୟୀ ଜମାର ସୁଧ, ଜମି ବିକ୍ରି, ଜମି ଅଧିଗ୍ରହଣ ଓ ସରକାରୀ ଅନୁଦାନରୁ ହୋଇଥାଏ। ଏହି ଆୟର କିଛି ନିର୍ଦ୍ଦିଷ୍ଟ ଅଂଶ କର୍ପସ ପାଣ୍ଠି ହିସାବରେ ଓ ଅନ୍ୟ ଏକ ଅଂଶ ଫାଉଣ୍ଡେସନ ପାଣ୍ଠି ହିସାବରେ ସ୍ଥାୟୀ ଜମାରେ ରଖାଯାଇଥାଏ। ଅବଶିଷ୍ଟ ଆୟ ମନ୍ଦିର ପାଣ୍ଠି ହିସାବରେ ରଖାଯାଇଥାଏ। ଶ୍ରୀମନ୍ଦିରର ଦୈନନ୍ଦିନ ଖର୍ଚ୍ଚ ଏହି ମନ୍ଦିର ପାଣ୍ଠିରୁ ହୋଇଥାଏ। ବଳକା ଅର୍ଥକୁ ସ୍ଥାୟୀ ଜମା ହିସାବରେ ରଖାଯାଏ। ଏହି ସମସ୍ତ ସମ୍ପତ୍ତିର ସ୍ୱଚ୍ଛ, ଉପଯୁକ୍ତ ପରିଚାଳନା କରିବା ହେଉଛି ଶ୍ରୀମନ୍ଦିର ପ୍ରଶାସନର ପ୍ରମୁଖ ଦାୟିତ୍ୱ। ଗତମାସ ଶେଷ ସୁଦ୍ଧା ଏହି ୩ଟି ଯୋଜନାରେ ମୋଟ ୧୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ସ୍ଥାୟୀ ଜମା ରହିଛି। ଏଥିମଧ୍ୟରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୧୩୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ଓ ଶ୍ରୀଜଗନ୍ନାଥ ମନ୍ଦିରର ପିଏଲ୍ ଆକାଉଣ୍ଟରେ ଓଡ଼ିଶା ସରକାର ପ୍ରଦାନ କରିଥିବା ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ରଖାଯାଇଛି। ଏହାବ୍ୟତୀତ ଆଜି ସୁଦ୍ଧା ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ (ସେଭିଙ୍ଗସ୍/ କରେଣ୍ଟ/ ଫ୍ଲେକ୍ସି)ରେ ୧୦୦ କୋଟି ୭୦ ଲକ୍ଷ ୬୬ ହଜାର ୮୬୮ ଟଙ୍କା ରହିଛି। ଏହାସହ ପ୍ରତ୍ୟେକ ଦିନ ଶ୍ରୀମନ୍ଦିର ହୁଣ୍ଡି ଗଣନା ହେଉଛି। ଏ ବାବଦରେ ବିବରଣୀ ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ସର୍ବସାଧାରଣ କରାଯାଉଛି। ମହାପ୍ରଭୁଙ୍କ ପ୍ରତି ସମର୍ପିତ ଦାନରାଶି ଓ ମନ୍ଦିର ସମ୍ପତ୍ତିର ଉପଯୁକ୍ତ ପରିଚାଳନା ସମ୍ପର୍କରେ ଜନସାଧାରଣ ଓ ଭକ୍ତଗଣଙ୍କୁ ଅବଗତ କରାଇବା ମଧ୍ୟ ପ୍ରଶାସନର ଦାୟିତ୍ୱ ବୋଲି ଡ. ପାଢ଼ୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତମାସରେ ଶ୍ରୀମନ୍ଦିର ହୁଣ୍ଡିକୁ ୧କୋଟି ୪୩ଲକ୍ଷ ୬୦ ହଜାର ୫୦୩ ଟଙ୍କା ଦାନ ଆସିଛି। ୨୪ ତାରିଖରେ ସର୍ବାଧିକ ୬ଲକ୍ଷ ୭୩ ହଜାର ୪୧୩ଟଙ୍କା ଦାନ ଆସିଥିଲା। ପ୍ରତ୍ୟେକ ମାସରେ କୋଟିଏରୁ ଅଧିକ ଟଙ୍କା ଏହି ହୁଣ୍ଡିକୁ ଦାନ ସୂତ୍ରରେ ଆସୁଛି। ଏବେ ଇ-ହୁଣ୍ଡି ବ୍ୟବସ୍ଥା ହେବାରୁ ଶ୍ରୀମନ୍ଦିରକୁ ଦାନ ବଢ଼ିଛି।




## ନିର୍ଦ୍ଦେଶକୁ ବର୍ଷେ ପୂରିଲା | ହୋଇପାରିଲା ନାହିଁ ବାୟୋମେଟ୍ରିକ୍ ଉପସ୍ଥାନ କଡ଼ାକଡ଼ି

**ପୁରୀ (ବ୍ୟୁରୋ):** ଠିକ୍ ବର୍ଷେ ତଳେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବାୟୋମେଟ୍ରିକ୍ ଉପସ୍ଥାନ ପାଇଁ କଠୋର ହୋଇଥିଲେ। ମେଡିକାଲ୍ ସମେତ ସମସ୍ତ ବିଭାଗୀୟ କାର୍ଯ୍ୟାଳୟରେ ଏହି ଉପସ୍ଥାନ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଚିଠି ଲେଖିଥିଲେ। ଏହି ଚିଠି ଆଧାରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟଧିକାରୀ(ସିଡିଏମ୍ ପିଏଚ୍ଓ) ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟଧିକାରୀ, ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ, ଆଇଡିଏଚ୍ ଅଧୀକ୍ଷକଙ୍କୁ ପତ୍ର ଲେଖିଥିଲେ। ଗତବର୍ଷ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ ହେବା କୌଣସି ପରିସ୍ଥିତିରେ ଆଉ ଖାତାରେ ଉପସ୍ଥାନ ପଡ଼ିବନାହିଁ ଖାତାରେ ଉପସ୍ଥାନ ପଡ଼ିଲେ ସମ୍ପୃକ୍ତ ଅଧୀକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ଏହି ଉପସ୍ଥାନ ଆଧାରରେ 'ୱାର୍କ ସାର୍ଟିଫିକେଟ୍' ପ୍ରସ୍ତୁତ ହେବ। ଏହି ନିର୍ଦ୍ଦେଶକୁ ବର୍ଷେ ପୂରିଲା। କେହି ମାନିଲେନି ବର୍ଷେ ପରେ ପୁଣି ଥରେ ନୂଆକରି କାର୍ଯ୍ୟରେ ଯୋଗଦେଇଥିବା ସମସ୍ତ ମେଡିକାଲ୍‌କୁ ଚିଠି ଲେଖି ତାଗିଦ କରିଛନ୍ତି। ସମସ୍ତେ ବାୟୋମେଟ୍ରିକ୍ ଉପସ୍ଥାନ ଦେବା ବାଧ୍ୟତାମୂଳକ ଆସିବା ଓ ଫେରିବା ବେଳେ ଏହି ଉପସ୍ଥାନ ନ ଦେଲେ ଅନୁପସ୍ଥିତ ବୋଲି ଧରାଯିବ ଏବଂ ଦରମା କଟାଯିବ। ଏହି ନିର୍ଦ୍ଦେଶନାମାରେ ସରକାର ଏ ବାବଦରେ ତିନିଥର ଓ ସିଡିଏମ୍ ପିଏଚ୍ଓ ୩ ଥର ଲେଖିଥିବା ଚିଠିର ଅବତାରଣା କରିଛନ୍ତି। ଚଳିତମାସର ଦରମା ଏହି ଉପସ୍ଥାନ ଆଧାରରେ ହେବ ବୋଲି ସ୍ପଷ୍ଟ କରିଛନ୍ତି।ସରକାର ତିନିଥର, ଜିଲ୍ଲାପାଳ ଥରେ, ସିଡିଏମ୍ ପିଏଚ୍ଓ ତିନିଥର ଚିଠି ଲେଖିବା ପରେ ଏହି ବାୟୋମେଟ୍ରିକ୍ ଉପସ୍ଥାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। କୌଣସି ମେଡିକାଲ୍‌ରେ ଏହି ଉପସ୍ଥାନ ଆଧାରରେ ଦରମା ପ୍ରସ୍ତୁତ ହେଉନି ଏବେ ବି ୯୦ ପ୍ରତିଶତ ଡାକ୍ତର ଧାର୍ଯ୍ୟ ସମୟରେ ଆସୁନାହାନ୍ତି। ୯୫ ପ୍ରତିଶତ ଡାକ୍ତର କେବଳ ଆସିବା ବେଳେ ଉପସ୍ଥାନ ପକାଉଛନ୍ତି, ମେଡିକାଲ୍ ଛାଡ଼ିବା ବେଳେ ଉପସ୍ଥାନ ପ୍ରକାଉନାହାନ୍ତି । ବାୟୋମେଟ୍ରିକ୍ ବ୍ୟବସ୍ଥା କଡ଼ାକଡ଼ି ନଥିବାରୁ ଡାକ୍ତର ଆଖପାଖରେ ରହୁନାହାନ୍ତି। ସରକାରୀ ନିୟମ ମୁତାବକ ଡାକ୍ତର, ସମ୍ପୃକ୍ତ ମେଡିକାଲ୍‌ର ୮ କିମି ପରିଧି ମଧ୍ୟରେ ରହିବା କଥା, କେହି ରହୁନାହାନ୍ତି। ସପ୍ତାହକୁ ୬ ଦିନ ଓ ମାସକୁ ୨୪ ଦିନ ଡ୍ୟୁଟି କରିବା କଥା, କେହି ଏହି ନିୟମ ମାନୁନାହାନ୍ତି ବାୟୋମେଟ୍ରିକ୍ ଉପସ୍ଥାନ ଆଧାରରେ ୱାର୍କ ସାର୍ଟିଫିକେଟ୍ ପ୍ରସ୍ତୁତ ହେଉ ନଥିବାରୁ ଡ୍ୟୁଟି ନ ଆସି ମଧ୍ୟ ମାସ ଶେଷକୁ ଖାତାରେ ଉପସ୍ଥାନ ପକାଇ ପୂର୍ଣ୍ଣ ଦରମା ନେଉଛନ୍ତି। ମାସ ସାରା ଉପସ୍ଥାନ ଗୋଟିଏ ଦିନରେ ପକାଇବା ପାଇଁ କିରାଣି ସହଯୋଗ କରୁଛନ୍ତି। ଯେ ତ' ଗଲା କେବଳ ସ୍ୱାସ୍ଥ୍ୟବିଭାଗ ଅଧୀନରେ ଥିବା ମେଡିକାଲ୍ କଥା କିନ୍ତୁ ଅନ୍ୟ ବିଭାଗ ଅଧୀନରେ ଥିବା କୌଣସି କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶନାମା କାମ କରୁନାହିଁ। କେବଳ ଲୋକଦେଖାଣିଆ ଭାବରେ ବାୟୋମେଟ୍ରିକ୍ ମେସିନ୍ ଲାଗିଛି, କେହି ଉପସ୍ଥାନ ପକାଉ ନାହାନ୍ତି । କାରଣ ଏହି ଉପସ୍ଥାନ ଆଧାରରେ ଦରମା ପ୍ରସ୍ତୁତ ହେଉନାହିଁ। ଏଣୁ ଏକାଧିକ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ରାତି ପର୍ଯ୍ୟନ୍ତ ଖୋଲୁଛି । ଦିନସାରା ଇଞ୍ଜିନିୟର ରହୁନାହାନ୍ତି । ସନ୍ଧ୍ୟାବେଳେ ଲାଞ୍ଚ କାରବାର ହେଉଥିବାରୁ ରାତି ପର୍ଯ୍ୟନ୍ତ ଖୋଲାରହୁଛି। ବିଶେଷକରି ପୂର୍ତ୍ତବିଭାଗ ଅଧୀନରେ ଥିବା ରାସ୍ତା ଓ କୋଠାବାଡ଼ି ବିଭାଜନ କାର୍ଯ୍ୟାଳୟ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି ବାୟୋମେଟ୍ରିକ୍ ଉପସ୍ଥାନ ନଥିବାରୁ ଇଞ୍ଜିନିୟର ଓ କର୍ମଚାରୀ ଧାର୍ଯ୍ୟ ସମୟରେ ନ ଆସି ରାତି ପର୍ଯ୍ୟନ୍ତ ରହୁଛନ୍ତି। ପୁରୀ ଜଳସେଚନ ବିଭାଜନରେ ମଧ୍ୟ ଅନୁରୂପ ଅବସ୍ଥା ଥିବା ଅଭିଯୋଗ ହୋଇଛି ଏନେଇ ଆଇନଜୀବୀ ଦିଲିପ ବରାଳ କହିଛନ୍ତି, ମୁଁ ଏ ବାବଦରେ ଜିଲ୍ଲାପାଳଙ୍କୁ ଅବଗତ କରାଇଛି। ସରକାରୀ ନିର୍ଦ୍ଦେଶ ଅନୁସାରେ ସମସ୍ତ ସରକାରୀ ଅଫିସ୍‌ରେ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ କରାଯାଉ। ଏହି ଉପସ୍ଥାନ ଆଧାରରେ ୱାର୍କ ସାର୍ଟିଫିକେଟ୍ ପ୍ରସ୍ତୁତ କରାଯାଉ



## ଶ୍ରୀମଦ୍ ଭାଗବତ କଥା ମହୋତ୍ସବର ଦ୍ୱିତୀୟ ଦିବସ

# ପ୍ରତ୍ୟେକ ମୁହୂର୍ତ୍ତରେ ନିଜ ନିଃଶ୍ୱାସର ମାଳାରେ ଈଶ୍ୱରଙ୍କ ନାମ ସ୍ମରଣ କର': ସ୍ୱାଧୀ ଋତମ୍ଭରା

**ପୁରୀ (ବ୍ୟୁରୋ):** ହୋଟେଲ ସେଭେନ ହିଲ୍ସରେ ଶ୍ରୀ ଜଗନ୍ନାଥ ଧାମ, ପୁରୀର ପରମାତ୍ମା ଶକ୍ତି ପୀଠ ଦ୍ୱାରା ଆୟୋଜିତ 'ଶ୍ରୀମଦ୍ ଭାଗବତ କଥା ମହୋତ୍ସବ'ର ଦ୍ୱିତୀୟ ଦିନରେ ପଦ୍ମ ଭୂଷଣ ବିଭୂଷିତା ବାତ୍ସଲ୍ୟ ମୂର୍ତ୍ତି ପୂଜ୍ୟ ଦିଦି ମା' ସ୍ୱାଧ୍ୱି ଋତୁମ୍ଭରା , ମୁଖ୍ୟ ହୋଷ୍ଟ ଶ୍ରୀ ରାମାନନ୍ଦ ଗୁପ୍ତା ଆରମ୍ଭ କରିଥିଲେ। ପୋଡିୟମରୁ ସମ୍ବୋଧିତ କରି ପୂଜ୍ୟ ଦିଦି ମା' ଜୀ କହିଥିଲେ, 'ଆଜି ସମସ୍ତେ ନିଶ୍ଚୟ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିବେ। କି ଆନନ୍ଦ! ଆଶ୍ଚର୍ଯ୍ୟଜନକ ଏବଂ ଅଲୌକିକ! କିଛି ଜିନିଷ ଶବ୍ଦରେ ପ୍ରକାଶ କରାଯାଇପାରିବ, କିନ୍ତୁ କିଛି ଅଭିଜ୍ଞତା ପାଇଁ ଶବ୍ଦ କମ୍ ପଡ଼ିଯାଏ। ନିଶ୍ଚିତ ଭାବରେ, ଈଶ୍ୱରଙ୍କ ଦର୍ଶନ, ଈଶ୍ୱରଙ୍କ ନାମ ଜପ, ତାଙ୍କ ନାମ ସ୍ମରଣ, ତାଙ୍କ କାହାଣୀ ଏବଂ ତାଙ୍କ ଲୀଳା ଉପରେ ଚିନ୍ତନ ଆମ ହୃଦୟରେ ଭକ୍ତିକୁ ଗଭୀର କରିଥାଏ। ତେଣୁ, ଦର୍ଶନର ମହିମା ଅଛି, ଶ୍ରବଣର ମହିମା ଅଛି, ଏବଂ ଈଶ୍ୱରଙ୍କ ନାମ ଜପର ମହିମା ଅଛି। ସମସ୍ତ ଧାର୍ମିକ ଶାସ୍ତ୍ରର ସାର ସମାନ: ଈଶ୍ୱରଙ୍କ ନାମ ଜପରେ ଆଶ୍ରୟ ନିଅ। ଈଶ୍ୱରଙ୍କ ନାମରେ ଆଶ୍ରୟ ନିଅ। ତପସ୍ୟା, ଉପବାସ, ଇତ୍ୟାଦି ଆମର ବିବେକକୁ ଶୁଦ୍ଧ କରିପାରେ, କିନ୍ତୁ ଈଶ୍ୱରଙ୍କ ନାମ ଆମକୁ କଲ୍ୟାଣ ଆଣିଥାଏ। ତେଣୁ, ପ୍ରତ୍ୟେକ ମୁହୂର୍ତ୍ତରେ ନିଜ ନିଶ୍ୱାସର ମାଳାରେ ଈଶ୍ୱରଙ୍କ ନାମ ସ୍ମରଣ କର।' ଆଜିର କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜୀ ଯୋଗଦାନ କରି ଦିଦି ମା ଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ,ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଏବଂ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସଦସ୍ୟ ଶ୍ରୀ ମଧୁ ସୂଦନ ସିଙ୍ଗାରି ଜୀଙ୍କୁ ସମ୍ମାନିତ କରାଯାଇଥିଲା, ବିପ୍ର ଫାଉଣ୍ଡେସନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ଓମ ପ୍ରକାଶ ମିଶ୍ର ଜୀଙ୍କୁ ସମ୍ମାନିତ କରିବା ସହ ଦିଦି ମା'ଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ, ବିପ୍ର ଫାଉଣ୍ଡେସନ ସଭାପତି ରାଧେଶ୍ୟାମ ଶର୍ମା ଜୀଙ୍କୁ ସମ୍ମାନିତ କରିବା ସହିତ ମାଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ, ମଥୁରାର ବ୍ୟବସାୟୀ ଏବଂ ବରିଷ୍ଠ ସମାଜସେବୀ ଅମ୍ରିତଲାଲ ଖଣ୍ଡେଲୱାଲ ଏବଂ ସହଧର୍ମିଣୀ ସରିତା ଖଣ୍ଡେଲୱାଲ ଜୀ ସହ ସଂଯୋଜକ ଶ୍ରୀ ଉମେଶ ଖଣ୍ଡେଲୱାଲ ଙ୍କର ପରିବାର ସଦସ୍ୟ ଯୋଗଦେଇ ମା'ଙ୍କ ଆଶୀର୍ବାଦ ପ୍ରାପ୍ତ କରିଥିଲେ, ମଥୁରାର ପ୍ରସିଦ୍ଧ ବ୍ୟବସାୟୀ ଅବଧେଶ ଖଣ୍ଡେଲୱାଲ ଜୀ ଯୋଗଦେଇ ମା'ଙ୍କ କୃପା ଲାଭ କରିଥିଲେ।



## ମୋଟରସାଇକେଲ ଦୁର୍ଘଟଣାକୁ ନେଇ ଉତ୍ତେଜନା

**ପୁରୀ (ବ୍ୟୁରୋ):** ଜିତେନ୍ଦ୍ର ଷଣ୍ଢ ମଙ୍ଗଳାଘାଟ ଡମସାହି ଅଞ୍ଚଳରେ ନିଜ ମୋଟର ସାଇକେଲ୍‌ରେ ଯାଉଥିବା ସମୟରେ ଅସାବଧାନତାବଶତଃ ଜଣେ ଶିଶୁଙ୍କ ସହ ଧକ୍କା ହୋଇଥିଲେ । ଏହି ଘଟଣାକୁ ନେଇ ହଠାତ୍ ଉତ୍ତ୍ୟକ୍ତ ହୋଇ ଶିଶୁଙ୍କ ପିତା ଏବଂ ଅନ୍ୟ କେତେକ ବ୍ୟକ୍ତି ଜିତେନ୍ଦ୍ର ଷଣ୍ଢଙ୍କୁ ମୁଥ ମାଡ଼ ଓ ବାଡ଼ି ଦ୍ୱାରା ଆକ୍ରମଣ କରି ଆହତ କରିଥିଲେ। ଆହତଙ୍କ ଭଉଣୀଙ୍କ ଠାରୁ ଫୋନ୍ ପାଇ ପୁରୀ ସଦର ପୋଲିସ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆହତ ଜିତେନ୍ଦ୍ର ଷଣ୍ଢ ବର୍ତ୍ତମାନ ଅବସ୍ଥାରେ ସୁଧାର ଆସିଛି ଏବଂ ସେ ଡାକ୍ତରୀ ପର୍ଯ୍ୟବେକ୍ଷଣରେ ରହିଛନ୍ତି। ପ୍ରାଥମିକ ତଦନ୍ତରୁ ଆକ୍ରମଣରେ କୌଣସି ଧାରୁଆ ଅସ୍ତ୍ର ବ୍ୟବହାର ହୋଇଥିବାର ପ୍ରମାଣ ମିଳିନାହିଁ। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।



# ବିଜେପିକୁ ଫେରିଲେ ମନୋଜ

## ■ ପୁରୀ ଓ ସତ୍ୟବାଦୀରେ ଖୁସିର ଲହରୀ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲାର ବିଶିଷ୍ଟ ଧାର୍ମିକ ସଂଗଠକ ମନୋଜ କୁମାର ରଥ ପୁଣି ବିଜେପିକୁ ଫେରିଛନ୍ତି । ତାଙ୍କ ପିତା ସ୍ୱର୍ଗତ ବିଶ୍ୱନାଥ ରଥ ସତ୍ୟବାଦୀ ଅଞ୍ଚଳରେ ବିଜେପିର ମୂଳଦୁଆ ପକାଇଥିଲେ । ବହୁ କେନ୍ଦ୍ରୀୟ ନେତା ଅଟଳ ଜୀ, ଆଡଭାନି ଜୀ ଓ ମୋଦୀଙ୍କ ସହ ସୁସମ୍ପର୍କ ରହିଥିଲା । ଶ୍ରୀ ରଥ ବିଭିନ୍ନ ଧାର୍ମିକ ସଂଗଠନ କରି ଜିଲ୍ଲାରେ ବେଶ ଚର୍ଚ୍ଚିତ ଚେହେରା ହୋଇ ପାରିଛନ୍ତି । ସେ ପୁରୀ ଗୋବର୍ଦ୍ଧନ ପୀଠର ମୁଖପାତ୍ର ଭାବେ ସାରା ଭାରତରେ ପରିଚିତ ଥିଲେ । ଏବେ ଉତ୍କଳ ବିଦ୍ୱତ୍ ପରିଷଦ ଗଠନ କରି ଜନ କଲ୍ୟାଣ ଓ ଧାର୍ମିକ ସଂଗଠନରେ କାର୍ଯ୍ୟରତ ଅଛନ୍ତି । ପୁରୀ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତା ରହିଛି । ଫାର୍ମାସୀ କଲେଜ କରି ବହୁ ଗରିବ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ ହାତ ବଢ଼ାଇଛନ୍ତି । ପୂର୍ବରୁ ସେ ପିତାଙ୍କ ସହ ବିଜେପିରେ କାର୍ଯ୍ୟ କରୁଥିଲେ । ଗତ ନିର୍ବାଚନରେ କଂଗ୍ରେସ ଦଳରେ ମିଶି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ , ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା , ସାଂସଦ ସୁଜିତ କୁମାର , ଖଣି ମନ୍ତ୍ରୀ ବିଭୁତି ଜେନା , ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସାରଦା ଶତପଥୀ , ସରୋଜ କର , ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ , ପୁରୀ ଜିଲା ପ୍ରଭାରୀ ବିଷ୍ଣୁ ଦାସ ,ପୁରୀ ଜିଲା ବିଜେପି ସଭାପତି ଡ଼ଃ ଦେବେନ୍ଦ୍ର ନାଥ ତରେଇଙ୍କ ଉପସ୍ଥିତିରେ ବୁଧବାର ଅପରାହ୍ନରେ ଶ୍ରୀ ରଥ ବିଜେପିରେ ଯୋଗ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସତ୍ୟବାଦୀ ଓ ପୁରୀରେ ଖୁସିର ଲହରୀ ଖେଳିଯାଇଛି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ଘୋଷିତ

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଶ୍ରେଷ୍ଠ ପୁରସ୍କାର



**ପୁରୀ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ରେ ପୁରୀ ଜିଲ୍ଲା ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ଉତ୍କର୍ଷ ଓ ଶିକ୍ଷକ ମାନଙ୍କର ନିଷ୍ଠାପର ଉଦ୍ୟମକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ପ୍ରଦାନ କରାଯାଇଛି।୨୦୨୪ ବର୍ଷ ପାଇଁ ପୁରୀ ଜିଲ୍ଲାର ବିଭିନ୍ନ ବର୍ଗରେ ଜିଲ୍ଲା ଶିକ୍ଷାଧିକାରୀ, ଗୋଷ୍ଠୀ ଶିକ୍ଷାଧିକାରୀ, ମାଧ୍ୟମିକ ଶିକ୍ଷକ, ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀ ମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ରାଜ୍ୟ ପୁରସ୍କାର ହାସଲ କରିଛନ୍ତି। ଶିକ୍ଷାଦାନରେ ଉତ୍କର୍ଷ, ବିଦ୍ୟାଳୟର ଶିକ୍ଷାଗତ ପରିବେଶ, ଛାତ୍ରଛାତ୍ରୀଙ୍କ ସଫଳତା ଓ ବିଦ୍ୟାଳୟର ସାମଗ୍ରିକ ବିକାଶ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସଫଳତା ମିଳିଛି। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ୨୦୨୪ ବର୍ଷ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟ ପୁରସ୍କାର ହାସଲ କରିଛନ୍ତି। ପୁରୀ ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠ କରି ଗଢି ତୋଳିବାରେ ଶ୍ରୀ ପାଢ଼ୀଙ୍କ ଅଦମ୍ୟ ଉଦ୍ୟମ ଯୋଗୁଁ ସେ ଏହି ପୁରସ୍କାର ଲାଭ କରିଛନ୍ତି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭବମ ପ୍ରଧାନ ୨୦୨୪ ବର୍ଷ ପାଇଁ ସତ୍ୟବାଦୀ ବ୍ଲକ ନିମନ୍ତେ ଗୋଷ୍ଠୀ ଶିକ୍ଷାଧିକାରୀ ରାଜ୍ୟ ପୁରସ୍କାର ଲାଭ କରିଛନ୍ତି। ସେହିପରି ଗୋପ ବ୍ଲକର ପତିପାବନ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପିପିଲି ବ୍ଲକର ଗୋବିନ୍ଦପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ପ୍ରାଥମିକ ବିଦ୍ୟାଳୟ ରାଜ୍ୟ ପୁରସ୍କାର,କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ମାଧ୍ୟମିକ ବିଦ୍ୟାଳୟ ରାଜ୍ୟ ପୁରସ୍କାର, ପୁରୀ ଜିଲ୍ଲା ମୂଳର କ୍ରୀଡ଼ା ଶିକ୍ଷକ ରଞ୍ଜନ ରେଡ୍ଡୀ ମାଧ୍ୟମିକ ଶିକ୍ଷକ ରାଜ୍ୟ ପୁରସ୍କାର ଏବଂ ବ୍ରହ୍ମଗିରି ବ୍ଲକର ମାନପଡା ଶ୍ରେଷ୍ଠ ଗ୍ରାମପଞ୍ଚାୟତ ରାଜ୍ୟ ପୁରସ୍କାର ହାସଲ କରିଛନ୍ତି। ଜିଲ୍ଲାର ୭ ଜଣ ଶିକ୍ଷାର୍ଥୀ ଐଶ୍ୱର୍ଯ୍ୟା ବେହେରା, ସୋନାକ୍ଷୀ ମହାନ୍ତି, ସମ୍ମିତ କୁମାର ସାହୁ, ତ୍ରିନାଥ ସାହୁ, ସୁକନ୍ୟା ଶୁଭଦର୍ଶିନୀ ପାଇଁ ଏବଂ କୁନାଲ କପୁର ଜେନା ପ୍ରମୁଖ ମେଧାବୀ ମୁଖ୍ୟମନ୍ତ୍ରୀ ଶିକ୍ଷା ରାଜ୍ୟ ପୁରସ୍କାର ହାସଲ କରିଛନ୍ତି ।ପୁରୀ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ବିଭାଗ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ପୁରସ୍କାର ଆଗାମୀ ଦିନରେ ଜିଲ୍ଲାର ଶିକ୍ଷା ବିଭାଗୀୟ ଅଧିକାରୀ ,ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଓ ଶିକ୍ଷାର୍ଥୀମାନଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ଆଶା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପୁରୀ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ଜିଲ୍ଲା ଶିକ୍ଷାଧିକାରୀ ଓ ଶିକ୍ଷା ବିଭାଗକୁ ଏପରି ସଫଳତା ପାଇଁ ସାଧୁବାଦ ଓ ସଦିଚ୍ଛା ଜଣାଇଛନ୍ତି।

## ଜନ୍ମାଷ୍ଟମୀ ଉପଲକ୍ଷେ ସ୍ୟାଣ୍ଡ୍ ଆନିମେସନ ମାଧ୍ୟମରେ ଶୁଭେଚ୍ଛା ଜଣାଇଲେ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ମାନସ

**ପୁରୀ (ବ୍ୟୁରୋ):** ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ ନିଆରା ସ୍ୟାଣ୍ଡ୍ ଆନିମେସନ ମାଧ୍ୟମରେ ଭକ୍ତମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ। ଏହି ସ୍ୟାଣ୍ଡ ଆନିମେସନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ସୁନ୍ଦର ଚିତ୍ରକୁ ବାଲୁକା ମାଧ୍ୟମରେ ଜୀବନ୍ତ ରୂପ ଦିଆଯାଇଛି। ଏହି ଅନନ୍ୟ ସ୍ୟାଣ୍ଡ ଆନିମେସନ ପ୍ରସ୍ତୁତ କରିବା ପାଇଁ ମାନସ ସାହୁଙ୍କୁ ପ୍ରାୟ ୧ ଘଣ୍ଟା ସମୟ ଲାଗିଥିଲା। ପୁରୀସ୍ଥିତ ତାଙ୍କ ସ୍ୟାଣ୍ଡ ଆନିମେସନ ଷ୍ଟୁଡିଓରେ ଏହି ଆକର୍ଷଣୀୟ କଳାକୃତିଟି ପ୍ରସ୍ତୁତ କରାଯାଇଛି। ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଦେଉ ଏହି ପବିତ୍ର ଅବସରରେ ମାନସ ସାହୁ ସମସ୍ତଙ୍କୁ ଜଣାଇଛନ୍ତି ହାର୍ଦ୍ଦିକ ଶୁଭେଚ୍ଛା।



# ବିସ୍ମୟ ଲୀଳାପୁରୁଷୋତ୍ତମ 'ଶ୍ରୀକୃଷ୍ଣ'



ଉମାଶଙ୍କର ପ୍ରସାଦ



ଲୀଳାପୁରୁଷୋତମ 'ଶ୍ରୀକୃଷ୍ଣ' ଏକଧାରାରେ ଅନେକ ନାମର ସାର୍ଥକ କର୍ତ୍ତା। କେହି ତାଙ୍କୁ ଲୀଳାମୟ, ନାଟୁଆ, ନଟବର, ଗୋପୀ ଗୋପାଳଙ୍କ ପ୍ରାଣଧନ ତ ଅନ୍ୟ କେହି ତାଙ୍କୁ ଇନ୍ଦ୍ର ଗର୍ବ ଗଞ୍ଜନକାରୀ, ଅକ୍ଷୟ ତଥା ଅତୁଳ ଶକ୍ତିର ଅଧିକାରୀ ଭାବେ ଅଜେୟ, ମାନବବାଦୀ ସମ୍ବେଦନଶୀଳ, ରମଣୀ ରଞ୍ଜନ, ବିଶ୍ୱମୋହନ ରୂପର ଅଧିକାରୀ, ପ୍ରଣୟ ଚେତନାର ଦୁର୍ବାର ସ୍ରୋତସ୍ୱିନୀ ଓ ଯୁଦ୍ଧକ୍ଷେତ୍ରରେ ବିଶ୍ୱ ବିଶ୍ରୁତ ଦର୍ଶନର ଅଧିବକ୍ତା ଭାବେ ଅବିହିତ କରିଥାନ୍ତି। ଭାରତୀୟ ଦର୍ଶନ କେବଳ ପ୍ରାଚୀନତମ ନୁହେଁ, ଆକଳନର ଅତୀତ ମଧ୍ୟ। ଭକ୍ତ ଭଗବାନଙ୍କୁ ଯେ କେବଳ ଭକ୍ତିରେ ପାଇଥାଏ, ତାହା ନୁହେଁ ଅନେକ ସମୟରେ ତଥା ଅନେକ କାମରେ, ଦ୍ୱେଷରେ, ଭୟ ଓ ପ୍ରେମ ଭାବରେ ଭଗବାନଙ୍କଠାରେ ନିଜ ମନ ଆସକ୍ତ କରି ତାଙ୍କୁ ମଧ୍ୟ ପାଇଥାଏ। ମାନବ ଜାତିର ସୁଦୀର୍ଘ ଧର୍ମଦର୍ଶନର ପରମ୍ପରାରେ ଦୁଇଟି ଆଭିମୂଖ୍ୟ- ଗୋଟିଏ ଶରୀର କୈନ୍ଦ୍ରିକ ଓ ଅନ୍ୟଟି ଆତ୍ମିକ। ଶରୀର କାମନା ବାସନାର ଆଧାର ଓ ଆତ୍ମା ଦିବ୍ୟ। ଗୋଟିଏ ଦୃଶ୍ୟ ଓ ଅନ୍ୟଟି ଅନୁଭବ ସାପେକ୍ଷ। କାମନା ଓ ସାତ୍ୱତ ଯଥାକ୍ରମେ ଶରୀର ଓ ଆତ୍ମଧର୍ମ। ସମଗ୍ର ଜୀବନ ହେଉଛି ଏହି ଦୁଇ ବିପରୀତ ଶକ୍ତିର ସଂଘର୍ଷ। ମନୁଷ୍ୟ ଓ ପଶୁ ଉଭୟେ ପ୍ରବୃତିର ଅଧିନ ମାତ୍ର ପଶୁ ଭିତରେ ପ୍ରବୃତି ଜାଗରିତ ହେବା ସଙ୍ଗେ ସଙ୍ଗେ ସେ ତା'ର ସହଜ ଶିକାର ହୋଇଯାଏ, କିନ୍ତୁ ପଶୁ ଦେହ ସର୍ବସ୍ୱ ଥିଲାବେଳେ ମଣିଷ ଭିତରେ ବିଶେଷ ବୈଶିଷ୍ଟ୍ୟ ଯୋଗୁ ସେ ମନୁଷ୍ୟ ସ୍ତରକୁ ଉନ୍ନୀତ। ଅନନ୍ୟ ମାନସିକ ଶକ୍ତିର ସେ ଅଧିକାରୀ। ଭଲ ମନ୍ଦ, କ'ଣ କରିବା ଉଚିତ, ବା କ'ଣ ନକରିବା ଉଚିତ୍ ତାହା ଏହି ପ୍ରଚ୍ଛନ୍ନ ଶକ୍ତି ତା'ପାଇଁ ନିର୍ଦ୍ଦେଶ ଦେଇଥାଏ। ଦିବ୍ୟ ପ୍ରଭାବ ଦ୍ୱାରା ଯିଏ ଯେତିକି ପ୍ରଭାବିତ ସିଏ ସେତିକି ମାର୍ଜିତ, ସଂଯତ ଓ ପାଶବତାରୁ ସେତିକି ଉତୀର୍ଣ୍ଣ। କେତେକ ଏପରି ଦୈବୀ ସମ୍ପଦକୁ ଜନ୍ମସୂତ୍ରରୁ ବା ସାଧନା ବଳରେ ଲାଭ କରିଥିଲେ ମଧ୍ୟ ତା'ର ଦୁରୁପଯୋଗ କରି ଅସୁର ଭାବରେ ବିବେଚିତ ହୋଇଥାନ୍ତି। ଜୀବନକୁ ଭୋଗସର୍ବସ୍ୱଭାବେ ଗ୍ରହଣ କରି ସମାଜରେ ଅସ୍ଥିରତା ସୃଷ୍ଟି କରିଛନ୍ତି। ଶକ୍ତିର ଅବଦାନ ସଦା ସର୍ବଦା ଦ୍ୱିବିଧ। ଯେଉଁ ବିଜୁଳି ଶକ୍ତିର ସ୍ପର୍ଶରେ ମଣିଷ ମୃତ୍ୟୁ ବରଣ କରେ, ସେହି ଶକ୍ତି ଅନ୍ୟ ପକ୍ଷରେ ରାତ୍ରିର ଘନ ଅନ୍ଧକାରକୁ ଆଲୋକିତ କରେ। ଭାବପ୍ରବଣ, ସ୍ନାୟୁରେ ମୁଗ୍ଧକର ମାଦକତା ଓ ଅଶ୍ଳୀଳତା ସତତ ବର୍ତମାନ। ଯାହା ଆଦିମ ବନ ଉଲ୍ଲାସର ଜ୍ୟୋତକ। ଜଗତ ଓ ଜୀବନରେ ଭଲ, ମନ୍ଦ, ସୁକର୍ମ, କୁକର୍ମ ପରସ୍ପର ଆପେକ୍ଷିକ। ସୁନ୍ଦର ମନୋଜ୍ଞ ପଦ୍ମଦ୍ୱାରା ଆମେ ପ୍ରଲୋଭିତ ହୋଇଥାଉ। ମାତ୍ର ତା'ର ମୂଳ ଉତ୍ସ ଆବିଳ ଓ ପଙ୍କିଳତା। ପଙ୍କିଳତା ଓ ଜଳଗହଳ ଭେଦକରି ଆଲୋକ ଦିଗରେ ଯାତ୍ରା ତା'ର ଅବ୍ୟାହତ। ଆମର ଯାତ୍ରା ଅସତରୁ ସତ୍ ଓ ଅନ୍ଧକାରରୁ ଆଲୋକ ଦିଗରେ। କିନ୍ତୁ ମଣିଷ ପକ୍ଷରେ ଏ ଯାତ୍ରା ବଡ ଦୁରବମ। ଭାଗବତରେ ମନର ଗତିକୁ ଲକ୍ଷ କରି କୁହାଯାଇଛି:- *"ଚଂଚଳ ତୁରଙ୍ଗମ ଯେହ୍ନେ, ଶ୍ରମେ ସୁସାଧ ଦିନେ ଦିନେ"*। ତେଣୁ ଯେଉଁମାନେ ନିଜକୁ ଜାଣିବାରେ ସକ୍ଷମ ହୋଇଛନ୍ତି, ସେମାନେ ଯୁଗେ ଯୁଗେ ସମାଜକୁ ଦିଶା ଦେଇଛନ୍ତି। ସଭ୍ୟତାର ନୂତନ ଦିଗ୍‌ବଳୟ ଉନ୍ମୋଚନ କରିଛନ୍ତି। ସମାଜ ସେମାନଙ୍କୁ ମହାପୁରୁଷର ମାନ୍ୟତା ଦେଇଛି। ଶ୍ରୀରାମ, ଶ୍ରୀକୃଷ୍ଣ ମଧ୍ୟ ମାନବେତର ସ୍ତରର ସୃଷ୍ଟି ହୋଇପାରନ୍ତି। ଏ ଯୁଗର ସାଧକ ଅରବିନ୍ଦ, ଗୌତମବୁଦ୍ଧ, ମହାତ୍ମାଗାନ୍ଧୀ, ମହାବୀର, ମହମ୍ମଦ, ଯୀଶୁ ସମସ୍ତେ ଅତି ମାନବୀୟ ଶକ୍ତିକୁ ସ୍ୱୀକାର କରିଛନ୍ତି। ମାନବ ମଧ୍ୟ ସାଧନା ତଥା ଦୃଢ ଇଚ୍ଛାଶକ୍ତି ବଳରେ ଅତିମାନବୀୟ ସ୍ତରକୁ ଉନ୍ନୀତ ହୋଇପାରିବ ବୋଲି ମତପୋଷଣ କରିଛନ୍ତି। ଆଜି ଅନେକ ଶତାବ୍ଦୀ ବିତିଯାଇଥିଲେ ମଧ୍ୟ କୃଷ୍ଣଙ୍କର ଗୋପପୁରର ଅବୀଶ୍ୱସନୀୟ ଲୀଳାଖେଳା, ମଥୁରା ବିଜୟ, ଦ୍ୱାରିକାର ଚମତ୍କାର ଓ ମହାଭାରତ ଯୁଦ୍ଧରେ ଅଭାବନୀୟ ଭୂମିକା ଜନମାନସରେ ସଞ୍ଚାଳି କରିଦେଇଛି ତାଙ୍କୁ। ପୁରାଣ ପ୍ରସିଦ୍ଧ ଯମୁନା ନଈ ଏବେବି ପ୍ରବହମାନ, ସାଇତି ରଖିଛି ଲୀଳାମୟଙ୍କ ଲୀଳା ଖେଳର ଅନେକ କୀର୍ତୀ ସ୍ତମ୍ଭକୁ। ଯଦି ପରିବାର କଥା ବିଚାରକୁ ନିଆଯାଏ ତେବେ ଶ୍ରୀକୃଷ୍ଣଙ୍କ ପରିବାରଠୁ ବଳି ବୋଧହୁଏ ଏତେବଡ ପରିବାର ସାରା ସୃଷ୍ଟିରେ ଏଯାବତ୍ କେହି ଗଢିନାହିଁ କି ଭବିଷ୍ୟତରେ ଗଢି ପାରିବେନି। ତାଙ୍କର ଧର୍ମପତ୍ନୀଙ୍କ ସଂଖ୍ୟା ଷୋଳହଜାର ଏକଶହ ଆଠ। ପ୍ରତ୍ୟେକଙ୍କର ଦଶଦଶଟି ପୁଅ ଓ ଗୋଟିଏ ଗୋଟିଏ ଝିଅ। ଏଥି ସହିତ ଭାଇ, ବନ୍ଧୁ, କୁଟୁମ୍ବଙ୍କ ସଂଖ୍ୟା ଅଗଣନ। ହିନ୍ଦୁ ଶାସ୍ତ୍ରର ମହାନ ଗ୍ରନ୍ଥ ମହାଭାରତ, ଭାଗବତ, ଗୀତା, ହରିବଂଶ ସହ ଅନେକ ପୁରାଣ ତାଙ୍କ ଗୁଣ ବର୍ଣ୍ଣନାରେ ମୁଖର। କେତେବେଳେ ଗୋପାଙ୍ଗନା ମେଳରେ, ଅନ୍ୟ କେତେବେଳେ ଗୋପାଳ ବାଳକ ଗହଣରେ ଗୋ-ଦାଣ୍ଡରେ ପୁଣି ଅନ୍ୟ କେତେବେଳେ ଶକଟାରି, ବକାରି, ଶଙ୍ଖାରିଭାବେ ନିଜ ଲୀଳାର ଚମକ ଖେଳାଇ ଦେଇଛନ୍ତି। ଗୋପବାଳୀଙ୍କ ସହ ଛ' ସାତ ବର୍ଷରେ କୃଷ୍ଣଙ୍କ ରାସଲୀଳା ଏଯାବତ୍ ବିସ୍ମୟ ହୋଇ ରହିଛି। ଅନ୍ୟପକ୍ଷରେ କଂସବଧ ସବୁଠାରୁ ବଡ ଚମତ୍କାର। ପରେ ପରେ ସେ ହୋଇଯାଇଛନ୍ତି ମଥୁରାବାସୀଙ୍କ ପାଖରେ ଅପାସୋରା। ୧୭ ଥର ଜରାସନ୍ଧକୁ ସମରରେ ହରାଇଛନ୍ତି। ଏସବୁ ଘଟିଯାଇଛି ତାଙ୍କର ୯ରୁ ୧୩ବର୍ଷ ଅବଧି ଭିତରେ। ତେଣୁ ଆଜି ଶ୍ରୀକୃଷ୍ଣଙ୍କୁ ନେଇ ଅନେକ ପ୍ରଶ୍ନ ଉଙ୍କିମାରିଛି ଜନମାନସରେ। ତଥାପି ତାଙ୍କର ଲୀଳାଖେଳା ଆଜି ମଧ୍ୟ ମାନବସମାଜ ପାଇଁ ବିସ୍ମୟ ହୋଇ ରହିଯାଇଛି। ତାଙ୍କ ରଙ୍ଗ ଅଧର, ବାଙ୍କ ଚାହାଣୀ, ଛନ୍ଦାଚରଣରେ ଆଜି ହତଭମ୍ବ ସମଗ୍ର ଜନସମାଜ। ଅଗଣିତ ଜନସମାଜ ପାଇଁ ସେ ଆନନ୍ଦମୟ, ଭାବଗ୍ରାହୀ ଓ ଅନାସକ୍ତ ପୁରୁଷ। ପଦ୍ମପତ୍ର ଉପରେ ଜଳବିନ୍ଦୁ ଯଦିଓ ଢଳଢଳ ହୋଇଥାଏ କିନ୍ତୁ ତାକୁ ଶିକ୍ତ କରିପାରି ନଥାଏ। ସଂସାରକୁ ତାଙ୍କ ବାଣୀ ହେଉଛି- *" ବାହ୍ୟ ପଦାର୍ଥବାଧକ ନୁହଁ, ବାଧକ ହେଉଛି ଏହା ସହିତ ରାଗପୂର୍ବକ ମାନି ନେଇଥିବା ସମ୍ବନ୍ଧ"*। ବୈଷ୍ଣବ ସମ୍ପ୍ରଦାୟ ତାଙ୍କର ଅଦ୍ଭୂତକର୍ମ, କ୍ରିୟା ଓ ଲୀଳାକୁ ବାଧଛାତ୍ର ପରି ମାନି ନେଇଥିବାବେଳେ ବୁଦ୍ଧିଜୀବୀ ବୋଲାଉଥିବାବାଲାଙ୍କ ଦୃଷ୍ଟିରେ ତାଙ୍କର କାର୍ଯ୍ୟକଳାପ ଉପରେ ଅନେକ ପ୍ରଶ୍ନବାଚୀ, ଯୁଗ ତଥା ସମାଜକର ଆବଶ୍ୟକତା ଦୃଷ୍ଟିରୁ ଅତିମାନବୀୟ ପୁରୁଷର ଆବିର୍ଭାବକୁ ଭାଗବତକାର ସ୍ୱୀକାର କରିଛନ୍ତି। ଏହାକୁ ଅଧିକ ଶାଣିତ କରିବା ପାଇଁ ଭକ୍ତ ଚରଣ ଦାସ ତାଙ୍କର ଏକ ପଂକ୍ତିରେ ଲେଖିଛନ୍ତି ।:*"ଗହନ କାନନ ବନରେ ଘୋର ବରଷାକାଳ ଗିରିବାମକରେ ଧରିଲେ ନନ୍ଦ ଯଶୋଦାବାଳ"* ।ଏହାର ଆକ୍ଷରିକ ଅର୍ଥ ହେଲା ଗହନ କାନ, କାନକୁ ଯଦିଓ ଗହନ ତଥାପି ଏହା ସତ୍ୟ ନିଜର ବାମକରରେ ନନ୍ଦ ଯଶୋଦାଙ୍କ ବାଳ ଯେ ଶ୍ରୀକୃଷ୍ଣ ଗିରିଗୋବର୍ଦ୍ଧନକୁ ଧାରଣ କରିଥିଲେ। ଭାଗବତ ତଥା କୃଷ୍ଣଙ୍କ ପ୍ରତିଟି ଲୀଳା ମଧୁର ତଥା ପ୍ରୀତିପଦ ଏଥିରେ ଭରି ରହିଛି ସ୍ୱର୍ଗୀୟ ବିଭୂତି ସମ୍ପନ୍ନ ଗୋପୀ, ଗୋପାଳ ତଥା ନନ୍ଦବାଳାଙ୍କର ହୃଦୟଛୁଆଁ କଥା ତାହାକୁ ବିଶ୍ୱାସର ସହ ଗ୍ରହଣ କରାଯାଇପାରେ। ପଦ୍ମପୁରାଣ 'ଗୋପୀ'ର ଅର୍ଥକୁ ବ୍ୟାଖ୍ୟା କରିବାକୁ ଯାଇ ଉଲ୍ଲେଖ କରିଛନ୍ତି:- *ଗୋ ବିହି ପିବତି ଭକ୍ତି ରସମ୍ ସା ଗୋପୀ"*। ଏହି ପରିପ୍ରେକ୍ଷୀରେ ଗୋପକାମିନୀର ଇନ୍ଦ୍ରିୟ ସାଂସାରିକ କାମନା ବାସନାରୁ ଉର୍ଦ୍ଧ୍ୱରେ। ସେମାନେ ସମସ୍ତେ କୃଷ୍ଣ-ସମର୍ପିତା। ଗୋପୀଙ୍କ ପ୍ରେମରେ ଶୃଙ୍ଗାର ଅଛି କିନ୍ତୁ ରାଗ ନାହିଁ। ଲୌକିକ ସମ୍ପର୍କରୁ ଉର୍ଦ୍ଧ୍ୱରେ ସେ ନିତ୍ୟପ୍ରେମ। ତାଙ୍କ ପ୍ରେମରେ ଅଜ୍ଞାନତା ଜନିତ ଆସକ୍ତି ନାହିଁ। ବିଯୋଗ ଅଛି ମାତ୍ର ବିଚ୍ଛେଦ ନାହିଁ। ଦେହ ଅଛି ମାତ୍ର ଅହଂ ନାହିଁ। ମହାନ ଉଗ୍ରତପା ଋଷିମାନେ ଭଗବାନଙ୍କ ଅଙ୍ଗସଙ୍ଗ ଲାଭପାଇଁ ସମଗ୍ର ଜୀବନ ତପଶ୍ଚରଣ କରି ଗୋପପୁରରେ ଗୋପୀଭାବେ ଜନ୍ମ ଗ୍ରହଣ କରିଥିଲେ। ତଦ୍‌ଗତ ଭାବଦ୍ୱାରା ସ୍ୱୟଂ ଶ୍ରୀକୃଷ୍ଣଙ୍କଠାରେ ଆତ୍ମଲୀନ ହୋଇଗଲାପରେ ମନ, ବୁଦ୍ଧି, ଅହଂଙ୍କାରର ସ୍ୱତଃ ବିଲୋପ ଘଟେ। କ୍ରିୟା, କର୍ମ ଓ ଲୀଳା ତ୍ରିବିଧ କ୍ରିୟ ସହଜ ଓ ସ୍ୱାଭାବିକ। ନିଶ୍ୱାସ, ପ୍ରଶ୍ୱାସ, ହୃତ୍ ସ୍ପନ୍ଦନ ଆଦି କ୍ରିୟା ଅହରହ ଘଟି ଚାଲିଛି। ଏହି ନିତ୍ୟ କ୍ରିୟାର ବିରାମ ନାହିଁ। କୃଷ୍ଣଙ୍କର ଲୀଳା ହେଉଛି ଉତୀର୍ଣ୍ଣ ପ୍ରେମର ରୋମାଚଂକାରୀ ପୁଲକ। ତଦାତ୍ମ୍ୟ ଭାବର ବଶବର୍ତୀ। ନିତ୍ୟ ବର୍ତମାନ ପରମାତ୍ମାଙ୍କୁ ଅନୁଭବ କରାଯାଏ, ପ୍ରାପ୍ତି ନୁହେଁ। ଦେହର ରାଗରେ ରତି ସଙ୍ଗେ ସଙ୍ଗେ ବିରତି ମଧ୍ୟ ରହିଛି। ଗୋପୀଭକ୍ତିରେ କ୍ଷଣିକ ବିହ୍ୱଳତା ନାହିଁ। ଏଥିରେ ଅଛି ଆତ୍ମଲୀନ ଉଲ୍ଲାସର ଶାସ୍ୱତ ପ୍ରତିଲିପି। ମନ ଏଠାରେ ପ୍ରଭାବହୀନ। ଅହମ୍ ସଃ ଅହମ୍‌ରେ ଏହାର ପରିସମାପ୍ତି।ବ୍ୟାସଙ୍କର ଶ୍ରୀମଦ୍ ଭାଗବତରେ ଭଗବାନଙ୍କର ବସ୍ତ୍ରହରଣ ପ୍ରସଙ୍ଗ ଅନ୍ୟ ଏକ ବିସଂଗତି। ଶ୍ରୀକୃଷ୍ଣଙ୍କ ବୟସ ସେତେବେଳେ ମାତ୍ର ପାଂଚ କିମ୍ବା ଛଅ ବର୍ଷ। ବାଲ୍ୟ ଚପଳତାରୁ ମଧ୍ୟ ସେ ଉତୀର୍ଣ୍ଣ ହୋଇନାହାଁନ୍ତି। ତଥାପି ସେହି ବାଳମୁକୁନ୍ଦଙ୍କ ଅଙ୍ଗସୁଖ ଲାଭପାଇଁ ଗୋପୀଗଣ କଠିନ ବ୍ରତ ପାଳନ କରିଛନ୍ତି। ବାଳଚପଳତାରେ ବାଳମୁକୁନ୍ଦ ଶ୍ରୀକୃଷ୍ଣ ଗୋପୀମାନଙ୍କ ବସ୍ତ୍ରକୁ ନେଇ ବୃକ୍ଷଶାଖାରେ ରଖିଛନ୍ତି। ଏହା ଅତ୍ୟନ୍ତ ରହସ୍ୟ ବ୍ୟାପାର। ସେ ଏହି ବସ୍ତ୍ର ହରଣ ପ୍ରସଙ୍ଗରେ ଗୋପୀମାନଙ୍କ ସହ ସାରା ସଂସାରକୁ ଏହି ବାର୍ତା ପ୍ରଦାନ କରିଛନ୍ତି। ଉଲଗ୍ନ ହୋଇ ନଦୀରେ ସ୍ନାନ କରିବା ଏକପ୍ରକାର ଶାସ୍ତ୍ର ବିରୁଦ୍ଧାଚରଣ। ଏହି ବସ୍ତ୍ରହରଣ ପ୍ରେମ, ଦୟା, କ୍ଷମା ପର ପ୍ରବଣତା ପ୍ରାଣର ବିଶାଳତାକୁ ସୂଚାଇ ଦିଏ। ଏସବୁ ଆତ୍ମାର ଧନ ଦେହର ବିକାର ନୁହେଁ। ନିଜକୁ ସମ୍ପୂର୍ଣ୍ଣ ଭୁଲିଯାଇ ସେମାନେ କୃଷ୍ଣସତା ହୋଇଗଲେ। ମୁହିଁ କୃଷ୍ଣ ବୋଲି କହିବାକୁ ଲାଗିଲେ। ଲୀଳାରେ ପ୍ରତ୍ୟେକ ଏକ ଏକ କୃଷ୍ଣଙ୍କର ଅଙ୍ଗ ସଙ୍ଗ ଲାଭ କରି ରହସ୍ୟ-ଘନ ଜଗତରେ ନିଜ ନିଜକୁ ଆବିଷ୍କାର କରିଛନ୍ତି। ଲୀଳାରେ ପ୍ରେମୀ ଓ ପ୍ରେମାସ୍ପଦର ସମ୍ପର୍କ ପରମାର୍ଥିକ ଥିଲାବେଳେ ଅନ୍ୟତ୍ର ଲୌକିକ। ଲୀଳା ଅଲୌକିକ, ଚିଦାନନ୍ଦମୟ। ଏଠାରେ ପାତ୍ର ପାତ୍ରୀ ଅପ୍ରାକୃତ। ଶ୍ରୀକୃଷ୍ଣଙ୍କ ଶୁଦ୍ଧ ପ୍ରକୃତି ତାଙ୍କର ସ୍ୱକୀୟ। ଏହା ତାଙ୍କର ସନ୍ଧିନୀ, ସମ୍ବିତ ଓ ଆହ୍ଲାଦିନୀ ଶକ୍ତି। ମନୁଷ୍ୟ ମୁକ୍ତିକାମୀ; ମାତ୍ର ମୁକ୍ତିଠାରୁ ଭକ୍ତିର ଗୁରୁତ୍ୱ ଅଧିକ। ମହାଭାରତ ଯୁଦ୍ଧ ସଂଘଠିତ ହୋଇଛି। ଯଦିଓ ଦୁର୍ଯ୍ୟୋଧନକୁ ଶ୍ରୀକୃଷ୍ଣଙ୍କ ଅତିମାନବୀୟ ଶକ୍ତି ସମ୍ପର୍କରେ ଜଣାଥିଲା, ତଥାପି ଅହଂଙ୍କାର ଅଭିମାନ ଅହେତୁକ ବିଦ୍ୱେଷୀଭାବ ତା'ର ବିଚାରଶକ୍ତିକୁ କ୍ଷୀଣ କରିଦେଇଥିଲା। ତେଣୁ ବ୍ୟାସଙ୍କ ପାଖରେ ଦୁର୍ଯ୍ୟୋଧନ ମାନି ନେଇଛି "ଧର୍ମ କ'ଣ ମୁଁ ଜାଣେ, ମାତ୍ର ସେଥିକୁ ମନ ବଳେ ନାହିଁ"। ଅଧର୍ମ କ'ଣ ତା ମଧ୍ୟ ଜାଣେ, କିନ୍ତୁ ସେଥିରୁ ବିରତି ହୋଇପାରେ ନାହିଁ। ଯୁଗ ଯୁଗ ଧରି ଦୁର୍ଯ୍ୟୋଧନର ଭୂମିକା ତୁଲାଇ ଆସିଛି ଆଜି ମଣିଷ। ସବୁ ଜାଣି ସୁଦ୍ଧା ପ୍ରତି ମୂହୁର୍ତରେ ଭୁଲ୍ କରି ଚାଲିଛି। ଯୁଦ୍ଧକ୍ଷେତ୍ରରେ ଅର୍ଜ୍ଜୁନଙ୍କ ସାରଥିର ଭୂମିକା ତୁଲାଇଛନ୍ତି ଭଗବାନ ଶ୍ରୀକୃଷ୍ଣ। ସାରଥି ରଥ ଦଉଡି ଧରି ରଥିଙ୍କୁ ସମର ପ୍ରାଙ୍ଗଣରେ ଚଳାଇଥାଏ। ମାତ୍ର ଶ୍ରୀକୃଷ୍ଣଙ୍କର ସାରଥିଭାବେ ଭୂମିକା ସ୍ୱତନ୍ତ୍ର। ସେ ଯୁଗପତ୍ ଦ୍ରଷ୍ଟା, ଉପଦେଷ୍ଟା ଓ ପରିଣାମଦର୍ଶୀ ଭୂମିକାରେ ଅବତୀର୍ଣ୍ଣ। ପ୍ରବାଦ ବାକ୍ୟାବଳୀ କହେ *"ଦଇବ ଦଉଡି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ"*ର ଯଥାର୍ଥ୍ୟ ଏଠାରେ ପରିଦୃଷ୍ଟ। ବିଷାଦଗ୍ରସ୍ତ ଅର୍ଜ୍ଜୁନଙ୍କୁ ଆତ୍ମ ଅଭିଜ୍ଞରେ ବିଷମ ପରିସ୍ଥିତିକୁ ଆକଳନ କରିବା ନିମନ୍ତେ ପରାମର୍ଶ ଦେଇ ଦୃଢ ସ୍ୱରରେ କହିଛନ୍ତି - *"କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ୱ ୟୁ୍ୟପପଦ୍ୟତେ"*, ପରେ ଆଧାତ୍ମିକ ଅନ୍ୱେଷାର ମନୋଜ୍ଞ ଉଚ୍ଚାରଣ- ଭୂମିରୁ ଭୁମା, ଦୃଶ୍ୟରୁ ଅଦୃଶ୍ୟ ଓ ଦେହରୁ ଆତ୍ମା ଦିଗରେ। ଜୀବନରେ ଯାହା ପରମ ସତ୍ୟ, ନିତ୍ୟ, ଦୃଷ୍ଟ ଜୀବନ ପାଖେ ଅଦୃଷ୍ଟ ଓ ଏକମାତ୍ର ମହତ୍ୱପୂର୍ଣ୍ଣ ସମ୍ଭାବନା ସ୍ୱୟଂ ସହ ଅର୍ଜ୍ଜୁନଙ୍କର ସମ୍ୟକ୍ ପରିଚିତ ପାଇଁ ସେ ଜ୍ଞାନ, କର୍ମ ଓ ଭକ୍ତି ଯୋଗର ବିସ୍ତୃତ ବିବରଣୀ ଦେଇଛନ୍ତି ଶ୍ରୀମଦ୍ ଭାଗବତ ଗୀତାର ୧୮ଠର ଅଧାୟରେ। ପାଶ୍ଚାତ୍ୟ ଦାର୍ଶନିକ ନେରୁଦାଙ୍କର ଉକ୍ତି କହେ:- The eternal is man, but wrapped in his constricted personality- ଯାହା ଦେହାତୀତ ଓ ବ୍ୟକ୍ତିଙ୍କ ସମ୍ବନ୍ଧର ଉର୍ଦ୍ଧ୍ୱରେ, ତାହା ଆଧୁନିକ ବିଜ୍ଞାନ ଏଯାବତ୍ ନିର୍ଣ୍ଣୟ କରିପାରିନାହିଁ। ଶ୍ରୀକୃଷ୍ଣ ସମସ୍ତିଙ୍କର ହୋଇ ମଧ୍ୟ କାହା ପାଖେ ଧରା ଦେଇ ନାହାଁନ୍ତି। ସେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ସମାଜ ବା ଭୂଖଣ୍ଡର ସମ୍ପତି ନୁହଁନ୍ତି। ଆକାଶର ସୂର୍ଯ୍ୟଙ୍କ ପରି ସେ ଥିଲେ ସମଗ୍ର ସୃଷ୍ଟିର ବିଭବ। ତାଙ୍କୁ ପାଇବା ପାଇଁ କାହିଁ କେତେ ଅସ୍ଥିରତା ଅୟୁତ ଅୟୁତ ପ୍ରାଣରେ। ମାତ୍ର କୃଷ୍ଣ ନିର୍ବିକଳ୍ପ, ନିରାଳମ୍ବ, ନିର୍ବିକାର। ତେଣୁ କେବଳ ଭକ୍ତି ମାର୍ଗରେ ହିଁ ସେ ଭକ୍ତାଧିନ ହୋଇଥାନ୍ତି।

*ସମ୍ପାଦକ, ମାର୍ଗଦର୍ଶୀ*
*ମୋ-୬୩୭୦୬୭୫୫୬୨*

## ପ୍ରଭୁ ଶ୍ରୀକୃଷ୍ଣଚନ୍ଦ୍ରଙ୍କ ଶୁଭ ପ୍ରାକଟ୍ୟ ଦିବସ



କୁନଲତା ତ୍ରିପାଠୀ

ଏ ସୁନ୍ଦର ସୃଷ୍ଟିର ରଚୟିତା ତାଙ୍କ ସୃଷ୍ଟିକୁ ଆନନ୍ଦମୟ କରିବା ପାଇଁ ଅନନ୍ତ ଅବତାର ଗ୍ରହଣ କରିଥାନ୍ତି । ତନ୍ମଧ୍ୟରୁ ବେଦବ୍ୟାସଙ୍କ ଦ୍ୱାରା ରଚିତ ଅଷ୍ଟାଦଶ ମହାପୁରାଣ ମଧ୍ୟରୁ ଭକ୍ତିରସାତ୍ମକ ଗ୍ରନ୍ଥ ଭାଗବତ ମହାପୁରାଣ ମହାବିଷ୍ଣୁଙ୍କ ୨୪ ଅବତାରଙ୍କ ପ୍ରାକଟ୍ୟ ଉତ୍ସବ ଉଲ୍ଲେଖଯୋଗ୍ୟ । ଅନ୍ୟାନ୍ୟ ଧର୍ମଗ୍ରନ୍ଥ ତଥା ଭକ୍ତ କବି ଜୟଦେବଙ୍କ ରଚିତ ଦଶାବତାର ସ୍ତୋତ୍ର ରେ ବର୍ଣ୍ଣିତ ଦଶ ଅବତାରର ମାନ୍ୟତା ସର୍ବାଦୃତି ଲାଭ କରିଛି । ସୃଷ୍ଟି କର୍ତ୍ତା ତାଙ୍କ ଲୀଳା ବିଳାସରୁ ଏ ଅକଳ୍ପନୀୟ ସୃଷ୍ଟିକୁ ପ୍ରକଟିତ କରାଇଛନ୍ତି । ଜଡ ସହିତ ପ୍ରକୃତି ତଥା ଜୀବଜଗତ, ସେ ଅଦୃଶ୍ୟ ବିଦ୍ଧାଣିଙ୍କର ଅବର୍ଣ୍ଣନୀୟ ଅପରୂପ କୃତି । ସିଦ୍ଧ, ସାଧକ, ମୁନି, ଋଷିମାନେ ଏହି ମଧୁର ସୃଷ୍ଟିକୁ ସନ୍ଦର୍ଶନ କରି ବିମୋହିତ ହୋଇ ପଡନ୍ତି ଏବଂ ଏହାର କଲ୍ୟାଣ ପାଇଁ ପ୍ରଶାନ୍ତ ଚିତରେ ବୁଦ୍ଧିକୁ ସତ ମାର୍ଗରେ ପ୍ରେରିତ କରାନ୍ତି । ପ୍ରଜ୍ଞାଦୀପ୍ତ ନାନା ଯଜ୍ଞାନୁଷ୍ଠାନରେ ପ୍ରବୃତରହି ସଦା ସର୍ବଦା ସୃଷ୍ଟିର ମଙ୍ଗଳ କାମନା ହିଁ ସେମାନଙ୍କର ଅନନ୍ୟତା । କର୍ମ ଯୋନିରେ ଜାତ ଦିବ୍ୟ ଜ୍ଞାନଯୁକ୍ତ ମନୁଷ୍ୟକୁ ସ୍ରଷ୍ଟା ମୁକ୍ତ କର୍ମ କରିବାର ଅଧିକାର ଦେଇ ଫଳଦାତା ସେ ସ୍ୱୟଂ ହୋଇଥାନ୍ତି । ଅଥଚ ସୃଷ୍ଟିକୁ ଧାରଣକରିଥିବା ଏହି ଧରଣୀ ପୃଷ୍ଠରେ ଯେତେବେଳେ ଦୁରାଚାରୀମାନଙ୍କର ପାଶବିକ ତଥା ଆସୁରିକ ପ୍ରାଦୁର୍ଭାବ ଯୋଗୁଁ ,ଅନ୍ୟାୟ, ଅନୀତି , ଅଧର୍ମ ଓ ଭ୍ରଷ୍ଟାଚାର ରାଜତ୍ୱ କରେ ସେତେବେଳେ ମାତା ବସୁମତି ଭାରାକ୍ରାନ୍ତ ହୋଇ ତାର ସୃଷ୍ଟିକୁ ଧାରଣ କରିବାର ଶକ୍ତି ହରାଇ ଅବଶ ହୋଇ 'ତ୍ରାହି ଅଚ୍ୟୁତ' ତ୍ରାହି ଅଚ୍ୟୁତ ବୋଲି ନିଶବ୍ଦରେ ଆକୁଳ ନିବେଦନପୂର୍ବକ ବିକଳ କ୍ରନ୍ଦନକରନ୍ତି । ଧରାବତରଣ କରନ୍ତି ସ୍ୱୟଂ ଭଗବାନ । ଲାଘବ ହୁଏ ମାତା ବସୁମତିଙ୍କର ଭାର । ଯୁଗେ ଯୁଗେ ଯେତେବେଳେ ଧର୍ମର ଗ୍ଳାନି , ଅଧର୍ମର ଅଭ୍ୟୁଥାନ ଘଟେ ସେତେବେଳେ ସ୍ୱୟଂ ଭଗବାନ ଆବିର୍ଭୂତ ହୋଇ ଦୁଷ୍କୃତମାନଙ୍କର ବିନାଶ କରନ୍ତି । ସାଧୁମାନଙ୍କୁ ରକ୍ଷାକରି ଧର୍ମ ସଂସ୍ଥାପନ କରନ୍ତି । ଦ୍ୱାପର ଯୁଗରେ ପିତା ଉଗ୍ରସେନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଇ ଦୁରାଚାରୀ ମଥୁରା ନରେଶ ବୋଲାଉଥିବା ଦୁର୍ମିଳ ନନ୍ଦନ କଂସ'ର ପ୍ରାଦୁର୍ଭାବରେ ଦେବ ମାନବ ଥରହର । ଭଗ୍ନୀ ଦେବକୀ ଓ ଭିଣୋଇ ବସୁଦେବଙ୍କର ହସ୍ତ- ପଦରେ ଲୌହ ସୃଙ୍ଖଳ ପକାଇ କାରାଗରରେ ଆବଦ୍ଧ କରିଛି । ଅଜ୍ଞାନ ଅବୋଧ ରାକ୍ଷସ କଂସାସୁର ଭାବିଛି, ଭଗ୍ନୀ ଦେବକୀ'ର ଅଷ୍ଟମ ଗର୍ଭର ସନ୍ତାନ ହିଁ ତାର ମୃତ୍ୟୁର କାରଣ ହେବ ବୋଲି । ସେ ଭୁଲି ଯାଇଛି ଯେ ଜନ୍ମ ହେଲେ ଜୀବର ମୃତ୍ୟୁ ଅବଶ୍ୟମ୍ଭାବୀ ବୋଲି । ସେ ନିଜକୁ ଅମରକରିବାର ବୃଥା ପ୍ରୟାସକରି ତାର ଅକାଳ ମୃତ୍ୟୁକୁ ଆମନ୍ତ୍ରଣ କରିଛି । ପ୍ରଜା ପୀଡନ ସହିତ ବିଶ୍ୱ ମଙ୍ଗଳ ପାଇଁ ପ୍ରାର୍ଥନାରତ ମୁନି, ଋଷି, ସାଧୁ ଓ ସନ୍ଥମାନଙ୍କୁ ଅକଥନୀୟ ଅତ୍ୟାଚାର କରିଛି । ରକ୍ଷାକର୍ତ୍ତା ସ୍ୱୟଂ ବ୍ରହ୍ମାଣ୍ଡ ନାୟକ । ଯୁଗେ ଯୁଗେ ବିଭିନ୍ନ ଅବତାର ଧାରଣ କରି ଏ ମର୍ତ୍ତ୍ୟମଣ୍ଡଳକୁ ଆସି ସମାଜକୁ ସତ ଶିକ୍ଷା ପ୍ରଦାନ କରିଛନ୍ତି ପ୍ରଭୁ । ମୁଖ୍ୟ ଦଶ ଅବତାର ମଧ୍ୟରେ ଅଷ୍ଟମ ଅବତାରରେ ସେ କଂସ ଘାତୀ କୃଷ୍ଣ – ବଳରାମ ରୂପରେ ଆବିର୍ଭୂତ ହୋଇଛନ୍ତି । ଏହା ସହିତ ଭାଗବତରେ ପ୍ରଭୁଙ୍କର ପ୍ରାୟ ଏକୋଇଶଟି ଅବତାରର ଅବଧାରଣା କରାଯାଇଛି । ଅଷ୍ଟାଦଶ ପୁରାଣର ରଚୟିତା ବେଦବ୍ୟାସ ମଧ୍ୟ ଭଗବାନଙ୍କର ଏକ ଅବତାର । ପ୍ରଭୁ କପିଳ ମୁନି ମାତା ଦେବହୂତିଙ୍କୁ ନାନା ସମ୍ବାଦ ମାଧ୍ୟମରେ ଜୀବନର ଲକ୍ଷ ସମ୍ବନ୍ଧରେ ସମାଜକୁ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରିଛନ୍ତି । ଏହା ନିଶ୍ଚିତ ସତ୍ୟ ଯେ ମାନବ ଯେତେବେଳେ ରାକ୍ଷସ ପ୍ରବୃତ୍ତିକୁ ଆଧାର କରି ନରସଙ୍ଘାରି ହୋଇପଡି ବିଭିନ୍ନ କୁକର୍ମରେ ଲିପ୍ତ ହୋଇପଡେ, ବିଭିନ୍ନ ଅଂସାବତାରରେ ଆସି ଭଗବାନ ସେମାନଙ୍କୁ ଦମନ କରନ୍ତି । ଏମିତି ଏକ ଘଡିସନ୍ଧି ମୂହୁର୍ତରେ ନିକଟରେ ଆସିଛନ୍ତି ପ୍ରଭୁ । ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିର ବର୍ଷଣ ମୁଖର ମଧ୍ୟ ରାତ୍ରି । ଅନ୍ଧକାର ପ୍ରହେଳିକା ସାଜି ଆଚ୍ଛନ୍ନ କରିଛି ସମଗ୍ର ବ୍ରାହ୍ମାଣ୍ଡକୁ । ବର୍ଷା –ବିଜୁଳିର ତାଣ୍ଡବ ନୃତ୍ୟ । ବଜ୍ର ପାତର ଘନ ଘୋର ଶବ୍ଦ । ଅନ୍ଧକାରର ପ୍ରଚ୍ଛଦ ପତ୍ତରେ ଅଜନ୍ମା ସ୍ୱୟଂ ଜନ୍ମ ଲାଭ କରିଛନ୍ତି । ଅଷ୍ଟମ ଗର୍ଭରେ ଦେବକୀଙ୍କ ମାତୃତ୍ୱକୁ ସ୍ୱୀକୃତି ପ୍ରଦାନ କରି କଂସ ବନ୍ଦିଶାଳାକୁ ଆଲୋକିତ କରାଇ ପ୍ରଭୁ ପ୍ରକଟିତ ହୋଇଛନ୍ତି । ତେଜୋଦୀପ୍ତ ଶ୍ୟାମଳ ତନୁ ବର୍ଣ୍ଣ ଶୋଭା । ନା ଭାଷା, ନା ବାଣୀ କିଏ ବା ବର୍ଣ୍ଣନାକରିପାରିବ ତାଙ୍କୁ । 'ସକଳ ସୃଷ୍ଟିର ଭବ୍ୟ ଆଧାର । ଅନନ୍ତ ଶୋଭାର ହୋଇ ଭଣ୍ଡାର' । ଆତ୍ମା ନନ୍ଦେ କରୁଛନ୍ତି ବିଭୋର । ବିମୋଦିତ ମନ ହୃଦୟ ହାର । କିଂ କର୍ତ୍ତବ୍ୟ ବିମୁଢ ମାତା – ପିତା । କର- ପଦରୁ ଲୌହ ଶିକୁଳୀ ଫେଡି ହୋଇ ପଡିଛି । ଚତୁର୍ଭୁଜଧାରୀ ସ୍ୱୟଂ ନାରାୟଣ । ଯାହାଙ୍କୁ ଦର୍ଶନ କରିବା ପାଇଁ ଯୋଗୀମାନଙ୍କର ଯୁଗ ବିତିଯାଏ, ଆଜି ମାତା-ପିତାଙ୍କୁ ଦର୍ଶନଦେଇ ତାଙ୍କ ପୂର୍ବା ଭିଳାଷ ପୂର୍ଣ୍ଣକରି କୃତାର୍ଥକରୁଛନ୍ତି ତାଙ୍କୁ ପ୍ରଭୁ । ମଧୁରେ ବିଭୋର କରି ସର୍ବ ଶୋଭାର ଆଧର, ସର୍ବ ସମର୍ଥ, ସର୍ବ କାରଣର କାରଣ, ଅନେକ କାରଣକୁ ଚରିତାର୍ଥକରି କରୁଣାନିଧାନ ସ୍ୱୟଂ ଭଗବାନ ପ୍ରକଟିତ । ସୁଗଠିତ ଦିବ୍ୟ ଅଙ୍ଗ –ଅବୟବ । ଦର୍ଶନମାତ୍ରକେ ସର୍ବ ସୁଖଧାମ । ଦିନେ ମହାରାଜା ମନୁ, ମହାରାଣୀ ଶତରୂପା ଅଭିଳାଷ କରିଥିଲେ ଭଗବାନଙ୍କ ଭଳି ପୁତ୍ର ପ୍ରାପ୍ତି ହେବା ପାଇଁ । ଜନ୍ମ ଜନ୍ମାନ୍ତରର ତପସ୍ୟା ଆଜି ସଫଳ ହୋଇଛି । ଅରୂପ ଧାରଣ କରିଛନ୍ତି ସ୍ୱରୂପ । ଯେଉଁ ଅଜନ୍ମା ସମଗ୍ର ସୃଷ୍ଟିର ଜନ୍ମଦାତା, ଜଗତ କଲ୍ୟାଣ ପାଇଁ ସେ ଯୁଗାବତାରି ଜନ୍ମ ନେଇଛନ୍ତି । ଆନନ୍ଦ ସାଗର ପ୍ଳାବିତ କରିଛି ବନ୍ଦିଶାଳାକୁ । ନିଦ୍ରାଦେବୀ ସମଗ୍ର ଜୀବଜଗତକୁ ନିଦ୍ରିତ କରାଇ ନିଜେ ବିନିଦ୍ର ନୟନରେ ସେ ଅନୁପମ ଶୋଭାକୁ ଅବଲୋକନ କରୁଛନ୍ତି । ବିମୋଦିତ ବ୍ରହ୍ମାଣ୍ଡ । ଶୋଭାସ୍ଥଳ ଭଗବାନଙ୍କର ସେଇ ଶିଶୁରୂପରେ ସର୍ବ ଅବୟବରେ ଫୁଟିଉଠୁଛି ଅନନ୍ତ ଶୋଭା । ନା ଅତୀତ ନା ଭବିଷ୍ୟତ, ସମସ୍ତ ଚିନ୍ତା- ଚେତନା କେନ୍ଦ୍ରୀଭୂତ ହୋଇପଡୁଛି ବର୍ତ୍ତମାନର ଏହି ମୂହୁର୍ତ୍ତମାନଙ୍କରେ । ବିମୋହିତ ମାତା । ବିମୋଦିତ ପିତା । ଅନୁପମ ଶୋଭାମୟ କୃଷ୍ଣ ଚନ୍ଦ୍ରଙ୍କୁ ଦର୍ଶନକରି ଆତ୍ମାନୁଭୂତିରେ ବପୁବିସ୍ମୃତ ହୋଇପଡୁଛନ୍ତି ସେମାନେ । ଦିନେ ଯେ ବ୍ରହ୍ମାନନ୍ଦରୁ ପ୍ରେମାନନ୍ଦ ଆହରଣ କରି ଗୋପରେ ବିତରଣ କରିବେ । ବ୍ରଜ- ବୃନ୍ଦାବନରୁ ଆରମ୍ଭ ହୋଇ ଏହି ଆତ୍ମାନନ୍ଦ ବିଚ୍ଛୁରିତ ହୋଇ ପଡିବ ସମଗ୍ର ବ୍ରହ୍ମାଣ୍ଡରେ । 'ଆଉ କାଳ- ବିଳମ୍ବ କାହିଁକି ପିତା । ଆପଣଙ୍କ ବନ୍ଧୁ ଗୋପ ନଗରୀରେ ପ୍ରତୀକ୍ଷାରତ '। ଅଭିନବ କଣ୍ଠସ୍ୱରର ଅମିତ ଛଟା । ସଚେତନ ହୋଇପଡିଲେ ସତ୍ୟାଚାରୀ ବସୁଦେବ । ତାଙ୍କର ପୁତ୍ର ସନ୍ତାନ ଲାଭ ହୋଇଛି । କଂସ ସ୍ମରଣରେ ଦିବ୍ୟାନନ୍ଦରୁ ସେ ଆସି ଭୀଷଣ ଭୟରେ ପ୍ରପୀଡିତ ହୋଇପଡିଲେ ମାୟାର ବଳୟ ଘେରରେ ।

ମଥାନରେ ପୁତ୍ରରୂପେ ବାଳ ଭଗବାନ । ସ୍ୱୟଂ ଅନନ୍ତ, ଫଣା ବିସ୍ତାର କରି ବର୍ଷାର ପ୍ରକୋପରୁ ରକ୍ଷାକରୁଛନ୍ତି ବ୍ରହ୍ମାଣ୍ଡ ରକ୍ଷକଙ୍କୁ । ଗୋପପୁର ଅଭିମୁଖେ ବସୁଦେବ । ପଥରେ ପ୍ରତିବନ୍ଧକ ସାଜିଛନ୍ତି ରାତ୍ର ଜଗୁଆଳ ( ପ୍ରହରୀ) ଶ୍ୱଶୁର ଉଗ୍ରସେନ । କାହାର ନୀରବ ନିର୍ଦ୍ଦେଶରେ ତୁନି ପଡୁଛନ୍ତି ସେ ? ପ୍ରହେଳିକା ପ୍ରଚ୍ଛଦ ପଟରେ ଯେ, ସେ ବିଶ୍ୱ ନିୟନ୍ତା ଏ କଥା ବୁଝି ବି ଅବୁଝା ଲାଗେ । ପୂର୍ଣ୍ଣ ଜଳ ପ୍ରବାହରେ କୂଳ ଲଙ୍ଘୁଥିବା ଯମୁନା ନଦୀ ପ୍ରିୟତମଙ୍କ ପାଇଁ ବାଟ କଢାଇ ନେଉଛି । ନଦୀ ପାର ହୋଇ ଯାଇଛନ୍ତି ବସୁଦେବ । ନିଦ୍ରାବୀଭୂତ ଗୋପପୁରୀ । ବନ୍ଧୁ ନନ୍ଦରାଜଙ୍କୁ ଭେଟି, ଅବଚେତନ ଅବସ୍ଥାରେ ଥିବା ଯଶୋମତୀଙ୍କ କୋଳରେ କୃଷ୍ଣ ଚନ୍ଦ୍ରଙ୍କୁ ରଖି ତାଙ୍କ ଗର୍ଭରୁ ଜନ୍ମିତ କନ୍ୟା ସନ୍ତାନଟିକୁ ପାଲଟାଇ ଆଣିଛନ୍ତି ସେ । ଭଗ୍ନୀ ଦେବକିଙ୍କ ଆକୁଳ ବାରଣ ସତ୍ୱେ କ୍ରୁର କଂସ କନ୍ୟାଟିକୁ ଶିଳାରେ କଚାଡି ମାରିବାକୁ ବୃଥା ପ୍ରୟାସକରି ବିଫଳ ହୋଇଛି । କନ୍ୟାଟି ତାର ହାତରୁ ଖସି ଶୂନ୍ୟ ମାର୍ଗରେ ରହି ତାର ମୃତ୍ୟୁ ରହସ୍ୟ ଉନ୍ମୋଚନ କଲେ ମଧ୍ୟ ଭ୍ରଷ୍ଟାଚାରୀ ମନରେ ସଦବୁଦ୍ଧି ପ୍ରବେଶକରି ନାହିଁ । ସେ ଯେ ମାତା ଯୋଗମାୟା, କଳୁଷିତ ମନରେ ଅଜ୍ଞାତ ସେ । ଅବଦମିତ କୁପ୍ରବୃତ୍ତି କିପରି ଧ୍ୱଂସକୁ ଆମନ୍ତ୍ରଣ କରେ ତାହା ଏଥିରୁ ଅନୁମେୟ । ପାପାଚାରୀ ମାନଙ୍କ ଭିତରେ ନିଜ ଅଜ୍ଞାତରେ ତାଙ୍କ ପାପର ଭାରା ଏତେ ଓଜନ ହୋଇଯାଏ ଯେ ସେମାନେ ପ୍ରତିକ୍ରୟାଶୀଳ ହୋଇ ପଡି ନିଜ ଗୋଡରେ ନିଜେ କୁରାଢି ମାରନ୍ତି । ବାଳକୃଷ୍ଣ ଭଗବାନଙ୍କୁ ମାରିବା ପାଇଁ ନାନା କୁ-ଉପାୟମାନ ଅବଲମ୍ବନ ଯଥା ପୁତନା ସ୍ତନରେ କାଳ –କୁଟ ବିଷ ଭରିବା , ବକାସୁର, ଷଣ୍ଢାସୁର ଇତ୍ୟାଦିଙ୍କୁ ପ୍ରେରଣ କରି ତାଙ୍କୁ ମାରିବା ବଦଳରେ ନିଜ ସହଯୋଗୀମାନଙ୍କୁ ହରାଇଛି । ଶୟନେ ସପନେ ଜାଗରଣେ ତାର ଭୟଭୀତ ମନ ତାକୁ କୃଷ୍ଣ ରୂପେ ପ୍ରତୀତ ହୋଇଛି । ଶେଷରେ ଯେତେବେଳେ ଅକ୍ରୁରଙ୍କୁ ପଠାଇ ସେ କୃଷ୍ଣ ବଳରାମଙ୍କୁ ଧନୁଯଜ୍ଞ ଦେଖିବା ବାହାନାରେ ହତ୍ୟା କରିବାକୁ ଷଡଯନ୍ତ୍ର କରିଛି ନିଜେ ଜଗତି (ମଞ୍ଚା)ରୁ ପଡି ମୃତ୍ୟୁ ବରଣ କରିଛି । କୃତ କର୍ମର ଫଳ ଆମେ ଭୋଗୁ, ପୁରାଣ ଓ ଇତିହାସ ଆମକୁ ଏହା ଶିକ୍ଷା ଦିଏ । ପ୍ରଭୁ କୃଷ୍ଣ ଚନ୍ଦ୍ର ଅପ୍ରାକୃତ ପ୍ରେମ- ଭକ୍ତିର ଯେଉଁ ଫଲ୍ଗୁ ଝରାଇ ଦେଇଛନ୍ତି ତାହା ଜନ୍ମରୁ ମୃତ୍ୟୁ ପଥରେ ଯେଉଁ ଜୀବନ ପ୍ରବାହ ତାକୁ ସରସ – ସୁନ୍ଦର ଓ ସାବଲୀଳ କରାଏ । ମାନବକୁ ଦିବ୍ୟାନୁଭବର ଆନନ୍ଦ ପ୍ରଦାନ କରେ । କୁରୁକ୍ଷେତ୍ର ଯୁଦ୍ଧ ଭୂମିରେ ସେ ଯୋଗେଶ୍ୱର ରୂପେ ସଖା ତଥା ଭକ୍ତ ଅର୍ଜୁନକୁ ଯେଉଁ ଦିବ୍ୟ ଜ୍ଞାନର ସନ୍ଦେଶ ପ୍ରଦାନ କରିଛନ୍ତି ସେଥିରେ ଯେଉଁ ଜୀବନ ଦର୍ଶନ ରହିଛି ତାହା ସାଂପ୍ରତିକ ପରିପ୍ରେକ୍ଷୀରେ କାଳଜୟୀ କଳକଲ୍ଲୋଳିତ ସ୍ରୋତ । ଗଭୀର ଭାବରେ ଅନୁଚିନ୍ତନ ଓ ଅନୁଶୀଳନ ହିଁ ତାର ପରିଭାଷା । ସମ୍ପ୍ରତି, ଯେଉଁ ସଂଧିକ୍ଷଣ ଦେଇ ମାତା ପୃଥିବୀ ଗତି କରୁଛି, ତାହା ବୋଧହୁଏ ବଡ ଉଦ୍‌ବେଗକର । ବିବେକାନୁମୋଦିତ ହୋଇ ପରସ୍ପର ଭିତରେ ସଦଭାବନା ଅମୃତ ଝରାଇଦେଇ ସବୁ ବିଷକୁ ପରି ପ୍ରକ୍ଷାଳନକରି ବିଶ୍ୱ ଭାତୃତ୍ୱର ସମ୍ବନ୍ଧରେ ଏକ ସୁନ୍ଦର ସହାବସ୍ଥାନର ସୂତ୍ରପାତ କରିପାରିବ । ଜନ୍ମାଷ୍ଟମୀ ପାଳନ ଶୁଭ ଅବସରରେ ସମଗ୍ର ପୃଥିବୀ ପୃଷ୍ଠରୁ ଅଜ୍ଞାନ ରୂପକ ଅନ୍ଧକାର ଦୂରୀଭୂତହୋଇ ସର୍ବ ପାପ ବିଧ୍ୱଂସିତ ଏକ ଶୁଭଂକର ପବିତ୍ର ବାତାବରଣ ସୃଷ୍ଟି ହେଉ ଏହାହିଁ କାମନା ।

**କଟକ,**
**ଫୋନ-୮୩୩୯୦୫୧୧୭୩**

## ଜନ୍ମାଷ୍ଟମୀ



ତନୁଜ କୁମାର ମଲଣା

ଘନ କୃଷ୍ଣ ମେଘେ ବିଜୁଳି ଚମକେ, ଭାଦ୍ରବ ଝଙ୍କାର ବାଜେ,
କଂସ କାରାଗାରେ ଦିବ୍ୟ ଆଲୋକରେ, ନନ୍ଦନନ୍ଦନ ବିରାଜେ।
ପଞ୍ଚ ସହସ୍ର ଦ୍ୱିଶତ ତେପନ ବରଷର ପୁଣ୍ୟ ତିଥି,
ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବରେ, ଗାଇଉଠେ ସାରା କ୍ଷିତି।
ଉତ୍କଳ ଭୂମିରେ ପ୍ରତିଟି ଗୃହରେ, ପ୍ରଜ୍ୱଳିତ ଦୀପ-ଆଳତି,
ଶ୍ରୀମନ୍ଦିର ନୀତି ସାକ୍ଷ୍ୟ ବହନ କରେ, କାଳିଆର ଜନ୍ମ-ରୀତି।
ଗୁପ୍ତ ଗୋପପୁର ଶ୍ରୀକ୍ଷେତ୍ର ନଗରୀ, ଜନ୍ମାଷ୍ଟମୀ ମହୋତ୍ସବେ,
ଗୋପୀଚନ୍ଦନରେ ଅର୍ଘ୍ୟ ଅରପଇ, ଭକ୍ତ ଓଡ଼ିଆ ଗୌରବେ।
ଭାଦ୍ରବ କୃଷ୍ଣ ପକ୍ଷର ପ୍ରଦୋଷେ, ପବିତ୍ର ଅଷ୍ଟମୀ ରାତି,
ସେହି ଶ୍ରୀକୃଷ୍ଣ ହିଁ ପ୍ରଭୁ ଜଗନ୍ନାଥ, ଦାରୁବ୍ରହ୍ମ ଶୁଭ ମୂରତି।
ଦେବକୀ ନୟନୁ ଖୁଖିଲା ଲୋତକ, କୋଳେ ଅବତରିଲେ ହରି,
ବସୁଦେବ ଯମୁନା ଉତରିଲେ ଧୀରେ, ଶିରେ ସେ ଟାଙ୍ଗୁଡ଼ି ଧରି।
କୈଳାସ ସନ୍ତୋଷେ ପ୍ରଭୁ ଶୂଳପାଣି, ଭବାନୀଙ୍କୁ ସଙ୍ଗେ ଧରି,
ଗୋପପୁର ଧାମେ ବିଜେ ହେଲେ ଶିବ, ଦର୍ଶନ ଲାଳସା କରି।
ନଟରାଜ ଶିବ ତାଣ୍ଡବ ରଚିଲେ, ଦେଖି ବାଳକୃଷ୍ଣ ରୂପ,
ସାର୍ଥକ ହୋଇଲା ମାତା ପାର୍ବତୀଙ୍କ, ନୟନ ସେ ଅପରୂପ।
ଆରିଷା, କାକରା, ପୋଡ଼ପିଠା ଭୋଗେ, ମହକେ ଉତ୍କଳ ମାଟି,
ଗୋକୁଳ ଭୁବନେ ଆନନ୍ଦ ଉଚ୍ଛୁଳେ, ଯଶୋଦାଙ୍କ ସ୍ନେହ-କୋଳଟି।
ନବନୀତ-ଚୋରା ନଟଖଟ କାହ୍ନା, ମୁରଲୀରେ ଭରେ ସୁର,
ଭକ୍ତ ହୃଦୟରୁ ସନ୍ତାପ ନାଶି, ଭୁବନ କରେ ମଧୁର।
ଝୁଲୁଅଛି ଝୁଲଣ ଗୋପପୁରେ ଆଜି କମ୍ପେ 'ହରିବୋଲ' ଧ୍ୱନି ରେ,
ଓଡ଼ିଆ ପ୍ରାଣର ଶ୍ରୀକୃଷ୍ଣ ଚରଣେ ଭକ୍ତି-ଯମୁନା ଉଚ୍ଛୁଳେ।
ହେ କୃଷ୍ଣ, ହେ ଗୋବିନ୍ଦ ଚରଣେ ଶରଣ ଦିଅ,
ଭାଦ୍ରବ ମାସର ପୁଣ୍ୟ ରଜନୀରେ ଏ ଦୀନ-ପ୍ରାର୍ଥନା ନିଅ।

*ସିଆଇଏସ୍‌ଏଫ୍-ପାରାଦୀପ*
*ମୋ-୯୦୬୪୮୨୦୯୧୧*




# ବନ୍ୟାସ୍ଥିତି ନେଇ ତେଜୁଛି ରାଜନୀତି



ଭୁବନେଶ୍ୱର(ବ୍ୟୁରୋ): ଯାଜପୁରରେ ବନ୍ୟା ସ୍ଥିତିକୁ ନେଇ ତେଜିଲା ରାଜନୀତି । ବନ୍ୟା ପରିଚାଳନା ଓ ସରକାରୀ ସହାୟତାକୁ ନେଇ ବିଜେଡି ସରକାରଙ୍କୁ ଘେରିଥିବା ବେଳେ, ଏହାର ଜବାବ ରଖିଛି ବିଜେପି । ଯାଜପୁର, ବିଂଝାରପୁର ଓ ବରୀର ୩ ବିଜେଡି ବିଧାୟକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି । ବିଜେଡି ବିଧାୟକମାନଙ୍କ ଅଭିଯୋଗ ଅନୁସାରେ, ଦୀର୍ଘ ୨୬ ଦିନ ହେଲା ଯାଜପୁରରେ ବନ୍ୟା ସ୍ଥିତି ଲାଗି ରହିଛି । ବନ୍ୟା ପୂର୍ବରୁ ଯେଉଁଳି ପ୍ରସ୍ତୁତି ହେବା କଥା, ତାହା ହୋଇନାହିଁ । ବିଭିନ୍ନ ବିଭାଗ ମଧ୍ୟରେ ଆବଶ୍ୟକ ସମନ୍ୱୟ ନଥିବା ସହ ଲୋକଙ୍କ ପାଖରେ ଶୁଖିଲା ଖାଦ୍ୟ ଓ ଗୋଖାଦ୍ୟ ଠିକ୍ ଭାବେ ପହଞ୍ଚିନଥିବା ସେମାନେ ଅଭିଯୋଗ କରିଛନ୍ତି । ବିଜେଡିର ଅଭିଯୋଗ, ବରୀ, ବିଂଝାରପୁର ଓ ଯାଜପୁରରେ ବିଜେଡି ବିଧାୟକ ଥିବାରୁ ସରକାରୀ ସହାୟତାକୁ ଅଣଦେଖା କରାଯାଇଛି । ମୁଖ୍ୟମନ୍ତ୍ରୀ ବନ୍ୟା ଅଞ୍ଚଳ ବୁଲିଥିଲେ ମଧ୍ୟ ଯାଜପୁରରେ ସ୍ଥିତିର ସଠିକ୍ ସମୀକ୍ଷା କରାଯାଇନଥିବା ସେମାନେ କହିଛନ୍ତି । ଏପରିକି ଯାଜପୁରର ସମୀକ୍ଷା ବୈଠକ ଭଦ୍ରକରେ କାହିଁକି କରାଗଲା ବୋଲି ପ୍ରଶ୍ନ ଉଠାଇଛି ଦଳ । ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିର ସହାୟତା ଜିଲ୍ଲାପାଳଙ୍କ ପାଖରେ ନପହଞ୍ଚି ଦଳୀୟ ନେତାଙ୍କ ମାଧ୍ୟମରେ ବଣ୍ଟାଯାଉଥିବା ନେଇ ମଧ୍ୟ ବିଜେଡି ଅଭିଯୋଗ କରିଛି । କୃଷକଙ୍କ ସମସ୍ୟାକୁ ନେଇ କୃଷିମନ୍ତ୍ରୀଙ୍କ ମନ୍ତବ୍ୟକୁ ମଧ୍ୟ ସମାଲୋଚନା କରିଛି ଦଳ । ଲୋକଙ୍କ ପାଖରେ ଠିକ୍ ଭାବେ ସହାୟତା ନପହଞ୍ଚିଲେ ସମ୍ପୃକ୍ତ ନିର୍ବାଚନମଣ୍ଡଳୀରେ ଗଣଆନ୍ଦୋଳନ କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି । ଅନ୍ୟପଟେ ବିଜେଡିର ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି ବିଜେପି । ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ବନ୍ୟା ସ୍ଥିତିରେ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ଆକାଶ ମାର୍ଗରୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାଉଣ୍ଡରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଯାଜପୁର ଜିଲ୍ଲାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଯାଇଥିବା ଏବଂ ଦଳମତ ନିର୍ବିଶେଷରେ ବିଧାୟକମାନେ ଉପସ୍ଥିତ ଥିବା ବିଜେପି କହିଛି । ରିଲିଫ୍ ବଣ୍ଟନ ଓ ଗୋଖାଦ୍ୟ ଯୋଗାଣ ନେଇ ମଧ୍ୟ ସମୀକ୍ଷା କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି । ବିଜେପିର ପ୍ରଶ୍ନ, ଅତୀତରେ ବନ୍ୟା ସମୟରେ ପୂର୍ବ ସରକାର କେତେଥର ବନ୍ୟାଞ୍ଚଳକୁ ଯାଇଥିଲେ ? ଏବେ ବିଜେଡି ନେତାମାନେ କାହିଁକି ବନ୍ୟାଞ୍ଚଳରେ ନାହାନ୍ତି ? ରିଲିଫ୍ ପହଞ୍ଚିନଥିବା ନେଇ ବିଜେଡିର ଭିନ୍ନ ଭିନ୍ନ ଅଭିଯୋଗକୁ ନେଇ ମଧ୍ୟ ବିଜେପି ପ୍ରଶ୍ନ ଉଠାଇଛି । ପୂର୍ବତନ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ରିଲିଫ୍ କୋଡ୍ ଓ ସହାୟତା ବଣ୍ଟନ ପ୍ରକ୍ରିୟା ସମ୍ପର୍କରେ ଭଲ ଭାବେ ଜାଣିଥିବାରୁ ତାଙ୍କଠାରୁ ଏଭଳି ଅଭିଯୋଗ ଆଶା କରାଯାଉନଥିବା କହିଛି ବିଜେପି । ବନ୍ୟା ସ୍ଥିତିକୁ ନେଇ ଏବେ ବିଜେଡି ଓ ବିଜେପି ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଜୋର୍ ଧରିଥିବା ବେଳେ, ପ୍ରକୃତରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ସରକାରୀ ସହାୟତା କେତେ ଦୂର ପହଞ୍ଚୁଛି, ତାହା ଉପରେ ଏବେ ନଜର ରହିଛି ।

### ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବ ଇଡ୍କୋ

# ୩୭ଟି ପ୍ରକଳ୍ପକୁ ଜମି ବଣ୍ଟନ କମିଟିର ଅନୁମୋଦନ

ଭୁବନେଶ୍ୱର(ବ୍ୟୁରୋ): ଓଡ଼ିଶାରେ ଶିଳ୍ପବିକାଶକୁ ଅଧିକ ଗତିଶୀଳ କରିବା ଏବଂ ନିବେଶକଙ୍କ ପାଇଁ ବ୍ୟବସାୟିକ ସୁଗମତା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍କୋ)ର ଜମି ବଣ୍ଟନ କମିଟି ୩୭ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡକୋ ଅଧ୍ୟକ୍ଷ ଶ୍ରୀମତୀ ଉଷା ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କମିଟିର ବୈଠକରେ ଏହି ପ୍ରସ୍ତାବ ଅନୁମୋଦିତ ହୋଇଛି । ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ୨୪ଟି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୧୩ଟି ଜମି ପ୍ରସ୍ତାବ ସାମିଲ ରହିଛି । ଏହି ଅନୁମୋଦନ ଦ୍ୱାରା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବା ସହ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ବୃଦ୍ଧି, ଆଞ୍ଚଳିକ ଶିଳ୍ପ ବିକାଶ ଏବଂ ଯୋଗାଣ ଶୃଙ୍ଖଳାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ । ଜମି ସମ୍ପର୍କିତ ପ୍ରସ୍ତାବଗୁଡ଼ିକର ଶୀଘ୍ର ଫଇସଲା ଇଡ୍କୋର ସମୟବଦ୍ଧ ନିଷ୍ପତ୍ତି ଗ୍ରହଣ, ସୁଦୃଢ଼ ଜମି ପରିଚାଳନା ଏବଂ ନିବେଶକ-ଅନୁକୂଳ



ପରିବେଶ ସୃଷ୍ଟି ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଶୀଘ୍ର ପ୍ରକ୍ରିୟାକରଣ ଓ ସମୟବଦ୍ଧ ଅନୁମୋଦନ ମାଧ୍ୟମରେ ବୃହତ ଶିଳ୍ପ ସହ ଉଦୀୟମାନ ଉଦ୍ୟୋଗ ଏବଂ ଏମ୍ ଏସ୍ ଏମ୍ ଇ ଗୁଡ଼ିକ ପାଇଁ ଏକ ଅଧିକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ସୁଗମ ଶିଳ୍ପ ପରିବେଶ ଗଠନ ଉପରେ ଗୁରୁତ୍ୱ ଦିଆଯାଉଛି । କେବଳ ପ୍ରଶାସନିକ ଅନୁମୋଦନରେ ସୀମିତ ନ ରହି ପ୍ରକଳ୍ପଗୁଡ଼ିକର ଭୂମିସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ଇଡ୍କୋ ବିଶେଷ ଗୁରୁତ୍ୱ ଦେଉଛି । ଶ୍ରୀମତୀ ପାଢ଼ୀଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ ଓ କଳିଙ୍ଗନଗର ସମେତ ବିଭିନ୍ନ ରଣନୈତିକ ଶିଳ୍ପ କରିଡର ଏବଂ ଶିଳ୍ପାଞ୍ଚଳରେ ନିୟମିତ କ୍ଷେତ୍ର ପରିଦର୍ଶନ ଓ ସ୍ଥଳସ୍ତରୀୟ ସମୀକ୍ଷା କରାଯାଉଛି । ଏହି ପରିଦର୍ଶନ ସମୟରେ ଜମି ଉନ୍ନୟନ ଓ ସମତଳୀକରଣ, ମାଷ୍ଟର ପ୍ଲାନିଂ, ବିଦ୍ୟୁତ ଓ ଜଳ ଯୋଗାଣ, ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥା, ମାଲ ପରିବହନ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଶିଳ୍ପ ଭିତ୍ତିଭୂମିର ସ୍ଥିତିକୁ ପ୍ରତ୍ୟକ୍ଷ ଭାବେ ସମୀକ୍ଷା କରାଯାଉଛି । ଶିଳ୍ପାଞ୍ଚଳରେ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସୁବିଧା ସହ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ନିମନ୍ତେ ସୁରକ୍ଷିତ, ସୁଗମ ଓ ଆବଶ୍ୟକୀୟ ଭିତ୍ତିଭୂମି ଉପଲବ୍ଧତା ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ପ୍ରଶାସନିକ ଅନୁମୋଦନ ଏବଂ ପ୍ରକଳ୍ପର ପ୍ରକୃତ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ବ୍ୟବଧାନକୁ କମାଇବା ଏହି କ୍ଷେତ୍ରସ୍ତରୀୟ ତଦାରଖର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥଳସ୍ତରୀୟ ସମୀକ୍ଷା ମାଧ୍ୟମରେ ଭିତ୍ତିଭୂମି ସମ୍ପର୍କିତ ସମସ୍ୟା ଓ ଅଭାବଗୁଡ଼ିକୁ ତ୍ୱରିତ ଚିହ୍ନଟ କରାଯାଇ ସମ୍ପୃକ୍ତ ବିଭାଗ ଓ ସଂସ୍ଥାଗୁଡ଼ିକ ସହ ସମନ୍ୱୟରେ ସମୟବଦ୍ଧ ପଦକ୍ଷେପ ନିଆଯାଉଛି । ଦ୍ରୁତ ପ୍ରଶାସନିକ ଅନୁମୋଦନ ଓ ନିୟମିତ କ୍ଷେତ୍ରସ୍ତରୀୟ ତଦାରଖ , ଏହି ଦ୍ୱିମୁଖୀ ରଣନୀତିର ଲକ୍ଷ୍ୟ ହେଉଛି ଶିଳ୍ପ ଜମି ବଣ୍ଟନକୁ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ଭାବେ ସୀମିତ ନ ରଖି ଏହାକୁ ବାସ୍ତବ ପୁଞ୍ଜିନିବେଶ, ନିଯୁକ୍ତି ସୃଷ୍ଟି ଓ ଦୀର୍ଘମିଆଦୀ ଅର୍ଥନୈତିକ ବିକାଶରେ ପରିଣତ କରିବା । ସୁଦୃଢ଼ ଜମି ପରିଚାଳନା, ଉନ୍ନତ ଶିଳ୍ପ ଭିତ୍ତିଭୂମି ଏବଂ ନିବେଶକ ସୁଗମତାକୁ ନିରନ୍ତର ପ୍ରାଥମିକତା ଦେଇ ଇଡ୍କୋ ଓଡ଼ିଶାକୁ ଏକ ଦ୍ରୁତଗତିଶୀଳ, ପ୍ରତିଯୋଗିତାମୂଳକ ଓ ନିବେଶ-ଅନୁକୂଳ ଶିଳ୍ପ ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳିବା ଦିଗରେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ବୃହତ ଶିଳ୍ପ ନିବେଶ ସହ ଏମ୍ଏସ୍ଏମ୍ଇ କ୍ଷେତ୍ରର ବିସ୍ତାର, ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଏବଂ ସମାବେଶୀ ଓ ଆଞ୍ଚଳିକ ଭାରସାମ୍ୟପୂର୍ଣ୍ଣ ଶିଳ୍ପ ବିକାଶକୁ ଅଧିକ ଗତି ମିଳିବ ।

# ଚକ୍ଷୁଦାନ ପାଇଁ ଲୋକଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ

ଭୁବନେଶ୍ୱର(ବ୍ୟୁରୋ): ଭାରତରେ ୨୦ ଲକ୍ଷରୁ ଅଧିକ ଲୋକ କର୍ଣ୍ଣିଆ ଅନ୍ଧତ୍ୱରେ ପୀଡ଼ିତ ଅଛନ୍ତି । ଏମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତଙ୍କ ବୟସ ୧୨ ବର୍ଷରୁ କମ୍ । କର୍ଣ୍ଣିଆ ରୋଗ, ଆଘାତ କିମ୍ବା ସଂକ୍ରମଣ କାରଣରୁ ଆଖିର କର୍ଣ୍ଣିଆ ଅସ୍ୱଚ୍ଛ ବା ଧୂସର ହୋଇଯାଇପାରେ, ଯାହା ଫଳରେ କର୍ଣ୍ଣିଆ ଅନ୍ଧତ୍ୱ ଦେଖାଦିଏ । କର୍ଣ୍ଣିଆ ଅନ୍ଧତ୍ୱର ଚିକିତ୍ସା ନହେଲେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ରହିଥାଏ । ଏହା ଫଳରେ ଅକ୍ଷମତା ସହ ବଂଚିବାର ବର୍ଷ ବୃଦ୍ଧି ପାଇବା ସହ ପରିବାର ଓ ସମାଜ ଉପରେ ଭାବନାତ୍ମକ ଏବଂ ଆର୍ଥିକ ଚାପ ବଢ଼ିଥାଏ । କର୍ଣ୍ଣିଆ ପ୍ରତିରୋପଣ ହେଉଛି କର୍ଣ୍ଣିଆ ଅନ୍ଧତ୍ୱର ଜଣାଶୁଣା ଏକମାତ୍ର ନିରାକରଣ ପଦ୍ଧତି । ତେଣୁ ଅଧିକ ସଂଖ୍ୟକ ଚକ୍ଷୁ ବା କର୍ଣ୍ଣିଆ ଦାନର ଆବଶ୍ୟକତା ରହିଛି । ମିଥୁ ତୁଳସୀ ଚାନରାଇ କ୍ୟାମ୍ପସ, ଭୁବନେଶ୍ୱରସ୍ଥିତ ଦୃଷ୍ଟି ଦାନ ଆଇ ବ୍ୟାଙ୍କର ମେଡିକାଲ୍ ଡାଇରେକ୍ଟର ଡା. ସୁଜାତା ଦାସ ୪୧ତମ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ଶୁଭାରମ୍ଭ ଅବସରରେ ଏହି ଅଭାବ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଆମେ ସମସ୍ତ ବୟସ, ଲିଙ୍ଗ ଓ ବୃତିର ଲୋକଙ୍କୁ ଚକ୍ଷୁଦାନ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରୁଛୁ । ସଂକ୍ରାମକ ରୋଗଜନିତ ମୃତ୍ୟୁକୁ ବାଦ ଦେଇ, ମୃତ୍ୟୁର କାରଣ ଯାହା ହେଉନା କାହିଁକି, ଲୋକମାନେ ନିଜ ଚକ୍ଷୁ ଦାନ କରିବାକୁ ଆଗେଇ ଆସନ୍ତୁ ଏବଂ ଏହି ଅଭାବକୁ ଦୂର କରିବାରେ ସହଯୋଗ କରନ୍ତୁ । ୪୧ତମ ଚକ୍ଷୁଦାନ ପକ୍ଷ ଅବସରରେ ଏଲ୍‌ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଚକ୍ଷୁଦାନର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ।

# ନବୀନ ପଟ୍ଟନାୟକ ଓ ଭି.କେ ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ମାମଲାର ଆବେଦନ ଖାରଜ

ଭୁବନେଶ୍ୱର(ବ୍ୟୁରୋ) : ହେଲିକପ୍ଟର ମାମଲାରେ ଖାରଜ ହେଲା ଆବେଦନ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଓ ତାଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ମାମଲା ଆବେଦନ ଖାରଜ କଲେ ଖୋର୍ଦ୍ଧା କୋର୍ଟ । ଅଭିଯୋଗରେ ଯଥେଷ୍ଟ ଆଧାର ନାହିଁ କହିଲେ ଖୋର୍ଦ୍ଧା କୋର୍ଟ । ଝଉଔଗଙ୍କ ପୂର୍ବ ନିଷ୍ପତ୍ତିକୁ କାଏମ ରଖିଲେ ଜିଲ୍ଲା ଓ ଦୌରାଜଜ୍ । ବହୁଚର୍ଚ୍ଚିତ 'ହେଲିକପ୍ଟର ମାମଲା'ରେ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ କୋର୍ଟ ରିଭିଜନ୍ ପିଟିସନ୍‌କୁ ଖାରଜ କରିଦେଇଛନ୍ତି । ଅଭିଯୋଗରେ ଯଥେଷ୍ଟ ଆଧାର ନଥିବା କୋର୍ଟ କହିଛନ୍ତି । ଶ୍ରୀଧର ଚନ୍ଦ୍ର ମହାନ୍ତିଙ୍କ ପକ୍ଷରୁ ରିଭିଜନ୍ ପିଟିସନ୍ ଦାଖଲ କରାଯାଇଥିଲା । ଆଜି ଏହାର ଶୁଣାଣି କରି କୋର୍ଟ ଆବେଦନକୁ ଖାରଜ କରିଛନ୍ତି । କୋର୍ଟଙ୍କ କହିବା ଅନୁସାରେ, ଅଭିଯୋଗକାରୀ ଯେଉଁସବୁ ଆଇନର ଧାରା ଆଧାରରେ ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ,




ସେଗୁଡ଼ିକୁ ପ୍ରମାଣିତ କରିବା ଭଳି ଆବଶ୍ୟକ ତଥ୍ୟ କିମ୍ବା ସାମଗ୍ରୀ ଦାଖଲ କରିପାରିନଥିଲେ । ଏହାଛଡ଼ା ମାମଲା ଦାଖଲ କରିବା ପୂର୍ବରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୧୭୩(୪) ଅନୁସାରେ ଯେଉଁ ଆଇନଗତ ପ୍ରକ୍ରିୟା ପାଳନ କରିବା କଥା, ତାହା ମଧ୍ୟ କରାଯାଇନଥିଲା । କୋର୍ଟ ଆଉ ଏକ ପ୍ରମୁଖ କଥା ଉଲ୍ଲେଖ କରିଛନ୍ତି । ବିଏନ୍ଏସ୍ଏସ୍‌ର ଧାରା ୩୩ ଅନୁସାରେ ଏଭଳି ଅଭିଯୋଗ ଦାଖଲ କରିବା ପାଇଁ ଅଭିଯୋଗକାରୀଙ୍କ ଆଇନଗତ ଅଧିକାର ନଥିଲା ବୋଲି କୋର୍ଟ କହିଛନ୍ତି । ଏହି ମାମଲା ପ୍ରଥମେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଆଇସିସି ୬୯୬୦ର ୨୦୨୪ ଭାବେ ଦାଖଲ ହୋଇଥିଲା । ୨୦୨୬ ମାର୍ଚ୍ଚ ୨୫ରେ ଏସ୍‌ଡିଜେଏମ୍ କୋର୍ଟ ଅଭିଯୋଗକୁ ଖାରଜ କରିଦେଇଥିଲେ । ଝଉଔଗଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଶ୍ରୀଧର ଚନ୍ଦ୍ର ମହାନ୍ତି ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ କୋର୍ଟରେ ରିଭିଜନ୍ ପିଟିସନ୍ ଦାଖଲ କରିଥିଲେ । କିନ୍ତୁ ଜିଲ୍ଲା ଓ ଦୌରାଜଜ୍ ଝଉଔଗଙ୍କ ଆଦେଶରେ କୌଣସି ଆଇନଗତ ତ୍ରୁଟି ଥିବା ଦେଖିବାକୁ ପାଇନାହାନ୍ତି । ଫଳରେ ଏସ୍‌ଡିଜେଏମ୍‌ଙ୍କ ମାର୍ଚ୍ଚ ୨୫ର ଆଦେଶକୁ କାଏମ ରଖି ରିଭିଜନ୍ ପିଟିସନ୍‌କୁ ଖାରଜ କରାଯାଇଛି । ସରଳ ଭାବେ କହିଲେ, ଅଭିଯୋଗକୁ ଆଗକୁ ନେବା ପାଇଁ ଯଥେଷ୍ଟ ତଥ୍ୟ ଓ ଆଇନଗତ ଆଧାର ନଥିବାରୁ କୋର୍ଟ ଆବେଦନକୁ ଗ୍ରହଣ କରିନାହାନ୍ତି । ମାମଲାରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପରିଜା ଓ ସୀତାଂଶୁ ମୋହନ ଦ୍ୱିବେଦୀ ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନଙ୍କ ପାଇଁ ମାମଲା ପରିଚାଳାନ କରୁଥିଲେ । ପୂର୍ବ ସରକାର ସମୟରେ ହେଲିକପ୍ଟର ବ୍ୟବହାର ଏବଂ ଏଥିପାଇଁ ସରକାରୀ ଅର୍ଥ ଖର୍ଚ୍ଚକୁ ନେଇ ଏକ ବ୍ୟକ୍ତିଗତ ଅଭିଯୋଗରୁ ଏହି ମାମଲା ଆରମ୍ଭ ହୋଇଥିଲା । ଅଭିଯୋଗକାରୀ ଏହାକୁ ନେଇ ନବୀନ ପଟ୍ଟନାୟକ ଓ ଭି.କେ. ପାଣ୍ଡିଆନଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରଥମେ ଝଉଔଗ କୋର୍ଟ ଅଭିଯୋଗକୁ ଖାରଜ କରିଥିଲେ । ଏବେ ସେହି ନିଷ୍ପତ୍ତି ବିରୋଧରେ ଦାଖଲ ରିଭିଜନ୍ ପିଟିସନ୍‌କୁ ମଧ୍ୟ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଖାରଜ କରିଛନ୍ତି ।

# ପାର୍ବଣ ପୂର୍ବରୁ ଧରାପଡ଼ିଲା ହାର୍ଡକୋର କ୍ରିମିନାଲ



ଭୁବନେଶ୍ୱର(ବ୍ୟୁରୋ) : ପାର୍ବଣ ପୂର୍ବରୁ ଆକ୍ସନ ମୋଡରେ ପୋଲିସ । ମହଙ୍ଗା ପଡିଲା ଖଣ୍ଡା ବୁଲାଇବା । ଧରାପଡ଼ିଲା ହାର୍ଡକୋର କ୍ରିମିନାଲ । ଦୁର୍ଦ୍ଦାନ୍ତ ଅପରାଧି ବାପି ସ୍ୱାଇଁ ଗିରଫ । ବୁଦ୍ଧ ବିହାର ଖଣ୍ଡା ବୁଲା ଘଟଣାରେ ଗିରଫ କଲା ପୋଲିସ୍ । ୧୦ରୁ ଅଧିକ ମାମଲାରେ ଅଭିଯୁକ୍ତ ଅଛି । ଦୁଇଟି ଖଣ୍ଡା ସହ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ଆଉ ଜଣେ ଅଭିଯୁକ୍ତ ଏବେ ଫେରାର ଅଛି । ଗତବର୍ଷ ହୋଲି ସମୟରେ ମଧ୍ୟ ହଣାକଟାରେ ସେ ସାମିଲ ଥିଲା । ବାପି ବାରୋଧରେ ଲାଗିବ କଠୋର ଦଫା । ଖୁବଶୀଘ୍ର ତା ଫ୍ଲାଟକୁ ସିଲ କରିବ ପୋଲିସ୍ । ଆଗକୁ ପାର୍ବଣ ଥିବାରୁ ପୂଜା ସମୟରେ ଅପରାଧିଙ୍କ ଆତଙ୍କ ଏଡାଇବାକୁ ଆକ୍ସନ ଆରମ୍ଭ କରିଛି ପୋଲିସ । ବିଭିନ୍ନ ଥାନା ଅଞ୍ଚଳରେ ପେସାଗତ ଅପରାଧିଙ୍କୁ ଉଠାଇ ଆଣୁଛି ପୋଲିସ ।

### ଭୁବନେଶ୍ୱରରେ ଭୟଙ୍କର ସିରିଜ୍ ଦୁର୍ଘଟଣା

# ଚା ପିଉଥିବା ବେଳେ ଚଢ଼ିଗଲା କାର୍, ୪ ଗୁରୁତର



ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱର ପଳାଶୁଣୀ ଛକ ଫୁଟ୍ ଓଭରବ୍ରିଜ୍‌ରେ ଭୟଙ୍କର ସିରିଜ୍ ଦୁର୍ଘଟଣା । ଭୋର୍ ୪.୧୦ଟାରେ ଘଟି ଦୁର୍ଘଟଣା । ଚା ଦୋକାନ ନିକଟରେ ଲୋକେ ଚା ପିଉଥିବା ବେଳେ ଏକ ମହିନ୍ଦ୍ରା ଏକ୍ସୟୁଭି ନିୟନ୍ତ୍ରଣ ହରାଇ ଦୋକାନ ଉପରକୁ ମାଡ଼ିଯାଇଥିଲା । ଦୁର୍ଘଟଣାରେ ଏସ୍‌ୟୁଭିଟି ଦୁଇଟି କାର ଓ ଦୁଇଟି ବାଇକ୍‌କୁ ଧକ୍କା ଦେବା ସହ ତାହା ଉପରେ ଚଢ଼ିଯାଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଗାଡ଼ିଗୁଡ଼ିକ ଗୁଣ୍ଡ ହୋଇଯାଇଛି । ଏହି ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଯୁବକ ମଧ୍ୟ ଆହତ ହୋଇ କ୍ୟାପିଟାଲ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଖବର ପାଇ ମଞ୍ଚେଶ୍ୱର ଥାନାର ୨ଟି ପିସିଆର, ପାହାଲ ଥାନାର ଗୋଟିଏ, ସହିଦନଗର ଥାନାର ଗୋଟିଏ ପିସିଆର ଏବଂ ଗୋଟିଏ ହାଇ ପାଟ୍ରୋଲିଂ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା । ପୁଲିସ୍ ଓ ଉଦ୍ଧାରକାରୀ ଦଳ ଆହତମାନଙ୍କୁ ଉଦ୍ଧାର କରିଥିଲେ । ଜଣେ ଆହତଙ୍କୁ ପିସିଆର ଯୋଗେ ଏବଂ ଅନ୍ୟ ଗୁରୁତରଙ୍କୁ ଦୁଇଟି ଆମ୍ବୁଲାନ୍ସ ଯୋଗେ ମେଡିକାଲ ନିଆଯାଇଛି ।ଘଟଣା ପରେ ମଞ୍ଚେଶ୍ୱର ଥାନା ପୁଲିସ୍ ସମସ୍ତ ଗାଡ଼ିକୁ ଥାନାକୁ ନେଇ ମାମଲା ରୁଜୁ କରିଛି । ଦୁର୍ଘଟଣାର ପ୍ରକୃତ କାରଣ ଏବଂ ଗାଡ଼ିର ଗତି ସମ୍ପର୍କରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି ।

# ସୁଲଭ ମୂଲ୍ୟରେ ମିଳିବାକୁ ଥିବା ଆବାସ ଯୋଜନାରେ କଟିଲେଣି ୨୦୦

ଭୁବନେଶ୍ୱର(ବ୍ୟୁରୋ): ରାଜଧାନୀର ନିମ୍ନବର୍ଗଙ୍କୁ ସୁଲଭ ମୂଲ୍ୟରେ ଆବାସ ଯୋଗାଇଦେବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ଗ୍ରହଣ କରାଯାଇଥିବା ଆବେଦନ ଉପରେ ଖୁବ୍‌ଶୀଘ୍ର ଲଟେରି ଉଠାଣ କାର୍ଯ୍ୟକ୍ରମ କରାଯିବ । ଏହି ପ୍ରକ୍ରିୟା ଚଳିତମାସ ଶେଷସୁଦ୍ଧା କରାଯିବାକୁ ବିଡିଏ ଲକ୍ଷ୍ୟ ରଖିଛି ବୋଲି ସଚିବ ମାନସ ରଞ୍ଜନ ପାଢ଼ୀ ସୂଚନା ଦେଇଛନ୍ତି । ବିଡିଏର ପ୍ରତିଷ୍ଠା ଦିବସ ଅବସରରେ ସଚିବ ପାଢ଼ୀ କହିଛନ୍ତି, ପଟିଆ ଅଞ୍ଚଳରେ ନିମ୍ନ ଆୟ ବର୍ଗ(ଏଲ୍‌ଆଇଜି) ପରିବାର ପାଇଁ ବିଡିଏ ପକ୍ଷରୁ ସୁଲଭ ଆବାସ ଯୋଜନା ହାତକୁ ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ 'ଟ୍ରାଇଡେଣ୍ଟ ଆବାସ, ପଟିଆ' ପ୍ରକଳ୍ପରେ ମୋଟ୍ ୯୦ଟି ୨-ବିଏଚ୍‌କେ ଫ୍ଲାଟ୍ ରହିଛି । ଏଥିପାଇଁ ଏପ୍ରିଲ ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପ୍ରଥମ ପର୍ଯ୍ୟାୟରେ ମେ' ୬ରୁ ଜୁନ୍ ୪ ମଧ୍ୟରେ ଆବେଦନ ଗ୍ରହଣ କରିବାକୁ କୁହାଯାଇଥିଲା । ପରବର୍ତ୍ତୀ ସମୟରେ ଏହାର ଅବଧିକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଥିଲା । ଇତିମଧ୍ୟରେ ବିଡିଏକୁ ୪,୬୦୦ରୁ ଉର୍ଦ୍ଧ୍ୱ ଆବେଦନ ମିଳିଛି । ସେସବୁର ଯାଞ୍ଚ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମାତ୍ର କେତେକ ନୀତିଗତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି । ଏହି ଯାଞ୍ଚ ପ୍ରକ୍ରିୟା ବେଳେ ପ୍ରାୟ ୨ଶହ ଆବେଦନକାରୀ ବିଭିନ୍ନ କାରଣରୁ ବାଦ୍ ପଡ଼ିଛନ୍ତି । ଏହି ପ୍ରକଳ୍ପ ଓଡ଼ିଶା ହାଉସିଂ ଫର ଅଲ୍ ପଲିସି ଅଧୀନରେ ଟ୍ରାଇଡେଣ୍ଟ ପ୍ରପର୍ଟିଜ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକଶିତ କରାଯିବାକୁ ରହିଛି । ସୂଚନା ଅନୁଯାୟୀ, ଭୁବନେଶ୍ୱର ୱାନ୍ ପ୍ଲସ୍-୧ ପ୍ରକଳ୍ପର ୫୬୨.୩ ବର୍ଗଫୁଟ କାର୍ପେଟ୍ ଏରିଆର ଫ୍ଲାଟ୍‌ର ମୂଲ୍ୟ ୧୫.୫୧ ଲକ୍ଷ ଟଙ୍କା । ଅନ୍ୟପକ୍ଷରେ ୫୩୨.୧ ବର୍ଗଫୁଟ ଫ୍ଲାଟ୍‌ର ମୂଲ୍ୟ ୧୪.୬୮ ଲକ୍ଷ ଟଙ୍କା ରହିଛି । ବିଡିଏର ସର୍ତ୍ତ ଅନୁଯାୟୀ, ଆବେଦନକାରୀଙ୍କ ପରିବାରର ବାର୍ଷିକ ଆୟ ୩ରୁ ୬ ଲକ୍ଷ ଟଙ୍କା ମଧ୍ୟରେ ହେବା ସହ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧ ଜାନୁଆରୀ ୨୦୨୩ ପୂର୍ବରୁ ବାସିନ୍ଦା ହୋଇଥିବା ଆବଶ୍ୟକ । ଆବେଦନକାରୀଙ୍କ ପରିବାର ସଦସ୍ୟଙ୍କ ନାମରେ ଦେଶର କୌଣସି ସ୍ଥାନରେ ପକ୍କାଘର ନ ଥିବା ସହିତ ଅନ୍ୟ କେତେକ ସର୍ତ୍ତାବଳୀ ରହିଛି ।

# ଦାମୀ କାର୍‌ରେ ଦେଶୀମଦ ଚାଲାଣ, ୭ ମାଫିଆ ଗିରଫ



ଭୁବନେଶ୍ୱର(ବ୍ୟୁରୋ): ଦାମୀ କାରରେ ଦେଶୀ ମଦ କାରବାର । ଥାର ଓ ସ୍କର୍ପିଓ ଗାଡ଼ିରେ ଚାଲୁଥିଲା ଚୋରା ବେପାର । ଭୁବନେଶ୍ୱର ଅବକାରୀ ଟିମର ବଡ଼ ଧରଣର ଅପରେସନ । ନାମୀ ଦାମୀ କାର ସହ ବିପୁଳ ଦେଶୀ ମଦ ଜବତ । ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ମଦ ମାଫିଆ ଗିରଫ । ସ୍ପେଶାଲ ଡ୍ରାଇଭ୍ କରି ଦେଶି ମଦ ମାଫିଆଙ୍କ ନେଟୱର୍କ ଖୁଲାସା କଲା ଭୁବନେଶ୍ୱର ଅବକାରୀ ଟିମ୍ । ୪ଟି କାର ସହ ୩ଟି ବାଇକ ଜବତ । ପାର୍ବଣ ପୁର୍ବରୁ ମାଫିଆଙ୍କ ଆଡ୍ଡା ଉପରେ ଚଢାଉ କରି ଜବତ ହେଲା ମଦ । ନଜର ହଟଇବାକୁ ନାମୀ ଦାମୀ କାରରେ ହେଉଥିଲା ଚାଲାଣ । ନମ୍ବରପ୍ଲେଟ ବଦଳାଇ ହେଉଥିଲା ଚୋରା କାରବାର । ବନ୍ଧୁକ ଦେଖାଇ ଧମକଚମକ ଦେଉଥିଲେ ମଦ ମାଫିଆ । ଫିଲ୍ମ ଷ୍ଟାଇଲ ରେ ଅବାକରି ଟିମ୍ ଅପରେସନ କରି ଦେଶୀ ମଦ ପ୍ରସ୍ତୁତ ମେସିନ ସହ ୫୦୦୦ ଲିଟର ମଦ ଜବତ କରିଛି ।ବାଲିଅନ୍ତା, ପଟିଆ, ରସୁଲଗଡ଼ ଓ ତମାଣ୍ଡୋ ବିଭିନ୍ନ ଅଞ୍ଚଳରୁ ସାତ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଅବାକାରୀ ଟିମ୍ ।

# ଗଞ୍ଜେଇ ଚୋରାଚାଲଣ ଅଭିଯୋଗରେ କେରଳରେ ୬ ଓଡ଼ିଆ ଗିରଫ

ଭୁବନେଶ୍ୱର(ବ୍ୟୁରୋ) : ଗଞ୍ଜେଇ ଚୋରାଚାଲଣ ଅଭିଯୋଗରେ କେରଳରେ ୬ ଓଡ଼ିଆ ଗିରଫ । କେରଳର ଓଲାଭାକୋଡ୍ ରେ ଜବତ ହେଲା ୫୩ କିଲୋଗ୍ରାମରୁ ଅଧିକ ଗଞ୍ଜେଇ । କେରଳ ପୋଲିସର ନିଶା ନିବାରଣ ଅଭିଯାନ ଅଧୀନରେ ପାଲକ୍କାଡ଼ ନିକଟ ଓଲାଭାକୋଡ୍ ଠାରେ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି । ପାଲକ୍କାଡ଼ ଜିଲ୍ଲା ଆଣ୍ଟି-ନାର୍କୋଟିକ୍ସ ସ୍ପେଶାଲ ଆକ୍ସନ୍ ଫୋର୍ସ ଏବଂ ହେମାମ୍ବିକା ନଗର ପୋଲିସର ମିଳିତ ଟିମ୍ ଓଲାଭାକୋଡ୍ ରେଳ ଷ୍ଟେସନ ପରିସରରେ ଚଢ଼ାଉ କରିଥିଲା । ଅଭିଯୁକ୍ତମାନଙ୍କ ନିକଟରୁ ମୋଟ ୫୩.୪୫୩ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଗିରଫ ହୋଇଥିବା



ସମସ୍ତ ୬ ଜଣ ଅଭିଯୁକ୍ତ ଓଡ଼ିଶାର ବାସିନ୍ଦା । କନ୍ଧମାଳ ଜିଲ୍ଲାର ଜିଖୋରିଆ ଦିଗାଲ, ଅନିଲ କୁମାର ଦିଗାଲ ଓ କ୍ରିଷ୍ଟ ଦିଗାଲ ଏବଂ ରାୟଗଡ଼ା ଜିଲ୍ଲାର ପୁରନ୍ଦର ଖୋରା, ଯୁଧିଷ୍ଠିର ବିଭାର ଓ ଲାବଣ୍ୟ ଖୋରା । ପୋଲିସ ସୂଚନା ଅନୁଯାୟୀ, ଏହି ୬ ଜଣ ଓଡ଼ିଶାରୁ ଟ୍ରେନ୍ ଯୋଗେ ଓଲାଭାକୋଡ୍ ରେଳ ଷ୍ଟେସନରେ ପହଞ୍ଚିଥିଲେ । ସମସ୍ତ ୬ ଜଣଙ୍କ ପାଖରେ ଦୁଇଟି ଲେଖାଏଁ ବଡ଼ ବ୍ୟାଗ୍ ଥିଲା । ଷ୍ଟେସନରୁ ବାହାରକୁ ଆସି ରାସ୍ତାରେ ଯାଉଥିବା ସମୟରେ ସେମାନଙ୍କର ସନ୍ଦେହଜନକ ଚଳପ୍ରଚଳ ଓ ବ୍ୟାଗଗୁଡ଼ିକର ଅସ୍ୱାଭାବିକ ଭାର ଦେଖି ପୋଲିସ ଟିମ୍ ସେମାନଙ୍କୁ ଅଟକାଇଥିଲା । ଯାଞ୍ଚ କରିବା ପରେ ବ୍ୟାଗ୍ ଭିତରୁ ବିପୁଳ ପରିମାଣର ଗଞ୍ଜେଇ ଉଦ୍ଧାର ହୋଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ କେରଳର ସ୍ଥାନୀୟ ଡ୍ରଗ୍ସ ବେପାରୀମାନଙ୍କୁ ଯୋଗାଇବା ଉଦ୍ଦେଶ୍ୟରେ ଏହି ଗଞ୍ଜେଇ ଚୋରାଚାଲାଣ କରାଯାଉଥିଲା । ପୋଲିସ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଘଡଚଝ ଆଇନ ଅଧୀନରେ ମାମଲା ରୁଜୁ କରିଛି । ରେଳ ଷ୍ଟେସନ ବାହାରେ ଏହି ସାମଗ୍ରୀ ନେବାକୁ ଅପେକ୍ଷା କରିଥିବା ସ୍ଥାନୀୟ ଲୋକଙ୍କ ସମେତ ସମ୍ପୃକ୍ତ ଆନ୍ତଃରାଜ୍ୟ ନିଶା କାରବାର ନେଟୱର୍କକୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ।

## ଭାରତ-ବେଲଜିୟମ୍ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି

# ପ୍ରତିରକ୍ଷା, ସ୍ୱଚ୍ଛ ଶକ୍ତି ଓ ସେମିକଣ୍ଡକ୍ଟର ଉପରେ ଗୁରୁତ୍ୱ

- 'ଜୋରାଓ୍ୱର' ଟ୍ୟାଙ୍କ ପ୍ରକଳ୍ପ ଉପରେ ମୋଦୀଙ୍କ ପ୍ରାଧାନ୍ୟ
- ଦୁଇ ଦେଶ ମଧ୍ୟରେ ବଢ଼ିବ ସହଯୋଗ ଓ ସମ୍ପର୍କ



**ନୂଆଦିଲ୍ଲୀ,୩।୯:** ଭାରତ-ବେଲଜିୟମ୍ ମଧ୍ୟରେ ଆହୁରି ବଢ଼ି ସହଯୋଗ। ଦୁଇ ଦେଶ ମଧ୍ୟରେ ସାକ୍ଷର ହୋଇଛି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବେଲଜିୟମ୍ ପ୍ରଧାନମନ୍ତ୍ରୀ ବାର୍ଟ ଡି ଓ୍ୱେଭରଙ୍କ ଉପସ୍ଥିତିରେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ଭାରତ ଓ ବେଲଜିୟମ୍ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସାକ୍ଷର ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତ-ବେଲଜିୟମ୍ ସମ୍ପର୍କର ଐତିହାସିକ ଦିଗ ସହିତ ପ୍ରତିରକ୍ଷା, ସ୍ୱଚ୍ଛ ଶକ୍ତି, କ୍ରିଟିକାଲ୍ ମିନେରାଲ୍ସ ଓ ସେମିକଣ୍ଡକ୍ଟର ଭଳି କ୍ଷେତ୍ରରେ ବଢ଼ୁଥିବା ସହଯୋଗ ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ବେଲଜିୟମ୍ ପ୍ରଧାନମନ୍ତ୍ରୀଙ୍କୁ ଭାରତରେ ସ୍ୱାଗତ କରି କହିଛନ୍ତି, ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ହୋଇଥିଲେ ମଧ୍ୟ ଭାରତ ସହ ତାଙ୍କର ସମ୍ପର୍କ ପୁରୁଣା। ଏଣ୍ଟୱର୍ପର ମେୟର ଭାବେ ସେ ସେଠାରେ ଥିବା ବଡ଼ ଭାରତୀୟ ସମୁଦାୟ ଏବଂ ଭାରତ-ବେଲଜିୟମ୍ ହୀରା ବ୍ୟବସାୟକୁ ସମର୍ଥନ କରିଆସିଛନ୍ତି। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବେଲଜିୟମ୍‌ରେ ଭାରତୀୟ ସୈନିକମାନଙ୍କ ସାହସ ଓ ବଳିଦାନକୁ ମୋଦୀ ଭାରତ-ବେଲଜିୟମ୍ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଅଂଶ ବୋଲି କହିଛନ୍ତି। ଗଣତାନ୍ତ୍ରିକ ମୂଲ୍ୟବୋଧ, ବଜାର ଭିତ୍ତିକ ଅର୍ଥନୀତି ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ମଜବୁତ ସମ୍ପର୍କ ଭାରତ ଓ ବେଲଜିୟମ୍‌କୁ ସ୍ୱାଭାବିକ ଭାଗୀଦାର କରିଛି ବୋଲି ସେ କହିଛନ୍ତି। ବିଶେଷ କରି 'ଜୋରାଓ୍ୱର' ଟ୍ୟାଙ୍କ ପ୍ରକଳ୍ପର ଉଲ୍ଲେଖ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ପ୍ରକଳ୍ପରେ ଭାରତ ଓ ବେଲଜିୟମ୍ ମିଳିତ ଭାବେ କାମ କରୁଛନ୍ତି। ଏହା ସହ ପ୍ରତିରକ୍ଷା ପ୍ରଯୁକ୍ତି ଓ ଶିଳ୍ପ କ୍ଷେତ୍ରରେ ସହଯୋଗକୁ ଆହୁରି ବ୍ୟାପକ କରିବା ଉପରେ ମଧ୍ୟ ଆଲୋଚନା ହୋଇଛି। ଅନ୍ୟପଟେ, ବିଶ୍ୱରେ ଅସ୍ଥିରତା ଓ ବିଭିନ୍ନ ସଂଘର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିର ଗତି ଜାରି ରହିଥିବା କଥା ମୋଦୀ କହିଛନ୍ତି। ଖାଦ୍ୟ, ଇନ୍ଧନ ଓ ସପ୍ଲାଏ ଚେନ୍‌ରେ ଅନିଶ୍ଚିତତା ଥିଲେ ମଧ୍ୟ ଭାରତ ଦ୍ରୁତ ଗତିରେ ଆଗକୁ ବଢ଼ୁଛି ବୋଲି ସେ କହିଛନ୍ତି। କ୍ରିଟିକାଲ୍ ମିନେରାଲ୍ସର ପ୍ରୋସେସିଂ ଓ ରିସାଇକ୍ଲିଂ କ୍ଷେତ୍ରରେ ଦୁଇ ଦେଶ ସହଯୋଗ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ସେମିକଣ୍ଡକ୍ଟର କ୍ଷେତ୍ରରେ ମଧ୍ୟ ଭାରତ ଓ ବେଲଜିୟମ୍ ସହଯୋଗର ବଡ଼ ସମ୍ଭାବନା ରହିଛି। ବେଲଜିୟମ୍ ପ୍ରଯୁକ୍ତିଗତ ଦକ୍ଷତା ଓ ଭାରତର ବିଶାଳ ବଜାର ଏବଂ ଉତ୍ପାଦନ କ୍ଷମତାକୁ ଏକାଠି କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ବେଲଜିୟମ୍‌ର ପ୍ରସିଦ୍ଧ ଓଗରଉ ସଂସ୍ଥାକୁ ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ସହ ଯୋଡ଼ିବା ପାଇଁ ଦୁଇ ଦେଶ କାମ କରିବେ।

ମୋଦୀ କହିଛନ୍ତି, ଭାରତ ଓ ବେଲଜିୟମ୍ ଆଇନର ଶାସନ, ଆଲୋଚନା ଓ କୂଟନୀତିରେ ବିଶ୍ୱାସ କରନ୍ତି। ୟୁକ୍ରେନ୍ ହେଉ କି ପଶ୍ଚିମ ଏସିଆ, ସଂଘର୍ଷର ଶୀଘ୍ର ଅବସାନ ଓ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ପ୍ରୟାସକୁ ଭାରତ ସମର୍ଥନ କରୁଥିବା ସେ କହିଛନ୍ତି। ଏହା ସହ ଆତଙ୍କବାଦକୁ ସବୁ ରୂପରେ ମୂଳପୋଛ କରିବା ଦିଗରେ ଦୁଇ ଦେଶର ସମାନ ପ୍ରତିବଦ୍ଧତା ରହିଛି। ଶେଷରେ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ବେଲଜିୟମ୍‌କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ହୀରା ବ୍ୟବସାୟରୁ ଆରମ୍ଭ ହୋଇଥିବା ଦୁଇ ଦେଶର ପୁରୁଣା ସମ୍ପର୍କ ଏବେ ପ୍ରତିରକ୍ଷା, ସେମିକଣ୍ଡକ୍ଟର, କ୍ରିଟିକାଲ୍ ମିନେରାଲ୍ସ ଓ ସ୍ୱଚ୍ଛ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରକୁ ବ୍ୟାପିବାକୁ ଯାଉଛି।

### ଭାରତର ଅଭିବୃଦ୍ଧି କାହାଣୀ ବିଶ୍ୱ ପାଇଁ ଆତ୍ମବିଶ୍ୱାସ ଓ ନୂତନ ସୁଯୋଗର ଉତ୍ସ : ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ଓ୍ୱେଭରଙ୍କ ସହିତ ବ୍ୟାପକ ଆଲୋଚନା କରିବା ସମୟରେ ସଦ୍ୟତମ ତ୍ରୈମାସିକରେ ଭାରତର ୭.୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧିକୁ ଆଲୋକପାତ କରି କହିଛନ୍ତି ଯେ, ଭାରତର ଅଭିବୃଦ୍ଧି କାହାଣୀ ବିଶ୍ୱ ପାଇଁ ଆତ୍ମବିଶ୍ୱାସ ଓ ନୂତନ ସୁଯୋଗର ଉତ୍ସ ପାଲଟିଛି। ଡି ଓ୍ୱେଭରଙ୍କ ସହିତ ସାକ୍ଷାତ ପରେ ମୋଦୀ କହିଛନ୍ତି ଯେ, ବିଶ୍ୱ ଅନିଶ୍ଚିତତା, ଦ୍ୱନ୍ଦ୍ୱ ଓ ଖାଦ୍ୟ, ଇନ୍ଧନ ଓ ଯୋଗାଣ ଶୃଙ୍ଖଳରେ ବାଧା ସତ୍ତ୍ୱେ ଭାରତର ଅର୍ଥନୀତି ଏହାର ଗତି ବଜାୟ ରଖିଛି। ଭାରତ ଓ ବେଲଜିୟମ ବାଣିଜ୍ୟ, ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱଚ୍ଛ ଶକ୍ତି ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବିସ୍ତାର କରିବାକୁ ରାଜି ହୋଇଥିବାବେଳେ ମୋଦୀଙ୍କ ଏହି ମନ୍ତବ୍ୟ ଆସିଛି। ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗକୁ ଦ୍ୱିପାକ୍ଷିକ ସମ୍ପର୍କର 'ମୁଖ୍ୟ ସ୍ତମ୍ଭ' ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ, ଦୁଇ ଦେଶ ସାମରିକ ଆଦାନପ୍ରଦାନ ଏବଂ ତାଲିମ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ସେ କହିଛନ୍ତି ଯେ, ସରକାର ଓ ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ଚୁକ୍ତିନାମା ପ୍ରତିରକ୍ଷା ସହ-ବିକାଶ ଓ ସହ-ଉତ୍ପାଦନ ପାଇଁ ସୁଯୋଗ ସୃଷ୍ଟି କରିବ। ଭାରତ ଓ ବେଲିଜିୟମ୍ ଆସନ୍ତା ୫ ବର୍ଷରେ ଦ୍ୱିପାକ୍ଷିକ କାରବାରକୁ ଦ୍ୱିଗୁଣିତ କରିବାକୁ ରାଜି ହୋଇଛନ୍ତି।

## ଝିଅ ପାଇଁ କ୍ୟାବିନେଟ୍‌ରୁ ବିଦାହେଲେ ତେଲଙ୍ଗାନା ମନ୍ତ୍ରୀ



**ନୂଆଦିଲ୍ଲୀ,୩।୯:** ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମନ୍ତ୍ରୀ କୋଣ୍ଡା ସୁରେଖାଙ୍କୁ ତୁରନ୍ତ ପ୍ରଭାବରେ କ୍ୟାବିନେଟରୁ ବହିଷ୍କାର କରିଛନ୍ତି। ଏହି ସମ୍ପର୍କରେ ଏକ ସୁପାରିଶ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥିଲା। ତେଲେଙ୍ଗାନା ବନମନ୍ତ୍ରୀ କୋଣ୍ଡା ସୁରେଖାଙ୍କ ଝିଅ କୋଣ୍ଡା ସୁସ୍ମିତା ପଟେଲ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ ଅନ୍ୟ ନେତାଙ୍କ ବିରୁଦ୍ଧରେ ମନ୍ତବ୍ୟ ଦେଇଥିଲେ, ଯାହା ଏକ ବିବାଦ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଅନେକ କଂଗ୍ରେସ ବିଧାୟକ ମୁଖ୍ୟମନ୍ତ୍ରୀ ରେବନ୍ତ ଏବଂ ଅନ୍ୟ ନେତାଙ୍କ ବିରୁଦ୍ଧରେ ସୁରେଖାଙ୍କ ଝିଅଙ୍କ ମନ୍ତବ୍ୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳୀୟ ନେତୃତ୍ୱକୁ ଅନୁରୋଧ କରିଥିଲେ। ଏହି ସମୟରେ, କୋଣ୍ଡା ସୁରେଖା ଗତକାଲି (ବୁଧବାର) ଦିଲ୍ଲୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଏବଂ ତେଲେଙ୍ଗାନା କଂଗ୍ରେସ ପ୍ରଭାରୀ ମୀନାକ୍ଷୀ ନଟରାଜନଙ୍କ ସହ ସାକ୍ଷାତ କରିଥିଲେ। ଏହା ପରେ ସୁରେଖା କହିଛନ୍ତି ଯେ ଦଳୀୟ ହାଇକମାଣ୍ଡ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ସେ ଉଠାଇଥିବା ପ୍ରସଙ୍ଗ ଗୁଡ଼ିକୁ ବିଚାର କରାଯିବ ଏବଂ ଉପଯୁକ୍ତ ବିଚାର ବିମର୍ଶ ପରେ ହିଁ ନିଷ୍ପତ୍ତି ନିଆଯିବ। ଓ୍ୱାରାଙ୍ଗଲ ଜିଲ୍ଲାର ପାର୍କଲରେ ତାଙ୍କ ମାଆଙ୍କ ଜନ୍ମଦିନ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପରିବାରକୁ ସମାଲୋଚନା କରିଥିବା କୋଣ୍ଡା ସୁସ୍ମିତା ପଟେଲ କହିଛନ୍ତି ଯେ ତାଙ୍କ ରାଜନୈତିକ ଉତ୍ଥାନରେ ତାଙ୍କୁ ସାହାଯ୍ୟ କରିଥିବା ଲୋକଙ୍କୁ ସେ ଭୁଲିଯାଇଛନ୍ତି। ସେ ତାଙ୍କୁ ସେଲ୍ କମ୍ପାନୀ ମାଧ୍ୟମରେ ରାଜ୍ୟକୁ ଲୁଟ୍ କରିବାର ଅଭିଯୋଗ ମଧ୍ୟ କରିଥିଲେ। ପରେ ମାମଲା ଦଳର ଶୃଙ୍ଖଳାଗତ କମିଟିକୁ ଗଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (CMO) ଅନୁଯାୟୀ, ମୁଖ୍ୟମନ୍ତ୍ରୀ ତେଲେଙ୍ଗାନା ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବରେ ଡକ୍ଟର ଜି. ଚିନ୍ନା ରେଡ୍ଡୀଙ୍କ ନିଯୁକ୍ତିକୁ ତୁରନ୍ତ ପ୍ରତ୍ୟାହାର କରିଛନ୍ତି। ଡକ୍ଟର ଜି. ଚିନ୍ନା ରେଡ୍ଡୀଙ୍କ ସ୍ଥାନରେ ଗଡଓ୍ୱାଲ ବିଜୟଲକ୍ଷ୍ମୀଙ୍କୁ ତେଲେଙ୍ଗାନା ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ନେରେଲା ଶାରଦାଙ୍କୁ ତେଲେଙ୍ଗାନା ରାଜ୍ୟ ମହିଳା କମିଶନ, ହାଇଦ୍ରାବାଦର ଅଧ୍ୟକ୍ଷା ଭାବରେ ନିଯୁକ୍ତ କରିଛନ୍ତି। ସେ ପୂର୍ବତନ ରାଜ୍ୟସଭା ସଦସ୍ୟ ଜି. ସୁଧା ରାଣୀଙ୍କୁ କାକାତିଆ ନଗର ଉନ୍ନୟନ କର୍ତ୍ତୃପକ୍ଷର ଅଧ୍ୟକ୍ଷା ଭାବରେ ନିଯୁକ୍ତ କରିଛନ୍ତି।

## ଆପ୍ ନେତା ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଲା ଜାମିନ

**ନୂଆଦିଲ୍ଲୀ,୩।୯:** ଆପ୍‌ର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ବଡ଼ ଆଶ୍ୱସ୍ତି। ଦିଲ୍ଲୀ ଜଳ ବୋର୍ଡ ଦୁର୍ନୀତି ସହ ଜଡ଼ିତ ମାମଲାରେ ଗିରଫ ଜୈନଙ୍କୁ ଆଜି ଦିଲ୍ଲୀର ଗୋଟିଏ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଦିଲ୍ଲୀ ଜଳ ବୋର୍ଡ ଅଧୀନରେ ସ୍ୱରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି) ପାଇଁ ହୋଇଥିବା ଟେଣ୍ଡରରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ସତ୍ୟେନ୍ଦ୍ର ଜୈନ ଜଳ ବୋର୍ଡ ମନ୍ତ୍ରୀ ଥିବା ବେଳେ ଅନିୟମିତତା ହୋଇଥିବା ଅଭିଯୋଗ ଆସିବାରୁ ତାଙ୍କୁ ଦିଲ୍ଲୀ ସରକାରଙ୍କ ଦୁର୍ନୀତି ନିରୋଧ ଶାଖା ବା ଏସିବି ଗିରଫ କରିଥିଲା। ରୋଜ ଆଭିନ୍ୟୁ କୋର୍ଟର ସ୍ପେଶାଲ ଜଜ(ପିସି ଆକ୍ଟ) ଦିଗବିନୟ ସିଂହ ଆଜି ଜୈନଙ୍କ ଜାମିନ ଆବେଦନକୁ ଅନୁମୋଦନ କରିଛନ୍ତି। ଅଗଷ୍ଟ ୧୮ରେ ଜୈନଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଡିରେକ୍ଟୋରେଟ ଅଫ ଭିଜିଲାନ୍ସ ପକ୍ଷରୁ ୨୦୨୪ ମେ' ୧୧ରେ କରାଯାଇଥିବା ଅଭିଯୋଗ ଆଧାରରେ ଏସିବି ଏପରି ଗିରିଫଦାରୀ କରିଥିଲା। ଜୈନଙ୍କ ବ୍ୟତୀତ ଏହି ମାମଲାର ଅନ୍ୟ ଅଭିଯୁକ୍ତମାନେ ହେଲେ ଦିଲ୍ଲୀ ଜଳ ବୋର୍ଡର ପୂର୍ବତନ ସିଇଓ ଓ ଆଇଏଏସ ଅଫିସର ଉଦିତ ପ୍ରକାଶ ରାଏ, ପୂବଆତନ ଠିକା ପରାମର୍ଶଦାତା ଅଙ୍କିତ ଶ୍ରୀବାସ୍ତବ, ଏଏନ ଏଣ୍ଟରପ୍ରାଇଜେସର ପ୍ରୋପାଇଟର ନଗେନ୍ଦ୍ର ଯାଦବ, ୟୁରୋଟେକ ଏନଭରମେଣ୍ଟ ପ୍ରାଇଭେଟ ଲିଃ ମାଲିକ ରାଜା କୁମାର କୁରା ଓ ଶ୍ରୀଜନହର ପ୍ରୋପାଇଟର ପଙ୍କଜ ବର୍ମା। ଦିଲ୍ଲୀ ଜଳ ବୋର୍ଡ ପକ୍ଷରୁ ପରିଚାଳିତ ସ୍ୱରେଜ ପ୍ଲାଣ୍ଟର ମରାମତି ଓ ନବୀକରଣ ପାଇଁ ହୋଇଥିବା ଟେଣ୍ଡରରେ ବ୍ୟାପର ଆର୍ଥିକ କାରବାର ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଜୈନ ମନ୍ତ୍ରୀ ଭାବେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ବୋଲି ଏସିବି ଅଭିଯୋଗ କରିବା ସହ ତାଙ୍କୁ ଗିରଫ କରିଥିଲା। କିନ୍ତୁ ଏହା ପଛରେ ରାଜନୀତିକ ଗନ୍ଧ ବାରିଥିଲା ଆପ୍।

### ସିନ୍ଧୁ ଜଳ ବିବାଦରେ ଅନ୍ତର୍ଜାତୀୟ କୋର୍ଟଙ୍କ ନିର୍ଦ୍ଦେଶ

# ଚୁକ୍ତି ଅଧୀନରେ ଦାୟିତ୍ୱ ପାଳନ କର



**ନୂଆଦିଲ୍ଲୀ,୩।୯:** ହେଗ୍ ସ୍ଥିତ 'ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍' ନିଜ ନିଷ୍ପତ୍ତି ଶୁଣାଇ କହିଛି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ 'ସିନ୍ଧୁ ଜଳ ଚୁକ୍ତି' (IWT) ସମ୍ପୂର୍ଣ୍ଣ ଭାବେ ଲାଗୁ ରହିଛି। କୋର୍ଟ ଭାରତକୁ କହିଛି ଯେ ସେ 'ଚୁକ୍ତି ଅଧୀନରେ ନିଜର ଦାୟିତ୍ୱ ପାଳନ କରିବା' ଜାରି ରଖୁ। ଏହା ବ୍ୟତୀତ ହେଗ୍ କୋର୍ଟ ଚୁକ୍ତିକୁ 'ସ୍ଥଗିତ' ରଖିବାର ଭାରତର ନିଷ୍ପତ୍ତିକୁ ଚୁକ୍ତିକୁ 'ରୋକିବା କିମ୍ବା ଶେଷ କରିବା'ର ଚେଷ୍ଟା ବୋଲି ଗ୍ରହଣ କରିଛି। କୋର୍ଟ କହିଛି ଯେ ଚୁକ୍ତିରେ କୌଣସି ଗୋଟିଏ ପକ୍ଷକୁ ଚୁକ୍ତିର କାର୍ଯ୍ୟକାରିତାକୁ 'ରୋକିବା, ଶେଷ କରିବା' କିମ୍ବା 'ସ୍ଥଗିତ' ରଖିବାର କୌଣସି ପ୍ରାବଧାନ ନାହିଁ।

କୋର୍ଟ ଭାରତକୁ ଜାମ୍ମୁ-କାଶ୍ମୀରର ରତଲେ ହାଇଡ୍ରୋ-ଇଲେକ୍ଟ୍ରିକ୍ ପ୍ରୋଜେକ୍ଟରେ କିଛି ନିର୍ମାଣ କାର୍ଯ୍ୟକୁ ଅସ୍ଥାୟୀ ଭାବେ ରୋକିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି। ହେଲେ ଭାରତ ଏହି 'କୋର୍ଟ ଅଫ୍ ଆର୍ବିଟ୍ରେସନ୍'କୁ ସ୍ୱୀକୃତି ଦିଏନାହିଁ, ଯାହାକୁ ୨୦୨୩ରେ ପାକିସ୍ତାନର ଅନୁରୋଧ କ୍ରମେ ଆନୁଷ୍ଠାନିକ ଭାବେ ଗଠନ କରାଯାଇଥିଲା। ଭାରତ କେବେବି ଏହାର କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିନାହିଁ ଏବଂ ବାରମ୍ବାର ଏହାର ନିଷ୍ପତ୍ତିଗୁଡ଼ିକୁ ଅସିଦ୍ଧ ଓ ନିରର୍ଥକ ଦର୍ଶାଇ ଖାରଜ କରିଆସିଛି। ତେବେ ପ୍ରଶ୍ନ ହେଉଛି ଏବେ ଭାରତ କଣ କରିବ ?

ହେଗ୍ କୋର୍ଟର ନିଷ୍ପତ୍ତି ପାକିସ୍ତାନ ପାଇଁ ଗୋଟିଏ ଦସ୍ତାବିଜମୂଳକ ଏବଂ ପ୍ରତୀକାତ୍ମକ ବିଜୟ ହୋଇପାରେ, କିନ୍ତୁ ରଣନୀତିକ ଓ ବ୍ୟାବହାରିକ ସ୍ତରରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। କୂଟନୀତିଜ୍ଞ ରୁଚି ଘନଶ୍ୟାମ କହିଛନ୍ତି ଯେ ପାକିସ୍ତାନ ବାରମ୍ବାର ଭାରତର ପ୍ରକଳ୍ପଗୁଡ଼ିକରେ ବାଧା ସୃଷ୍ଟି କରୁଥିଲା, ତେଣୁ ଭାରତ ପାଖରେ ଏହି ଚୁକ୍ତିକୁ କିଛି ସମୟ ପାଇଁ ସ୍ଥଗିତ ରଖିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା। ସେ କହିଛନ୍ତି ଯେ ଭାରତ ବାରମ୍ବାର ସିନ୍ଧୁ ଜଳ ଚୁକ୍ତି ଉପରେ ପାକିସ୍ତାନ ସହ ଆଲୋଚନା ପାଇଁ ଅନୁରୋଧ କରୁଥିଲା, କିନ୍ତୁ ଇସଲାମାବାଦ ତାହାକୁ ଅଣଦେଖା କରୁଥିଲା।

## ସିନ୍ଧୁ ଜଳଚୁକ୍ତି ସ୍ଥଗିତ ରହିଲେ ସଂଘର୍ଷ ଭୟଙ୍କର

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ସିନ୍ଧୁ ଜଳ ଚୁକ୍ତି ବିବାଦକୁ ନେଇ ପାକିସ୍ତାନରୁ ଏକ ବିବାଦୀୟ ବୟାନ ସାମ୍ନାକୁ ଆସିଛି। ପାକିସ୍ତାନ କ୍ରିକେଟ୍ ବୋର୍ଡର ପୂର୍ବତନ ମୁଖ୍ୟ ତଥା ବରିଷ୍ଠ ସାମ୍ବାଦିକ ନଜମ ସେଠୀ ଏକ ଟିଭି କାର୍ଯ୍ୟକ୍ରମରେ କହିଛନ୍ତି ଯେ, ଯଦି ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରୁହେ, ତେବେ ଭାରତ ଓ ପାକିସ୍ତାନ ମଧ୍ୟରେ ଭୟଙ୍କର ସାମରିକ ସଂଘର୍ଷ ଘଟିପାରେ । ବିଶେଷକରି ଚିନାବ ନଦୀ ଉପରେ ଭାରତ ନିର୍ମାଣ କରୁଥିବା ଡ୍ୟାମ୍ ଏବଂ ସୁରଙ୍ଗ ପ୍ରକଳ୍ପକୁ ମିସାଇଲ୍ ମାଡ଼ କରି ଧ୍ୱଂସ କରିଦେବାର ଖୋଲା ଧମକ ଦେଇଛନ୍ତି ସେଠୀ ।

**ଭାରତକୁ ପାକ୍‌ର ଧମକ**

ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନୀର ଏହି ପ୍ରସଙ୍ଗରେ ଅତ୍ୟନ୍ତ ଆକ୍ରମଣାତ୍ମକ ମନୋଭାବ ପୋଷଣ କରିବେ ବୋଲି ସେ ଦାବି କରିଛନ୍ତି । ସାମ୍ବାଦିକା ଆୟଶା ନାଜଙ୍କ ସହ ଏକ ଟିଭି ଶୋ'ରେ ଆଲୋଚନା କରୁଥିବା ସମୟରେ ନଜମ ସେଠୀ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ଭାରତ ପାକିସ୍ତାନ ଉପରେ ଆକ୍ରମଣ କରେ ଏବଂ ପାକିସ୍ତାନର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି ହୁଏ, ତେବେ ପାକିସ୍ତାନୀ ସେନା ପରମାଣୁ ଅସ୍ତ୍ର ବ୍ୟବହାର କରିବାରୁ ପଛଘୁଞ୍ଚା ଦେବ ନାହିଁ । ସିନ୍ଧୁ ନଦୀ ପ୍ରଣାଳୀ ପାକିସ୍ତାନ ପାଇଁ ଏକ ଜୀବନରେଖା ସଦୃଶ ଏବଂ ଯଦି ଭାରତ ଏହି ଚୁକ୍ତି ଭାଙ୍ଗି ପାକିସ୍ତାନର ପାଣି ଅବରୋଧ କରେ, ତେବେ ଏହା ପାକିସ୍ତାନ ବିରୋଧରେ ଏକ ବଡ଼ ସାମରିକ ଆକ୍ରମଣ ସହ ସମାନ ହେବ ବୋଲି ସେ ମତ ଦେଇଛନ୍ତି ।

## ଚୁଟ୍‌କୀରେ...

### ପଞ୍ଜାବ ଭୋଟର ଲିଷ୍ଟରୁ ବାଦ୍ ପଡ଼ିଲେ ରାଘବ ଚଡ୍ଢା

**ଚଣ୍ଡୀଗଡ଼,୩।୯:** ପଞ୍ଜାବରେ ରାଘବ ଚଡ୍ଢାଙ୍କ ଭୋଟ୍ କାଟିବାକୁ ନେଇ ରାଜନୈତିକ ଝଡ଼ । ପଞ୍ଜାବରେ ଆସନ୍ତା ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରକାଶ ପାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ବିଶେଷ ସଂଶୋଧନ (SIR) ଖସଡ଼ାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଉଠିଛି। ଭାରତୀୟ ଜନତା ପାର୍ଟି (ବିଜେପି)ର ରାଜ୍ୟସଭା ସାଂସଦ ତଥା ପୂର୍ବତନ ଆପ୍ ନେତା ରାଘବ ଚଡ୍ଢାଙ୍କ ନାମ ଏହି ଏସଆଇଆର୍ (SIR) ଖସଡ଼ା ତାଲିକାରୁ ବାଦ୍ ପଡ଼ିଛି । ନାମ କାଟି ଦିଆଯିବା ଅଭିଯୋଗ ଆଣି ରାଘବ ଚଡ୍ଢା ପଞ୍ଜାବର କ୍ଷମତାସୀନ ଆପ୍ ସରକାର ଉପରେ ବର୍ଷିଛନ୍ତି ଏବଂ ଏହାକୁ ଏକ 'ରାଜନୈତିକ ବଦଳା' ବୋଲି କହିଛନ୍ତି । ରାଘବ ଚଡ୍ଢା ଅଭିଯୋଗ କରିଛନ୍ତି ଯେ, ସେ ପଞ୍ଜାବରୁ ଜଣେ ସାଂସଦ ହୋଇଥିବାବେଳେ ତାଙ୍କର ଭୋଟ୍ ପରିଚୟପତ୍ର ମୋହାଲିରେ ପଞ୍ଜୀକୃତ ଅଛି। ମାତ୍ର ପ୍ରକାଶିତ ଖସଡ଼ା ଭୋଟର ତାଲିକାରେ ତାଙ୍କ ନାମ ଆଗରେ 'ସ୍ଥାନାନ୍ତରିତ' ବୋଲି ଦର୍ଶାଇ ନାମ କାଟିଦିଆଯାଇଛି । ଏନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏକ ଦୀର୍ଘ ପୋଷ୍ଟ ସେୟାର କରି ସେ କହିଛନ୍ତି ଯେ, ଯେତେବେଳେ ସେ ଦୁର୍ନୀତିଗ୍ରସ୍ତ ଆମ ଆଦମୀ ପାର୍ଟି ଛାଡ଼ିଛନ୍ତି, ସେବେଠାରୁ ଆପ୍ ନେତୃତ୍ୱ ଅତ୍ୟନ୍ତ କ୍ରୋଧିତ ଅଛନ୍ତି । ଦଳ ଛାଡ଼ି ବିଜେପିରେ ଯୋଗଦେଇଥିବା ଅନ୍ୟ ସାଂସଦମାନଙ୍କୁ ମଧ୍ୟ ପଞ୍ଜାବ ସରକାର ମେସିନାରୀ ଲଗାଇ ଟାର୍ଗେଟ୍ କରୁଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

### ବିସିଆଇର ନୀତିଗତ ନିଷ୍ପତ୍ତିରେ ଏଜି, ଏସ୍‌ଜିଙ୍କ ପରାମର୍ଶ ଜରୁରୀ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୯:** ଭାରତୀୟ ବାର୍ କାଉନସିଲ (ବିସିଆଇ) ସହ ଜଡ଼ିତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ କହିଛନ୍ତି, ବିସିଆଇ ପକ୍ଷରୁ ନିଆଯାଉଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତିରେ ଭାରତର ଆଟର୍ଣ୍ଣି ଜେନେରାଲ (ଏଜି) ଏବଂ ସଲିସିଟର ଜେନେରାଲଙ୍କୁ ସକ୍ରିୟ ଭାବେ ସାମିଲ କରାଯିବ । ବିସିଆଇ ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ଦୀର୍ଘ କାର୍ଯ୍ୟକାଳର ବୈଧତାକୁ ଚ୍ୟାଲେଞ୍ଜ କରିବା ସହ ତାଙ୍କୁ ପଦରୁ ହଟାଯିବାକୁ ଦାବି କରି ଦାୟର ହୋଇଥିବା ରିଟ୍ ପିଟିସନର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ବିସିଆଇ ଦ୍ୱାରା ନିଆଯାଉଥିବା ପ୍ରତ୍ୟେକ ନୀତିଗତ ନିଷ୍ପତ୍ତି ସହ ଉଭୟ ଏଜି ଏବଂ ଏଏସ୍‌ଜି ସକ୍ରିୟ ଭାବେ ଜଡ଼ିତ ରହିବେ । ଆଇନଜୀବୀ ଯୋଗମାୟା ଏମ୍.ଜିଙ୍କ ଦ୍ୱାରା ଦାୟର ପିଟିସନରେ କୁହାଯାଇଥିଲା, ମନନ ମିଶ୍ର ପ୍ରଥମେ ୨୦୧୨ ପର୍ଯ୍ୟନ୍ତ ବିସିଆଇ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ ।

### ଝରଣାରେ ଗାଧୋଇ ୧୦ ଦିନରେ ଗଲା ୪ ଜୀବନ

**ନୂଆଦିଲ୍ଲୀ,୩।୯:** ହଠାତ୍ ଝରଣା ସେତେ ଯେମିତି ପାଲଟି ଯାଇଛି ବିଷ। କାରଣ ଝରଣାରେ ଗାଧୋଇବା ଗୋଟିଏ ପରିବାର ପାଇଁ ପଡ଼ିଛି ମହଙ୍ଗା। ଝରଣାରେ ଗାଧୋଇବାର ୧୦ ଦିନ ମଧ୍ୟରେ ଗୋଟିଏ ପରିବାର ୪ ଜଣ ପିଲା ହଠାତ୍ ହରାଇଛନ୍ତି ପ୍ରାଣ। ସେହିପରି ପରିବାରର ଅନ୍ୟ ସଦସ୍ୟମାନେ ଏବେ ହସ୍ପିଟାଲରେ ଜୀବନ ମରଣ ସହ କରୁଛନ୍ତି ସଂଘର୍ଷ। ମୃତ ୪ ଜଣ ବାଳକଙ୍କ ମଧ୍ୟରୁ ୩ ଜଣ ହେଉଛନ୍ତି ଭାଇ। ଆଉ ଜଣେ ବାଳକ ସେମାନଙ୍କ ସମ୍ପର୍କୀୟଙ୍କ ପୁଅ। ଗୋଟିଏ ପରିବାର ୪ କଅଁଳ ପିଲାଙ୍କୁ ୧୦ ଦିନ ମଧ୍ୟରେ ହରାଇବା ମଧ୍ୟପ୍ରଦେଶର ଶିବପୁରୀକୁ ପୂରା ସ୍ତବ୍ଧ କରି ଦେଇଛି। ଅଗଷ୍ଟ ୧୬ ତାରିଖ। ତନବୀର ଅହମଦଙ୍କ ପରିବାର ସ୍ଥାନୀୟ ଝରଣାରେ ଗାଧୋଇବାକୁ ଯାଇଥିଲେ। ପରିବାର ଓ ସମ୍ପର୍କୀୟଙ୍କୁ ମିଶାଇ ୧୬ ଜଣ ଝରଣାରେ ଗାଧୋଇ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ସେଠାରେ ଗାଧୋଇବା ପରେ ସମସ୍ତେ ଘରକୁ ଫେରିଥିଲେ। କିନ୍ତୁ ଧୀରେଧୀରେ ପରିବାରର ସଦସ୍ୟମାନେ ଅସୁସ୍ଥ ହେବାକୁ ଲାଗିଥିଲେ। ବିଶେଷ କରି ୪ ଜଣ ବାଳକଙ୍କ ଅବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ଛୋଟ ପିଲାମାନେ ଜ୍ୱରରେ ପୀଡ଼ିବା ସହ ତଳି ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେମାନଙ୍କର ବାନ୍ତି ଓ ଝାଡ଼ା ମଧ୍ୟ ହୋଇଥିଲା। ପରିବାର ଲୋକ ବ୍ୟସ୍ତ ବିବ୍ରତ ହୋଇ ସମସ୍ତଙ୍କୁ ହସ୍ପିଟାଲକୁ ନେଇ ଯାଇଥିଲେ। ହେଲେ ପ୍ରଥମେ ଘରର ୧୪ ବର୍ଷୀୟ ପୁଅ ଓ ପରେ ୧୯ ବର୍ଷୀୟ ଆୟାଜ ପ୍ରାଣ ହରାଇଥିଲେ। ଏପରି ଭାବେ ୪ ଜଣ ଯାକ ୧୦ ଦିନ ମଧ୍ୟରେ ଆଗପଛ ହୋଇ ଆଖି ବୁଜିଥିଲେ।

## ବାର୍ କାଉନସିଲ ମୁଖିଆଙ୍କ କ୍ଷମତା କମାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩।୯:** ବାର କାଉନସିଲ ଅଫ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ରାଙ୍କ କ୍ଷମତାକୁ ସଙ୍କୁଚିତ କରିଛନ୍ତି ସୁପ୍ରିମକୋର୍ଟ। ଏଥିସହ ବାର କାଉନସିଲ ଅଫ ଇଣ୍ଡିଆ ବା ବିସିଆଇର ନିର୍ବାଚନ ପ୍ରକ୍ରିୟାକୁ ଫାଷ୍ଟ ଟ୍ରାକ୍ ଉପାୟରେ ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରିଛନ୍ତି। ନୂଆ ନିର୍ବାଚନ ପାଇଁ ୫ ସପ୍ତାହର ସମୟସୀମା ଧାର୍ଯ୍ୟ କରିବା ସହ ମନନ କୁମାର ମିଶ୍ରାଙ୍କ ପ୍ରଶାସନିକ କ୍ଷମତା ଉପରେ କଟକଣା ଲଗାଇ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ନିର୍ବାଚନ ଶେଷ ହୋଇ ନୂଆ ସଦସ୍ୟ ବାର କାଉନସିଲକୁ ଆସିବା ଯାଏ ମନନ କୁମାର ମିଶ୍ରାଙ୍କ କ୍ଷମତା ଉପରେ କଟକଣା ଲାଗି ରହିବ। ୨୦୧୪ରୁ କ୍ରମାଗତ ଭାବେ ମନନ କୁମାର ମିଶ୍ରା ବାର କାଉନସିଲର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ଏହାକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ କରିଛନ୍ତି। ଶୁଣାଣି ବେଳେ ବିସିଆଇର କାର୍ଯ୍ୟକଳାପରୀ ସମୀକ୍ଷା ଓ ନୂଆ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ପୁଣି ଥରିଲା ତିବ୍ବତ, ତୀବ୍ରତା ୫.୦

**ତିବ୍ବତ,୩।୯:** ନେପାଳରେ ଆସିଥିବା ଜଳପ୍ରଳୟ ପରେ ରେସକ୍ୟୁ ଅପରେସନ ଜାରି ରହିଛି। ମୃତକଙ୍କ ସଂଖ୍ୟା ୧୨୦୦ ପାର୍ ହେଲାଣି । ଏହାରି ଭିତରେ ନେବାଳର ପଡୋଶୀ ଦେଶ ତିବ୍ବତରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୦ ରହିଛି । ଏହି ଭୂମିକମ୍ପ ଝଟକା ନେପାଳରେ ଉପୁଜିଥିବା ପ୍ରଳୟଙ୍କରୀ ବନ୍ୟାର ଠିକ୍ ଏକ ସପ୍ତାହ ପରେ ଆସିଛି । ଭୂମିକମ୍ପ ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓ ସାଇନ୍ସ (ଜିଏଫଜେଡ) ଅନୁସାରେ, ଗୁରୁବାର ତିବ୍ବତରେ ଅପରାହ୍ନ ୧ଟା ୪୬ ମିନିଟରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହି ଭୂମିକମ୍ପର ଉତ୍ପତ୍ତି ସ୍ଥଳ ଭୂ-ପୃଷ୍ଠରୁ ୧୦ କିଲୋମିଟର (୬.୨୧ ମାଇଲ) ଦୂର ରହିଥିଲା । ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ସକାଳ ୮ଟା ୩୭ ମିନିଟରେ ନେପାଳ-ତିବ୍ୱତ ସୀମା ନିକଟ ଲେହନ୍ଦେ ଉପତ୍ୟକାରେ ବିଶାଳ ବରଫ ଓ ପଥର ଧସିଥିଲା । ଏହାପରେ ଲ୍‌ହେନ୍ଦେ-ଭୋଟେକୋଶୀ-ତ୍ରିଶୂଳୀ ନଦୀପଥରେ ଅତି ଦ୍ରୁତ ଗତିରେ ମାଡ଼ିଆସିଥିଲା ପାଣି, କାଦୁଅ, ବରଫ ଓ ବିଶାଳ ପଥରର ସ୍ରୋତ । ଏହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟରେ ନେପାଳରେ ଏପର୍ଯ୍ୟନ୍ତ ୧୨୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ହଜାରରୁ ଅଧିକ ଲୋକେ ନିଖୋଜ ଅଛନ୍ତି ।

## ବଢୁଛି ଯୁଦ୍ଧ ଆଶଙ୍କା

# ଇରାନ ଉପରେ ଟ୍ରମ୍ପଙ୍କ ଘନ ଘନ ଆକ୍ରମଣ

### ୮୬ ଜାହାଜକୁ ଅଟକାଇଲା ଆମେରିକା





**ନୂଆଦିଲ୍ଲୀ,୩।୯:** ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ଆହୁରି ଘନୀଭୂତ ହେବାରେ ଲାଗିଛି । ଚଳିତ ସପ୍ତାହରେ ଆମେରିକା ପକ୍ଷରୁ ଇରାନ ଉପରେ ପୁଣିଥରେ ଏକ ବଡ଼ଧରଣର ଆକ୍ରମଣ କରାଯାଇଛି । ଏହି ଭୀଷଣ ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ପ୍ରେସ୍ ବାର୍ତ୍ତାରେ କହିଛନ୍ତି ଯେ, ଏହି ଯୁଦ୍ଧ ଆଉ ଅଧିକ ଦିନ ଧରି ଚାଲିବ ନାହିଁ, କାରଣ ଆମେରିକୀୟ ସେନା ଇରାନକୁ ବଡ଼ କ୍ଷତି ପହଞ୍ଚାଇ ସାରିଛି । ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ରାଷ୍ଟ୍ରପତି ଟ୍ରମ୍ପ ସ୍ପଷ୍ଟ ଭାବେ କହିଛନ୍ତି, 'ଗତକାଲି ରାତିରେ ଏକ ବଡ଼ ଆକ୍ରମଣ କରାଯାଇଥିଲା ଏବଂ ଆମେ ଯେତେବେଳେ ଚାହିଁବୁ, ସେତେବେଳେ ଏଭଳି ଆଉ ଏକ ଆକ୍ରମଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ।' ସେ ଆହୁରି ମଧ୍ୟ କହିଛନ୍ତି ଯେ ଇରାନ ସହିତ ଚାଲିଥିବା ଏହି ସଂଘର୍ଷ ବେଶୀ ଦିନ ସ୍ଥାୟୀ ହେବ ବୋଲି ସେ ମନେ କରୁନାହାନ୍ତି । ତଥାପି, ଏହା ଦୀର୍ଘସ୍ଥାୟୀ ହେଉ କି ନହେଉ, ଏଥିରେ କୌଣସି ଫରକ୍ ପଡ଼େ ନାହିଁ ଏବଂ ତାଙ୍କ ନିଷ୍ପତ୍ତି ଉପରେ କୌଣସି ନିର୍ବାଚନୀ ଚାପର ପ୍ରଭାବ ପଡୁନାହିଁ ।

ନିଜ ଦଳର ସ୍ଥିତି ଏବଂ ନିର୍ବାଚନ ପ୍ରସଙ୍ଗରେ ମତ ରଖି ଟ୍ରମ୍ପ କହିଛନ୍ତି, 'ମୁଁ ନିଜେ ନିର୍ବାଚନ ଲଢୁନାହିଁ, କିନ୍ତୁ ମୋର ରାଜନୈତିକ ଦଳ ନିର୍ବାଚନ ମୈଦାନରେ ଅଛି ଏବଂ ମୁଁ ମୋ ଦଳକୁ ସହଯୋଗ କରିବାକୁ ଯାଉଛି। ମୋର ଦୃଢ଼ ବିଶ୍ୱାସ ଯେ, ଇରାନକୁ ପରମାଣୁ ଅସ୍ତ୍ରଶସ୍ତ୍ର ହାତେଇବାକୁ ଆମେ ଦେଉନାହୁଁ, ଏହି ଦୃଢ଼ ନିଷ୍ପତ୍ତିକୁ ମୋର ଦଳ ଏବଂ ଦେଶର ଜନସାଧାରଣ ବେଶ୍ ସମ୍ମାନ କରୁଛନ୍ତି ।' ଆମେରିକାରେ ସାଂସଦ ନିର୍ବାଚନ ନିକଟବର୍ତ୍ତୀ ହେଉଥିବାରୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଶେଷ କରିବା ପାଇଁ ବଡ଼ଧରଣର ରାଜନୈତିକ ଚାପ ସୃଷ୍ଟି ହେଉଛି । ମାତ୍ର ଟ୍ରମ୍ପ ଏହି ସବୁ ପରାମର୍ଶ ଏବଂ ଚାପକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ଦେଇଛନ୍ତି । ସୋସିଆଲ ମିଡିଆରେ ତାଙ୍କର ସେହି ପୋଷ୍ଟ ବିଷୟରେ ମଧ୍ୟ ପ୍ରଶ୍ନ କରାଯାଇଥିଲା, ଯେଉଁଥିରେ ସେ ଇରାନର ସାଧାରଣ ଜନତାଙ୍କୁ ସରକାରଙ୍କ ବିରୁଦ୍ଧରେ ଛିଡ଼ା ହେବାକୁ ଏବଂ ଲଢ଼ିବାକୁ ଆହ୍ୱାନ କରିଥିଲେ । ଯେତେବେଳେ ତାଙ୍କୁ ପ୍ରଶ୍ନ କରାଗଲା ଯେ, ଇରାନର ସରକାର ବିରୋଧୀ ଗୋଷ୍ଠୀକୁ ସେମାନଙ୍କ ଶାସନ ହଟାଇବା ପାଇଁ ଆମେରିକା ଅସ୍ତ୍ରଶସ୍ତ୍ର ଯୋଗାଇଦେବାକୁ ପ୍ରସ୍ତୁତ କି ନାହିଁ, ସେତେବେଳେ ଟ୍ରମ୍ପ ଏହାର ସିଧାସଳଖ ଉତ୍ତର ଦେବାକୁ ମନା କରିଦେଇଥିଲେ । ଏହା ଉପରେ ପ୍ରତିକ୍ରିୟା ରଖି ଟ୍ରମ୍ପ କହିଛନ୍ତି, 'ମୁଁ ଏ ବିଷୟରେ ଆପଣଙ୍କୁ ସବୁକିଛି କହିବାକୁ ପସନ୍ଦ କରିଥା'ନ୍ତି, କିନ୍ତୁ ବର୍ତ୍ତମାନ ଏହି ସମୟରେ ଏହା କହିବା ଉଚିତ୍ ହେବ ନାହିଁ । ତଥାପି, ମୁଁ ସେମାନଙ୍କର ଯନ୍ତ୍ରଣା ଏବଂ ଦୁର୍ଦ୍ଦଶାକୁ ଭଲଭାବେ ବୁଝିପାରୁଛି, କାରଣ ସେମାନଙ୍କ ଉପରେ ନିର୍ଦ୍ଦୟ ଭାବେ ଗୁଳିବର୍ଷା କରାଯାଉଛି ।'





# ସତ୍ୟବାଦୀରେ ଅପମିଶ୍ରିତ ଖାଦ୍ୟ ଧରପଗଡ଼

## ୫୮ ହଜାର ଟଙ୍କା ଜୋରିମାନା ଆଦାୟ ଓ ଦୋକାନ ସିଲ୍



**ସତ୍ୟବାଦୀ/ ସୁଆଣ୍ଡେ(ଅମୃତ ମିଡିଆ):** ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇ ସତ୍ୟବାଦୀ ପ୍ରଶାସନ ଓ ଖାଦ୍ୟନିରାପତା ବିଭାଗ ଏବଂ ପୋଲିସ ପକ୍ଷରୁ ସାକ୍ଷୀଗୋପାଳ ବଜାରରେ ମିଳିତ ଚଢାଉ କରାଯାଇଛି । ବିପୁଳ ପରିମାଣର ଛେନାରୁ ପ୍ରସ୍ତୁତ ମିଠା , ଛେନା , ପନିର , ରାସ୍ତା ପାର୍ଶ୍ୱ ହୋଟେଲ ଉପରେ ଚଢଉ କରାଯାଇ ଅପମିଶ୍ରିତ ତଥା ବାସିଖାଦ୍ୟ, ଅସ୍ୱାସ୍ଥ୍ୟକର ପରିବେଶରେ ରହିଥିବା ଖାଦ୍ୟସାମଗ୍ରୀକୁ ନଷ୍ଟ କରାଯାଇ ଥିଲା। ଦୋକାନୀମାନଙ୍କ ଠାରୁ ୫୮ ହଜାର ଟଙ୍କାରୁ ଅଧିକ ଜୋରିମାନା ଆଦାୟ କରାଯାଇଛି । କେତେକ ଦୋକାନକୁ ସାତଦିନ ପର୍ଯ୍ୟନ୍ତ ସିଲ କରାଯାଇଛି । ସେହିପରି ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଥିବା ବଜାର ଗୁଡିକରେ ଏହିପରି ଚଢଉ କରାଯିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି । ଚଢଉ ଯୋଗୁ କେତେକ ଅପମିଶ୍ରଣ କରୁଥିବା ବେପାରୀ ବଜାର ଆସୁନଥିବା ଯୋଗୁ ଛେନା ପନିର ପ୍ରସ୍ତୁତ କରୁଥିବା ବ୍ୟକ୍ତି ମାନଙ୍କ ଘରୁ ହୋଟେଲ, ଢାବା ମାଲିକ ଓ ମିଠା ଦୋକାନୀ ମାନେ ମଟର ସାଇକେଲରେ ନେଇ ଆସୁଥିବା ଅଭିଯୋଗ ହେଉଛି । ଦିନେ ଅଧେ ଚଢଉ କରି ପ୍ରଶାସନ ନୀରବ ରହିଗଲେ ପୁନର୍ବାର ଏହି ଅପମିଶ୍ରିତ ଖାଦ୍ୟ ବିକ୍ରୀ ଚାଲିବ । ଜିଲାପାଳଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ବାରମ୍ବାର ଚଢଉ କରାଗଲେ ଏହି ଅସାଧୁ ରାକେଟ୍ କୁ ଧ୍ୱଂସ କରାଯାଇ ପାରିବ ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ଅସ୍ତରଙ୍ଗ ଫୋନ୍ ଦୋକାନ ଚୋରିର ମାଷ୍ଟରମାଇଣ୍ଡ ଭଣ୍ଡାଘର ଜ୍ୱାଇଁ



- ବାପ-ପୁଅ-ଚାଚା ଗ୍ୟାଙ୍ଗର ପର୍ଦ୍ଦାଫାସ, ଶାମଲୀରୁ ୩ ଗିରଫ
- ବ୍ୟବସାୟୀ ସଂଘର ଧାରଣା ପରେ ଆକ୍ସନରେ ପୁରୀ ପୋଲିସ
- ୪୦ ଫୋନ୍, ୧.୮୦ ଲକ୍ଷ ଜବତ, ମୁଖ୍ୟ ଅଭିଯୁକ୍ତ ପରଭେଜ ଫେରାର

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଠାରୁ ମାତ୍ର ୫୦ ମିଟର ଦୂରରେ ମହାନ୍ତି କମ୍ୟୁନିକେସନରୁ କୋଟିଏ ଟଙ୍କାର ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ପୁରୀ ପୋଲିସ। ଗୁରୁବାର ଅସ୍ତରଙ୍ଗ ଥାନାରେ ପୁରୀ ଏସପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀ କରି ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗର ଗୁମର ଖୋଲିଛନ୍ତି। ଅସ୍ତରଙ୍ଗ ଥାନା ଠାରୁ ଅଳ୍ପ କିଛି ଦୂର ହାଇସ୍କୁଲ ଛକରେ ରାଜେଶ କୁମାର ମହାନ୍ତି ଅସ୍ତରଙ୍ଗ ବଜାରରେ ମହାନ୍ତି କମ୍ୟୁନିକେସନ କରିଛନ୍ତି । ଗତ ଅଗଷ୍ଟ ୧୭ତାରିଖ ରାତି ୯.୩୦ରେ ଦୋକାନ ବନ୍ଦ କରି ଯାଇଥିଲେ, ୧୮ ତାରିଖ ସକାଳ ୭ଟାରେ ଦେଖିଲା ବେଳକୁ ସଟର ଭଙ୍ଗା, ୧ କୋଟିର ଫୋନ୍ ଓ ୧.୫୦ ଲକ୍ଷ ନଗଦ ଲୁଟ୍ ।ଏହି ଚୋରି ସମୟରେ ୧୭ତାରିଖ ବିଳମ୍ବିତ ରାତି ତଥା ୧୮ତାରିଖ ରାତି ୧ଟାରୁ ୨ଟା ମଧ୍ୟରେ ଦୁର୍ବୃତ୍ତ ଚୋରି କରିଥିଲେ, ଯାହା ସିସିଟିଭି କଏଦ ହୋଇଥିଲା ।ଏନେଇ ଥାନା କେସ୍ ନଂ ୨୧୭/୨୬ ମାମଲା ରୁଜୁ ହୋଇଥିଲା। ବାରମ୍ବାର ମଠ, ମନ୍ଦିର, ବିଦ୍ୟାଳୟରୁ ଚୋରି ହୋଇଥିବା ବେଳେ ଦୁର୍ବୃତ୍ତଙ୍କୁ ଧରିବା ପୋଲିସ ବିଫଳତା ପାଇଁ ଲୁଟ୍ ପରେ ଅସ୍ତରଙ୍ଗ ବ୍ୟବସାୟୀ ସଂଘ ୧୮ ତାରିଖରେ ଥାନା ସାମ୍ନାରେ ଧାରଣା ଦେଇ ଏସପିଙ୍କୁ ଦାବିପତ୍ର ଦେଇଥିଲେ। କିନ୍ତୁ ଦିନ ଗଡୁଥିଲେ ଦୁର୍ବୃତ୍ତଙ୍କୁ ଧରିବାରେ ପୋଲିସ ବିଫଳ ପାଇଁ ପୁନର୍ବାର ପୁରୀ ଏସ୍‌ପିଙ୍କ କାର୍ଯ୍ୟାଳୟରେ ବ୍ୟବସାୟୀ ସଂଘ ସ୍ୱତନ୍ତ୍ର ଟିମ୍ ପହଞ୍ଚି ଏସ୍ପିଙ୍କୁ ଭେଟିଥିଲେ। ତା' ମଧ୍ୟରେ ଏସପି ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କଲେ। ସିସିଟିଭି ଯାଞ୍ଚ, ଟେକ୍ନିକାଲ ସର୍ଭେଲାନ୍ସ ଓ ସୋର୍ସ ନିୟୋଜନ ପରେ ଭଣ୍ଡାଘର ଲିଙ୍କ ମିଳିଲା। ଏହା ଏକ କଠିନ ମାମଲା ଥିଲା କାରଣ ଅଭିଯୁକ୍ତ ବାହାର ରାଜ୍ୟର ଥିଲେ। ତଦନ୍ତରୁ ଜଣାପଡିଲା ମୁଖ୍ୟ ଅଭିଯୁକ୍ତ ଜିସାନ (୫୪) ଉତ୍ତର ପ୍ରଦେଶ ରାଜ୍ୟର ଶାମଲୀ ଜିଲ୍ଲା ଝିଞ୍ଜାନାର ଅଂଚଳର, କାକଟପୁର ଭଣ୍ଡାଘର ଗାଁରେ ବିବାହ କରିଥିଲା। କଳହ ପରେ ଜିସାନ ଉତ୍ତର ପ୍ରଦେଶ ଚାଲିଯାଇଥିଲା କିନ୍ତୁ ଫେରିବାଲା ବେଶରେ ଅସ୍ତରଙ୍ଗ, କାକଟପୁରରେ ବୁଲୁଥିଲା। ପରଭେଜ ହିଁ ବାପାକୁ ସୂଚନା ଦେଲା ଯେ ଅସ୍ତରଙ୍ଗ ମୁଖ୍ୟ ବଜାର ମହାନ୍ତି କମ୍ୟୁନିକେସନ ଦୋକାନକୁ ନୂଆ କରି ବହୁତ ମାଲ ଅଛି। ୧୭ ତାରିଖ ରାତିରେ ଜିସାନ ଓ ତା' ସାନ ଭାଇ ଶୌକିନ (୩୫) ବକ୍ସର ବାଇକରେ ପୀରଜାହାନିଆ ରାସ୍ତା ଦେଇ ଆସିଲେ, ପରଭେଜ ନିଜ ବ୍ୟବସ୍ଥାରେ ପହଞ୍ଚିଲା। ଛୋଟ ଲୁହା ଛେଣି ଅଥବା ଶାବଳରେ ସଟର ଭାଙ୍ଗି ଜିସାନ-ଶୌକିନ ବାହାରେ ଜଗିଲେ, ପରଭେଜ ଗାମୁଛା ବାନ୍ଧି ଭିତରେ ପଶି ଫୋନ୍ ଫିଙ୍ଗିଲା। ସେହି ରାସ୍ତା ଦେଇ କାକଟପୁର ହୋଇ ଉତ୍ତରପ୍ରଦେଶ ଶାମଲୀ ଫେରାର ହୋଇ କାନ୍ଧଲାର ଅବଦୁଲ କାଦିର (୨୩) କୁ ବିକିଲେ। ସ୍ୱତନ୍ତ୍ର ଟିମ୍ ୟୁପିରେ ଚଢାଉ କରି ଜିସାନ, ଶୌକିନ ଓ ଅବଦୁଲ କାଦିରକୁ ଗିରଫ କରି ୪୦ଟି ଫୋନ୍, ୧.୮୦ ଲକ୍ଷ ନଗଦ ଓ ୨ଟି ଲୁହା ଶାବଳ ଜବତ କରିଛି। ପରଭେଜ ଫେରାର ଥିବାବେଳେ ଗିରଫ ୩ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି ବୋଲି ପୁରୀ ଏସ୍ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ଟିକିତାରାର ୧୯୩ତମ 'ଦେଖିଲେଖ' ପ୍ରତିଯୋଗିତା



**ପୁରୀ (ବ୍ୟୁରୋ):** ବିଜୟ ନଗର ପ୍ରକଳ୍ପ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଳିଆପଣ୍ଡା, ପୁରୀରେ ଟିକିତାରା ଭ୍ରାମ୍ୟମାଣ ସାହିତ୍ୟ ସଂସ୍ଥା ପକ୍ଷରୁ ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ତୃତୀୟ ଶ୍ରେଣୀର ତୁଲି ଗାଇନ, ମନସ୍ୱିନୀ ବେହେରା ଓ ସ୍ୱୟଂଶ୍ରୀ ମଲ୍ଲିକ, ଚତୁର୍ଥ ଶ୍ରେଣୀର ସୁଇଟି ସାହୁ, ସୋମ୍ୟଶ୍ରୀ ବେହେରା ଓ ଆରାଧ୍ୟା ସାହୁ ଏବଂ ପଞ୍ଚମ ଶ୍ରେଣୀର ତପସ୍ୱିନୀ ବେହେରା, ଅଙ୍କିତା ମହାପାତ୍ର ଓ ମଧୁସ୍ମିତା ଲେଙ୍କା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ପଣ୍ଡାଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଷେଣ୍ଢ, ସହକାରୀ ସିଦ୍ଧାନ୍ତ କୁମାର ବେହେରା ଓ ଦୀପା ସିଂ ପରିଚାଳନା କରିଥିଲେ। ସଂପାଦକ ବିପିନ ବିହାରୀ ଦଳାଇ ଏବଂ ମୁଖ୍ୟ ଅତିଥି ପିଲାମାନଙ୍କୁ ଲେଖିବା ଶୈଳୀ ବିଷୟରେ ବୁଝାଇଥିଲେ।।

## କେନାଲରେ ଭାସୁଛି ପଲସର୍ ବାଇକ୍, ଡ୍ରାଇଭରର ପତ୍ତା ନାହିଁ

**ପିପିଲି(ଅମୃତ ମିଡିଆ):** କେନାଲରେ ଭାସୁଛି ବାଇକ, ଡ୍ରାଇଭର କେଉଁଠି। ଧବଳାହାର ପୁରୀ ମୁଖ୍ୟ କେନାଲରେ ଏକ ପଲସର ବାଇକ ଭାସୁଥିବା ଦେଖିବାକୁ ମିଳିଛି । କେଉଁ ପରିସ୍ଥିତିରେ କେନାଲକୁ ବାଇକ ଖସି ପଡ଼ିଛି ତାହା ଜଣାପଡ଼ିନାହିଁ । ସୂଚନା ଅନୁସାରେ, ଗତକାଲି ରାତି ୮ଟା ସମୟରେ ପୁରୀ କେନାଲରେ ପଲସର ଭାସୁଥିବା ଦେଖିବାକୁ ମିଳିଥିଲା । ବାଇକ ହେଡ ଲାଇଟ ଏବଂ ଇଣ୍ଡିକେଟର ଜଳୁଥିବା ଦେଖି ପ୍ରତ୍ୟକ୍ଷଦର୍ଶୀ ବାଲିଅନ୍ତା ଥାନାକୁ ଫୋନ କରି ଜଣାଇଥିଲେ। ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ସ୍ଥାନୀୟ ଲୋକ ବାଇକ ଉପରକୁ ଉଠାଇ ସାରିଥିଲେ । ତେବେ ବାଇକ ଛାଡି ଚାଳକ ଘଟଣାସ୍ଥଳରୁ ଛୁ ମାରିଛନ୍ତି କିମ୍ବା ପୁରୀ କେନାଲରେ ନିଖୋଜ ହୋଇଯାଇଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରିନି । ଗାଡ଼ି ନମ୍ବର ଯାଞ୍ଚ କରିବା ପରେ ବାଇକ ମାଲିକ କୌଶଲ୍ୟାଗଙ୍ଗ ଫାଣ୍ଡି ଗୁଡ଼ିଆ ପୋଖରୀ ଅଞ୍ଚଳର ବୋଲି ଜଣାପଡ଼ିଛି। ବାଳକାଟି ଫାଣ୍ଡି ପୋଲିସ ଟାଟା ଏସିରେ ଲଦି ବାଇକ ଫାଣ୍ଡିକୁ ନେଇଯାଇଛି । ପୋଲିସ ଗାଡ଼ି ନମ୍ବର ଯାଞ୍ଚ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି

## ଜନ୍ମାଷ୍ଟମୀ ପାଇଁ ପ୍ରସ୍ତୁତି ଜୋର୍‌ସୋର୍



**ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ):** ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପର୍ବ ପାଇଁ ସାକ୍ଷୀଗୋପାଳ ମନ୍ଦିର ଓ ବିଭିନ୍ନ ଗ୍ରାମମାନଙ୍କରେ ରହିଥିବା ମନ୍ଦିର ମଠ ଗୁଡିକରେ ପ୍ରସ୍ତୁତି ଜୋରସୋରରେ ଚାଲିଛି । ରାତି ପାହିଲେ ଶୁକ୍ରବାର ଶ୍ରୀକୃଷ୍ଣଙ୍କ ଜନ୍ମଦିନ ପାଳନ କରାଯିବ। ସାକ୍ଷୀଗୋପାଳ ମନ୍ଦିର ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି । ଏଥି ସହିତ ବିଭିନ୍ନ କାର୍ଯ୍ୟକ୍ରମ ମାନ ସେବାୟତ ସଂଘ, ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜନ୍ମାଷ୍ଟମୀ ପର୍ବ ଅନୁଷ୍ଠିତ ହେଉଥିବା ଜଣାପଡିଛି । ସେହିପରି ସୁଆଣ୍ଡୋ ସ୍ଥିତ ବିନୋଦ ବିହାରୀ ମନ୍ଦିରରେ ମଧ୍ୟ ପ୍ରସ୍ତୁତି ଚାଲିଛି । ଶ୍ରୀରାମଚନ୍ଦ୍ର ପୁର, ଆଦ୍ୟ ଶାସନ ବୀର ରାମଚନ୍ଦ୍ର ପୁର, ବୀର ଗୋବିନ୍ଦ ପୁର, ବିଶ୍ୱନାଥ ପୁର , ରାୟଚକ୍ରଧରପୁର, ବଳପୁର, ନୂଆ ସୋମେଶ୍ୱର ପୁର , ରାୟ ଖଣ୍ଡି ପ୍ରମୁଖ ଗ୍ରାମମାନଙ୍କରେ ରହିଥିବା ଗୋପୀନାଥଙ୍କ ମନ୍ଦିର ଗୁଡିକରେ ଜନ୍ମାଷ୍ଟମୀ ପର୍ବ ପାଇଁ ପ୍ରସ୍ତୁତି ଚାଲିଛି । ମନ୍ଦିର ଗୁଡିକରେ ସକାଳୁ ଭାଗବତ ପାଠ , ସଂକୀର୍ତ୍ତନ ଓ ଗୋଟିପୁଅ ନୃତ୍ୟ ଏବଂ ଗୋପୂଜନ ଆଦି ହେବାପାଇଁ ରହିଛି । କୃଷ୍ଣଭକ୍ତମାନଙ୍କ ଘରେ ପ୍ରଭୁଙ୍କ ଜନ୍ମଦିନରେ ପୂଜାପାଇଁ ଶୁଦ୍ଧପୂତ ଭାବେ ରାଶିଲଡୁ ଓ ବିଭିନ୍ନ ପିଷ୍ଟକ ତିଆରି ଚାଲିଛି । ମନ୍ଦିର ଗୁଡିକ ରଙ୍ଗବେରଙ୍ଗ ଆଲୋକ ମାଳା , ଫୁଲମାଳ , ଦୁଆରେ କଦଳୀଗଛ ଓ ଆମ୍ବଡାଳରେ ସଜାସଜି ଚାଲିଛି । ମନ୍ଦିର ଚାରିପାଖ ପରିଷ୍କାର ପରିଚ୍ଛନ୍ନ କରାଯାଇଛି । ବିଳମ୍ବିତ ରାତିରେ ଠାକୁରଙ୍କ ଜନ୍ମବିଧି ଅନୁଷ୍ଠିତ ହେବ ବୋଲି ସାକ୍ଷୀଗୋପାଳ ମନ୍ଦିର ସୁପରଭାଇଜର କହିଛନ୍ତି । ଏହି ପରିପ୍ରେକ୍ଷୀରେ ସାକ୍ଷୀଗୋପାଳ ମନ୍ଦିର ପରିସର ଚଳଚଞ୍ଚଳ ରହିଛି ।

# ସାଙ୍ଗର ଜୀବନ ବଞ୍ଚାଇବାକୁ ଡବା ଧରି ରାସ୍ତାରେ ସାଙ୍ଗ
# ଚିକିତ୍ସା ପାଇଁ ଦରକାର ୨୦ ଲକ୍ଷ ଟଙ୍କା





**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଆଜି ଜନ୍ମାଷ୍ଟମୀ । ଚାରିଆଡେ କୃଷ୍ଣ ନାମ। କୃଷ୍ଣ-ସୁଦାମାର ବନ୍ଧୁତ୍ୱ କଥା ସବୁଠି ଚର୍ଚ୍ଚା। ହେଲେ ଏହି କାହାଣୀ ଏବେ ବାସ୍ତବରେ ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବାଲିଡିଆ ଗାଁରେ। ଯେଉଁଠି ଜନ୍ମାଷ୍ଟମୀ ପୂର୍ବରୁ ସାଙ୍ଗ ପାଇଁ ସାଙ୍ଗମାନେ ରାସ୍ତାରେ ଡବା ଧରି ସାହାଯ୍ୟ ମାଗୁଛନ୍ତି। ଏ ହେଉଛି କଳିଯୁଗର କୃଷ୍ଣ-ସୁଦାମାର ସତ କାହାଣୀ। ଗାଁର ୨୨ ବର୍ଷୀୟ ଯୁବକ ବବୁଲ ଦଳାଇ। ମତ୍ସ୍ୟଜୀବୀ ବିଷ୍ଣୁ ଦଳାଇଙ୍କ ଏକମାତ୍ର ପୁଅ। ଘରେ ୩ ଭଉଣୀ, ବୁଢା ବାପା-ମାଆ। ଅଭାବୀ ସଂସାର। ତେଣୁ ଦୁଇ ବର୍ଷ ତଳେ ସ୍ୱପ୍ନ ଆଖିରେ ନେଇ ତାମିଲନାଡୁ ତିରୁପୁରକୁ ସଟରିଂ କାମକୁ ଯାଇଥିଲା। ଦିନକୁ ୫୦୦ ଟଙ୍କା ମଜୁରୀରେ କାମ କରୁଥିଲା। ପଇସା ପଠାଇ ଘର ଚଳାଇବ, ଭଉଣୀମାନଙ୍କ ବାହା କରିବ ବୋଲି ସ୍ୱପ୍ନ ଦେଖିଥିଲା। ହେଲେ ଗତ ୨୪ ଅଗଷ୍ଟ ସବୁ ସ୍ୱପ୍ନ ଭାଙ୍ଗିଗଲା। କାମ କରୁଥିବା ବେଳେ ୩୦ ଫୁଟ ଉପରୁ ତଳକୁ ଖସି ପଡିଲା। ବେକ ହାଡ ଦୁଇ ଖଣ୍ଡ ହୋଇ ଭାଙ୍ଗିଗଲା, ମେରୁଦଣ୍ଡରେ ଗଭୀର ଆଘାତ। ସାଙ୍ଗମାନେ ଉଦ୍ଧାର କରି ହସ୍ପିଟାଲ ନେଲେ। ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ଆଇସିୟୁ ରେ ଗତ ୮ ଦିନ ହେଲା ଜୀବନ ମରଣ ସହ ଲଢୁଛି। ଶରୀର ସମ୍ପୂର୍ଣ୍ଣ ଅଚଳ। ଡାକ୍ତର କହିଛନ୍ତି ତୁରନ୍ତ ଅପରେସନ ନହେଲେ ସାରା ଜୀବନ ଚାଲିପାରିବନି, ଏପରିକି ଜୀବନ ଚାଲିଯିବ। ଅପରେସନ ପାଇଁ ଦରକାର ୨୦ ଲକ୍ଷ ଟଙ୍କା। ୨୦ ଲକ୍ଷ ଶୁଣି ପରିବାର ମୁଣ୍ଡରେ ଆକାଶ ଭାଙ୍ଗି ପଡିଛି। ସମୁଦ୍ରରୁ ମାଛ ଧରି ପେଟ ପୋଷୁଥିବା ବାପା ପାଖରେ ୨୦ ହଜାର ବି ନାହିଁ। ପୁଅର ଔଷଧ ପାଇଁ ଘର ବାସନ ବିକିବାକୁ ବସିଲେଣି। ମାଆ କେବଳ କାନ୍ଦି କହୁଛି, ମୋ ପୁଅକୁ ବଞ୍ଚାଅ। ତିନି ଭଉଣୀ ରାକ୍ଷୀ ହାତରେ ଧରି ଭାଇ ବାଟକୁ ଚାହିଁ ବସିଛନ୍ତି। ଜନ୍ମାଷ୍ଟମୀରେ ଘରେ ଦୀପ ଜଳିବ ନା ନାହିଁ ଚିନ୍ତାରେ ପରିବାର। ଏହି ଅସହାୟ ବେଳେ ଭଗବାନ ସାଜି ଛିଡା ହୋଇଛନ୍ତି ବବୁଲର ସାଙ୍ଗମାନେ। ଯେମିତି ଦ୍ୱାପରରେ ସୁଦାମା ପାଇଁ କୃଷ୍ଣ ଛିଡା ହୋଇଥିଲେ, ଆଜି କଳିଯୁଗରେ ବବୁଲ ପାଇଁ ତାର ପିଲାଦିନର ସାଙ୍ଗମାନେ। ସେମାନେ ଜନ୍ମାଷ୍ଟମୀ ଖୁସି ଛାଡି ହାତରେ ପ୍ଲାଷ୍ଟିକ ଡବା ଧରି ରାସ୍ତାକୁ ଓହ୍ଲାଇଛନ୍ତି। ଅସ୍ତରଙ୍ଗ ବଜାର, ନଗର,ବାଲିଡିଆ ଓ ଆଖପାଖ ଗାଁ ଗାଁ ବୁଲି ହାତ ଯୋଡି ସାହାଯ୍ୟ ମାଗୁଛନ୍ତି। କେହି ୧୦ ଟଙ୍କା ତ କେହି ୧୦୦ ଟଙ୍କା ଦେଉଛି। ତାଙ୍କର ଏହି ନିଃସ୍ୱାର୍ଥ ବନ୍ଧୁତ୍ୱ ଏବେ ସମସ୍ତଙ୍କ ଆଖିରେ ଲୁହ ଆଣିଦେଉଛି। ଏହା ହିଁ ପ୍ରକୃତ ଜନ୍ମାଷ୍ଟମୀର ଶିକ୍ଷା। ଏ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି, ଆମେ ରାଜସ୍ୱ ନିରୀକ୍ଷକ ପଠାଇ କାଗଜପତ୍ର ଯାଞ୍ଚ କରି ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇ ସହାୟତା ଯୋଗାଇ ଦେବୁ। ଯଦି ସହଯୋଗ କରିବାକୁ ଚାହୁଁଛନ୍ତି ୮୯୮୪୬୨୪୮୨୭ ନମ୍ବରରେ ଯୋଗାଯୋଗ କରନ୍ତୁ। ଏହି ଜନ୍ମାଷ୍ଟମୀରେ ଆପଣ ବି ହୁଅନ୍ତୁ କଳିଯୁଗର କୃଷ୍ଣ।ବବୁଲ ଙ୍କୁ ସହାୟତା କରନ୍ତୁ

### ■ ପିପିଲି ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ

## ପାନୀୟଜଳ, ଆବାସ ଓ ବାର୍ଦ୍ଧକ୍ୟ ଭତ୍ତା ସମସ୍ୟା ଉପରେ ଆଲୋଚନା



**ପିପିଲି(ଅମୃତ ମିଡିଆ):** ପିପିଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ଦେବାସ୍ୱିନୀ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ବିଡିଓ ସରୋଜ କୁମାର ରାଉତ, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଏବିଡିଓ ଶୈଳବାଳା ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟ ଧରଣୀଧର ସାହୁ ଓ ସୁଶାନ୍ତ କୁମାର ମଲ୍ଲିକ, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦୀନେଶ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ ସଭ୍ୟା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ଆରମ୍ଭରେ ପୂର୍ବ ଅଧିବେଶନର ବିବରଣୀ ପାଠ କରାଯାଇ ଏହାକୁ ଅନୁମୋଦନ କରାଯାଇଥିଲା। ପରେ ଏଜେଣ୍ଡାଭିତ୍ତିକ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଗ୍ରାମାଞ୍ଚଳର ପାନୀୟଜଳ ସମସ୍ୟା, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରଦାନ ଏବଂ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଭଳି ଜନସାଧାରଣଙ୍କ ସହ ସିଧାସଳଖ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିବା ବେଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସମସ୍ୟାର ସମାଧାନ ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ପଞ୍ଚାୟତ ସମିତି ଅଧକ୍ଷା ଦେବାସ୍ୱିନୀ ନନ୍ଦ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଉପସ୍ଥିତ ସମସ୍ତ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ଉପହାର ପ୍ରଦାନ କରିବା ସହିତ ବୈଠକର ସମାପନ କରିଥିଲେ।

### ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ୍‌ରେ ସାଇବର ଓ ସଡ଼କ ସୁରକ୍ଷା ସଚେତନତା

# ଡିଜିଟାଲ୍ ଆରେଷ୍ଟ ଓ ଅନ୍‌ଲାଇନ୍ ଠକେଇରୁ ସତର୍କ ରହିବାକୁ ପରାମର୍ଶ





**ପୁରୀ (ବ୍ୟୁରୋ):** ବର୍ତ୍ତମାନ ସମୟରେ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ସହିତ ସାଇବର ଅପରାଧ ଓ ଅନଲାଇନ୍ ଠକେଇର ନୂଆ ନୂଆ ଉପାୟ ସାମ୍ନାକୁ ଆସୁଛି। ବିଶେଷକରି ଯୁବପିଢ଼ି ଓ ଛାତ୍ରଛାତ୍ରୀମାନେ ଅନଲାଇନ୍ ମାଧ୍ୟମରେ ଅଧିକ ସମୟ ବିତାଉଥିବାରୁ ସେମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବା ଅତ୍ୟନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ ଆଜି ପୁରୀସ୍ଥିତ ବ୍ଲେସ୍ଡ ସାକ୍ରାମେଣ୍ଟ ହାଇସ୍କୁଲ୍ ପରିସରରେ ପୁରୀ ପୋଲିସ ପକ୍ଷରୁ ଏକ ସାଇବର ସେଫଟି, ଟ୍ରାଫିକ ଆୱାରନେସ, ରୋଡ ସେଫଟି ଏବଂ ଜିରୋ ଫଟାଲିଟି ଆୱାରନେସ ପ୍ରୋଗ୍ରାମ ଆୟୋଜିତ ହୋଇଥିଲା ।କାର୍ଯ୍ୟକ୍ରମରେ ପୁରୀ ଏସପି ପ୍ରତୀକ ସିଂ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିଥିଲେ। ସେ କହିଥିଲେ ଯେ ଇଣ୍ଟରନେଟ୍ ଓ ସୋସିଆଲ୍ ମିଡିଆର ସୁରକ୍ଷିତ ବ୍ୟବହାର ସହିତ ଅନଲାଇନ୍‌ରେ ନିଜର ବ୍ୟକ୍ତିଗତ ତଥ୍ୟ ଓ ଗୋପନୀୟତାର ସୁରକ୍ଷା ପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ। ସାଇବର ଅପରାଧୀମାନେ ନିଜକୁ ପୋଲିସ, କ୍ରାଇମ୍ ବ୍ରାଞ୍ଚ, ସିବିଆଇ, ଇଡି କିମ୍ବା ଅନ୍ୟ କୌଣସି ସରକାରୀ ସଂସ୍ଥାର ଅଧିକାରୀ ବୋଲି ପରିଚୟ ଦେଇ ଫୋନ୍ କିମ୍ବା ଭିଡିଓ କଲ୍ କରୁଛନ୍ତି। କୌଣସି ବ୍ୟକ୍ତିଙ୍କ ବିରୋଧରେ ମାମଲା ହୋଇଥିବା କିମ୍ବା ତାଙ୍କ ନାମରେ ଅପରାଧିକ କାର୍ଯ୍ୟକଳାପ ହୋଇଥିବା କହି ଭୟଭୀତ କରାଯାଉଛି। ନକଲି ଆଇଡି କାର୍ଡ, ୟୁନିଫର୍ମ ଓ ଜାଲ୍ ଡକ୍ୟୁମେଣ୍ଟ ଦେଖାଇ ଭିଡିଓ କଲ୍‌ରେ ରହିବାକୁ ବାଧ୍ୟ କରାଯାଉଛି। ପରେ ମାମଲାରୁ ମୁକ୍ତି କିମ୍ବା ଯାଞ୍ଚ ଶେଷ କରିବା ନାମରେ ଟଙ୍କା ଦାବି କରାଯାଉଛି। ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେକୌଣସି ସରକାରୀ ସଂସ୍ଥା ଫୋନ୍ କିମ୍ବା ଭିଡିଓ କଲ୍ ମାଧ୍ୟମରେ 'ଡିଜିଟାଲ୍ ଆରେଷ୍ଟ' କରେ ନାହିଁ। ତେଣୁ ଏଭଳି କଲ୍ ଆସିଲେ ଭୟଭୀତ ନହୋଇ ତୁରନ୍ତ ଆଇନଗତ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ଅଜଣା ଲିଙ୍କ୍‌ରେ କ୍ଲିକ୍ କରନ୍ତୁ ନାହିଁ ଏବଂ ସନ୍ଦେହଜନକ ଆପ୍ ଡାଉନଲୋଡ୍ କରନ୍ତୁ ନାହିଁ। ଅଜଣା ଭିଡିଓ କଲ୍‌ରେ ବ୍ୟକ୍ତିଗତ ଫଟୋ କିମ୍ବା ଭିଡିଓ ସେୟାର କରନ୍ତୁ ନାହିଁ। ସୋସିଆଲ୍ ମିଡିଆ ଆକାଉଣ୍ଟରେ ଗୋପନୀୟତା ସେଟିଂ ଠିକ୍ ଭାବେ ବ୍ୟବହାର କରନ୍ତୁ। ଭୟଭୀତ ହୋଇ କିମ୍ବା କୌଣସି ଚାପରେ ତୁରନ୍ତ ଟଙ୍କା ପଠାନ୍ତୁ ନାହିଁ। ଠକେଇର ଶିକାର ହେଲେ କଲ୍ ଡିଟେଲ୍, ଫୋନ୍ ନମ୍ବର, ଚାଟ୍, ସ୍କ୍ରିନ୍‌ସଟ୍ ଓ ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ଭଳି ପ୍ରମାଣ ସୁରକ୍ଷିତ ରଖନ୍ତୁ। ସାଇବର ଠକେଇ ଘଟିଲେ ଯଥାଶୀଘ୍ର ୧୯୩୦ ସାଇବର କ୍ରାଇମ୍ ହେଲ୍ପଲାଇନ୍‌ରେ ଯୋଗାଯୋଗ କରନ୍ତୁ ଏବଂ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ। କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କୁ ଟ୍ରାଫିକ୍ ନିୟମ ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବା। ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଦାୟିତ୍ୱଶୀଳ ଚାଳକ ଓ ନାଗରିକ ଭାବେ ଟ୍ରାଫିକ୍ ନିୟମ ପାଳନ କରିବା ସହିତ ନିଜ ପରିବାର ଓ ସମାଜର ଅନ୍ୟମାନଙ୍କୁ ମଧ୍ୟ ସଡ଼କ ସୁରକ୍ଷା ପାଇଁ ସଚେତନ କରିବାକୁ ପୋଲିସ ପକ୍ଷରୁ ଆହ୍ୱାନ କରାଯାଇଥିଲା। ହେଲମେଟ୍ ବ୍ୟବହାର, ସିଟ୍‌ବେଲ୍ଟ ପିନ୍ଧିବା, ନିର୍ଦ୍ଧାରିତ ଗତିସୀମା ମଧ୍ୟରେ ଯାନ ଚଳାଇବା, ମଦ୍ୟପାନ କରି ଗାଡ଼ି ନଚଳାଇବା, ମୋବାଇଲ୍ ଫୋନ୍ ବ୍ୟବହାର କରି ଗାଡ଼ି ନଚଳାଇବା ଏବଂ ପଥଚାରୀମାନଙ୍କ ପ୍ରତି ସମ୍ମାନ ଦେବା ଭଳି ସୁରକ୍ଷିତ ଆଚରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ପୁରୀ ଏସପି ପ୍ରତୀକ ସିଂ, ଅତିରିକ୍ତ ଏସପି ସଚିନ ପଟେଲ, ସାଇବର ପୋଲିସ ଥାନା ଡିଏସ୍‌ପି ରାଜକୁମାର ପରିଡ଼ା, ଏସି ହୋମଗାର୍ଡ ବିଜୟ ରତନମମ, ସମୁଦ୍ରକୂଳ ଥାନା ଆଇଆଇସି ମାନସ ଚକ୍ର ଏବଂ ସାଇବର ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଉପସ୍ଥିତ ଥିଲେ।



## ଗଞ୍ଜେଇ ଚୋରା ଚାଲାଣ ମାମଲା

# ଅହମ୍ମଦାବାଦରୁ ଆସି ଗାଁରେ ଲୁଚିଥିଲେ ଅଭିଯୁକ୍ତ



**ଦିଗପହଣ୍ଡି (ଅମୃତ ମିଡିଆ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପି.ଜଗନ୍ନାଥପୁର ଗ୍ରାମର କବିରାଜ ସ୍ୱାଇଁଙ୍କ ପୁଅ ଜିତୁ ଓରଫ ଜିତେନ୍ଦ୍ର କୁମାର (୪୦)ଙ୍କୁ ଗୁଜରାଟର ଅହମ୍ମଦାବାଦସ୍ଥିତ କ୍ରାଇମବ୍ରାଞ୍ଚ ପୋଲିସ ପାଟପୁର ପୋଲିସ ସହାୟତାରେ ଗିରଫ କରିଛି। ଅହମ୍ମଦାବାଦସ୍ଥିତ ଡିସିବି ଥାନା ମାମଲା ନଂ.୧୧୧୯୧୦ ୧୧୨୬୦୨୧୮/୨୦୨୬ ଅନୁଯାୟୀ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ସ୍ଥାନୀୟ ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଯିବା ପରେ ମାଜିଷ୍ଟ୍ରେଟଙ୍କ ଆଦେଶ କ୍ରମେ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଥିବା ଜଣାପଡିଛି। ଅଭିଯୁକ୍ତ ଜିତୁ ଅହମ୍ମଦାବାଦରେ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ସମ୍ପୃକ୍ତ ଥିବା ନେଇ ସେଠାକାର ପୋଲିସକୁ ଖବର ମିଳିଥିଲା। ପୋଲିସ ଖୋଜିବାରୁ ଜିତୁ କୌଶଳକ୍ରମେ ଗାଁକୁ ଚାଲି ଆସିଥିଲେ। ଅହମ୍ମଦାବାଦସ୍ଥିତ ଜିଲା କ୍ରାଇମ ବ୍ରାଞ୍ଚ ଥାନା ଏସ୍.ଆଇ ଏ.ଏ. ଭାସ, ଏଏସ୍ଆଇ ଅନିଲ ଅଚିତ୍ ?ପଟେଲ, ହେଡ କନଷ୍ଟେବଳ କାର୍ତ୍ତି ସିଂହ, ଗମ୍ଭୀର ସିଂହ ପ୍ରମୁଖ ପାଟପୁର ଥାନାରେ ପହଞ୍ଚି ସବିଶେଷ ତଥ୍ୟ ଦେବାପରେ ଥାନା ଏସ୍.ଆଇ ତ୍ରିନାଥ ଭୋଇଙ୍କ ନେତୃତ୍ୱରେ ପି.ଜଗନ୍ନାଥପୁର ଗାଁରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ସଡ଼କ ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ରାଜକନିକା (ଅମୃତ ମିଡିଆ):** ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲ୍ୟାଣୀ ବାରିକ (୫୫)। ଏ ନେଇ ତାଙ୍କ ସ୍ୱାମୀ ଦୋଳଗୋବିନ୍ଦ ବାରିକ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୨୮୩-୨୬ରେ ମାମଲାରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି। ଦୁର୍ଘଟଣା ଘଟାଇ ବାଇକ୍‌ଚାଳକ ଫେରାର ହୋଇଯାଇଛନ୍ତି।

ରାଜକନିକା ଥାନା ଭାରିଗଦା ପଂଚାୟତ ମନାଇଡିହ ଗାଁର ଦୋଳଗୋବିନ୍ଦଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ମଧ୍ୟାହ୍ନ ୧୨.୩୦ରେ ତାଙ୍କ ସ୍ତ୍ରୀ କଲ୍ୟାଣୀ ଅଶୋକ ବଜାରସ୍ଥିତ ଏକ ବ୍ୟାଙ୍କକୁ ଯାଉଥିବା ସମୟରେ ଚନ୍ଦନ ପୋଖରୀ ଛକରୁ ଅଶୋକ ବଜାର ରାସ୍ତାରେ ଦ୍ରୁତଗତିରେ ଆସୁଥିବା ଏକ ଅଜଣା ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । କଲ୍ୟାଣୀ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପହଂଚିବା ପରେ ଡାକ୍ତର କଲ୍ୟାଣୀଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ଥାୟୀ ଲୋକଅଦାଲତ ସମ୍ପର୍କିତ ଆଇନ ସଚେତନତା

**ବ୍ରହ୍ମପୁର (ଅମୃତ ମିଡିଆ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ ବ୍ରହ୍ମପୁରସ୍ଥିତ ନାଳନ୍ଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମର ସଚିବ ବ୍ୟୋମକେଶ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ଉଦ୍ଦେଶ୍ୟ, ଅଧିକାରକ୍ଷେତ୍ର ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଉପସ୍ଥିତ ବ୍ୟକ୍ତିମାନଙ୍କୁ ସଚେତନ କରାଯାଇଥିଲା। ସଚିବ ଶ୍ରୀ ନାୟକ କହିଥିଲେ ଯେ, ସ୍ଥାୟୀ ଲୋକ ଅଦାଲତ ମାଧ୍ୟମରେ ଦୀର୍ଘ ଓ ବ୍ୟୟବହୁଳ ମକଦ୍ଦମାରୁ ସୁବିଧା ମିଳିବା ସହ ସାଧାରଣ ଲୋକଙ୍କୁ ସୁଲଭ ଓ ଶୀଘ୍ର ନ୍ୟାୟ ପାଇବାର ସୁଯୋଗ ମିଳିଥାଏ। ଆଇନ ସମ୍ପର୍କରେ ସଚେତନ ହେବା ସହ ଆବଶ୍ୟକତା ଥିବା ବ୍ୟକ୍ତିମାନେ ଆଇନ ସେବା ପ୍ରାଧିକରଣର ସୁବିଧା ନେବାକୁ ସେ ଆହ୍ୱାନ କରିଥିଲେ।

ପ୍ରାରମ୍ଭରେ ବିଦ୍ୟାଳୟର କନିଷ୍ଠ କିରାଣୀ ଆଦିତ୍ୟ ନାରାୟଣ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳ ବିଦ୍ୟାଳୟର ଉପ-ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ୍‌ସ୍ତରୀୟ ନବଭାରତ ସାକ୍ଷରତା ତାଲିମ



**ପୋଲସରା (ଅମୃତ ମିଡିଆ):** ପୋଲସରା ବ୍ଲକସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅଧୀନରେ ବ୍ଲକ୍ ଗ୍ରାମପଞ୍ଚାୟତ କ୍ଲଷ୍ଟର ସ୍ତରୀୟ ନୋଡାଲ ଅଧିକାରୀମାନଙ୍କ ତାଲିମ କାର୍ଯ୍ୟକ୍ରମ ପୋଲସରା ପୌରପରିଷଦ ସ୍ଥିତ ପିଏମ୍ ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୋଲସରା ବିଇଓ ଶ୍ରୀ ହର୍ଷବାବୁ ଖାଡ଼ଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି 'ଉଲ୍ଲାସ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ସାକ୍ଷରତାର ଗୁରୁତ୍ୱ ଓ ନିରକ୍ଷର ବୟସ୍କମାନଙ୍କୁ ସାକ୍ଷର କରିବା ଦିଗରେ ସମସ୍ତଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏବିଇଓ ତଥା ବ୍ଲକ୍ ନୋଡାଲ ଅଧିକାରୀ ଭାଗିରଥୀ ପାତ୍ର ଉପସ୍ଥିତ ରହି ତାଲିମ ନେଉଥିବା ପ୍ରଧାନ ଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଦେଇଥିଲେ। ବି ଆରସି ସ୍ୱରୂପ କୁମାର ପାତ୍ର, ବି ଆରଜି ନିରଞ୍ଜନ ବେହେରା ଓ ମଳୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଏଥିରେ ୧୧ ଗୋଟି କ୍ଲଷ୍ଟରର ସିଆରସିସିଙ୍କ ସମେତ ସିଆରଜି ସଭ୍ୟ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଗୋଛାବାଡି, ଭାବରଡ଼ା, ବର୍ଦ୍ଧନୀ, କଣଛାଇ, ହାଟୀଓଟ,ନିମିନା କ୍ଲଷ୍ଟର ଗୁଡ଼ିକର ସମସ୍ତ ସରକାରୀ ବିଦ୍ୟାଳୟ ଗୁଡ଼ିକର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଯୋଗଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୌରପରିଷଦର ଦେଉଳପେଢ଼ି, ମଥୁରା, ବଡ଼ପଙ୍କଳବାଡ଼ି, କଳମ୍ବ ଓ ଛଞ୍ଚାଣିଆପଲ୍ଲୀ କ୍ଲଷ୍ଟର ଗୁଡ଼ିକର ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀମାନେ ତାଲିମ ନେଇଥିଲେ।

## କେନ୍ଦୁଝର ଜିଲ୍ଲାରେ ଦୀର୍ଘଦିନରୁ ବସିନି ଆର୍‌ପିଡିଏସି ବୈଠକ

# ସମସ୍ୟାର ହୋଇପାରୁନି ସମାଧାନ

**ଯୋଡା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ଠାରେ ନିର୍ମିତ ବୃହତ୍ ଜଳସେଚନ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ଓ ବିସ୍ଥାପିତ ପରିବାରଙ୍କ ପୁନର୍ବାସ, ପୁନଃଥଇଥାନ, ଜୀବିକା ଓ ମୌଳିକ ସୁବିଧା ସମ୍ପର୍କିତ ସମସ୍ୟା ଦୀର୍ଘଦିନ ଧରି ଚର୍ଚ୍ଚାରେ ରହିଛି। ଏଭଳି ପ୍ରସଙ୍ଗରେ ପ୍ରକଳ୍ପ ପ୍ରଭାବିତଙ୍କ ସମସ୍ୟା ଓ ପେରିଫେରୀ ବିକାଶ ନେଇ ଆଲୋଚନା ଏବଂ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ମଞ୍ଚ ହେଉଛି । ପ୍ରକଳ୍ପ ପାଇଁ ଭିଟାମାଟି, ଚାଷଜମି ଓ ପାରମ୍ପରିକ ଜୀବିକାରୁ ବଞ୍ଚିତ ହୋଇଥିବା ପରିବାରମାନଙ୍କ ପୁନର୍ବାସ ଓ ଥଇଥାନ ସହ ବିସ୍ଥାପନ ସହାୟତା ରାଶି, ଘରଡିହ, ଜମି, ଜୀବିକା, ପାନୀୟଜଳ, ରାସ୍ତା, ଖେଳପଡିଆ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ମୌଳିକ ସୁବିଧା ନେଇ ବିଭିନ୍ନ ସମୟରେ ଦାବି ଉଠିଆସିଥିବାର ଦେଖିବାକୁ ମିଳିଛି। ତେଣୁ ପ୍ରଭାବିତ ପରିବାରଙ୍କ ସମସ୍ୟାର ସମୀକ୍ଷା ଓ ସମାଧାନ ଦିଗରେ ଜଚଡଇଡ ବୈଠକର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ତେବେ କାନୁପୁର ପ୍ରକଳ୍ପର ଆର୍‌ଜିଡିଏସି । ବୈଠକ ଶେଷଥର ପାଇଁ ୨୦୧୬ ମସିହାରେ ଅନୁଷ୍ଠିତ ହୋଇଥିବାର ଦାବି ଏବେ ଅନେକ ପ୍ରଶ୍ନ ଉଠାଇଛି । ଯଦି ଏହି ଦାବି ସରକାରୀ ରେକର୍ଡ ଦ୍ୱାରା ସତ୍ୟାପିତ ହୁଏ, ତେବେ ଏହା ପରେ ପ୍ରକଳ୍ପ ପ୍ରଭାବିତଙ୍କ ସମସ୍ୟା ନେଇ କେତେଥର ଆଲୋଚନା ଓ ସମୀକ୍ଷା ହୋଇଛି, ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହୋଇଛି ଏବଂ ଅସମାଧାନ ପ୍ରସଙ୍ଗଗୁଡ଼ିକର ସ୍ଥିତି କ'ଣ— ସେନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ।

ଅନ୍ୟପକ୍ଷରେ, ପ୍ରକଳ୍ପର ଉଦ୍‌ଘାଟନ ନେଇ ପ୍ରସ୍ତୁତି ଚାଲିଥିବା ବେଳେ ଯେଉଁ ପରିବାରମାନେ ପ୍ରକଳ୍ପ ପାଇଁ ନିଜ ଭିଟାମାଟି, ଜମି ଓ ଜୀବିକା ହରାଇଛନ୍ତି ସେମାନଙ୍କ ନ୍ୟାର୍ଯ୍ୟ ଦାବି ଓ ପୁନର୍ବାସ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି । ପ୍ରକଳ୍ପର ଲାଭ ବ୍ୟାପକ ଅଞ୍ଚଳକୁ ମିଳିବା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ସେହି ବିକାଶ ପାଇଁ ତ୍ୟାଗ କରିଥିବା ପରିବାରଙ୍କ ପୁନର୍ବାସ ଓ ଜୀବିକା ସୁରକ୍ଷା ମଧ୍ୟ ସମାନ ଗୁରୁତ୍ୱର ବିଷୟ । ତେଣୁ ଉଦ୍ ?ଘାଟନ ପୂର୍ବରୁ ଜଚଡଇଡ ବୈଠକ ଡାକି ପ୍ରଭାବିତ ଓ ବିସ୍ଥାପିତ ପରିବାରଙ୍କ ଅସମାଧାନ ସମସ୍ୟାଗୁଡ଼ିକର ସମୀକ୍ଷା କରିବା ସହ ପୂର୍ବ ନିଷ୍ପତ୍ତି ଗୁଡ଼ିକର ଅନୁପାଳନ ନେଇ ସ୍ୱଷ୍ଟତା ଅଣାଯିବାର ଆବଶ୍ୟକତା ରହିଛି ବୋଲି ବିସ୍ଥାପିତ ଅଧିବାସୀ ଓ ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଛନ୍ତି । ପ୍ରକଳ୍ପର ଶୁଭାରମ୍ଭ ହେବ, ହେଲେ ଯେଉଁମାନଙ୍କ ତ୍ୟାଗରେ ପ୍ରକଳ୍ପ ଗଢ଼ି ଉଠିଛି ସେମାନଙ୍କ ଦୁଃଖ ଓ ଦାବି କେବେ ଶୁଣାଯିବ ?—କାନୁପୁର ବିସ୍ଥାପିତଙ୍କ ମଧ୍ୟରେ ଏହି ପ୍ରଶ୍ନ ଏବେ ଉଙ୍କି ମାରୁଛି ।

# ପ୍ରାଧ୍ୟାପିକାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ବରିଷ୍ଠ ପ୍ରାଧ୍ୟାପିକା ଡ. ଅଳି ଦାଶଙ୍କୁ କଲେଜ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସଭାରେ ପ୍ରାଧ୍ୟାପକ ଡ. ରମେଶ ସାହୁ ପୌରହିତ୍ୟ କରିଥିଲେ । ଅଧ୍ୟାପକ ରଞ୍ଜନ ବେହୁରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଡ. ଗୌରପ୍ରସାଦ ଷଡଙ୍ଗୀ ଯୋଗଦେଇ ଡ. ଦାଶଙ୍କ ନିଷ୍ପାପର ଅଧ୍ୟାପନା ଓ ଛାତ୍ରୀଛାତ୍ରଙ୍କ ପ୍ରତି ଥିବା ଆନ୍ତରିକତାର ପ୍ରଶଂସା କରିଥିଲେ। ଡ. ଅଳି ଦାଶ ନିଜର ଦୀର୍ଘ କର୍ମମୟ ଜୀବନର ଅନୁଭୂତିର ଚାରଣ କରିବା ସହ କଲେଜର ଅଧ୍ୟକ୍ଷ, ସହକର୍ମୀ ଓ ଛାତ୍ରଛାତ୍ରୀମାନଙ୍କଠାରୁ ପାଇଥିବା ଭଲପାଇବା ପାଇଁ କୃତଜ୍ଞତା ଜଣାଇଥିଲେ। ସଭାରେ ଉପସ୍ଥିତ ଅନ୍ୟାନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଡ. ଦାଶଙ୍କ ସୁସ୍ଥ ତଥା ନିରାମୟ ଦୀର୍ଘଜୀବନ କାମନା କରିଥିଲେ । ସେହିପରି ପଦାର୍ଥ ବିଜ୍ଞାନାଗାର ସହାୟକ ପଣ୍ଟୁ ଜେନାଙ୍କୁ ମଧ୍ୟ ଏହି ଅବସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଟିଏ ବିଛଣାରେ ସାପ ଓ ମଣିଷ !

**ମୋହନା (ଅମୃତ ମିଡିଆ):** ଦିନେ କିମ୍ବା ଦୁଇ ଦିନ ନୁହେଁ ଦୀର୍ଘ ୫ ମାସ ହେଲା ନିର୍ଭୟରେ ଗୋଟିଏ ବିଛଣାରେ ରାତିସାରା ରହୁଛନ୍ତି ସାପ ଓ ମଣିଷ। ଏଭଳି ଘଟଣା ଦେଖିବାକୁ ମିଳିଛି ମୋହନା ବ୍ଲକ ଅନ୍ତର୍ଗତ ଲୁହାଗୁଡ଼ି ଅଞ୍ଚଳରେ। ଲୁହାଗୁଡ଼ି ଛକ ସ୍ଥିତ ଏକ ହୋଟେଲରେ ଅଜୟ ପାତ୍ର ନାମରେ ଜଣେ ଯୁବକ କାମ କରୁଛନ୍ତି। କାମ ଶେଷ ପରେ ହୋଟେଲ ପଛପଟ ଥିବା ଏକ ଘରେ ସବୁଦିନ ବିଶ୍ରାମ ନିଅନ୍ତି। ଅଜୟଙ୍କ କହିବା ଅନୁଯାୟୀ ସେହି ଘରକୁ ପ୍ରାୟ ୫ ମାସ ହେବ ପ୍ରତିଦିନ ରାତିରେ ଏକ ନାଗସାପ ଆସି ତାଙ୍କ ବିଛଣାରେ ବିଶ୍ରାମ ନେଉଛି। ରାତିସାରା ତାଙ୍କ ସହ ବିଛଣାରେ ରହିବା ପରେ ସକାଳ ହେଲେ ସାପଟି ଚାଲିଯାଉଛି । ବର୍ତ୍ତମାନ ସୁଦ୍ଧା ସାପ ତାଙ୍କର କୌଣସି କ୍ଷତି କରିନଥିବା ମଧ୍ୟ ସେ କହିଛନ୍ତି। ତେବେ ବିଛଣାରେ ସାପ ରହୁଥିବା ସତ୍ତ୍ୱେ କୌଣସି ଅଘଟଣ ଘଟିନଥିବା କଥାକୁ ନେଇ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି। ଏଭଳି ଘଟଣା ଏବେ ଲୁହାଗୁଡ଼ି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ଯୋଡା (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ତଥା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାମେବାରୀ ସେକ୍ଟରର ସ୍ୱାସ୍ଥ୍ୟ ପରିଦର୍ଶକ ଅଚ୍ୟୁତାନନ୍ଦ ପାତ୍ରଙ୍କୁ ବୁଧ ବାର ଦିନ ବିଦାୟକାଳୀନ ସମ୍ବର୍ଦ୍ଧନା ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାସୁଦେବପୁରର ଅଧୀକ୍ଷକ ଡାକ୍ତର ଲକ୍ଷ୍ମୀକାନ୍ତ ସିଂହ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝୀ, ଚିକିତ୍ସାଧିକାରୀ ଡାକ୍ତରଅଭିଜିତ ଦୀକ୍ଷିତ ଆୟୁଷ ଡାକ୍ତର ଶଶୀ କାନ୍ତ ପ୍ରଧାନ ଓ ଡାକ୍ତର ରମଣୀ ରଂଜନ ପାତ୍ର ଉପସ୍ଥିତ ରହିବାସଙ୍ଗେ ସଙ୍ଗେ ବ ପି. ଏମ୍, ବି.ଡ଼ି.ଏମ , ବାମ୍ ସମସ୍ତ ନର୍ସିଂ ଅଫିସର ତଥା କାର୍ଯ୍ୟାଳୟର କର୍ମଚାରୀ ତଥା କ୍ଷେତ୍ର କର୍ମଚାରୀ ବିଦାୟୀ ପାତ୍ରଙ୍କୁ ଅଭର୍ଥନା ଜଣାଇଥିଲେ ଏବଂ ପରବର୍ତ୍ତୀ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ । କାର୍ଯ୍ୟରୁ ଅବସର ଗ୍ରହଣ କରୁଥିବାରୁ ଏତେଦିନ ମିସି କାମ କରିଥିବା ସାଥୀ ସହକର୍ମୀ ଓ ଉପରିସ୍ଥ ଅଧିକାରୀ ବିଦାୟ ଦେଇ ଥିଲେବି ହୃଦୟରୁ ବିଦାୟ ଦେଇ ପାରିବେ ନାହିଁ କହିଥିଲେ।

# ବୌଦ୍ଧ ସିଙ୍ଗାରୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

## ଇଚର ଚାଳକଙ୍କ ମୃତ୍ୟୁ

**ବୌଦ୍ଧ (ଅମୃତ ମିଡିଆ):** ଆଜି ଭୋର ପ୍ରାୟ ୨ଟା ସମୟରେ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ବାଉଁଶୁଣୀ ଥାନା ଅଧୀନସ୍ଥ ସିଙ୍ଗାରୀ ଗ୍ରାମ ନିକଟରେ ଜାତୀୟ ରାଜପଥ-୫୭ ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଇଚର ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଡଡ-୦୨- ଉ୫-୪୬୭୫ ନମ୍ବର ବିଶିଷ୍ଟ ଏକ ଇଚର ଗାଡ଼ି ବୌଦ୍ଧରୁ ମନମୁଣ୍ଡା ଅଭିମୁଖେ ଯାଉଥିବା ସମୟରେ ରାସ୍ତା ଉପରେ ପାର୍କିଂ ହୋଇଥିବା ଡଇ-୩୩-ର-୩୧୫୧ ନମ୍ବର ବିଶିଷ୍ଟ ଏକ ଟ୍ରକ୍‌କୁ ପଛପଟୁ ଯୋର୍ ରେ ଧକ୍କା ଦେଇଥିଲା। ଫଳରେ ଇଚରଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହାର ଚାଳକ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ।

ପ୍ରାଥମିକ ସୂଚନା ଅନୁସାରେ, ରାସ୍ତାରେ ପାର୍କିଂ ହୋଇଥିବା ଟ୍ରକ୍ ?ର ପଛପଟେ ଆବଶ୍ୟକୀୟ ରିୟର ରିଫ୍ଲେକ୍ଟିଭ୍ ଟେପ୍ (ଜଜଞ୍ଜ) ଦୃଶ୍ୟମାନ ନଥିବାରୁ ରାତ୍ରି ସମୟରେ ଏହା ଦେଖା ଯାଇନଥିବା ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ବାଉଁଶୁଣୀ ପୋଲିସ ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ, ଦାୟିତ୍ୱ ଓ ଅନ୍ୟାନ୍ୟ ପରିସ୍ଥିତି ସମ୍ପର୍କରେ ତଦନ୍ତ ପରେ ସବିଶେଷ ତଥ୍ୟ ସ୍ପଷ୍ଟ ହେବ।

# ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ବେଳେ ୩ ଯୁବକ ଗିରଫ



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ରେଳ ଷ୍ଟେସନରେ ଟ୍ରେନ୍ ଯୋଗେ ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଖବର ଅନୁଯାୟୀ ଗତକାଲି ବିଶେଷ ସୂତ୍ରରୁ ଖବର ପାଇ ଆରପିଏଫ ଓ ଜିଆରପି ଟିମ୍ ବ୍ରହ୍ମପୁର ରେଳ ଷ୍ଟେସନ ବାହାରୁ ୩ ଜଣ ଯୁବକଙ୍କୁ ସନ୍ଦେହରେ ଧରିଥିଲେ। ସେମାନଙ୍କ ନିକଟରୁ ୩ଟି ବ୍ୟାଗରେ ଥିବା ଗଞ୍ଜେଇ ,୩ ଗୋଟି ଦାମୀ ମୋବାଇଲ , ବ୍ରହ୍ମପୁର ରୁ ବିଜୟୱାଡା ଟ୍ରେନ ଟିକେଟ ଏବଂ ୨୫ କେଜି ୮୪୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଖଲିକୋଟ ଷ୍ଟେସନରୁ ବ୍ରହ୍ମପୁର ଆସିଥିଲେ ଏବଂ ବ୍ରହ୍ମପୁରରୁ ଟ୍ରେନ୍ ଯୋଗେ ବିଜୟୱାଡ଼ା ଯିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଭି. ଦୀପକ, ଆନ୍ଧ୍ରପ୍ରଦେଶ; ଏସ୍. ମାଣି ଗାଦନ, ଆନ୍ଧ୍ରପ୍ରଦେଶ ଏବଂ ଶିବ ବେହେରା, କୋଦଳା ଥାନା ଅନ୍ତର୍ଗତ କୋଦଳା ଗ୍ରାମର ବାସିନ୍ଦା।

## ୧୦ମ ଦିନରେ ୪୧ତମ ଚକ୍ଷୁଦାନ ପକ୍ଷ ପାଳନ ସଚେତନତା କାର୍ଯ୍ୟକ୍ରମ



**ବ୍ରହ୍ମପୁର (ଅମୃତ ମିଡିଆ):** ଫ୍ରେଣ୍ଡସ୍ ହେଲପିଙ୍ଗ କ୍ଲବ ପକ୍ଷରୁ ୪୧ ତମ ଚକ୍ଷୁଦାନ ପକ୍ଷ ପାଳନର ଦଶମ ଦିବସରେ ଏମ୍. କେ. ସି. ଜି. ମେଡିକାଲ ପଡିଆରେ ଶତାଧିକ ପଦଯାତ୍ରା କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଚକ୍ଷୁଦାନ ବିଷୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବ୍ରହ୍ମପୁର ସହରର ବରିଷ୍ଠ ଅବସରପ୍ରାପ୍ତ ଚକ୍ଷୁ ବିଭାଗର ମୁଖ୍ୟ ପ୍ରୋଫେସର ଡଃ. ବି. ନାଗେଶ୍ୱର ରାଓ ସୁବୁଦ୍ଧି ଚକ୍ଷୁଦାନ କଣ,କିଏ ଓ କିପରି କରିପାରିବ ପୁଙ୍ଖାନୁପୁଙ୍ଖ ଭାବେ ନିମ୍ନମତେ ବୁଝାଇଥିଲେ । ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ଚକ୍ଷୁ ଦାନ କରିବା ପାଇଁ ଇଚ୍ଛୁକ, ତାଙ୍କ ଦାୟାଦ ବା ବନ୍ଧୁବାନ୍ଧବ ପ୍ରଥମେ ମୃତ ବ୍ୟକ୍ତିଙ୍କ ମୁଣ୍ଡକୁ ତକିଆ ଦେଇ ରଖିବେ ଓ ଆଖିରେ ଓଦା ତୁଳା ବା କନାଦେଇ ଘୋଡାଇ ରଖିବା ପରେ ଚକ୍ଷୁ ବିଭାଗକୁ ଜଣାଇଲେ ଚକ୍ଷୁ ବିଶେଷଜ୍ଞ ଘରକୁ ପହଂଚି ଚକ୍ଷୁ (କରିନିଆ) ବା ଆଖି ଉପରେ ଥିବା ସ୍ୱଚ୍ଛପରଳ ସଂଗ୍ରହ କରିବେ । ଏଠାରେ ମନେରଖିବାକୁ ପଡିବ ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ଏହା ହେବାକୁ ପଡିବ। ଏହି ସ୍ୱଚ୍ଛ ପରଳ ଦୁଇଟିକୁ ନେଇ ଚକ୍ଷୁ ବ୍ୟାଙ୍କରେ ରଖାଯାଏ ଓ କରନିଆ ଯୋଗୁଁ ହୋଇଥିବା ଅନ୍ଧ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ ଓ ସେହି ବ୍ୟକ୍ତି ଦୃଷ୍ଟି ଶକ୍ତି ପାଇଥାଏ । ଏହି କାର୍ଯ୍ୟକ୍ରମରେ. କେ. ନାନ୍ଦେଶୁ ସେନାପତି, ଜେ. ସୁରେଶ, କେ.ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଅନିଲ କୁମାର ଚୌଧୁରୀ, ପି. କିରଣ କୁମାର, ଇ ପ୍ରସନ୍ନ କୁମାର ପାତ୍ର, ଏମ . ବିଦ୍ୟା ସାଗର, ଏସଏମ .ପୃଷ୍ଟି, ମାଲ୍ଲେସ୍ୱର ଗୁପ୍ତା ଓ ବହୁ ସଭ୍ୟ ଉପସ୍ଥିତ ରହି ପଡିଆରେ ପଦଯାତ୍ରା କରି ଚକ୍ଷୁଦାନ ପାଇଁ ବିଭିନ୍ନ ସ୍ଲୋଗାନ ଦେବା ସଙ୍ଗେ ସଙ୍ଗେ ପ୍ରଚାର ପତ୍ର ବଣ୍ଟନ କରିଥିଲେ ।

# ଭିତରକନିକାରେ ଚାଲିଛି ଦେଶୀୟ ପକ୍ଷୀଗଣନା



**ରାଜନଗର (ଅମୃତ ମିଡିଆ):** ରାଜନଗର ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନରେ ୩ତାରିଖ ଠାରୁ ଦେଶୀୟ ପକ୍ଷୀଙ୍କ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନବିଭାଗ ପକ୍ଷରୁ ୪ ଟି ଟିମ୍ ଗଠନ କରାଯାଇଛି। ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ନବୀନ କୁମାର ମଲ୍ଲିକ ଓ ସଞ୍ଜିବ କୁମାର ଦାସଙ୍କ ସହ ଫରେଷ୍ଟଗାର୍ଡ କଳ୍ପତରୁ ସେଠି, ରଶ୍ମିରଂଜନ ବେହେରା, ସୁବାଷ ମାଝି, ଗୋରାଚାନ୍ଦ ସିଂ, ବନ୍ଦିତା ବିଶ୍ୱାଳ, ସନ୍ଧ୍ୟାରାଣୀ ମଲ୍ଲିକ, ଗାୟତ୍ରୀ ତିର୍କୀଙ୍କ ସହ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଛନ୍ତି। ଭିତରକନିକାର ଜାତୀୟ ଉଦ୍ୟାନର ମଠଆଡିଆ ସହ ଜାତୀୟ ଉଦ୍ୟାନ ବାହାରେ ଦୁର୍ଗାପ୍ରସାଦ ଡିଆ, ଲକ୍ଷ୍ମୀପ୍ରସାଦ ଡିଆ ଠାରେ ଗଣନା କାର୍ଯ୍ୟ କରାଯାଉଛି। ଏହି ଗଣନା କାର୍ଯ୍ୟରେ ମଠଆଡିଆ ଠାରେ ୩ ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ଦୁର୍ଗାପ୍ରସାଦ ଡିଆ, ଲକ୍ଷ୍ମୀପ୍ରସାଦ ଡିଆ ଠାରେ ଗୋଟିଏ ଟିମ୍ ନିୟୋଜିତ କରାଯାଇଛି। ପ୍ରତି ଟିମରେ ପାଞ୍ଚ ଜଣ ଲେଖାଏଁ ଅଭିଜ୍ଞ କର୍ମଚାରୀ ଙ୍କୁ ସାମିଲ କରାଯାଇଛି। ଏହି ଗଣନା କାର୍ଯ୍ୟରେ ମୁଖ୍ୟତଃ ୧୦ ପ୍ରଜାତିର ଯଥା- ଦାବେଣ୍ଡିଆ ଗେଣ୍ଡାଳିଆ, ଅଞ୍ଜନା, ଖଇରା, ପାଣିକୁଆ,ରାଣୀ ବଗ ମଝିଆ ବଗ, ଛୋଟ ବଗ, ଅନ୍ଧାରିଆ ବଗ ଓ କାପରଖାଇ ଭଳି ଦେଶୀୟ ପକ୍ଷୀଙ୍କ ଗଣନା କାର୍ଯ୍ୟ କରାଯାଇଥାଏ। ବର୍ଷା ଋତୁର ଆରମ୍ଭ ସମୟରେ ଦେଶର ବିଭିନ୍ନ ପ୍ରାନ୍ତରରୁ ଏହି ଦେଶୀୟ ପକ୍ଷୀମାନେ ନିଜର ବଂଶ ବିସ୍ତାର ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ଆସିଥାନ୍ତି। ଗୁଆଁ, ବନି,କେରୁଆଁ, ସିନ୍ଦୁକା ଓ ସୁନ୍ଦୁରି ପ୍ରଭ ?ତି ଗଛରେ ବସା ବାନ୍ଧି ଅଣ୍ଡା ଦେଇଥାନ୍ତି। ପ୍ରକୃତି ରାଣୀର ଅନନ୍ୟ ଉପହାର ଭିତରକନିକାରେ ଖାଦ୍ୟ ଖାଦକର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ। ପକ୍ଷୀମାନେ ଗଛରେ ବସାବାନ୍ଧି ଅଣ୍ଡା ଦେଇଥିବାରୁ ସେମାନେ ଖାଦ୍ୟ ସଂଗ୍ରହ ପାଇଁ ବାହାରକୁ ଯାଇପରି ନଥାନ୍ତି। ସେହିପରି ସେମାନଙ୍କ ମଳ ଖାଇବା ପାଇଁ ଗଛମୂଳକୁ ଲାଗିଥିବା ପାଣିରେ ମାଛ ଆସିଥାନ୍ତି। ପକ୍ଷୀମାନେ ଗଛରୁ ଓହ୍ଲାଇ ସହଜରେ ମାଛ ଖାଇ ଅଣ୍ଡା ଦେଇଥିବା ବସାକୁ ଫେରିଯାଇଥାନ୍ତି।





# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିରେ ବିଳମ୍ବ

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତ୍ୱରାନ୍ୱିତ ପାଇଁ ଅନୁରୋଧ କଲା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ




### ୧୫ ଦିନ ମଧ୍ୟରେ କାର୍ଯ୍ୟ ସାରିବାକୁ ପ୍ରତିଶ୍ରୁତି : ଡିଇଓ

**ଖୋର୍ଦ୍ଧା (ଅମୃତ ମିଡିଆ) :** ଆଜି ଅପରାହ୍ନ ୫ଟାରେ ଜ଼ିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଖୋର୍ଦ୍ଧା ଠାରେ ଜ଼ିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଧିଷ୍ଠିର ସାହୁ ଓ ସମ୍ପାଦକ ଜିତ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଜ଼ିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଭେଟି ପଦୋର୍ନତି ସମ୍ପର୍କ ରେ ଆଲୋଚନା କରାଯାଇଛି । ୧୫ ଦିନ ସମୟ ରେ ସାରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି. ଦୀର୍ଘ ଚାରି ବର୍ଷ ପରେ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ତ୍ୱରାନ୍ୱିତ କରିବା ପାଇଁ ଚିଠି ସଂଖ୍ୟା-୨୧୨୨୭୦,ତା-୧୩/୦୫/୨୬ରିଖରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବା ପରେ ନିର୍ଦ୍ଦେଶକ ଚିଠି ସଂଖ୍ୟା-୯୬୬୩ ତା-୧୮/୦୫/୨୬ରିଖରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଦୋନ୍ନତି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହି ଚିଠି ଆଧାରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିଠି ସଂଖ୍ୟା-୮୦୬୮, ତା-୨୨/୦୬/୨୬ରିଖରେ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ଫାଇନାଲ ଲିଷ୍ଟ ପଠାଇବା ପାଇଁ ଏକମାସ ସମୟ ଦେଇଥିଲେ.ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ଼ିଲ୍ଲା ଶିକ୍ଷାକାର୍ଯ୍ୟାଳୟ ରେ ତନଖି ତାଲିକା କରି ପୈଠ କରିଛନ୍ତି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଚିଠି ଆଧାରରେ କିଛି ଜ଼ିଲ୍ଲା ପଦୋନ୍ନତି ଦେଇ ସାରିଥିବା ସ୍ଥଳେ ଖୋର୍ଦ୍ଧା ଜିଲା ରେ ବିଳମ୍ବ ଯୋଗୁଁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ପ୍ରାଥମିକ ଶିକ୍ଷକ/ଶିକ୍ଷୟିତ୍ରୀ ଦୁଃଖିତ ଓ ମର୍ମାହତ। ଏହା ଉପରେ ଜିଲ୍ଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧାଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଜ଼ିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଅନୁରୋଧ କରିଛି ରାଜ୍ୟ ଉପସଭାପତି ସୁକାନ୍ତି ସାବୁତ, ଉପଦେଷ୍ଟା ସଙ୍ଗୀତା ଦାସ, ରାଜ୍ୟ ଆଞ୍ଚଳିକ ସମ୍ପାଦକ ବସନ୍ତ ପ୍ରହରାଜ, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମିୟ କୁମାର ପରିଡା, ଜଟଣୀ ସମ୍ପାଦକ ଆକାଶ କୁମାର ମହାନ୍ତି, ଉପସଭାପତି ରଶ୍ମି ଦାସ, ସମୀର ସେଠି, ନାରାୟଣ ପାଇକରାୟ, ରବିନ୍ଦ୍ର ପ୍ରଧାନ, ଦେବାଶିଷ ସେଠି ରବୀନ୍ଦ୍ରନାଥ ଦାସ, ବଟକୃଷ୍ଣ ନାୟକ, ସଞ୍ଜୟ କୁମାର ବେହେରା, ତୁଳସୀ ସେଠୀ, ସରୋଜିନୀ ଦେଈ, ସବିତା ବେହେରା, ଲକ୍ଷ୍ମୀକାନ୍ତ, ବେହେରା ରମାକାନ୍ତ ବେହେରା, ଶୁଶାନ୍ତ କୁମାର ଦାସ, ପ୍ରତାପ ଚନ୍ଦ୍ର ନାୟକ, ଦୀପ୍ତିମୟୀ ନାୟକ, କିଶୋର ଚନ୍ଦ୍ର କାଣ୍ଡି ଫୟାଉଦ୍ଦିନ ଖାଁ, ଜ୍ୟୋତିମୟୀ ନାୟକ, ରବି ନାରାୟଣ ପଣ୍ଡା, ସତ୍ୟ ନାରାୟଣ ମଲ୍ଲିକ, ପ୍ରଭାତ ସେନାପତି, ପ୍ରତାପ ସ୍ୱାଇଁ, ମାଧବ ଚନ୍ଦ୍ର ରଣା, ପ୍ରତିମା ବେହେରା, ପ୍ରଭାସିନୀ ବେହେରା ପ୍ରମୁଖ ଅନୁରୋଧ କରିଛନ୍ତି ।

# ଦୀର୍ଘଦିନ ଧରି ପଦବୀ ଖାଲି

## ଅଚଳ ଅବସ୍ଥାରେ ବହୁ ସରକାରୀ କାର୍ଯ୍ୟାଳୟ

**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଦୀର୍ଘ ଦିନ ଧରି ଅନେକ ପଦବୀ ଖାଲି ପଡିଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥି ମଧ୍ୟରୁ ରଘୁନାଥପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁଇ ଗୋଟି ଅତିରିକ୍ତ ଶିକ୍ଷାଧିକାରୀ ପଦବୀ, ଗୋଟିଏ ସିନିୟର୍ ଆସିଷ୍ଟାଣ୍ଟ ପଦବୀ, ଗୋଟିଏ ଆକାଉଣ୍ଟାଣ୍ଟ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି । ଏହା ସହିତ ଜଗତସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ରଘୁନାଥପୁର ଶିକ୍ଷା ମଣ୍ଡଳର ଅତିରିକ୍ତ ଦାୟିତ୍ୱରେ ଥିବାରୁ ବହୁ ସମୟରେ ଏଠାରେ ସେ ଅନୁପସ୍ଥିତ ରହୁଥିବାରୁ ଏହି କାର୍ଯ୍ୟାଳୟ ବର୍ତ୍ତମାନ ଏକପ୍ରକାର ଅଚଳ ଅବସ୍ଥାକୁ ଚାଲି ଆସିଥିବା ଜଣାଯାଇଛି । ସେହିପରି ରଘୁନାଥପୁର ତହସିଲରେ ଦୀର୍ଘ ଦିନ ଧରି ଅତିରିକ୍ତ ତହସିଲଦାରଙ୍କ ପଦବୀ ଖାଲି ପଡିଥିବାରୁ ଲୋକମାନଙ୍କ ତହସିଲ କାର୍ଯ୍ୟ ବହୁ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି । ସେହିପରି ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଯୋଗାଣ ଅଧିକାରୀଙ୍କ ପଦବୀ ଖାଲି ପଡ଼ି ଥିବାରୁ ସାଧାରଣ ଲୋକମାନଙ୍କର ରେସନକାର୍ଡ ସମ୍ବନ୍ଧୀୟ କାର୍ଯ୍ୟ ହୋଇ ପାରୁନାହିଁ । ଏତଦଭିନ୍ନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୧୬ଶଯ୍ୟା ବିଶିଷ୍ଟ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୨ଟି ଡାକ୍ତର ପଦବୀ, ୩ଟି ଶଲ୍ୟୋଲିଷ୍ଟ ପଦବୀ, ଗୋଟିଏ ବିପିଓ, ଗୋଟିଏ ପିଏଚଇଓ, ଗୋଟିଏ ଫାର୍ମାସିଷ୍ଟ ଓ ଗୋଟିଏ ଭିଏସ କ୍ଲର୍କ ପଦବୀ ଖାଲି ପଡିଥିବାରୁ ଏହି ଅଂଚଳରେ ସ୍ୱାସ୍ଥ୍ୟ ସେବା ଏକ ପ୍ରକାର ଠପ୍ ହୋଇ ଯାଇଛି । ତେବେ ବିଜେପି ସରକାରଙ୍କ ୨ବର୍ଷ ଶାସନ କାଳରେ ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ବେଳେ ରଘୁନାଥପୁର ବ୍ଲକ ଜନସାଧାରଣ ଏହି ସରକାର ଉପରେ ଧିରେଧିରେ ଆସ୍ଥା ହରାଉଥିବା ଲକ୍ଷ କରାଯାଇଛି । ଏଥି ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ ଦାବି କରାଯାଇଛି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ପ୍ରତୀକାତ୍ମକ...

ନୂଆକୋଟ ବନ୍ୟା ଦ୍ୱାରା ସର୍ବାଧିକ ପ୍ରଭାବିତ ଅଞ୍ଚଳ ମଧ୍ୟରେ ଅନ୍ୟତମ । ଏଠାରେ ଅନେକ ପରିବାର ଏପର୍ଯ୍ୟନ୍ତ ସେମାନଙ୍କ ପ୍ରିୟଜନଙ୍କ କୌଣସି ସନ୍ଧାନ ପାଇନାହାଁନ୍ତି । ନିଖୋଜଙ୍କ ପରିବାର ଏବେ ସେମାନଙ୍କ ପାଇଁ ପ୍ରତୀକାତ୍ମକ ଅନ୍ତିମ ସଂସ୍କାର କରିଛନ୍ତି । ଏହି ମୁହୂର୍ତ୍ତ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା । ସେମାନଙ୍କ ସମ୍ମୁଖରେ ଏକ ଚିତା ଜଳିଥିଲା, କିନ୍ତୁ ସେମାନଙ୍କ ପ୍ରିୟଜନଙ୍କ ଶରୀର ସେଥିରେ ନଥିଲା । ତଥାପି, ପରିବାର ଗୁଡ଼ିକ ପ୍ରିୟଜନଙ୍କ ମୃତ୍ୟୁ ପରେ କରାଯାଉଥିବା ରୀତିନୀତି ପରି ସମାନ ରୀତିନୀତି ପାଳନ କରିଥିଲେ । ହିନ୍ଦୁ ଧର୍ମରେ, ଅନ୍ତିମ ସଂସ୍କାରକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ । ଏହା ମୃତକଙ୍କ ଆତ୍ମାକୁ ମୁକ୍ତି ଦିଏ ବୋଲି ବିଶ୍ୱାସ କରାଯାଏ । ଏହି ଆଶା ସହିତ, ପରିବାର ଗୁଡ଼ିକ ସେମାନଙ୍କର ନିଖୋଜ ପ୍ରିୟଜନଙ୍କ ପାଇଁ ଏହି ରୀତିନୀତି ପାଳନ କରିଥିଲେ ।ନେପାଳରେ ଅନେକ ମୃତଦେହ ଅଚିହ୍ନା ରହିଛି । କର୍ତ୍ତୃପକ୍ଷ କିଛିଙ୍କୁ ଅସ୍ଥାୟୀ ଭାବରେ ପୋତି ଦେଇଛନ୍ତି । ରିପୋର୍ଟ ହୋଇଛି ଯେ ଅନେକ ମୃତଦେହ ପଚିବା ଆରମ୍ଭ କରିଛି ।

### ନଦୀକୁ ...

ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଔଷଧ ସହିତ ସାଲାଇନ, ରକ୍ତ ପରୀକ୍ଷା କିଟ୍ ଆଦି ଫୋପାଡ଼ି ଦିଆଯାଇଥିଲା । ଏହି ଅଭିଯୋଗ ଆସିବା ପରେ କିଏ ଓ କାହିଁକି ଏସବୁ ଜିନିଷ ଫୋପାଡ଼ିଲେ, ସେ ନେଇ ତଦନ୍ତ କରାଯାଇଥିଲା । ତଦନ୍ତ ପରେ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନାରେ ତ୍ରୁଟି ଦର୍ଶାଇ ସିଡିଏମଓ ଟେକ୍ନିକାଲ ଷ୍ଟୋର କିପର ରୁପେନ୍ଦ୍ର ନାଥ ସିଂକୁ ନିଲମ୍ବନ କରିଥିବା କହିଛନ୍ତି ।

### ବନ୍ଧୁକ...

ଆଉ କୌଣସି ଲିଙ୍କ ସାମ୍ନାକୁ ଆସିବ କି ନାହିଁ, ତାହା ଉପରେ ଏବେ ସମସ୍ତଙ୍କ ନଜର । ଅନ୍ୟପଟେ ମୃତ ମହମ୍ମଦ ଅନିଶ ଏବଂ ଅଭିଯୁକ୍ତ ପ୍ରଭାତ ଉଭୟେ ଛୋଟ ସମୟରୁ ଭଲ ବନ୍ଧୁ ରହିଥିବା କୁହାଯାଉଛି । ତେବେ ଏତେ ଭଲ ବନ୍ଧୁ ହୋଇ ମଧ୍ୟ ଅନିଶଙ୍କୁ ହତ୍ୟା କରିବା ପାଇଁ ପ୍ରଭାତ ରାଜାକୁ କାହିଁକି ବନ୍ଧୁକ ଦେଲା ତାହା ମଧ୍ୟ ଅନେକ ପ୍ରଶ୍ନ ଛିଡ଼ା କରିଛି । ବନ୍ଧୁକ ଯୋଗାଇଥିବା ଅଭିଯୁକ୍ତ ଗିରଫ ପରେ ଆଜି ରାଜାକୁ ମଧ୍ୟ ରିମାଣ୍ଡର ପ୍ରଥମ ଦିନରେ ହିଁ ପୁଲିସ୍ କୋର୍ଟରେ ହାଜର କରି ଜେଲ ହାଜତକୁ ପଠାଇ ଦେଇଛି ।

### ଆରମ୍ଭ...

ସମ୍ପୂର୍ଣ୍ଣ ଆଇନଗତ ମାନ୍ୟତା ପ୍ରଦାନ କରାଯିବ । ପଞ୍ଜିକୃତ ଦଲିଲଗୁଡ଼ିକର ଡିଜିଟାଲ ସଂରକ୍ଷଣ କରାଯିବା ସହିତ ଇ-ପ୍ରମାଣପତ୍ର ଓ ଡିଜିଟାଲ ନକଲକୁ ପ୍ରାମାଣିକ ମାନ୍ୟତା ମିଳିବ, ଯାହା ମୂଳ କାଗଜ ଦଲିଲ ଭଳି ସମାନ ଭାବେ ବୈଧ ବିବେଚିତ ହେବ । ପ୍ରସ୍ତାବିତ ବ୍ୟବସ୍ଥାରେ ନାଗରିକମାନେ ଅନଲାଇନ୍ ମାଧ୍ୟମରେ ଦସ୍ତାବିଜ ଦାଖଲ କରିପାରିବେ ଓ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଇଲେକ୍ଟ୍ରୋନିକ ଉପସ୍ଥିତି (ଇ-ଆପିଏରାନ୍ସ) ତଥା ଇଲେକ୍ଟ୍ରୋନିକ ଯାଂଚର ସୁବିଧା ପାଇବେ । ପ୍ରତ୍ୟେକ ସମ୍ପତ୍ତିକୁ ଏକ ସ୍ୱତନ୍ତ୍ର ପରିଚୟ ସଂଖ୍ୟା ବା 'ୟୁନିକ୍ ପ୍ରପର୍ଟି ଆଇଡେଣ୍ଟିଫିକେସନ ନମ୍ବର' (ୟୁପିଆଇଏନ) କିମ୍ବା ସରକାରୀ ଜମି ରେକର୍ଡ ସହ ଯୋଡ଼ାଯିବ । ପରିଚୟ ଯାଂଚ କ୍ଷେତ୍ରରେ ନାଗରିକଙ୍କ ସମ୍ମତିକ୍ରମେ 'ଆଧାର' ପ୍ରମାଣୀକରଣ କରାଯାଇପାରିବ, କିନ୍ତୁ 'ଆଧାର'କୁ ବାଧ୍ୟତାମୂଳକ କରାଯାଇ ନାହିଁ । 'ଆଧାର' ବଦଳରେ ଅଫଲାଇନ ଯାଂଚ, ଅନ୍ୟାନ୍ୟ ବୈଧ ସରକାରୀ ପରିଚୟପତ୍ର କିମ୍ବା ଅନୁମୋଦିତ ଇ-ଡକ୍ୟୁମେଣ୍ଟ ମାଧ୍ୟମରେ ମଧ୍ୟ ପରିଚୟ ପ୍ରମାଣିତ ହୋଇପାରିବ । ଦଲିଲ ପ୍ରସ୍ତୁତିକୁ ସରଳ କରିବା ପାଇଁ ବିକ୍ରୟ ଦଲିଲ (ସେଲ୍ ଡିଡ୍ ), ବିକ୍ରୟ ଚୁକ୍ତିପତ୍ର (ସେଲ୍ ଏଗ୍ରିମେଣ୍ଟ), ଜେନେରାଲ ପାୱାର ଅଫ୍ ଆଟର୍ଣ୍ଣି ଓ ସ୍ଥାବର ସମ୍ପତ୍ତି ବନ୍ଧକ ଭଳି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଇଁ ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଫର୍ମାଟ୍ ବା ଟେମ୍ପଲେଟ୍ ଉପଲବ୍ଧ ହେବ । ଏହାସହ ପଞ୍ଜିକରଣ ତଥ୍ୟକୁ ଭୂ-ଅଭିଲେଖ, କ୍ୟାଡାଷ୍ଟ୍ରାଲ୍ ମାନଚିତ୍ର, ରାଜସ୍ୱ ରେକର୍ଡ, ପୌରସଂସ୍ଥା, ଯୋଜନା କର୍ତ୍ତୃପକ୍ଷ ଓ ବ୍ୟାଙ୍କ ତଥା ଆର୍ଥିକ ଅନୁଷ୍ଠାନ ସହିତ ଡିଜିଟାଲ ଭାବେ ଯୋଡ଼ାଯିବ ।

### ସରକାରଙ୍କ...

ତାହା ଲୋକେ ଜାଣି ନାହାଁନ୍ତି । ସେହିପରି ବନ୍ୟା ରିଭ୍ୟୁ ମିଟିଂକୁ ବିଜେଡି ବିଧାୟକଙ୍କୁ ନଡାକିବା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଟଙ୍କା ଦଳୀୟ ନେତା ବାଣ୍ଟିବା ନେଇ ବିଜେଡି ପ୍ରଶ୍ନ କରିଛି । ସେପଟେ ବିଜେଡି ସାମ୍ବାଦିକ ସମ୍ମିଳନୀର ଜବାବ ରଖିଲା ବିଜେପି । ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି ଯେ, ବିଜେଡିର ୩ ବିଧାୟକଙ୍କ ଗାଁରେ କଥା କହିବାର ସାହସ ନାହିଁ, ସେମାନେ ଭୁବନେଶ୍ୱର ଆସି କଥା କହୁଛନ୍ତି । ଆଗକୁ ଗାଁରେ ପଶିବା ସେମାନଙ୍କର କଷ୍ଟକର ହୋଇଯିବ । ବିଜେଡି ଯାହା ଅଭିଯୋଗ ଆଣିଛି ତାହା ଭିତ୍ତିହୀନ । ପ୍ରଥମ ବନ୍ୟାରେ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ଏବଂ ଦ୍ୱିତୀୟ ବନ୍ୟାରେ ଗ୍ରାଉଣ୍ଡ ଜିରୋରୁ ଅନୁଧ୍ୟାନ କରିଛନ୍ତି । ଯାଜପୁର ଜିଲ୍ଲାକୁ ଯାଇ ବନ୍ୟା ସମୀକ୍ଷା କରିଥିଲେ । ଦଳମତ ନିର୍ବିଶେଷରେ ସବୁ ବିଧାୟକ ଉପସ୍ଥିତ ଥିଲେ । ରିଲିଫ୍ ଓ ଗୋଖାଦ୍ୟ ବଣ୍ଟନ ନେଇ ଆଲୋଚନା କରିଥିଲେ । ଅତୀତରେ ଦୈବୀ ଦୁର୍ବିପାକ ଆସିଛି, ପୂର୍ବ ସରକାର କେତେ ଥର ବନ୍ୟା ଅଞ୍ଚଳ ବୁଲିବାକୁ ଯାଇଥିଲେ ସେମାନେ କୁହନ୍ତୁ । ବିଜେଡି ପ୍ରଥମେ କହିଲେ ରିଲିଫ୍ ଯାଇନି, ତାପରେ କହୁଛନ୍ତି ଦଳୀୟ ଭିତ୍ତିରେ ଟଙ୍କା ବଣ୍ଟା ଯାଉଛି । ପ୍ରମିଳା ମଲ୍ଲିକ ରାଜସ୍ୱ ମନ୍ତ୍ରୀ ଥିଲେ । ସେ ଭଲ ଭାବେ ଜାଣିଛନ୍ତି ରିଲିଫ୍ କୋଡ କ'ଣ ଓ କିପରି ଦିଆଯାଏ । ତାଙ୍କଠୁ ଏପରି ଉତ୍ତର ଆଶା କରାଯାଉନି । ଏଭଳି ରାଜନୈତିକ ବାକ୍ୟୁଦ୍ଧ ଭିତରେ ବଳିପଡୁଛନ୍ତି ନିରୀହ ବନ୍ୟାଞ୍ଚଳବାସୀ । ରାଜନୀତି ଛାଡ଼ି ଦଳମତ ନିର୍ବିଶେଷରେ ତୁରନ୍ତ ସମସ୍ତ ପ୍ରଭାବିତଙ୍କୁ ରିଲିଫ ଓ କ୍ଷୟକ୍ଷତି ପ୍ରଦାନ କରାଯିବା ଉପରେ ସରକାର ଗୁରୁତ୍ୱଦେବା ଜରୁରୀ ହୋଇପଡ଼ିଛି ।

# ଆଜିର ଚାରାଗଛ ଆସନ୍ତାକାଲିର ଜୀବନ




**ବେତନଟୀ (ଅମୃତ ମିଡିଆ) :** ବିଶେଷ ଭାବେ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀଙ୍କ ମନରେ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି ତଥା ବୃକ୍ଷର ଉପକାରିତା ସମ୍ବନ୍ଧରେ ସଚେତନତା ସୃଷ୍ଟିର ଉଦ୍ଦେଶ୍ୟ ରଖି ବେତନଟୀ ରୋଟାରୀ କ୍ଲବ୍ ଏହି କାର୍ଯ୍ୟକୁ ଆଗେଇ ନେଇଛି । ବେତନଟୀ ରୋଟାରୀ କ୍ଲବ୍ ର ସଭାପତି ଶ୍ୟାମପ୍ରସାଦ ମଡୁଆଳ ଓ ସଂପାଦକ ଆଇନଜୀବୀ ସଂଜୟ କୁମାର ଭୂୟାଁଙ୍କ ଉପସ୍ଥିତିରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ମହୁଲିଆ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପ୍ରକାରର ଚାରାଗଛ ରୋପଣ କରାଯାଇଥିଲା । ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀଧର ବାରିକଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ସଭାରେ ପର୍ଯ୍ୟାବରଣ ସମ୍ବନ୍ଧିତ ପ୍ରତିଯୋଗିତାର କୃତି ତିନିଜଣ ପ୍ରତିଯୋଗୀମାନଙ୍କୁ ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତାଜୀ, ପ୍ରଧାପିକା ଉଷା ଶତପଥି ଓ ରୋଟାରିଆନ ଗିରିଧର ସାହୁ ପୁରସ୍କାର ବିତରଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଓ ଅନୁଷ୍ଠିତସଭାରେ ଛାତ୍ରଛାତ୍ରୀ, ଅଭିଭାବକ,ରୋଟାରିଆନ୍ ସୁନୀଲ ଖଣ୍ଡେଲୱାଲ,ଗୁରୁଚରଣ ଭୂୟାଁ, ଇକୋ କ୍ଲବ୍ ପରିଚାଳକ ଡଃ ରମାକାନ୍ତ ମହାନ୍ତ ଏବଂ ସମସ୍ତ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ, ସଦସ୍ୟାବୃନ୍ଦ ବହୁ ସଂଖ୍ୟାରେ ଉପସ୍ଥିତ ଓ ସହଯୋଗ କରିଥିଲେ । ଉକ୍ତ ବିଦ୍ୟାଳୟତ୍ରୟର ବୃକ୍ଷରୋପଣ କାର୍ଯ୍ୟକ୍ରମଟିକୁ ରୋଟାରିଆନ ତଥା ଉପସଭାପତି ରବିନ୍ଦ୍ରନାଥ ମିଶ୍ର ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁଡୁମୀ ସେନା ତରଫରୁ ବିଭିନ୍ନ ଦାବି ନେଇ ବିଶାଳ ମଶାଲ ଶୋଭାଯାତ୍ରା




**ବାରିପଦା (ଅମୃତ ମିଡିଆ) :** ରାଜ୍ୟ କୁଡୁମି ସେନା ଅଧକ୍ଷ ଜୟମୁନି ମହାନ୍ତଙ୍କ ନେତୃତ୍ୱରେ ରାଇରଙ୍ଗପୁରରେ କୁଡୁମି ସେନା ତରଫରୁ ବିଭିନ୍ନ ଦାବି ନେଇ ଏକ ବିଶାଳ ସଚେତନତା ମଶାଲ ଶୋଭାଯାତ୍ରା ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଯୋଗ୍ୟ, ୧୯୫୦ ମସିହା ସେପଟ୍ଟେମ୍ବର ୫ ତାରିଖ ଦିନ ଚକ୍ରାନ୍ତ କାରୀଙ୍କ ଦ୍ୱାରା କୁଡୁମି ସଂପ୍ରଦାୟକୁ ସମ୍ବିଧାନରେ ଅନୁସୂଚିତ ଜନଜାତି ତାଲିକାରୁ ବାଦ୍ କରାଯାଇଥିଲା । ଯାହାଫଳରେ ସେମାନେ ତାଙ୍କ ସାମ୍ବିଧାନିକ ଅଧିକାରରୁ ସେବେଠାରୁ ଆଜି ଯାଏଁ ବଞ୍ଚିତ ହେଉଛନ୍ତି । ତେଣୁ ଓଡ଼ିଶା, ବେଙ୍ଗଲ, ଝାଡ଼ଖଣ୍ଡ, ବିହାର ଆସାମ, ପଶ୍ଚିମବଙ୍ଗ, ଛତିଶଗଡ଼ ରାଜ୍ୟରେ ରହୁଥିବା କୁଡୁମି ସମାଜର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଦିର୍ଘ କିଛିବର୍ଷ ହେଲା ପଲ୍ଲୀ ରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ ଜାରି ରଖିଛନ୍ତି । ସେମାନଙ୍କରର ମୁଖ୍ୟ ଦାବି କୁଡୁମି ସମ୍ପ୍ରଦାୟକୁ ପୁନଃ ସମ୍ବିଧାନରେ ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ ଏବଂ ତାଙ୍କର ଭାଷା ' କୁଡୁମାଲି'କୁ ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଯାଉ । ଏହି ପରିପ୍ରେକ୍ଷୀରେ ରାଇରଙ୍ଗପୁର ସହରର ଅଁଳାଡୁବା ଗ୍ରାମର ରଘୁନାଥ ଜୀଉ ମଠ ପାଖରୁ କୁଡୁମି ସେନାର ବହୁ ସଂଖ୍ୟାରେ ପୁରୁଷ, ମହିଳା, ଯୁବ, ଛାତ୍ର ହାତରେ ମଶାଲ ଧରି ରାଇରଙ୍ଗପୁର ସହର ଦୀର୍ଘ ୫ କିମିରୁ ଉର୍ଦ୍ଧ୍ୱ ରାସ୍ତା ପରିକ୍ରମା କରି ବ୍ଲକ ପଡିଆ ପର୍ଯ୍ୟନ୍ତ ଯାଇଥିଲେ । ରାସ୍ତାରେ ହାତକୁ ହାତ ଛନ୍ଦି ନୃତ୍ୟଗୀତ ପରିବେଷଣ କରିଥିଲେ । ସରକାର ସେମାନଙ୍କ ଦାବି ତୁରନ୍ତ ମାନନ୍ତୁ ପ୍ରତିବର୍ଷ ଭଳି ସେପଟ୍ଟେମ୍ବର ୫ ତାରିଖରେ ଦିଲ୍ଲୀର ଯନ୍ତର ମନ୍ତରେ ଏବଂ ବାରିପଦାରେ କୁଡୁମି ସେନାର ଏକ ବିଶାଳ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ରାଜ୍ୟ ଅଧକ୍ଷ ଜୟମୁନି ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଥିଲେ ।ମହିଳାଙ୍କର ସୁଜାତା ମହାନ୍ତ ଏବଂ ଯୁବ ଛାତ୍ରଙ୍କର ବରୁଣ ମହାନ୍ତ ନେତୃତ୍ୱ ନେଇଥିଲେ । ରାସ୍ତାରେ କୁଡୁମି ସେନା ଜିନ୍ଦାବାଦ, କୁଡୁମି ଏକତା ଜିନ୍ଦାବାଦ ନାରାରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ ।

# କୋରୋ ପଞ୍ଚାୟତ ହାଇସ୍କୁଲ କିରାଣି ନିଲମ୍ବିତ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କୋରୋ ପଞ୍ଚାୟତ ହାଇସ୍କୁଲରେ କାର୍ଯ୍ୟରତ କନିଷ୍ଠ କିରାଣୀ ରମେଶ ଚନ୍ଦ୍ର ରାଉତଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି । ନିଲମ୍ବନ ଆଦେଶ ନହଟିବା ପର୍ଯ୍ୟନ୍ତ ସେ କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ହାଜିରା ପକାଇବେ । ନିଲମ୍ବନ ଆଦେଶ ନ ଉଠିବା ପର୍ଯ୍ୟନ୍ତ ସେ ଶିକ୍ଷା ବିଭାଗ ମୁଖ୍ୟାଳୟ ଛାଡି ଅନ୍ୟତ୍ର ଯାଇପାରିବେ ନାହିଁ । ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବାରୁ ପୋଲିସ ତାଙ୍କୁ ଗିରଫ କରିଛି । ତେଣୁ ନିୟମ ଅନୁଯାୟୀ କୌଣସି ସରକାରୀ କର୍ମଚାରୀ ଗିରଫ ହେଲେ ତାଙ୍କୁ ୨୪ ଘଣ୍ଟା ମଧ୍ୟରେ ନିଲମ୍ବନ କରାଯିବ ।

# ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ସମାଜସେବୀ ତଥା ପୂର୍ବତନ ପୌରଉପାଧ୍ୟକ୍ଷ ସ୍ୱର୍ଗତ କୁଞ୍ଜବିହାରୀ ପୃଷ୍ଟିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଖଡିଅଙ୍ଗସ୍ଥିତ ସିପିଆଇ(ଏମ) କାର୍ଯ୍ୟାଳୟ ସଭାଗୃହରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହମ୍ମଦ ଆକବର ଅଲ୍ଲୀ, ଧିରେନ କୁମାର ସାହୁ, ଶରତ କୁମାର ବେହୁରା, ସମ୍ପାଦକ ସୁଶିଲ ସାମଲ, ଗୋଲଖ ଚନ୍ଦ୍ର ପଡିଆରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପୃଷ୍ଟିଙ୍କ ତ୍ୟାଗପୂତ ଜୀବନୀକୁ ବିସ୍ତୃତ ଭାବେ ବର୍ଣ୍ଣନା କରି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶ୍ରୀବଳଦେବଜୀଉ ଦେବୋତ୍ତର ଟ୍ରଷ୍ଟର ସଭ୍ୟଥିବା ବେଳେ ସ୍ୱର୍ଗତ ପୃଷ୍ଟି ତୁଳସୀ ବସ ବାହାର କରିବାକୁ ନିଜ ଜମି ବନ୍ଧା ଦେଇଥିବା ବେଳେ ସାଗରିକା ସମବାୟ ସମିତିର ନିର୍ଦ୍ଦେଶକ ଓ ଅରବିନ୍ଦ ଇଣ୍ଟେଗ୍ରାଲ ଏଜୁକେସନ ସ୍କୁଲର ପ୍ରତିଷ୍ଠାତା ଭାବେ ବହୁ ସମାଜସେବା ମୂଳକ କାର୍ଯ୍ୟ କରିଥିଲେ ବୋଲି ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଧରଣୀଧର ସୁଆର, ଅକ୍ଷୟ କୁମାର ମହାନ୍ତି, ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ଶୈଳବାଳା ସାମଲ, ସନ୍ତୋଷ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଣ୍ଡପଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ





**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ପକ୍ଷରୁ ଚାଲିଥିବା ୬ଦିନିଆ ଆୟୋଜିତ ଏହି ଶିବିରର ଉଦ୍‌ଯାପନୀ ଉତ୍ସବରେ +୨ ଅଧ୍ୟକ୍ଷା ସ୍ମିତ୍ମାସେଫାଳି ମହାପାତ୍ର, +୩ ଅଧ୍ୟକ୍ଷା ଲିପିକା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ତଥା ନୟାଗଡ଼ ଉନ୍ନୟନ ବିଭାଗର ଅଧ୍ୟକ୍ଷ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ରମାକାନ୍ତ ସେଠୀ, ବିଶିଷ୍ଟ ଆଇନ୍‌ଜୀବି ଗିରିଜାପ୍ରସାଦ ମିଶ୍ର, ଖଣ୍ଡପଡ଼ା ଥାନା ଆରକ୍ଷୀ ବିଭାଗର ଏସ୍‌ଆଇ ମନସ୍ମିତା ସାହୁ, ୫ନଂ ୱାର୍ଡ଼ କାଉନ୍‌ସିଲର ପ୍ରମୋଦିନୀ ଦାସଙ୍କ ସହିତ ମହାବିଦ୍ୟାଳୟ ପକ୍ଷରୁ ଅଧ୍ୟାପିକା ରୋଜାଲିନ୍ ପରମଗୁରୁ, ଶକ୍ତିଶ୍ରୀ ସଂଯୋଜିକା ବିଷ୍ଣୁପ୍ରିୟା ମହାନ୍ତି ପ୍ରମୁଖ ଯୋଗଦେଇ ବାଳିକାମାନଙ୍କର ଆତ୍ମରକ୍ଷାକୁ ନେଇ ବାଳିକାମାନଙ୍କ ଆତ୍ମରକ୍ଷା ନେଇ ସେମାନଙ୍କୁ ନ୍ୟାୟିକ, ପ୍ରଶାସନିକ ବିଧି ବ୍ୟବସ୍ଥା ଉପରେ ବକ୍ତବ୍ୟ ମାଧ୍ୟମେ ପରାମର୍ଶ ପ୍ରଦାନ କରିଥିଲେ । ନାରୀ ସୁରକ୍ଷା କେବଳ ନାରାବାଜିରେ ସିମିତ ହୋଇ ରହିନାହିଁ । ଭାରତର ଜସସ୍ୱୀ ପ୍ରଧାନମନ୍ତ୍ରୀ ମହିଳାବିଲ୍ ଲୋକସଭାରେ ଆଗତ କରିଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିନାହିଁ । କିନ୍ତୁ ଭାରତ ବର୍ଷରେ ରାଷ୍ଟ୍ରପତି, ଓଡ଼ିଶାର ବାଚସ୍ପତି, ତଥା ମୁଖ୍ୟ ସଚିବ ଜଣେ ଜଣେ ମହିୟଶି ମହିଳା ଅଟନ୍ତି । ଆଜି ମହିଳାମାନେ ଘରକୋଣରେ ସିମିତ ନାହାଁନ୍ତି । ଉଡ଼ାଯାହାଜ ଚଳାଇବା ଠାରୁ ଆରମ୍ଭ କରି ବର୍ତମାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପର୍ଯ୍ୟନ୍ତ ସମସ୍ତେ ଜଣେ ଜଣେ ମହିୟସୀ ମହିଳା ଅଟନ୍ତି ବୋଲି ମୁଖ୍ୟତିଥି ବିଧାୟକ- ସ୍ୱାଇଁ ବକ୍ତବ୍ୟ ଛଳରେ ସମବେତ ଛାତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ଆଇନ୍‌ଜୀବି ଗିରିଜା ପ୍ରସାଦ ମିଶ୍ର ଉପସ୍ଥିତ ଛାତ୍ରୀମାନଙ୍କୁ ମହିଳା ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ସେମାନଙ୍କୁ ନାରୀ ସୁରକ୍ଷାକୁ ନେଇ ଆଇନ୍‌ଗତ ପରାମର୍ଶ ପ୍ରଦାନ କରିଥିଲେ । ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ ନିଜସ୍ୱ ଭାଷଣ ପ୍ରସଙ୍ଗେ ମହିଳା ମହାବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟାକୁ ଆଲୋକପାତ କରି ତାହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ନିମନ୍ତେ ପ୍ରଶାସନିକ ପଦକ୍ଷେପ ନିହାତି ଜରୁରୀ ହୋଇପଡ଼ିଥିବା ନେଇ ସ୍ୱବକ୍ତବ୍ୟ ପ୍ରସଙ୍ଗେ ଦର୍ଶାଇଥିଲେ । ପରେ ପରେ ମହାବିଦ୍ୟାଳୟର ଅଧ୍ୟକ୍ଷା ବକ୍ତବ୍ୟ ଛଳରେ ବାଳିକାମାନେ ଗ୍ରହଣ କରିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନିଶ୍ଚିତ ଭାବରେ ତାକୁ ଆଗାମୀ ଦିନରେ ତାଙ୍କ ଜୀବନ ଶୈଳୀ ମଧ୍ୟରେ କାର୍ଯ୍ୟରେ ବିନିଯୋଗ କରିପାରିବେ ବୋଲି ମତ ପ୍ରଦାନ କରିଥିବାର ଦେଖାଯାଇଥିଲା ।

# ଏମପିସି କଲେଜରେ ପ୍ରି-ଡାଇବେଟିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ବାରିପଦା (ଅମୃତ ମିଡିଆ) :** ବାରିପଦା ତକତପୁର ସ୍ଥିତ ଏମ.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟର କନଫରେନ୍ସ ହଲରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ଏକ ପ୍ରି-ଡାଇବେଟିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଉଦଘାଟନ କରିଥିଲେ । ଶିବିରରେ ମୋଟ ୩୫୯ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ପି.ଆର.ଏମ. ମେଡିକାଲ କଲେଜ, ବାରିପଦାର ମଲ୍ଟି ରିସର୍ଚ୍ଚ ୟୁନିଟର ମେଡିକାଲ ଟେକ୍ନିକାଲ କର୍ମଚାରୀ ମାନେ ଏହି ଶିବିରରେ ସହଯୋଗ କରିଥିଲେ । ମହାବିଦ୍ୟାଳୟର ଯୁବ ରେଡକ୍ରସ, ଏନ.ଏସ.ଏସ, ଏନ.ସି.ସି. ଏବଂ ରୋଭର୍ସ ଓ ରେଞ୍ଜର୍ସର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ଡ. ହରପ୍ରସାଦ ମହାପାତ୍ର ଏବଂ ଉପ-ସଂଯୋଜକ ଭାବେ ଡ. ରଞ୍ଜନ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ରଶ୍ମିତା ନାୟକ, ଡକ୍ଟର ଟୁଡୁ, ଦୀପିକା ରାଣା, ପ୍ରଣତି ନାୟକ, ବିନିତା ମୁର୍ମୁ, ଡ. ଦୀପକ କୁମାର ବେହେରା, ଡ. ଆଶୁତୋଷ ପ୍ରୟାସ ଦାଶ, ଡ. ଅନାମ ଚରଣ ରାଉଳଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧୁମେହ ଓ ପ୍ରି-ଡାଇବେଟିକ ସ୍ଥିତି ସମ୍ପର୍କରେ ସଚେତନତା ସୃଷ୍ଟି ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ ଉପରେ ଏହି ଶିବିରରେ ଗୁରୁତ୍ୱ ଦିଆଯାଇଥିଲା ।

# ଟାଙ୍ଗୀ ଥାନାରେ ଯୋଗଦେଲେ ନୂତନ ଥାନାଧିକାରୀ



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** କଟକ ଜିଲ୍ଲାର ପ୍ରମୁଖ ଥାନା ଭାବେ ପରିଚିତ ଟାଙ୍ଗୀ ଥାନାରେ ବିଲ୍ୱମଙ୍ଗଳ ସେଠୀ ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ଯାଜପୁର ଜିଲ୍ଲା ବିଞ୍ଝାରପୁରର ଥାନା ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ଟାଙ୍ଗୀ ଥାନାରେ କାର୍ଯ୍ୟରତ ଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବିକାଶ ସେଠୀ ଯାଜପୁର ସ୍ଥିତ ପୁଲିସ୍ ମୁଖ୍ୟକାର୍ଯ୍ୟାଳୟକୁ ବଦଳି ହୋଇଥିବା ବେଳେ ଯାଜପୁରର କୌଣସି ଥାନାରେ ତାଙ୍କୁ ନିଯୁକ୍ତି ଦିଆଯିବ ବୋଲି ସୂଚନା ମିଳିଛି । ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଟାଙ୍ଗୀ ଅଂଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି, ଅପରାଧୀଙ୍କ ଉପରେ ନିୟନ୍ତ୍ରଣ କରିବାରେ ଥାନା ଅଧିକାରୀଙ୍କର ଗୁରୁଦାୟିତ୍ୱ ରହିବ ବୋଲି ଅଂଚଳବାସୀମାନେ ଆଶାପ୍ରକଟ କରିଛନ୍ତି ।

# ଭାରତ-ୱେଷ୍ଟଇଣ୍ଡିଜ୍ ମ୍ୟାଚ୍, କେବଳ ଅନ୍‌ଲାଇନ୍‌ରେ ହେବ ଟିକେଟ୍ ବିକ୍ରି



**ନୂଆଦିଲ୍ଲୀ :** ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଇନ୍ଦୋର ହୋଲକାର ଷ୍ଟାଡିୟମ୍‌ରେ ଅକ୍ଟୋବର ୧୧ ତାରିଖରେ ଖେଳାଯିବାକୁ ଥିବା ଟ୍ୱେଣ୍ଟି-୨୦ ମ୍ୟାଚ୍ ଲାଗି ଟିକେଟ୍ ବିକ୍ରି କେବଳ ଅନ୍‌ଲାଇନ୍‌ରେ ହେବ । ଟିକେଟ୍‌ର ମୂଲ୍ୟ ୧୦୦୦ରୁ ୧୨,୫୦୦ ଟଙ୍କା ରହିଛି ବୋଲି ମଧ୍ୟପ୍ରଦେଶ କ୍ରିକେଟ୍ ସଂଘ (ଏମ୍‌ପିସିଏ) ଘୋଷଣା କରିଛି । ଅନ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ଦାୟିତ୍ୱ ଜୋମାଟୋର 'ଡିଷ୍ଟ୍ରିକ୍ଟ'କୁ ପ୍ରଦାନ କରାଯାଇଛି। ଜଣେ ଲୋକ ଅତି ବେଶୀରେ ୩ଟି ଟିକେଟ୍ କିଣି ପାରିବ । ଟିକେଟ୍ ବିକ୍ରି ତାରିଖ ଶୀଘ୍ର ଘୋଷଣା କରାଯିବ । ୫ ମ୍ୟାଚ୍ ବିଶିଷ୍ଟ ଏହି ଟ୍ୱେଣ୍ଟି-୨୦ ଶୃଙ୍ଖଳାର ତୃତୀୟ ମ୍ୟାଚ୍ ଏଠାରେ ଖେଳାଯିବ । ଆୟୋଜନରେ ଏହା ଏହି ଷ୍ଟାଡିୟମ୍‌ର ପଞ୍ଚମ ଅନ୍ତର୍ଜାତୀୟ ମ୍ୟାଚ୍ ହେବ ।

# ଏସୀୟ କ୍ରୀଡ଼ାରେ ଭାରତରୁ ୫୦୩ ଖେଳାଳି

**ନୂଆଦିଲ୍ଲୀ:** ଆଇଚି-ନାଗୋୟାରେ ଆୟୋଜିତ ହେବାକୁ ଥିବା ଏସୀୟ କ୍ରୀଡ଼ା ୨୦୨୬ ପାଇଁ ଭାରତୀୟ ଦଳଗୁଡ଼ିକ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇସାରିଛନ୍ତି। ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କ୍ରୀଡ଼ାକୁମ୍ଭ ପାଇଁ ୭୫୮ ସଦସ୍ୟ ଭାରତୀୟ ଦଳର ମଂଜୁରୀ ଦେଇଛି। ଏଥିରେ ୫୦୩ ଜଣ ଖେଳାଳି ଏବଂ ୨୪୬ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ଭାରତ ୪୩ରୁ ୩୬ଟି କ୍ରୀଡ଼ାରେ ପ୍ରତିଯୋଗିତା କରିବ। ଭାରତ ଗତ ଥର ଏସୀୟ କ୍ରୀଡ଼ାରେ ଐତିହାସିକ ପ୍ରଦର୍ଶନ କରିବା ସହିତ ୧୦୦ରୁ ଅଧିକ ପଦକ ହାସଲ କରିଥିଲା। ହାଙ୍ଗଝୋଉରୁ ଭାରତୀୟ ଖେଳାଳିମାନେ ମୋଟ୍ ୧୦୭ଟି ପଦକ ଆଣିଥିଲେ। ଏବେ ଜାପାନରେ ଏହି ପ୍ରଦର୍ଶନକୁ ଆହୁରି ଉତ୍ତମ କରିବାକୁ ଉଦ୍ୟମ କରିବେ। ଭାରତୀୟ ଦଳରେ ମୋଟ୍ ୨୬୯ ପୁରୁଷ ଏବଂ ୨୩୪ ଜଣ ମହିଳା ଖେଳାଳି ଅଛନ୍ତି। ପ୍ରାରମ୍ଭିକ ତାଲିକାରେ ୪୯୨ ଜଣ ଖେଳାଳିଙ୍କୁ ମଂଜୁରୀ ମିଳିଥିଲା। କିନ୍ତୁ ପରେ ୧୧ ଜଣ ଅଧିକ ଖେଳାଳିଙ୍କୁ ତାଲିକାରେ ସାମିଲ କରାଯାଇଥିଲା। ଏଥିରେ ଆଥେଲିଟିକ୍ସର ୬ ଜଣ, ସର୍ଫିଙ୍ଗର ୪ ଜଣ ଏବଂ ମିକ୍ସ ମାର୍ଶଲ ଆର୍ଟସର ଜଣେ ଖେଳାଳି ସାମିଲ ଅଛନ୍ତି। ଆଥେଲେଟିକ୍ସରେ ପ୍ରବୀଣ କୁମାର, ହରିତା ଭଦ୍ରା, କିରଣ ପହଲ, ଆଶା ଇଲାଙ୍ଗୋ, ସିଧୁରୀ ଗଣେଶା ଏବଂ ସାନ୍ୟା ଯାଦବଙ୍କୁ ସ୍ଥାନ ମିଳିଛି। ସେହିପରି ଏମ୍‌ଏମ୍‌ଏରେ ବରୁଣ ସନ୍ୟାଳ, ସର୍ଫିଙ୍ଗରେ କିଶୋର କୁମାର, ଶିବରାଜ ବାବୁ, କମାଲି ପ୍ରକାଶ ଏବଂ ଶୁଗର ଶାନ୍ତି ଗାୟେନ ଭାରତୀୟ ଦଳର ଅଂଶବିଶେଷ ହେବେ। କ୍ରିକେଟ୍



ପ୍ରତିଯୋଗିତା (ପୁରୁଷ ଏବଂ ମହିଳା) ପାଇଁ ଭାରତର ଦଳରେ ୫୦ ଜଣ ସଦସ୍ୟ ରହିବେ। ଏଥିରେ ମୋଟ ୨୦ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ଭିଭିଏସ୍ ଲକ୍ଷ୍ମଣ ରହିବେ। ମହିଳା ଦଳର କୋଚିଂ ଅମୋଲ ମଜୁମଦାରଙ୍କୁ ଦିଆଯାଇଛି। ହକି (ପୁରୁଷ ଏବଂ ମହିଳା)ରେ ଭାରତ ମୋଟ ୫୪ ଜଣଙ୍କୁ ପଠାଇବ। ଏଥିରେ ୪୦ ଜଣ ଖେଳାଳି ଏବଂ ୧୪ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ଏସୀୟ କ୍ରୀଡ଼ାରେ ଭାରତ ହକିରୁ ପଦକ ଆଣିବା ଲକ୍ଷ୍ୟ ରଖିଛି। ତେବେ ଭାରତୀୟ ଦଳରେ ସବୁଠାରୁ ବଡ଼ ନାମ ଯାହା ନଜର ଆସିବ ନାହିଁ, ସେହେଲେ ନୀରଜ ଚୋପ୍ରା। ଷ୍ଟାର ଜାଭଲିନ ଫିଙ୍ଗାଳି ନୀରଜ ଆଘାତ ଯୋଗୁ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ନାହିଁ। ସେ ଜକାର୍ତ୍ତା (୨୦୧୮) ଏବଂ ହାଙ୍ଗଝୋଉ (୨୦୨୩)ରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଭାରତୀୟ ଅଲଂପିକ ସଂଘ ତରଫରୁ ୧୯ ଜଣ ଖେଳାଳି ଜାପାନ ଯିବେ। ୱେଟଲିଫ୍ଟିଙ୍ଗ ଫେଡେରେସନର ମୁଖ୍ୟ ସହଦେବ ଯାଦବଙ୍କୁ ଶେଫ ଡି ମିସନ କରାଯାଇଛି।

# ଏସୀୟ କ୍ରୀଡ଼ାରେ ଇତିହାସ ରଚିଲେ ନୀତଲ



**ନୂଆଦିଲ୍ଲୀ:** ଏସୀୟ କ୍ରୀଡ଼ା ଇତିହାସରେ ପ୍ରଥମଥର ପାଇଁ ଭାରତୀୟ ଦଳରେ ନିଯୁକ୍ତ ହୋଇଛନ୍ତି ଜଣ ସେଫଗାର୍ଡିଂ ଅଫିସର। ସେ ହେଉଛନ୍ତି ନୀତଲ ନାରଙ୍ଗ। ଆଥଲେଟ୍‌ମାନଙ୍କୁ ଯୌନ ଉତ୍ପୀଡ଼ନ, ମାନସିକ ନିର୍ଯାତନା, ଅବହେଳା, ବୁଲିଂ ଓ ଅନ୍ୟାନ୍ୟ ଅସଦାଚରଣରୁ ସୁରକ୍ଷା ଦେବା ତାଙ୍କର ମୁଖ୍ୟ ଦାୟିତ୍ୱ ରହିବ। ନୀତଲ ହେଉଛନ୍ତି ସଫ୍ଟବଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି। ସେ ପୂର୍ବରୁ ବକ୍ସିଂ ଇଣ୍ଡିଆର ପ୍ରଶାସନିକ ବ୍ୟବସ୍ଥାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର 'ସେଫଗାର୍ଡିଂ ଅଫିସର ଇନ୍ ସ୍ପୋର୍ଟ' ସାର୍ଟିଫିକେଟ୍ କୋର୍ସ ସମ୍ପୂର୍ଣ୍ଣ କରିଛନ୍ତି। ଏହି ନିଯୁକ୍ତିକୁ ନେଇ ବେଶ୍ ଉତ୍ସାହିତ ଥିବା ନାରଙ୍ଗ କହିଛନ୍ତି, ମୋ ଭୂମିକା ବ୍ୟାପକ ହେବ। ଛୋଟ ଅବହେଳାଠାରୁ ଆରମ୍ଭ କରି ମାନସିକ ନିର୍ଯାତନା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଗୁରୁତର ଅଭିଯୋଗ ପର୍ଯ୍ୟନ୍ତ ସବୁକିଛି ଆଥଲେଟ୍‌ମାନେ ମୋ ନିକଟରେ ଅଭିଯୋଗ କରିପାରିବେ। ଅଭିଯୋଗ ପ୍ରକ୍ରିୟାକୁ ଗୋପନୀୟ ରଖାଯିବ, ଯାହାଦ୍ୱାରା ଖେଳାଳିମାନେ ନିର୍ଭୟରେ ନିଜ ସମସ୍ୟା ଜଣାଇପାରିବେ। ଏସୀୟ ଅଲିମ୍ପିକ୍ସ ପରିଷଦ (ଓସିଏ) ୨୦୨୨ରେ ଏହି ପଦକୁ ବାଧ୍ୟତାମୂଳକ କରିଥିଲା। ପୂର୍ବରୁ ଭାରତୀୟ ଦଳ ପାଇଁ ଯୁବ ଏସୀୟ କ୍ରୀଡ଼ାରେ ଓମ୍ ପ୍ରକାଶ କରହାନା ସେଫଗାର୍ଡିଂ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ। ସୂଚନାଯୋଗ୍ୟ ଯେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନର ଆଇଚି-ନାଗୋୟାରେ ଏସୀୟ କ୍ରୀଡ଼ା ଅନୁଷ୍ଠିତ ହେବ। ଭାରତର ୩୬ଟି କ୍ରୀଡ଼ାରେ ୫୦୩ ଜଣ ଆଥଲେଟ୍ ନେଇ ଅଂଶଗ୍ରହଣ କରିବ। ଏଥିରେ ୨୬୯ ଜଣ ପୁରୁଷ ଓ ୨୩୪ ଜଣ ମହିଳା ଆଥଲେଟ୍ ଅଛନ୍ତି।

# ଲକ୍ଷ୍ମଣ ଏସିଆନ ଗେମ୍ସରେ ଭାରତୀୟ କ୍ରିକେଟ ଟିମ୍‌ର କୋଚ



**ନୂଆଦିଲ୍ଲୀ :** ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ ବା ସିଓଇର ଡିରେକ୍ଟର ଅଫ କ୍ରିକେଟ ଭାବେ କାର୍ଯ୍ୟ କରୁଥିବା ଭିଭିଏସ୍ ଲକ୍ଷ୍ମଣଙ୍କୁ ମିଳିଛି ଗୁରୁଦାୟିତ୍ୱ। ଚଳିତ ମାସରେ ଜାପାନରେ ଆରମ୍ଭ ହେଉଥିବା ଏସିଆନ ଗେମ୍ସ ବେଳେ ଭାରତୀୟ ପୁରୁଷ କ୍ରିକେଟ ଟିମର କୋଚ ଦାୟିତ୍ୱ ଲକ୍ଷ୍ମଣଙ୍କୁ ମିଳିଛି। ଲକ୍ଷ୍ମଣ ପୁରୁଷ ଟିମର କୋଚ ଦାୟିତ୍ୱ ପାଇଥିବା ବେଳେ ଅମୋଲ ମଜୁମଦାର ଭାରତୀୟ ମହିଳା ଟିମର କୋଚ ଭାବେ କାର୍ଯ୍ୟ କରିବେ। କ୍ରମାଗତ ଦ୍ୱିତୀୟ ଥର ପାଇଁ ଭାରତୀୟ ପୁରୁଷ କ୍ରିକେଟ ଟିମ ଲକ୍ଷ୍ମଣଙ୍କ କୋଚିଂରେ ଏସିଆନ ଗେମ୍ସ ଖେଳିବାକୁ ଯାଉଛି। ୨୦୨୨ରେ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଲକ୍ଷ୍ମଣ କୋଚ ରହିଥିଲେ ଓ ଭାରତ ସ୍ୱର୍ଣ୍ଣ ପଦକ କବଜା କରିଥିଲା। ଏଥର ମଧ୍ୟ ଲକ୍ଷ୍ମଣଙ୍କୁ ଏସିଆନ ଗେମ୍ସ ଦାୟିତ୍ୱ ମିଳିଛି। ତାଙ୍କ କୋଚିଂ ଟିମରେ ସୁନିଲ ଯୋଶୀ, ହୃଶିକେଶ କାନିତକର ଓ ଶୁଭଦୀପ ଘୋଷ ରହିବେ। ଭାରତୀୟ ପୁରୁଷ କ୍ରିକେଟ ଟିମର ନିୟମିତ କୋଚ ଏସିଆନ ଗେମ୍ସ ପାଇଁ ଜାପାନ ଯାଇ ପାରିବେ ନାହିଁ। କାରଣ ଏସିଆନ ଗେମ୍ସ ବେଳେ ଭାରତ ସେପ୍ଟେମ୍ବର ୨୭ରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ ସିରିଜ ଖେଳିବ। ତେଣୁ ଗମ୍ଭୀର ଦିନିକିଆ ଟିମ ସହ ରହିବେ। ତାଙ୍କ ଅନୁପସ୍ଥିତିରେ ଲକ୍ଷ୍ମଣଙ୍କ ତତ୍ତ୍ୱାବଧାନରେ ଭାରତ ଏସିଆନ ଗେମ୍ସରେ ପଦକ ପାଇଁ ଲଢ଼େଇ କରିବ। ଏସିଆନ ଗେମ୍ସର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବ। କିନ୍ତୁ ପୁରୁଷ ଟିମର ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୨୪ରୁ ଆରମ୍ଭ ହେଉଥିବା ବେଳେ ଭାରତ ୨୮ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବ। ଏପଟେ ଭାରତୀୟ ମହିଳା ଟିମ ମୁଖ୍ୟ କୋଚ ଭାବେ ମଜୁମଦାର ପୂର୍ବଭଳି ରହିଛନ୍ତି। ତାଙ୍କୁ ଏସିଆନ ଗେମ୍ସରେ ବୋଲିଂ କୋଚ ଅଭିସ୍କାର ସାଲଭି ଓ ଫିଲ୍ଡିଂ କୋଚ ମୁନିଶ ବାଲି ସହାୟତା କରିବେ। ମହିଳା ଟିମର ମ୍ୟାଚ୍ ଗୁଡ଼ିକ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଆୟୋଜକ ଜାପାନ ବିପକ୍ଷରେ ସିଧା କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ।

## ମେସିଙ୍କ ପରେ ଫୁଟବଲରୁ ଅବସର ନେବେ ଏଡିନ ଜେକୋ



**ସରାଜେଭୋ :** ମେସି ପରେ ବୋସନିଆ ଓ ହର୍ଜଗୋଭିନା ଫୁଟବଲ କିମ୍ବଦନ୍ତୀ ଏଡିନ ଜେକୋ ଆସନ୍ତା ମାସରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବାକୁ ଯାଉଛନ୍ତି। ଏ ନେଇ ଗୁରୁବାର ସେ ସୂଚନା ଦେଇଛନ୍ତି । ଆସନ୍ତା ଅକ୍ଟୋବର ୨ ତାରିଖରେ ସ୍ୱିଡେନ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍‌ରେ ସେ ଅନ୍ତିମ ଥର ପାଇଁ ଜାତୀୟ ଦଳ ପକ୍ଷରୁ ଖେଳିବେ। ଦୀର୍ଘ ୨ ଦଶନ୍ଧି ଧରି ସକ୍ରିୟ ଜେକୋଙ୍କ ନାମରେ ଦେଶ ପାଇଁ ସର୍ବାଧିକ ସଂଖ୍ୟାକ ମ୍ୟାଚ୍ ଖେଳିବା ଓ ସର୍ବାଧିକ ଗୋଲ କରିବାର ରେକର୍ଡ ରହିଛି। 'ମୋ କ୍ୟାରିୟରରେ ସେଭଳି କିଛି ନାହିଁ, ଯାହା ପ୍ରତ୍ୟେକ ଥର ଜାତୀୟ ଦଳର ଜର୍ସି ପିନ୍ଧିଲା ବେଳେ ଅନୁଭବ ହେଉଥିବା ଗର୍ବ ସହ ତୁଳନୀୟ ହୋଇପାରିବ। ତୁର୍କୀ ବିପକ୍ଷ ପଦାର୍ପଣ ମ୍ୟାଚ୍‌କୁ ୨୦ ବର୍ଷ ବିତିଗଲାଣି। ସେବେଠାରୁ ଅନେକ କିଛି ବଦଳି ସାରିଛି। ମୁଁ ମଧ୍ୟ ବଦଳିଛି। କିନ୍ତୁ ଏହି ଜର୍ସି ପ୍ରତି ମୋ ଭଲ ପାଇବା କଦାପି ବଦଳି ନାହିଁ। ଏବେ ଉଚିତ ସମୟ ଆସି ଯାଇଥିବା ଅନୁଭବ ହେଉଛି' ବୋଲି ଜେକୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ୨୦୦୭ରେ ପଦାର୍ପଣ କରିଥିବା ଜେକୋ ୧୫୧ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୭୩ ଗୋଲ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ବୋସନିଆ ଓ ହର୍ଜଗୋଭିନା ୨୦୧୪ରେ ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିଥିଲା। ୨୦୨୬ ବିଶ୍ୱକପ୍‌ରେ ରାଉଣ୍ଡ ଅଫ୍-୩୨ରୁ ବିଦାୟ ନେଇଥିବା ଦଳର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଏହି ୪୦ ବର୍ଷୀୟ ଫରୱାର୍ଡ ମାଞ୍ଚେଷ୍ଟର ସିଟି, ଏଏସ୍ ରୋମା ଓ ଇଣ୍ଟର ମିଲାନ ଭଳି କ୍ଲବ ପାଇଁ ଖେଳିସାରିଛନ୍ତି।

# ଫୁଟ୍‌ବଲ୍ ତାରକା ଲିଓନେଲ ମେସିଙ୍କ ପାଇଁ ମ୍ୟାଚ୍ ସ୍ଥଗିତ




**ନୂଆଦିଲ୍ଲୀ:** ଚଳିତ କୋପା ଆର୍ଜେଣ୍ଟିନା କପ୍‌ରେ ଭେଲେଜ ସାର୍ସଫିଲ୍ଡ ଓ ବୋକା ଜୁନିୟର୍ସ ମଧ୍ୟରେ ମ୍ୟାଚ୍ ଚାଲିଥିବା ବେଳେ ଦଶମ ମିନଟ୍‌ରେ ମ୍ୟାଚ୍‌କୁ ଦେଶର ମହାନ ଫୁଟ୍‌ବଲ୍ ତାରକା ଲିଓନେଲ ମେସିଙ୍କ ପାଇଁ ସ୍ଥଗିତ ରଖାଯାଇଥିଲା। ଚଳିତ ସପ୍ତାହରେ ଅନ୍ତର୍ଜାତୀୟ ଫୁଟ୍‌ବଲ୍‌ରୁ ଅବସର ନେଇଥିବା ମେସିଙ୍କୁ ଖେଳାଳିମାନେ ସମ୍ମାନ ଜଣାଇଥିଲେ। ୨୦୨୬ ଫିଫା ବିଶ୍ୱକପ୍ ପରେ ଅବସର ନେଇଥିବା ଏହି ମାହନ ତାରକାଙ୍କୁ ଏଷ୍ଟାଡିଓ ମାରିଓ ଅଲ୍‌ବର୍ଟୋ କ୍ୟାମ୍ପସ୍‌ରେ ଉପସ୍ଥିତ ସମସ୍ତ ଦର୍ଶକ ଠିଆ ହୋଇ କରତାଳିରେ ମେସିଙ୍କ ପ୍ରତି ସେମାନଙ୍କ ସମ୍ମାନ ଦେଇଥିଲେ। ଏହି ସମୟରେ ପଡ଼ିଆରେ ମେସିଙ୍କ ପୂର୍ବତନ ଅନ୍ତର୍ଜାତୀୟ ସାଥୀ ଲିଆଣ୍ଡ୍ରୋ ପାରେଡେସ୍ ଓ ମାନୁଏଲ ଲାଞ୍ଜିନି ଉପସ୍ଥିତ ଥିଲେ। ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ବୋକା ୪-୩ ପେନାଲ୍‌ଟିରେ ଜିତିଥିଲା। ମେସି ୨୦୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୨୫ ଗୋଲ୍ ଦେଇଥିଲା ବେଳେ ୬୮ରେ ସହାୟତା କରିଛନ୍ତି। ୨୧ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ମେସି ଦେଶ ପାଇଁ ୨୦୨୨ ବିଶ୍ୱକପ୍ ଜିତିଥିଲା ବେଳେ ୨ ଥର କୋପା ଆମେରିକା (୨୦୨୧ ଓ ୨୦୨୪) ବିଜେତା ହୋଇଥିଲେ।

# ୟୁଏସ୍ ଓପନ୍: ତୃତୀୟ ରାଉଣ୍ଡରେ ଆଲ୍‌କାରାଜ, ସାବାଲେଙ୍କା



**ନୂଆଦିଲ୍ଲୀ :** ଗତ ସଂସ୍କରଣର ପୁରୁଷ ଓ ମହିଳା ଏକକ ବିଜେତା କର୍ଲୋସ ଆଲ୍‌କାରାଜ ଓ ଆରିନା ସାବାଲେଙ୍କା ଚଳିତ ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଗୁରୁବାର ପୁରୁଷ ଏକକ ଦ୍ୱିତୀୟ ରାଉଣ୍ଡରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ସ୍ପେନ୍‌ର ଆଲ୍‌କାରାଜ ୪-୬, ୬-୦, ୬-୩, ୬-୨ ସେଟ୍‌ରେ ପର୍ତ୍ତୁଗାଲର ଜାମି ଫାରିଆଙ୍କୁ ପରାସ୍ତ କରିଥିଲେ। ୨୩ ବର୍ଷୀୟ ଏହି ୭ ଗ୍ରାଣ୍ଡ୍ ସ୍ଲାମ୍ ବିଜେତା ପରବର୍ତ୍ତୀ ରାଉଣ୍ଡରେ ଚୀନ୍‌ର ଉ ୟିବିଙ୍ଗଙ୍କୁ ଭେଟିବେ। ସେହିପରି ମହିଳା ଏକକରେ ୧ ନମ୍ବର ବେଲାରୁଷର ସାବାଲେଙ୍କା ସିଧାସଳଖ ୬-୧, ୬-୧ ସେଟ୍‌ରେ ରୁଷୀୟ କ୍ୱାଲିଫାୟର ପୋଲିନା ଲାଟ୍‌ସେଙ୍କୋଙ୍କୁ ପରାସ୍ତ କରିଥିଲେ। ୪ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସାବାଲେଙ୍କା ତୃତୀୟ ରାଉଣ୍ଡରେ ଉଜ୍‌ବେକିସ୍ତାନର କାମିଲା ରାଖିମୋଭାଙ୍କୁ ଭେଟିବେ।ଷଷ୍ଠ ମାନ୍ୟତାପ୍ରାପ୍ତ ଆଲେକ୍ସ ଡି'ମିନୁର, ଆମେରିକାର ବେନ୍ ସେଲ୍‌ଟନ୍, ଫ୍ରାନ୍‌ସିସ୍କୋ ଟିଆଫୋଏ ଆଗକୁ ବଢ଼ିଛନ୍ତି। ଅଷ୍ଟ୍ରେଲିଆର ଡି'ମିନୁର ୬-୨, ୬-୨, ୬-୪ ସେଟ୍‌ରେ ଇଟାଲିର ଆନ୍ଦ୍ରିଆ ଗୁଏରିଏରିଙ୍କୁ, ଅଷ୍ଟମ ମାନ୍ୟତାପ୍ରାପ୍ତ ସେଲ୍‌ଟନ୍ ୬-୩, ୫-୭, ୭-୬, ୭-୫ ସେଟ୍‌ରେ ପୋଲାଣ୍ଡର ହୁବର୍ଟ ହୁର୍କାଜ୍‌ଙ୍କୁ ଏବଂ ବିଶ୍ୱର ୧୨ ନମ୍ବର ଟିଆଫେଶଏ ୬-୩, ୭-୬, ୭-୫ ସେଟ୍‌ରେ ଜାପାନର ରେଇ ସାକାମୋଟୋଙ୍କୁ ପରାସ୍ତ କରିଥିଲେ। ମହିଳା ଏକକରେ ଓ୍ୱିମ୍ବଲଡନ୍ ବିଜୟିନୀ ଚେକ୍‌ଗଣରାଜ୍ୟର ଲିଣ୍ଡା ନୋସ୍କୋଭା, ବିଶ୍ୱର ୭ ନମ୍ବର କାରୋଲିନା ମୁଚୋଭା ଦ୍ୱିତୀୟ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ବିଶ୍ୱର ୬ ନମ୍ବର ନୋସ୍କୋଭା ସିଧାସଳଖ ୬-୪, ୬-୨ ସେଟ୍‌ରେ ଥାଇଲାଣ୍ଡର ଲାନ୍‌ଲାନା ତାରାରୁଡିଙ୍କଠୁ ଏବଂ ଚେକ୍‌ଗଣରାଜ୍ୟର ମୁଚୋଭା ୬-୧, ୬-୦ ସେଟ୍‌ରେ ବ୍ରିଟେନ୍‌ର କାଟି ବୋଲଟରଙ୍କୁ ହରାଇଥିଲେ। ବିଶ୍ୱର ୯ ନମ୍ବର ଏଲିନା ସ୍ୱିଟୋଲିନା ୬-୨, ୬-୭, ୬-୪ ସେଟ୍‌ରେ ଅଷ୍ଟ୍ରେଲିରେ ମାୟା ଜଏଣ୍ଟଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

# ରୋହିତଙ୍କ ଅବସର ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିଲା ବିସିସିଆଇ



**ନୂଆଦିଲ୍ଲୀ :** ଟିମ ଇଣ୍ଡିଆର ଭେଟରାନ ବ୍ୟାଟର ରୋହିତ ଶର୍ମାଙ୍କ ଅବସର ଚର୍ଚ୍ଚାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଆଜି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏହି ଚର୍ଚ୍ଚାକୁ ଗୁଜବ କହିଛନ୍ତି । ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଏବେ ଚମତ୍କାର ଖେଳୁଛନ୍ତି ଓ ବର୍ତ୍ତମାନ ସ୍ଥିତିରେ ଭାରତର ଦିନିକିଆ ସ୍କ୍ୱାଡରେ ତାଙ୍କ ସ୍ଥାନକୁ ନେଇ କୌଣସି ପ୍ରକାରର ବିପଦ ନଥିବା ମଧ୍ୟ ସାଇକିଆ ସ୍ପଷ୍ଟ କରିଛନ୍ତି। ମୁମ୍ବାଇରେ ଆଜି ବସିଥିବା ଭାରତୀୟ କ୍ରିକେଟ ବୋର୍ଡର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ। ଆଗାମୀ ସିରିଜ ଠାରୁ ଆରମ୍ଭ କରି ଏସିଆନ ଗେମ୍ସକୁ ନେଇ ଏଥିରେ ଆଲୋଚନା ହୋଇଛି। ବୈଠକରେ ଭାରତୀୟ ଟିମର ମୁଖ୍ୟ କୋଚ ଗୌତମ ଗମ୍ଭୀର, ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ ବା ସିଓଇର ଡିରେକ୍ଟର ଅଫ କ୍ରିକେଟ ଭିଭିଏସ୍ ଲକ୍ଷ୍ମଣ, ଦିନିକିଆ ଓ ଟେଷ୍ଟ ଟିମର ଅଧିନାୟକ, ଟି-୨୦ ଅଧିନାୟକ ଶ୍ରେୟସ ଆୟର ଓ ବିସିସିଆଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ହେଲେ ଟିମ ଇଣ୍ଡିଆର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଏଥିରେ ଦେଖିବାକୁ ମିଳିନି। ସେ ଭିଡିଓ କନଫରେନ୍ସିଂ ଜରିଆରେ ମଧ୍ୟ ବୈଠକରେ ସାମିଲ ହୋଇ ନଥିଲେ। ବୈଠକ ପରେ ସାଇକିଆଙ୍କୁ ରୋହିତଙ୍କ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହାର ଜବାବରେ ସେ କହିଛନ୍ତି, "ରୋହିତ ଶର୍ମା ଚମତ୍କାର ଖେଳ ଜାରି ରଖିଛନ୍ତି। ସେ ଖେଳିଥିବା ଶେଷ ମ୍ୟାଚ୍‌ରେ ୧୩୦/୧୪୦ ରନ କରିଥିଲେ। ତେଣୁ ଆପଣ ଏହାଠାରୁ ଅଧିକ କ'ଣ ଚାହୁଁଛନ୍ତି? କାହିଁକି ଏସବୁ(ଅବସର) ଆକଳନ ଆକଳନକୁ ଦାନ ଦେବାର ଆବଶ୍ୟକତା ନାହିଁ। ମୁଁ ମଧ୍ୟ ଗୁଜବକୁ କିଛି ଦାନ ଦେବାକୁ ଚାହୁଁନି। ଏହାପରେ ଅଜିତ ଅଗରକରଙ୍କ ସମ୍ପର୍କରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଅଗରକରଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଅକ୍ଟୋବରରେ ଶେଷ ହେଉଛି। ଆଜି ସେ ବୈଠକରେ ଯୋଗ ଦେଇ ନଥିବାରୁ ବିଭିନ୍ନ ଆକଳନ କରାଯାଉଛି। ଏ ସମ୍ପର୍କରେ ସାଇକାଇ କହିଛନ୍ତି, "ଖୁବକମ ସମୟ ମଧ୍ୟରେ ବୈଠକ ଡକା ଯାଇଥିଲା। ଅଜିତ ଅଗରକର ବ୍ୟକ୍ତିଗତ କାରଣ ପାଇଁ ବୈଠକରେ ସାମିଲ ହୋଇ ପାରି ନାହାନ୍ତି।" ୩୯ ବର୍ଷୀୟ ରୋହିତ ଶର୍ମାଙ୍କ ଅବସରକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଜିର ବୈଠକରେ ତାଙ୍କ ଭବିଷ୍ୟତକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଥିଲା। ୨୦୨୭ ଦିନିକିଆ ବିଶ୍ୱକପରେ ମଧ୍ୟ ରୋହିତ ନଜର ଆସିବେ ନାହିଁ ବୋଲି କିଛି କ୍ରିକେଟ ପଣ୍ଡିତ ଆକଳନ କରିଥିଲେ। ହେଲେ ବିସିସିଆଇ ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇଛି। ଟିମ ଇଣ୍ଡିଆରୁ ରୋହିତଙ୍କୁ ବାଦ ଦେବାର କୌଣସି ଯୋଜନା ନଥିବା ବିସିସିଆଇ ସ୍ପଷ୍ଟ କରିଛି।

# ହନୁମାନ ଅଂଶକୁ ବୀରେନ୍ଦ୍ର ସେହୱାଗଙ୍କ ପ୍ରଶଂସା






**ନୂଆଦିଲ୍ଲୀ :** ବିରେନ୍ଦ୍ର ସେହୱାଗ ହନୁମାନ ଅଂଶର ତାରିଫ କରି ଏକ ଭିଡ଼ିଓ ସେୟାର କରିଛନ୍ତି । ଏହି ଫିଲ୍ମ ନୀମ କରୋଲୀ ବାବାଙ୍କ ଜୀବନ ଉପରେ ଆଧାରିତ ଅଟେ । ଯାହା ବକ୍ସ ଅଫିସର କଲେକ୍ସନରେ ବି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ରିପୋର୍ଟ ଅନୁସାରେ ୨୭ଦିନରେ ଫିଲ୍ମ କଲେକ୍ସନ ୬୦କୋଟିରୁ ପାର୍ ହୋଇସାରିଛି । ପୂର୍ବତନ କ୍ରିକେଟର ଫିଲ୍ମର ତାରିଫ କରି ନିଜ ଅନୁଭବ ବି ସେୟାର କରିଛନ୍ତି । ବିରେନ୍ଦ୍ର ସେହୱାଗ ଭିଡ଼ିଓରେ କହିଛନ୍ତି, ସୀତା ରାମ । କିଛି ଅନୁଭବ, କିଛି ଲୋକ ଏଭଳି ହୋଇଥାନ୍ତି ଯାହାଙ୍କ ବିଷୟରେ ଆପଣଙ୍କ ପାଖରେ କହିବା ଲାଗି ଶବ୍ଦ ନ ଥାଏ । ତାଙ୍କ ବିଷୟରେ ଆପଣ ଯେତେ ବି କୁହନ୍ତୁ, ଆପଣ ନ୍ୟାୟ କରିପାରିବେ ନାହିଁ । ମୋର ପୁରୁଣା ନିକଟତମ ଲୋକ ନୀମ କରୋଲୀ ବାବା ଜୀଙ୍କ ବହୁତ ପୁରୁଣା ଭକ୍ତ ଅଟନ୍ତି । ପ୍ରାୟ ୧୦ବର୍ଷ ପୂର୍ବରୁ ମୋର ଏକ ବନ୍ଧୁ ମୋତେ ମାହାରାଜ ଜୀଙ୍କ ଲୀଳା ବିଷୟରେ କହିଥିଲେ । ସେବେଠାରୁ ମୁଁ ତାଙ୍କ ବିଷୟରେ ପଢିବା ଏବଂ ଶୁଣି ଆସୁଛି । ମହାରାଜଙ୍କ ଲାଗି ଏକ ଗଜବର ଆକର୍ଷଣ ରହିଛି । ମହାରାଜ ଜୀଙ୍କ ବ୍ୟକ୍ତିତ୍ୱ, କରଣା, କୃପା ଏବଂ ନିଜ ଭକ୍ତଙ୍କ ଜୀବନରେ ଯାହା ସେ ପରିବର୍ତ୍ତନ ଆଣିଛନ୍ତି ତାହା ଦର୍ଶାଉଛି କି ମାହାରାଜ କ'ଣ ଥିଲେ । ସେହୱାଗ ଆଗକୁ କହିଛନ୍ତି କି, ନ କହି କିମ୍ବା ପ୍ରକାଶ ନ କରି, ସେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପ୍ରକୃତ ସ୍ୱଭାବ ସହ ଭେଟାଇ ଦେଉଥିଲେ । ସବୁଠାରୁ ବଡ଼ କଥା ଏହା ଅଟେ କି ମହାରାଜ ଜୀଙ୍କ କୃପା ଏବଂ ତାଙ୍କ ଲୀଳା ତାଙ୍କ ଶରୀର ଛାଡ଼ିବାର ୫୩ବର୍ଷ ପରେ ବି ତାଙ୍କ ଭକ୍ତଙ୍କ ଜୀବନରେ ଦେଖାଦେଉଛି । ମୁଁ କିଛି ଦିନ ପୂର୍ବରୁ ମହାରାଜ ଜୀଙ୍କ ଜୀବନ ଉପରେ ଆଧାରିତ ଫିଲ୍ମ ହନୁମାନ ଅଂଶ ଦେଖିଲି । ତାଙ୍କୁ ଏକ ଫିଲ୍ମ ମାଧ୍ୟମରେ କହିବା ସହଜ ନୁହେଁ । ଏହି ଫିଲ୍ମ ବହୁତ ସୁନ୍ଦରରେ ନିର୍ମାଣ କରାଯାଇଛି । ବହୁତ ଭଲ ଲେଖାଯାଇଛି । ଏହା ମହାରାଜ ଜୀଙ୍କୁ ବହୁତ ସୁନ୍ଦର ଟ୍ରିବ୍ୟୁଟ ଅଟେ । ସେ ଏକ ଫଟୋ ସେୟାର କରି କହିଛନ୍ତି କି, ଏହି ଦୃଶ୍ୟ ମୋତେ ବହୁତ ଛୁଇଁଥିଲା ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**



## ଛାତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣା

# କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୋଗପତ୍ର ଦାଖଲ କଲାନି ପୋଲିସ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ଛାତ୍ର ଆୟୁଷ୍ମାନ ହତ୍ୟାକାଣ୍ଡର ଅଭିଯୋଗପତ୍ର କୋର୍ଟରେ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କୋର୍ଟରେ ଚାର୍ଜସିଟ ଦାଖଲ କଲାନି। ଫଳରେ ଅଭିଯୋଗକାରୀ ବାଧ୍ୟ ହୋଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ଅଦାଲତ ଅବମାନନା ମାମଲା ଦାଖଲ କରିଛନ୍ତି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଥିବା ମାମୁଁଘରକୁ ମା'ସହିତ ବୁଲି ଆସିଥିଲେ ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମପଞ୍ଚାୟତର ମନ୍ତ୍ରୀପଡା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ପୁଅ ଆୟୁଷ୍ମାନ ଓରଫ ଧନ(୧୪)। ତା'ର ମା' ଗତ ୨୦୨୫ମସିହା ମାର୍ଚ୍ଚମାସ ୧୮ତାରିଖରେ ଘରକୁ ଫେରିଯାଇଥିବା ବେଳେ ଧନ ମାମୁଁଘରେ ରଙ୍ଗ ଖେଳିବାକୁ ରହିଯାଇଥିଲା। ରଙ୍ଗଖେଳ ଦିନ ରଙ୍ଗ ଖେଳିସାରି ମାମୁଁ ଘରେ ଥିବାବେଳେ ତାକୁ ୧୯ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ମାମୁଁଘରୁ ଡାକିନେଇଥିଲେ ଦୁଇଜଣ ସ୍ଥାନୀୟ ଯୁବକ। ତାକୁ ଜୋରଜବରଦସ୍ତ ଥଣ୍ଡା ପାନୀୟରେ ମଦ ମିଶାଇ ପିଆଇବା ପରେ ହତ୍ୟା କରିବା ଉଦେଶ୍ୟରେ ଲୁଣା ନଦୀକୁ ଠେଲି ଦେଇଥିଲେ। ଫଳରେ ଆୟୁଷ୍ମାନଙ୍କ ମୃତ୍ୟୁ ଘଟିଥିଲା ବୋଲି ଆୟୁଷ୍ମାନଙ୍କ ପିତା



ଖଗେଶ୍ୱର ମହାନ୍ତି ସଦର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ

### ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର

ଭିତ୍ତି କରି ସଦର ଥାନା ପୋଲିସ ଏକ ହତ୍ୟାମାମଲା ରୁଜୁ କରିବା ସହିତ ଆୟୁଷ୍ମାନ ମୃତ୍ୟୁ ଘଟଣାରେ ଜଡିତ ଥିବା ଜଣେ ନାବାଳକ ସହ ଅନ୍ୟ ଜଣେ ଯୁବକଙ୍କୁ ଥାନାକୁ ଆଣି ଜେରା କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମୋଟା ଅଙ୍କର ଅର୍ଥ ନେଇ ଅଭିଯୁକ୍ତ ଦୁଇଜଣଙ୍କୁ ପୋଲିସ ଛାଡିଦେଇଥିଲା। ଏନେଇ ମୃତ ଆୟୁଷ୍ମାନଙ୍କ ମାମୁଁ ମୀନକେତନ ମହାନ୍ତି ଓଡିଶା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ସେହି ଆବେଦନର ବିଚାରକରି ଗତ ୨୦୨୫ମସିହା ଡିସେମ୍ବରମାସ ୧୭ତାରିଖରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲାର ତଦନ୍ତ ଶେଷ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୋଲିସ କୋର୍ଟରେ ଚାର୍ଜସିଟ ଦାଖଲ ନକରିବାରୁ ପୁନର୍ବାର ଆବେଦନକାରୀ ସିଆରଏଲଏମପି ନଂ - ୧୪୨୧/୨୦୨୫ରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହି ଆବେଦନର ବିଚାର କରି ହାଇକୋର୍ଟ ଗତ ଅପ୍ରେଲ ମାସ ୨୫ତାରିଖରେ କେନ୍ଦ୍ରାପଡା ସଦର ଥାନାଧିକାରୀଙ୍କୁ ୬୦ଦିନ ମଧ୍ୟରେ ତଦନ୍ତ ଶେଷକରି ଚାର୍ଜସିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହିତ କେନ୍ଦ୍ରାପଡା ଏସପିଙ୍କୁ ଏହାର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାମଧ୍ୟରେ ୧୨୦ଦିନ ଅତିକ୍ରମ କରିସାରିଥିଲେ ମଧ୍ୟ ପୋଲିସ ତଦନ୍ତ ଶେଷ କରି ନାହିଁ କି ଏସପି ମଧ୍ୟ ନିଜର ଦାୟିତ୍ୱ ତୁଲାଇନାହାନ୍ତି। ତେଣୁ ଉଭୟ ଥାନାଧିକାରୀ ଓ ଏସପି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିଛନ୍ତି। ଏହାଦ୍ୱାରା ମୃତ ଛାତ୍ରଙ୍କ ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଆବେଦନକାରୀ ଶ୍ରୀ ମହାନ୍ତି ପୋଲିସ ବିରୋଧରେ ହାଇକୋର୍ଟରେ କୋର୍ଟ ଅବମାନନା କେଶ ଦାଖଲ କରିଥିବା ସୂଚନା ଦେଇଛନ୍ତି।

# ପଥର କ୍ରସରକୁ ନେଇ ଉତ୍ତ୍ୟକ୍ତ ଗ୍ରାମବାସୀ, ଟ୍ରିବୁନାଲ ନ୍ୟାୟାଳୟରେ ମାମଲା



ଦଶପଲ୍ଲା (ଅମୃତ ମିଡିଆ) : ଦଶପଲ୍ଲା ତହସିଲ ଅଧିନସ୍ଥ ସୁବଳୟା ଠାରେ ଥିବା ଜୟ ମହାବୀର କ୍ରସର ଦୀର୍ଘ ବର୍ଷ ଧରି ଚାଲୁଅଛି। ମହାବୀର କ୍ରସର ଯେତିକି ପରିମାଣରେ ଚିପ୍ସ ବାହାରୁଥିଲା ତା ଠାରୁ ବୃହତର ଯନ୍ତ୍ରପାତି ଲାଗିବା ଫଳରେ ଅତ୍ୟଧିକ ପଥର ଗୁଣ୍ଡ ଚାଷୀମାନଙ୍କ ଜମି ରେ ପଡି ଫସଲ ନଷ୍ଟ ହେଉଛି କ୍ରସର ପାଖରେ ଥିବା ତଇଳା ସାହି ରେ ବସବାସ କରୁଥିବା ୩୦ପରିବାର ଲୋକଙ୍କ ଘରେ ଏବଂ ପାଖରେ ଥିବା ଜଙ୍ଗଲର ବୃକ୍ଷଲତା କ୍ଷତି ହେଉଛି। କୂଅ ପୋଖରି ରେ ପଥର ଗୁଣ୍ଡ ପଡି ସାହି ଲୋକେ ବିଭିନ୍ନ ରୋଗରେ ସଂକ୍ରମିତ ହେଉଛନ୍ତି। ପଥର ବ୍ଲାଷ୍ଟିଙ୍ଗ ହେବା ଫଳରେ ସାହି ର ପିଲାଙ୍କ ପାଠ ପଢା ରେ ବ୍ୟାଘାତ ସୃଷ୍ଟି ହେଉଛି। ବ୍ଲାଷ୍ଟିଙ୍ଗ ସମୟ ରେ ପଥର ଖଣ୍ଡ ବିଭିନ୍ନ ଜାଗାରେ ପଡିବା ଫଳରେ ଗୃହପାଳିତ ପଶୁ କ୍ଷତବିକ୍ଷତ ହେଇଥାନ୍ତି। ସାହି ଲୋକମାନଙ୍କ ଘର ଫାଟି ଭୁସୁଡି ପଡିବା କୁ ନେଇ ସାହି ବାସିନ୍ଦା ବିଭିନ୍ନ ସମୟରେ ସ୍ଥାନୀୟ ଏବଂ ଜିଲ୍ଲା ପ୍ରଶାସନ କୁ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣ ପାତ କରିନଥିଲେ। ଉକ୍ତ ଘଟଣାରେ ସୁବଳୟା ଗ୍ରାମର ସମାଜସେବୀ ଜିତେନ୍ଦ୍ର କୁମାର ନାୟକ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଚ୍ଚ ନ୍ୟାୟାଳୟ ଓ N.G.T .ଙ୍କଦ୍ୱାରସ୍ଥ ହୋଇଥିଲେ। N.G.T.ଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ ଉପଜିଲ୍ଲାପାଳ, ଖଣି ଅଧିକାରୀ ନୟାଗଡ, ରାଜ୍ୟ ପ୍ରଦୁଷଣ ବୋର୍ଡ ଅଧିକାରୀ, ଦଶପଲ୍ଲା ତହସିଲଦାରଙ୍କ ମିଳିତ ଭାବେ ଘଟଣାର ତଦନ୍ତ କରିଥିଲେ। ଦଶପଲ୍ଲା ତହସିଲଦାର ୧୯୮୮ ଓ ୧୯୯୦ରେ ଘରଡିହ ଜବରଦଖଲ ପଟା ଦେଇଥିବା ବେଳେ ୨୦୦୯ ମସିହାରେ ପଥର କ୍ରସର ପାଇଁ ଅନୁମତି ମିଳିଥିବାର ତଦନ୍ତରୁ ଜଣାପଡିଥିଲା।

# ହାଇଦରାବାଦ ମାରାଥନ୍‌ରେ ଚିତ୍ତରଂଜନ ପାତ୍ରଙ୍କ ବାଜିମାତ

ରାଇଘର (ଅମୃତ ମିଡିଆ) : ନବରଙ୍ଗପୁର ଜିଲ୍ଲାର ସୁପରିଚିତ ବରିଷ୍ଠ ମାରାଥନ ଧାବକ ଚିତ୍ତରଞ୍ଜନ ପାତ୍ର ହାଇଦରାବାଦ ଠାରେ ସଦ୍ୟ ସମାପ୍ତ ହୋଇଥିବା ଏନ ଏମ୍ ଡି ସି ମାରାଥନ ପ୍ରତିଯୋଗିତା ରେ ଭାଗ ନେଇ ସଫଳତାର ସହ କୃତକାର୍ଯ୍ୟ ହୋଇପାରିଛନ୍ତି। ୫୫ ରୁ ୬୪ ବର୍ଷ ବୟସ ବର୍ଗର ପ୍ରତିଯୋଗିତା ରେ ଶ୍ରୀ ପାତ୍ରଙ୍କୁ ମୋଟ ୪୩.୧୯୬ କିଲୋମିଟର ସମ୍ପୂର୍ଣ୍ଣ କରିବାକୁ ୫ଘଣ୍ଟା ୪୮ ମିନିଟ୍ ସମୟ ଲାଗିଥିଲା । ଏହି ମାରାଥନ୍ କୁ ସେ ସଫଳତାର ସହ ସମ୍ପୂର୍ଣ୍ଣ କରିଥିଲେ । ଏହି ସଫଳତା ହାସଲ କରି ଶ୍ରୀ ପାତ୍ର କେବଳ ନବରଙ୍ଗପୁର ଜିଲ୍ଲା କୁ ନୁହେଁ ବରଂ ଓଡ଼ିଶା ରାଜ୍ୟ କୁ ଗର୍ବିତ



କରିଛନ୍ତି। ୬୩ ବର୍ଷ ବୟସରେ ଚିତ୍ତରଞ୍ଜନ ପାତ୍ରଙ୍କ ଏଭଳି ମାରାଥନ ରେ ଯୋଗ ଦେବା ସମସ୍ତ ବର୍ଗ ବୟସର କ୍ରୀଡ଼ାବିତ୍ ମାନଙ୍କ ପାଇଁ ଏକ ପ୍ରେରଣା ବୋଲି ପ୍ରାକ୍ତନ କ୍ରୀଡାବିତ୍ ମାନେ ମତ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ. ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲିକ୍ ଏବଂ କ୍ରିକେଟ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ସମସ୍ତ ସଦସ୍ୟ ଏବଂ ପ୍ରାକ୍ତନ କ୍ରୀଡାବିତ୍ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଏନ୍‌ଡିଆରଏଫ୍‌ର ସଚେତନତା ଶିବିର ଓ ମକ୍‌ଡ୍ରିଲ୍

## ବିପର୍ଯ୍ୟୟ ପୂର୍ବରୁ ସଚେତନତା ହିଁ ସୁରକ୍ଷାର ମୂଳମନ୍ତ୍ର



**ବାରିପଦା /ସାହାରପଡା (ଅମୃତ ମିଡିଆ) :** ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜ ଜୀବନ ଓ ସମ୍ପତ୍ତିକୁ ସୁରକ୍ଷିତ ରଖାଯାଇପାରିବ, ସେନେଇ ସାଧାରଣ ଲୋକ ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ପକ୍ଷରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିୟମିତ ଭାବେ ସଚେତନତା ଶିବିର ଓ ମକ୍ ଡ୍ରିଲ୍ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାରଦିନ କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକ ସଭାଗୃହରେ ଏକ ବିଶେଷ ବିପର୍ଯ୍ୟୟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଏନ୍‌ଡିଆରଏଫ୍ ଟିମ୍‌ର କମାଣ୍ଡୋ ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସମେତ ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ବିପର୍ଯ୍ୟୟ ସମୟରେ ଆପତ୍କାଳୀନ ପରିସ୍ଥିତିର ମୁକାବିଲା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସାହାରପଡା ବିଡିଓ ରଣଜିତ କୁମାର ମହାନ୍ତ, ବ୍ଲକ ଅଧ୍ୟକ୍ଷା ରିନା ନାଏକ ଓ ଏବିଡିଓ ରଶ୍ମିରେଖା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିରରେ ବନ୍ୟା, ବାତ୍ୟା, ବଜ୍ରପାତ ଓ ଅଗ୍ନିକାଣ୍ଡ ଭଳି ବିଭିନ୍ନ ପ୍ରାକୃତିକ ତଥା ଆକସ୍ମିକ ବିପର୍ଯ୍ୟୟ ସମୟରେ କିପରି ସୁରକ୍ଷିତ ରହିବାକୁ ହେବ, ସେନେଇ ଛାତ୍ରଛାତ୍ରୀ ଓ ଉପସ୍ଥିତ ଲୋକଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ବିଶେଷକରି ବନ୍ୟା ସମୟରେ ଘରେ ଥିବା ଖାଲି ପ୍ଲାଷ୍ଟିକ ବୋତଲ, ଜାର୍କିନ୍ ଓ ବାଉଁଶ ଭଳି ସହଜରେ ଉପଲବ୍ଧ ସାମଗ୍ରୀ ବ୍ୟବହାର କରି କିପରି ଅସ୍ଥାୟୀ ଭାସମାନ ସୁରକ୍ଷା ଉପକରଣ ଓ ଲାଇଫ୍ ଜ୍ୟାକେଟ୍ ପ୍ରସ୍ତୁତ କରାଯାଇପାରିବ, ତାହାର ପ୍ରଦର୍ଶନ କରା ଯାଇଥିଲା। ସେହିପରି ବଜ୍ରପାତ ସମୟରେ ଖୋଲା ପଡ଼ିଆ, ଗଛ ତଳେ କିମ୍ବା ବିଦ୍ୟୁତ ଖୁଣ୍ଟ ନିକଟରେ ନ ରହି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବା ସମ୍ପର୍କରେ ସଚେତନ କରାଯାଇଥିଲା। ଅଗ୍ନିକାଣ୍ଡ ସମୟରେ ଗ୍ୟାସ ସିଲିଣ୍ଡର ଓ ଅନ୍ୟାନ୍ୟ ଦାହ୍ୟ ସାମଗ୍ରୀକୁ କିପରି ସୁରକ୍ଷିତ ଭାବେ ନିୟନ୍ତ୍ରଣ କରାଯିବ ଏବଂ ପ୍ରାଥମିକ ଅଗ୍ନି ନିର୍ବାପନ ପଦ୍ଧତି ସମ୍ପର୍କରେ ମଧ୍ୟ ପ୍ରାକ୍ଟିକାଲ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ବହୁ ସଂଖ୍ୟକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଯୋଗଦେଇ ଏନ୍‌ଡିଆରଏଫ୍ ଟିମ୍‌ର ପ୍ରଦର୍ଶନ ଓ ପ୍ରଶିକ୍ଷଣକୁ ମନୋଯୋଗ ସହକାରେ ଅନୁଧ୍ୟାନ କରିଥିଲେ। ବିପର୍ଯ୍ୟୟ ସମୟରେ ଭୟଭୀତ ନହୋଇ ସଚେତନତା ଓ ପ୍ରାଥମିକ ଜ୍ଞାନର ସହାୟତାରେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ ବୋଲି ଏନ୍‌ଡିଆରଏଫ୍ ପକ୍ଷରୁ କୁହାଯାଇଥିଲା।

# କୁଜଙ୍ଗ ପଞ୍ଚାୟତ ସମିତିରେ ୩ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କୁଜଙ୍ଗ (ଅମୃତ ମିଡିଆ) :** କୁଜଙ୍ଗ ପଞ୍ଚାୟତ ସମିତି ଆଜି ତିନି ଜଣ କର୍ମଚାରୀ ଙ୍କ ନିମନ୍ତେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲା। ଗତ ଫେବୃଆରୀ ୨୮ ତାରିଖ ରେ ଅବସର ନେଇଥିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ପଦ୍ମ ଚରଣ ସାହୁ, ଗତ ଜୁଲାଇ ମାସ ୩୧ ତାରିଖରେ ଅବସର ନେଇଥିଲେ ଡ୍ରାଇଭର ଅଭୟ ଗଛାୟତ ଏବଂ ଗତ ଅଗଷ୍ଟ ମାସ ୩୧ ତାରିଖରେ ଅବସର ନେଇଥିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ହୃଷିକେଶ ରାଉତରାୟ। ବିଡ଼ିଓ ଶ୍ରୀଯୁକ୍ତ ଦୀପକ ପ୍ରସାଦ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜନ କରାଯାଇଥିଲା ଏହି ଅବସର କାଳୀନ ସମ୍ବର୍ଦ୍ଧନା ସଭା। ଆଜି କାର୍ଯ୍ୟାଳୟ ହୋଇଉଠିଥିଲା ଚଳଚଞ୍ଚଳ। ପଞ୍ଚାୟତ ସମିତିର ଅଧ୍ୟକ୍ଷା ନିନାରାଣୀ ସାହୁଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଡ଼ିଓ ଶ୍ରୀ ସ୍ୱାଇଁ, ଏବିଡ଼ିଓ ପ୍ରଶାନ୍ତ କୁମାର ଜେନା, ସହାୟକ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ମଲ୍ଲିକ, ବିତ୍ତ ଅଧିକାରୀ କାମଦେବ ଦାସ ପ୍ରମୁଖ ଏହି ତିନି ଜଣ କର୍ମଚାରୀଙ୍କ କାର୍ଯ୍ୟ ଶୈଳୀ ଏବଂ ଚାକିରୀ ଜୀବନର ଦୁଃଖ ସୁଖ ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଅନ୍ୟ ସାଥୀ କର୍ମଚାରୀମାନେ ସେମାନଙ୍କ କଥା କହି ଆଖି ଛଳ ଛଳ କରିଦେଇଥିଲେ। ମୋଟାମୋଟି ଭାବେ ସଭା ଗୃହ ଭିତରେ ଅତ୍ୟନ୍ତ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ତିନି ଜଣଙ୍କ ପାଇଁ ନୂତନ ବସ୍ତ୍ର ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ମାଧ୍ୟମରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଅଧିକାରୀମାନଙ୍କ ସହାୟତାରେ ହୋଇଥିଲା ମଧ୍ୟାହ୍ନ ଭୋଜନର ଆୟୋଜନ। ମଧ୍ୟାହ୍ନ ଭୋଜନ ପରେ ନିଜେ ବିଡ଼ିଓ ଶ୍ରୀ ସ୍ୱାଇଁ ଅଫିସ ଗାଡି ନେଇ ସେହି ତିନିଜଣଙ୍କୁ ସେମାନଙ୍କ ଘରେ ଛାଡିବା ପାଇଁ ଯାଇଥିଲେ।

# ଖୋର୍ଦ୍ଧା ପଞ୍ଚାୟତ ସମିତି ବୈଠକ

ଖୋର୍ଦ୍ଧା (ଅମୃତ ମିଡିଆ) : ଖୋର୍ଦ୍ଧା ପଞ୍ଚାୟତ ସମିତିର ଏକ ସାଧାରଣ ବୈଠକ ଆଜି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ମାନ୍ୟବର ଖୋର୍ଦ୍ଧା ବିଧାୟକ-ତଥା-ଉଚଉ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ମାନ୍ୟବର ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଏବଂ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଯୋଗଦେଇଥିଲେ। ବୈଠକରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ସରକାରୀ ଯୋଜନାର ପ୍ରଗତି, ଲୋକଙ୍କ ସମସ୍ୟା ଏବଂ ବିଭିନ୍ନ ବିଭାଗର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ସହିତ ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ, ପଞ୍ଚାୟତ ସମିତି ସଦସ୍ୟ, ସରପଞ୍ଚ ଏବଂ ଅନ୍ୟାନ୍ୟ ଜନପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସରକାରୀ ଗୋଚର ଜମି ଜବରଦଖଲ ଅଭିଯୋଗ

## ପ୍ରଶାସନ ପକ୍ଷରୁ ମାପଚୁପ ପାଇଁ ନୋଟିସ୍ ଜାରି

**କୋରେଇ (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅନ୍ତର୍ଗତ ଖାରିଜ ବଟିରା ଗ୍ରାମରେ ସରକାରୀ ଗୋଚର ଜମି ଜବରଦଖଲକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମର ଖାତା ନଂ. ୨୫୨ (ରକ୍ଷିତ) ଏବଂ ପ୍ଲଟ୍ ନଂ. ୧୬୮ ରେ ଥିବା ପ୍ରାୟ ୧.୪୫୬ ଏକର ଗୋଚର କିସମ ଜମିକୁ ସ୍ଥାନୀୟ ଜଣେ ବ୍ୟକ୍ତି ବେଆଇନ ଭାବେ ଅକ୍ତିଆର କରି ଦୁଇ ମହଲା କଂକ୍ରିଟ୍ କୋଠା ନିର୍ମାଣ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସୁପ୍ରିମକୋର୍ଟଙ୍କ ୨୦୧୧ ରାୟ (ଜଗପାଲ ସିଂହ ବନାମ ପଞ୍ଜାବ ରାଜ୍ୟ) ଏବଂ ଓଡ଼ିଶା ଜମି ଜବରଦଖଲ ନିବାରଣ ଆଇନ-୧୯୭୨ ଅନୁସାରେ ସର୍ବସାଧାରଣ ଗୋଚର ଜମିର ହସ୍ତାନ୍ତର ବା ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ। ଏହି ଅନଧିକାର ନିର୍ମାଣ ଫଳରେ ଗାଁର ଗୋରୁଗାଈଙ୍କ ଚାରଣ ଭୂମି ସଂକୁଚିତ ହୋଇ ଚାଷୀ ତଥା ଗୋପାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦର୍ଶାଇ ଗ୍ରାମବାସୀ ରାଜସ୍ୱ ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏହି ସମ୍ବେଦନଶୀଳ ଘଟଣା ଉପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ବ୍ୟାସନଗର ତହସିଲଦାରଙ୍କ ପକ୍ଷରୁ ସର୍ବସାଧାରଣ ନୋଟିସ୍ ଜାରି କରାଯାଇ ଉକ୍ତ ବିବାଦୀୟ ଗୋଚର ଜମିର ସୀମା ନିର୍ଦ୍ଧାରଣ ଓ ମାପଚୁପ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ୭ ତାରିଖ ପୂର୍ବାହ୍ନ ୧୦:୦୦ ଘଟିକାରେ ଅନୁଷ୍ଠିତ ହେବା ନେଇ ଧାର୍ଯ୍ୟ କରାଯାଇଛି। ଉକ୍ତ ମାପ କାର୍ଯ୍ୟ ସମୟରେ ଖାରିଜ ବଟିରା ଗ୍ରାମବାସୀ ତଥା ସଂଲଗ୍ନ ଜମିର ମାଲିକମାନଙ୍କୁ ଉପସ୍ଥିତ ରହି ସହଯୋଗ କରିବା ପାଇଁ ତହସିଲ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ସରକାରୀ ଜମିକୁ ମୁକ୍ତ କରି ବେଆଇନ କୋଠା ଉଚ୍ଛେଦ କରିବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

# କୁନ୍ଦେଇ ପୋଲିସ ଦ୍ୱାରା ବିଦେଶୀମଦ ଜବତ

**ରାଇଘର (ଅମୃତ ମିଡିଆ) :** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସୀମାନ୍ତ କୁନ୍ଦେଇ ଥାନା ଅଧିକାରୀ ପ୍ରଦିପ କୁମାର ଶବର ଟିମ୍ ସହ ପରିଚିପାରା ଗ୍ରାମରୁ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଖବର ପାଇ ଚଢ଼ାଉ କରି ଜଣଙ୍କ ଠାରୁ ୧୬୮ ଲିଟର ଓ ଅନ୍ୟ ଜଣଙ୍କ ଠାରୁ ୩୮ ଲିଟର ବିଦେଶୀମଦ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଥିବା ଜଣାଯାଇଛି। ପ୍ରକାଶ ଥାଉକି ବେ ଆଇନ ମଦ ବିକ୍ରି ନେଇ ଖବର ମିଳିବା ପରେ କୁନ୍ଦେଇ ଥାନା ଅଧିକାରୀ ଓ ପୋଲିସ ଟିମ୍ ପରିଚି ଗ୍ରାମରେ ପହଂଚି ଜବତ କରି ୧୫୬/୨୬ ଓ ୧୫୭/୨୬ ରେ କେସ ଡାଏରୀ କରି କୋର୍ଟ ଚାଲାଣ କରାଯାଇଥିବା କୁନ୍ଦେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କୁଜଙ୍ଗ ବ୍ଲକରେ ବିନା ଅନୁମତିରେ ଚାଲିଛି ଛାତ୍ରାବାସ

## ନିୟମ ଉଲ୍ଲଂଘନ ନେଇ ଉଠିଲା ପ୍ରଶ୍ନ : ସମସ୍ତ ବେସରକାରୀ ବିଦ୍ୟାଳୟକୁ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି

**କୁଜଙ୍ଗ (ଅମୃତ ମିଡିଆ) :** ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବ୍ଲକ ଅଧୀନରେ ଥିବା କେତେକ ବେସରକାରୀ ବିଦ୍ୟାଳୟରେ ନିୟମ ଓ ଅନୁମତିକୁ ଅଣଦେଖା କରି ଛାତ୍ରାବାସ ଚାଲିଥିବା ନେଇ ଗୁରୁତର ପ୍ରଶ୍ନ ଉଠିଛି। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ରଖିବା ପାଇଁ ଚାଲୁଥିବା ଏଭଳି ଛାତ୍ରାବାସଗୁଡ଼ିକର ଆବଶ୍ୟକ ଅନୁମତି, ସୁରକ୍ଷା ବ୍ୟବସ୍ଥା ଓ ନିୟମାନୁସାରୀ ମାନଦଣ୍ଡ ପାଳନ ହେଉଛି କି ନାହିଁ, ତାହା ଏବେ ତଦନ୍ତର ବିଷୟ ପାଲଟିଛି। ଅଭିଯୋଗ ଅନୁଯାୟୀ, କୁଜଙ୍ଗ ବ୍ଲକର ବିଭିନ୍ନ ବେସରକାରୀ ବିଦ୍ୟାଳୟରେ ଛାତ୍ରାବାସ ନାମରେ ଅନେକ ଛାତ୍ରଛାତ୍ରୀଙ୍କୁ ରଖାଯାଉଛି। ଏଥିପାଇଁ ଅଭିଭାବକଙ୍କଠାରୁ ନିୟମିତ ଭାବେ ଅର୍ଥ ଆଦାୟ ହେଉଥିବା ଅଭିଯୋଗ ମଧ୍ୟ ରହିଛି। ଯଦି ଏହି ଛାତ୍ରାବାସଗୁଡ଼ିକ ଆବଶ୍ୟକ ସରକାରୀ ଅନୁମତି ବିନା ଚାଲୁଥାଏ, ତେବେ ଏହା କେବଳ ନିୟମ ଉଲ୍ଲଂଘନ ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ମଧ୍ୟ ଏକ ବଡ଼ ଅବହେଳା ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

### ଛାତ୍ର ସୁରକ୍ଷା ନେଇ ଗୁରୁତର ପ୍ରଶ୍ନ

ବିଦ୍ୟାଳୟରେ ପଢୁଥିବା ଛୋଟ ଛୋଟ ପିଲାଙ୍କୁ ଅଭିଭାବକମାନେ ବିଶ୍ୱାସର ସହିତ ଛାତ୍ରାବାସରେ ରଖିଥାନ୍ତି। ତେଣୁ ଛାତ୍ରାବାସରେ ସୁରକ୍ଷା, ଶୃଙ୍ଖଳା, ପର୍ଯ୍ୟାପ୍ତ କର୍ମଚାରୀ, ନିୟମିତ ନିରୀକ୍ଷଣ, ଆପତ୍କାଳୀନ ବ୍ୟବସ୍ଥା ଏବଂ ପିଲାମାନଙ୍କ ପାଇଁ ସୁସ୍ଥ ପରିବେଶ ରହିବା ଅତ୍ୟନ୍ତ ଆବଶ୍ୟକ। କିନ୍ତୁ କେତେକ ଛାତ୍ରାବାସରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନଥିବା, ଅଣଛାତ୍ର ଓ ଅଣଅଭିଭାବକଙ୍କ ପ୍ରବେଶ ଉପରେ ଯଥେଷ୍ଟ ନିୟନ୍ତ୍ରଣ ନଥିବା ଭଳି ଅଭିଯୋଗ ସାମ୍ନାକୁ ଆସୁଛି। ମୁଖ୍ୟ ଫାଟକରେ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ନଥିବାରୁ ବାହାର ଲୋକଙ୍କ ପ୍ରବେଶ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

### ଛାତ୍ରଛାତ୍ରୀଙ୍କ ପ୍ରତି ନିର୍ଯାତନା ଅଭିଯୋଗ

କେତେକ ଛାତ୍ରାବାସରେ ଛାତ୍ରଛାତ୍ରୀଙ୍କ ପ୍ରତି ଶାରୀରିକ ଓ ମାନସିକ ନିର୍ଯାତନା ହେଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ନିକଟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା ପରେ ଛାତ୍ରାବାସରେ ପିଲାମାନଙ୍କ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଓ ଅଭିଭାବକଙ୍କ ଅଭିଯୋଗ ପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ନେଇ ଆଲୋଚନା ଜୋର ଧରିଛି। ଏଭଳି ଘଟଣାକୁ କେବଳ ଏକ ବିଦ୍ୟାଳୟର ସମସ୍ୟା ଭାବେ ନଦେଖି ସମସ୍ତ ଛାତ୍ରାବାସର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

### ବିଦ୍ୟାଳୟ ବସ୍‌ର ସୁରକ୍ଷା ମଧ୍ୟ ପ୍ରଶ୍ନବାଚୀ

ଛାତ୍ରାବାସ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ପରିବହନ ବ୍ୟବସ୍ଥାକୁ ନେଇ ମଧ୍ୟ କେତେକ ଅଭିଯୋଗ ଆସୁଛି। ବିଦ୍ୟାଳୟର କିଛି ଗାଡ଼ି ପ୍ରଶିକ୍ଷଣପ୍ରାପ୍ତ ଓ ଯୋଗ୍ୟ ଚାଳକଙ୍କ ଦ୍ୱାରା ଚାଲୁଛି କି ନାହିଁ, ଗାଡ଼ିଗୁଡ଼ିକର ଫିଟନେସ୍ ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଠିକ୍ ଅଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରିବା ଆବଶ୍ୟକ। କୌଣସି ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗ ଯଦି ସତ୍ୟ ହୁଏ, ତେବେ ଏହା ଅତ୍ୟନ୍ତ ଗୁରୁତର ବିଷୟ। କୋମଳମତି ଛାତ୍ରଛାତ୍ରୀଙ୍କୁ ନେଇ ଚାଲୁଥିବା ଗାଡ଼ିରେ ଚାଳକଙ୍କ ଦାୟିତ୍ୱହୀନତା ବଡ଼ ଦୁର୍ଘଟଣାର କାରଣ ହୋଇପାରେ। ତେଣୁ ପରିବହନ ବ୍ୟବସ୍ଥାର ମଧ୍ୟ ନିୟମିତ ଯାଞ୍ଚ ଆବଶ୍ୟକ।

### ଶେଷରେ ପ୍ରଶାସନର ନଜର

ଏହି ସମସ୍ତ ଅଭିଯୋଗ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ ବ୍ଲକ ଅଧୀନସ୍ଥ ବିଭିନ୍ନ ବେସରକାରୀ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଛି। ଅନୁମତି ବିନା ଛାତ୍ରାବାସ ଚଳାଇବାରୁ ବିରତ ରହିବା ସହିତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଆବଶ୍ୟକ ନିୟମ ପାଳନ ଉପରେ ଗୁରୁତ୍ୱ ଦେବାକୁ ଏହି ପତ୍ରରେ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ତେବେ ପ୍ରଶ୍ନ ଉଠୁଛି କେବଳ ପତ୍ର ଲେଖିଦେଲେ କି ସମସ୍ୟାର ସମାଧାନ ହେବ? ଅନୁମତି ବିନା ଚାଲୁଥିବା ଛାତ୍ରାବାସଗୁଡ଼ିକର ବାସ୍ତବ ସ୍ଥିତି କଣ, ସେଠାରେ କେତେ ଛାତ୍ରଛାତ୍ରୀ ରହୁଛନ୍ତି, ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କିପରି, ଅଭିଭାବକଙ୍କଠାରୁ କେତେ ଅର୍ଥ ଆଦାୟ ହେଉଛି ଏବଂ ନିୟମ ଅନୁଯାୟୀ ଛାତ୍ରାବାସ ଚଳାଇବା ପାଇଁ ଆବଶ୍ୟକ ଅନୁମତି ରହିଛି କି ନାହିଁ ଏସବୁ ଦିଗରେ ପ୍ରଶାସନ ପକ୍ଷରୁ ଯାଞ୍ଚ ହେବା ଆବଶ୍ୟକ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହିତ କୌଣସି ପ୍ରକାରର ଅବହେଳାକୁ ବରଦାସ୍ତ ନକରି ଆବଶ୍ୟକ ଅନୁମତି ଓ ନିରାପତ୍ତା ମାନଦଣ୍ଡ ପୂରଣ କରୁନଥିବା ଛାତ୍ରାବାସ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଅଭିଭାବକ ମହଲରୁ ଦାବି ହେଉଛି।

# ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ହାଇସ୍କୁଲରେ ବୃକ୍ଷରୋପଣ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କପାଳେଶ୍ୱର ପଞ୍ଚାୟତର ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଉଚ୍ଚ ବିଦ୍ୟାଳୟ ଇକୋକ୍ଲବ ଆନୁକୂଲ୍ୟରେ ବୃକ୍ଷରୋପଣ ଓ ବୃକ୍ଷବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କଣ୍ଡୁରୀ ଚରଣ ପ୍ରଧାନ, ଶିକ୍ଷକ ଉତ୍ତମ କୁମାର ସ୍ୱାଇଁ, ଅଭୟ କୁମାର ସାହୁ, ପ୍ରଭାକର ଆଚାର୍ଯ୍ୟ, ତାହିରା ଖାନମ, ତଫିକ ଖାଁ, ଇଷା ମହାନ୍ତି, ମାମା ସ୍ୱାଇଁ, ରମାକାନ୍ତ ସ୍ୱାଇଁ ଓ କୁଞ୍ଜଲତା ଦାସଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ। ଏଥିସହିତ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଗୋଟିଏ ଚାରା ବଣ୍ଟନ କରାଯାଇ ସେମାନଙ୍କ ଘରେ ସେହି ଚାରାକୁ ରୋପଣ କରାଯିବାକୁ ପରାମର୍ଶ ଦିଆଯାଇଥିଲା।







# ମହିଳା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିଛି ସାମୁଦ୍ରିକ ଶୈବାଳଚାଷ

## ନୀଳ ଅର୍ଥବ୍ୟବସ୍ଥା ଅଧୀନରେ ସାମୁଦ୍ରିକ କୃଷି କାର୍ଯ୍ୟକଳାପ ଆୟର ନୂଆ ଉତ୍ସ



**ନୂଆଦିଲ୍ଲୀ :** ସାମୁଦ୍ରିକ କୃଷି, ବିଶେଷ କରି ଶୈବାଳ ଚାଷ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀ କରେଇକଲ ଅଞ୍ଚଳର ମତ୍ସ୍ୟଜୀବୀ ମହିଳାଙ୍କୁ ରୋଜଗାର ପନ୍ଥା ଯୋଗାଇ ଦେବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିଛି। ପୁଡୁଚେରୀ ସରକାରଙ୍କ ମତ୍ସ୍ୟପାଳନ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ସାମୁଦ୍ରିକ କୃଷି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଉପକୂଳ ଜୀବିକା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଆଇସିଏଆର - କେନ୍ଦ୍ରୀୟ ସାମୁଦ୍ରିକ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ (ସିଏମଏଫଆରଆଇ) ଏଥିପାଇଁ ବୈଷୟିକ ସହାୟତା ଯୋଗାଇ ଦେଉଛି। ଏଠାରେ ପରୀକ୍ଷାମୂଳକ ପ୍ରକଳ୍ପ ଆକାରରେ ସାମୁଦ୍ରିକ ଶୈବାଳ କୃଷି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଆର୍ଥିକ ଅନଗ୍ରସରତା ଦୂର କରିବା ଏବଂ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିବିଧ ଜୀବିକା ସୁଯୋଗ ଯୋଗାଇ ଦେବା ପ୍ରକଳ୍ପର ଉଦ୍ଦେଶ୍ୟ ଥିଲା। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ଆଣିପାରିଛି। ବିଶେଷ କରି ଏଠାକାର ଉପକୂଳ ଅଞ୍ଚଳର ମହିଳା ମତ୍ସ୍ୟଜୀବୀମାନେ ଏହି ପ୍ରଗତିଶୀଳ ସାମୁଦ୍ରିକ ଜୈବ ଅର୍ଥବ୍ୟବସ୍ଥାର ପ୍ରମୁଖ ହିତାଧିକାରୀ ପାଲଟିଛନ୍ତି। ଉପକୂଳବର୍ତ୍ତୀ ବସତି ପଟ୍ଟିନାମଚେରୀର ସାତ ଜଣ ମହିଳା ମତ୍ସ୍ୟଜୀବୀଙ୍କୁ ନେଇ ଏକ ଉତ୍ସର୍ଗୀକୃତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଗଠନ କରାଯାଇଛି। ଏମାନଙ୍କୁ ଶୈବାଳ ପ୍ରଜନନ ଏବଂ ଅମଳ ସମ୍ପର୍କରେ ବ୍ୟାପକ ସଂସ୍ଥାଗତ ତାଲିମ ଦିଆଯାଇଛି। ଫଳରେ ସେମାନେ ଦୀର୍ଘସ୍ଥାୟୀ ସାମୁଦ୍ରିକ କୃଷି କ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଛନ୍ତି। ଏହି ଚାଷରେ ଉଲ୍ଲେଖନୀୟ ଜୈବିକ ପରିବର୍ତ୍ତନ ଏବଂ ବାଣିଜ୍ୟିକ ସମ୍ଭାବନା ପରଲକ୍ଷିତ ହୋଇଛି। ଏଥିରେ ପ୍ରାୟ ଚାରି କିଲୋଗ୍ରାମ ବୀଜ ଏକ ତ୍ୱରିତ ପଇଁତିରିଶ-ଦିନର ଉଦ୍ଭିଦଚକ୍ର ମଧ୍ୟରେ ପ୍ରାୟ କୋଡ଼ିଏ କିଲୋଗ୍ରାମ ଅମଳ ପ୍ରଦାନ କରେ। ଏହି ସଂକ୍ଷିପ୍ତ କାର୍ଯ୍ୟକ୍ଷମ ଚକ୍ରରେ ପ୍ରତିବର୍ଷ ଏକାଧିକ ବାର ଅମଳ ହୋଇଥାଏ। ପ୍ରତି ଅମଳଚକ୍ରରେ ୨୮ ହଜାରରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ମିଳିଥାଏ। ଏହା କେବଳ ସାମୁଦ୍ରିକ ମାଛ ଧରା ଉପରେ ସେମାନଙ୍କର ଅନିଶ୍ଚିତ ନିର୍ଭରଶୀଳତାକୁ ହ୍ରାସ କରି ସ୍ଥାନୀୟ ପରିବାରର ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିଥାଏ। କେବଳ ମୁଖ୍ୟ ଆୟ ବୃଦ୍ଧି ପରିବର୍ତ୍ତେ ଏହି ପ୍ରୟାସ ଶୂନ୍ୟ ବର୍ଜ୍ୟ ଏବଂ ମୂଲ୍ୟବୃଦ୍ଧି କରୁଥିବା ଚକ୍ରାକାର ଜୈବ ଅର୍ଥବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଏଠାରୁ ସଂଗୃହିତ ବାୟୋମାସ ଅନେକ ପ୍ରକାରର ଉଦ୍ୟୋଗ ପାଇଁ ଏକ ପ୍ରମୁଖ କଞ୍ଚାମାଲ। ଏଥିରୁ ମୁଖ୍ୟତଃ ଆଧୁନିକ କୃଷି ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରାକୃତିକ ଜୈବ ସାର ଏବଂ ବିଶେଷ କରି ସଏଲ କଣ୍ଡିସନର ବା ମାଟିର ଗୁଣବତ୍ତାରେ ସୁଧାର ଆଣୁଥିବା ପଦାର୍ଥ ତିଆରି ହୁଏ। ସେହିପରି ଏଥିରୁ ବାହାରୁଥିବା ଉପାଦାନ ମୁଖ୍ୟତ କସ୍ମେଟିକ୍ସ ଏବଂ ଫାର୍ମାସ୍ୟୁଟିକଲ୍ ଫର୍ମୁଲେସନ ପ୍ରସ୍ତୁତିରେ ଉପଯୋଗ ହୁଏ। ବଳକା ଜୈବିକ ଅବଶେଷକୁ ବ୍ୟବସ୍ଥିତ ଭାବେ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ ପ୍ରାଣୀଙ୍କ ଖାଦ୍ୟ ରୂପେ ପ୍ରକ୍ରିୟାକୃତ କରାଯାଏ। ଏହି କାମରେ ନିୟୋଜିତ ଥିବା ମତ୍ସ୍ୟପାଳନ ନିରୀକ୍ଷକ ଶ୍ରୀ ରାଜଶେଖର କୁହନ୍ତି, ପଟ୍ଟିନମଚେରୀ ଏବଂ କରୁକକାଲାଚେରୀରେ ଜାରି ରହିଥିବା ଏହି ପ୍ରକଳ୍ପ ଅତି ଭଲ ପରିଣାମ ଦେଇଛି । ଏହା ଜନଭାଗିଦାରୀ ଆଧାରିତ ଉପକୂଳ ଉଦ୍ୟୋଗ ବିକାଶର ଏକ ଆଦର୍ଶ ଉଦାହରଣ ପ୍ରସ୍ତୁତ କରିଛି। ଏହି ମଡେଲର ବ୍ୟାପକ କ୍ଷେତ୍ରୀୟ ଗୁରୁତ୍ୱ ଏବଂ ବିକାଶମୂଳକ ବୈଶିଷ୍ଟ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ନେତୃତ୍ୱରେ ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ କରେଇକଲ କ୍ଲଷ୍ଟରରେ ଜାରି ରହିଥିବା ସାମୁଦ୍ରିକ ଶୈବାଳ ଚାଷ ଅନୁଧ୍ୟାନ କରିଥିଲେ। ସେମାନେ ସାମୁଦ୍ରିକ ଶୈବାଳ କୃଷି ପ୍ରତିଷ୍ଠାନ ଏବଂ ନିକଟବର୍ତ୍ତୀ ସାମୁଦ୍ରିକ ଶୈବାଳ ଚାଷ କ୍ଷେତ୍ର ପରିଦର୍ଶନ କରି ସେଠାରେ ଜାରି ରହିଥିବା ପ୍ରକଳ୍ପ ବିଷୟରେ ଜ୍ଞାନ ଆହରଣ କରିଥିଲେ। ଏଥିସହିତ କୃଷି କାର୍ଯ୍ୟରେ ନିୟୋଜିତ ମହିଳା ହିତାଧିକାରୀ ଏବଂ ବୈଷୟିକ ବିଶେଷଜ୍ଞଙ୍କ ସହିତ ଆଲୋଚନା କରିଥିଲେ। ପରିବେଶ ଉପରେ ଏହାର କମ୍ ପ୍ରଭାବ ଏବଂ ଏଥିରେ ସ୍ଥଳଭାଗରେ ମିଳୁଥିବା ସମ୍ବଳର ପ୍ରାୟତଃ ନଗଣ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ଶାସିତ ଅଞ୍ଚଳ ପ୍ରଶାସନ ମହିଳା ନେତୃତ୍ୱାଧୀନ ସାମୁଦ୍ରିକ କୃଷି ମଡେଲକୁ ପୁଡୁଚେରୀ ଏବଂ କରେଇକଲ ଆଖପାଖ ଅଞ୍ଚଳରେ ବ୍ୟାପକ ଭାବେ କାର୍ଯ୍ୟକାରୀ କରୁଛି। ସୂଚନାଯୋଗ୍ୟ ସାମ୍ବାଦିକମାନଙ୍କୁ ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରମୁଖ ବିକାଶମୂଳକ ପଦକ୍ଷେପର ପ୍ରଭାବ ଏବଂ କାର୍ଯ୍ୟକାରିତାର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବା ଲାଗି ପିଆଇବି, ଭୁବନେଶ୍ୱର ପକ୍ଷରୁ ଏହି ଗଣମାଧ୍ୟମ ଗସ୍ତ ଆୟୋଜନ କରାଯାଇଛି। ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦଙ୍କ ନେତୃତ୍ୱରେ ସାମ୍ବାଦିକମାନେ ଏହି ଗସ୍ତ କରିଛନ୍ତି।

# ‘ଶିଶୁ ଆଇନା’ କୋମଳମତି ଶିଶୁଙ୍କ ପାଇଁ ଏକ ଅପୂର୍ବ ଭେଟି

**ଭୁବନେଶ୍ୱର (ବ୍ୟୁରୋ) :** କୋମଳମତି ଶିଶୁଙ୍କ ପଠନ ସଂସ୍କୃତି ଓ ସୃଜନଶୀଳତାର ବିକାଶ ପାଇଁ ଏହି ପୁସ୍ତକଟି ରଚନା କରାଯାଇଛି। ଆକର୍ଷଣୀୟ ଚିତ୍ର ଓ ସରଳ ଭାଷାରେ ଲିଖିତ ଏହି ପୁସ୍ତକଟି ଶିଶୁମାନଙ୍କ ମନୋରଞ୍ଜନ ସହ ଶିକ୍ଷଣୀୟ ଖୋରାକ ଯୋଗାଇବ ବୋଲି କବି ଅମରନାଥ ବାରିକ୍ କହିଛନ୍ତି। ଏହା ଶିଶୁ ସାହିତ୍ୟ ଜଗତରେ ଏକ ଅଭୁଲା ସ୍ୱାକ୍ଷର ହୋଇରହିବ ବୋଲି ଆଶାପ୍ରକାଶ କରିଥିଲେ। ଛୋଟ ଛୋଟ ପିଲାଙ୍କ ମନସ୍ତତ୍ତ୍ୱ, ସେମାନଙ୍କ ଶୈକ୍ଷିକ ଆବଶ୍ୟକତା ଏବଂ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଏହି ପୁସ୍ତକଟି ରଚନା କରାଯାଇଛି। ପୁସ୍ତକଟିରେ ରହିଥିବା ୬୦ଟି ଗୀତି କବିତା ସହ ରଙ୍ଗୀନ ଆକର୍ଷଣୀୟ ଚିତ୍ରାବଳୀ, ମନୋରଞ୍ଜକ ପଦ୍ୟ ଓ ସରଳ ଭାଷାର ସଂଯୋଜନା ପିଲାମାନଙ୍କୁ ନୀତିଶିକ୍ଷା ଏବଂ ସୃଜନଶୀଳ ଶିକ୍ଷା ପ୍ରଦାନ କରିବାରେ ବେଶ୍ ସହାୟକ ହେବ। ଜଣା ଅଜଣା ଭଳି କିଛି ପ୍ରଶ୍ନୋତ୍ତର ମଧ୍ୟ ରହିଛି। ଏହା ୧୭୦ ପୃଷ୍ଠା ବିଶିଷ୍ଟ ଏକ ଆବେଗପୂର୍ଣ୍ଣ ସଂକଳନ। ଯାହାର ମୂଲ୍ୟ ମାତ୍ର ୨୦୦ ଟଙ୍କା ରଖାଯାଇଛି। ଏହା ଆମାଜୋନରେ ମଧ୍ୟ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି। ‘ଶିଶୁ ଆଇନା’ ପ୍ରକୃତରେ ଶିଶୁମାନଙ୍କ ମନର ଏକ ସୁନ୍ଦର ପ୍ରତିଫଳନ ବୋଲି ଲେଖକ ମତ ପ୍ରକାଶ କରିଛନ୍ତି। ପୂର୍ବ ପ୍ରକାଶିତ ପୁସ୍ତକ ‘ହେ ଈଶ୍ୱର’ ପାଠକମାନଙ୍କ ମନକୁ ଛୁଇଁଥିବା ବେଳେ ବନଫୁଲ ପ୍ରକାଶନୀ ପକ୍ଷରୁ ପ୍ରକାଶିତ ତଥା ସୁଲେଖକ ଅମରନାଥ ବାରିକଙ୍କ ରଚିତ ନୂତନ ଶିଶୁ ସାହିତ୍ୟ ପୁସ୍ତକ ‘ଶିଶୁ ଆଇନା’ ଆନୁଷ୍ଠାନିକ ଭାବେ ଉନ୍ମୋଚନ ହେବାକୁ ଯାଉଛି।

# ବର୍ଷାଦିନେ ଦାନ୍ତ ଓ ମାଢ଼ିର ଯତ୍ନ ଜରୁରୀ: ଡା. ସୋନିଆ ଦତ୍ତ



ଭୁବନେଶ୍ୱର (ବ୍ୟୁରୋ) : ବର୍ଷାଦିନ ଆସିଲେ ଗରମ ଚା’ ସହ ପକୋଡ଼ି, ପୋଡ଼ା ମକା ଓ ମିଠା ଖାଦ୍ୟ ଭଳି ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଖାଇବାର ଆଗ୍ରହ ବଢ଼ିଯାଏ। ବର୍ଷାଦିନର ଏହି ଖାଦ୍ୟଗୁଡ଼ିକ ଆମର ପରମ୍ପରାର ଏକ ଅଂଶ ହୋଇଥିବା ବେଳେ, ଦାନ୍ତ ବିଶେଷଜ୍ଞମାନେ କହିଛନ୍ତି ଯେ, ଏହି ସମୟରେ ବାରମ୍ବାର ଜଳଖିଆ ଖାଇବା ଅଭ୍ୟାସ ଦାନ୍ତର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ। ତେଣୁ ଏହି ସମୟରେ ଦାନ୍ତ ଓ ମାଢ଼ିର ଠିକ୍ ଭାବେ ଯତ୍ନ ନେବା ଜରୁରୀ। ପ୍ରମୁଖ ଦନ୍ତ ଚିକିତ୍ସକ ଡା. ସୋନିଆ ଦତ୍ତଙ୍କ କହିବା ଅନୁସାରେ, ଚିନି ଓ ମଇଦା ଭଳି ଷ୍ଟାର୍ଚ୍ଚ ଥିବା ଖାଦ୍ୟ ବାରମ୍ବାର ଖାଇଲେ ଦାନ୍ତରେ ପ୍ଲାକ୍ ଜମିବା ଓ ଦାନ୍ତ କ୍ଷୟ ହେବାର ଆଶଙ୍କା ବଢ଼ିପାରେ। ଡା. ଦତ୍ତ କହିଛନ୍ତି, ବର୍ଷାଦିନେ ଆମର ଖାଦ୍ୟ ଖାଇବାର ଅଭ୍ୟାସରେ ପରିବର୍ତ୍ତନ ଆସିଥାଏ। ଅନେକ ଲୋକ ଏହି ସମୟରେ ଦିନସାରା ବାରମ୍ବାର ବିଭିନ୍ନ ଖାଦ୍ୟ ଖାଇଥାନ୍ତି। ବିଶେଷକରି ଚିନି ଓ ଷ୍ଟାର୍ଚ୍ଚ ଥିବା ଖାଦ୍ୟ ଖାଇବା ପ୍ରତିଥର ମୁହଁରେ ଥିବା ଜୀବାଣୁ ଏସିଡ୍ ସୃଷ୍ଟି କରନ୍ତି, ଯାହା ଦାନ୍ତର ଉପରିଭାଗକୁ କ୍ଷତି ପହଞ୍ଚାଇଥାଏ। ବାରମ୍ବାର ଖାଦ୍ୟ ଖାଇଲେ ଏହି ଏସିଡ୍‌ର ପ୍ରଭାବ ମଧ୍ୟ ବାରମ୍ବାର ପଡ଼େ। ଫଳରେ ଦାନ୍ତରେ ଛିଦ୍ର ହେବା ସହ ଅନ୍ୟାନ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ବଢ଼ିଥାଏ। ଡା. ଦତ୍ତ କହିଛନ୍ତି ଯେ, ବର୍ଷାଦିନର ନିଜ ପସନ୍ଦର ଖାଦ୍ୟକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇବାର ଆବଶ୍ୟକତା ନାହିଁ। ତେବେ ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବା ପାଇଁ ନିୟମିତ ଭାବେ ମୁହଁ ଓ ଦାନ୍ତର ଯତ୍ନ ନେବା ଅତ୍ୟନ୍ତ ଜରୁରୀ। ସେ ଆହୁରି କହିଛନ୍ତି, “ଜଳଖିଆ କିମ୍ବା ଅନ୍ୟ କୌଣସି ଖାଦ୍ୟ ଖାଇବା ପରେ ମୁହଁକୁ ପାଣିରେ ଭଲ ଭାବେ କୁଳି କରିବା, ପର୍ଯ୍ୟାପ୍ତ ପାଣି ପିଇବା ଏବଂ ଦିନକୁ ଦୁଇଥର ଦାନ୍ତ ଘଷିବା ଭଳି ସରଳ ଅଭ୍ୟାସ ଦାନ୍ତର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାରେ ବେଶ୍ ସହାୟକ ହୋଇପାରେ। ନିୟମିତ ଭାବେ ଏହି ଅଭ୍ୟାସଗୁଡ଼ିକ ପାଳନ କରିବା ହିଁ ସବୁଠାରୁ ଜରୁରୀ, ବିଶେଷକରି ବର୍ଷାଦିନେ ଯେତେବେଳେ ଆମର ଖାଦ୍ୟ ଖାଇବାର ଅଭ୍ୟାସରେ ପରିବର୍ତ୍ତନ ଆସିଥାଏ। ଦନ୍ତ ବିଶେଷଜ୍ଞମାନେ ପ୍ରତିଦିନ ଦାନ୍ତର ଯତ୍ନ ନେବା ସମୟରେ ଏକ ଭଲ ଟୁଥପେଷ୍ଟ ବ୍ୟବହାର କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଲବଙ୍ଗ ଓ ଶୁଣ୍ଠି ଭଳି ଭରସାଯୋଗ୍ୟ ଆୟୁର୍ବେଦିକ ଉପାଦାନରେ ପ୍ରସ୍ତୁତ ଡାବର ରେଡ୍ ଟୁଥପେଷ୍ଟ ଦାନ୍ତ ଓ ମାଢ଼ିର ସମ୍ପୂର୍ଣ୍ଣ ଯତ୍ନ ନେବାରେ ସହାୟକ ହୋଇଥାଏ। ଲବଙ୍ଗ ଜୀବାଣୁ ସହ ଲଢ଼ିବାର ଗୁଣ ପାଇଁ ପରିଚିତ ଏବଂ ଦାନ୍ତର ଅସୁବିଧା କମାଇବାରେ ସହାୟକ ହୋଇଥାଏ। ସେହିପରି, ଶୁଣ୍ଠି ମାଢ଼ିରେ ହେଉଥିବା ଫୁଲା କମାଇ ମାଢ଼ିକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍ (ଆଇଡ଼ିଏ)ର ଅନୁମୋଦନ ଥିବା ଡାବର ରେଡ୍ ଟୁଥପେଷ୍ଟ ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବା ପାଇଁ ଦୈନନ୍ଦିନ ଦାନ୍ତ ଯତ୍ନରେ ଏକ ପ୍ରଭାବଶାଳୀ ଆୟୁର୍ବେଦିକ ବିକଳ୍ପ ଭାବେ ବ୍ୟବହାର କରାଯାଇପାରେ।

# ଓଡିଶାରେ ବନ୍ୟା ରିଲିଫ ସହାୟତା ପ୍ରଦାନ କରିଛି ନେସ୍‌ଲେ ଇଣ୍ଡିଆ

ଭୁବନେଶ୍ୱର (ବ୍ୟୁରୋ) : ନେସ୍‌ଲେ ଇଣ୍ଡିଆ ପକ୍ଷରୁ ଓଡିଶା, ନାଗାଲ୍ୟାଣ୍ଡ ଓ ଆସାମରେ ବନ୍ୟା ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ରିଲିଫ ସହାୟତା ପ୍ରଦାନ କରାଯାଇଛି। କମ୍ପାନୀ ଜରୁରୀ ସାମଗ୍ରୀ ସହିତ ପ୍ରଭାବିତ ଲୋକମାନଙ୍କ ନିକଟରେ ପହଂଚିବା ପାଇଁ ସ୍ଥାନୀୟ ପ୍ରଶାସନ ସହ ମିଶି କାର୍ଯ୍ୟ କରୁଛି। ଓଡିଶାରେ କମ୍ପାନୀର ଏହି ଟିମ୍ ଚାନ୍ଦବାଲି ତହସିଲ ଓ ତିହିଡି ବ୍ଲକ୍‌ରେ ପ୍ରଭାବିତ ଲୋକଙ୍କୁ ରିଲିଫ ସହାୟତା ଯୋଗାଇବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ସହ ମିଶି କାର୍ଯ୍ୟ କରିଥିଲା। କମ୍ପାନୀ ପକ୍ଷରୁ ୩୦୦୦ ଗ୍ରୋସରୀ କିଟ୍ ଓ ୧୦୦୦ ହାଇଜିନ କିଟ୍ ପ୍ରଦାନ କରାଯାଇଥିଲା। ସେହିପରି ନାଗାଲ୍ୟାଣ୍ଡରେ, ମୋନ୍‌ରେ ଜିଲ୍ଲା କମିଶନରଙ୍କ ସହ ଯୋଗାଯୋଗରେ ନେସ୍‌ଲେ ଇଣ୍ଡିଆ ବନ୍ୟା ପ୍ରଭାବିତ ଲୋକଙ୍କୁ ୧୦୦୦ ଗ୍ରୋସରୀ କିଟ୍ ପ୍ରଦାନ କରିଥିଲା ବେଳେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ନାଗରିକ ସଂସ୍ଥା ଏହାର ବିତରଣରେ ସହଯୋଗ କରିଥିଲେ। ଆସାମରେ ନେସ୍‌ଲେ ଇଣ୍ଡିଆ ରିଲିଫ ସହାୟତାରେ ସହଯୋଗ କରିବା ପାଇଁ ଜୋର୍‌ହାଟ ଓ ଶିବସାଗରର ଜିଲ୍ଲା କମିଶନରଙ୍କ ସହ କାର୍ଯ୍ୟ କରିଥିଲା ଏବଂ ୪୦୦୦ ଗ୍ରୋସରୀ କିଟ୍ ପ୍ରଦାନ କରିଥିଲା। ଏହି ଦୁଇଟି ଜିଲ୍ଲାରେ ପ୍ରଭାବିତ ଲୋକଙ୍କୁ ୨୦୦୦ ଲେଖାଏଁ କିଟ୍ ଦିଆଯାଇଥିଲା। ଆସାମ ଡିଜାଷ୍ଟର ରିଲିଫ ଟିମ୍ ଓ ସ୍ଥାନୀୟ କର୍ତ୍ତୃପକ୍ଷ ଏହି କିଟ୍‌ଗୁଡିକରରେ ନିର୍ଦ୍ଧାରିତ ସମୟରେ ବିତରଣରେ ସହଯୋଗ କରିଥିଲେ। ଏହି ପ୍ରୟାସ ସମ୍ପର୍କରେ ନେସ୍‌ଲେ ଇଣ୍ଡିଆର କର୍ପୋରେଟ ଆଫାୟାର୍ସ, ସଷ୍ଟେନାବିଲିଟି ଓ ସିଏସଆର ଶାଖା ମୁଖ୍ୟ କୁଓ୍ୱଁର ହିମ୍ମତ ସିଂହ କହିଛନ୍ତି, “ନେସ୍‌ଲେରେ ଆମେ ସେବା ଯୋଗାଉଥିବା ସମୁଦାୟ ଗୁଡିକର ଅଂଶ ହେବାର ଅର୍ଥ ହେଉଛି ସେମାନଙ୍କର ଆବଶ୍ୟକ ସମୟରେ ସେମାନଙ୍କ ପାଖରେ ଉପସ୍ଥିତ ରହିବା। ଯେତେବେଳେ ଆମେ ପାରିବୁ ଓ ଯେତେବେଳେ ସହାୟତାର ଆବଶ୍ୟକ ଥିବା ସେତେବେଳେ ଆମେ ସହଯୋଗର ହାତ ବଢାଇବା ପାଇଁ ସର୍ବୋତମ ପ୍ରୟାସ କରିବୁ। ଆମେ ଗର୍ବିତ ଯେ, ଆମର ଟିମ୍‌ଗୁଡିକୁ ଆମ ଚାରି ପାର୍ଶ୍ୱରେ ଥିବା ଲୋକଙ୍କୁ ସାହାଯ୍ୟ କରିବାର ଉତ୍ସାହରେ ଏକାଠି ହୋଇପାରିଛନ୍ତି।

# ଗ୍ରେସିଙ୍ଗିଆ ପ୍ରାଇମେରୀ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ

## ଉପକୃତ ହେବେ କନ୍ଧମାଳର ୪,୦୦୦ ଉପଭୋକ୍ତା



**ବ୍ରହ୍ମପୁର (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲାର ପାହାଡ଼ିଆ ଅଞ୍ଚଳରେ ଅଧିକ ପରିବାର ଓ ସମୁଦାୟଙ୍କ ନିକଟରେ ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ପହଞ୍ଚୁଛି। ଜି. ଉଦୟଗିରି ବ୍ଲକ୍‌ର ଗ୍ରେସିଙ୍ଗିଆଠାରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ପକ୍ଷରୁ ନୂତନ ପାଓ୍ୱାର ସବ୍‌ଷ୍ଟେସନ୍ ନିର୍ମାଣ କରାଯାଇଛି। ଏହି ନୂତନ ଭିତ୍ତିଭୂମି ପଞ୍ଚାୟତର ଛଅଟି ଗ୍ରାମ ପଞ୍ଚାୟତର ପ୍ରାୟ ୪,୦୦୦ ଉପଭୋକ୍ତାଙ୍କୁ ଅଧିକ ନିର୍ଭରଯୋଗ୍ୟ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବ। ଏହା ଦ୍ୱାରା ବିଦ୍ୟୁତ୍ ବିଭ୍ରାଟ ହ୍ରାସ, ଭୋଲ୍‌ଟେଜ୍‌ସ୍ତରରେ ଉନ୍ନତି ଏବଂ ଅଞ୍ଚଳବାସୀଙ୍କ ବର୍ଦ୍ଧିତ ବିଦ୍ୟୁତ୍ ଆବଶ୍ୟକତା ପୂରଣରେ ସହାୟତା ମିଳିବ। ସରକାରଙ୍କ ଓଡିଏସଏସପି-୪ ଯୋଜନା ଅଧୀନରେ ଟିପିଏସଓଡିଏଲ୍ ଦ୍ୱାରା ନିର୍ମିତ ଏହି ୩୩/୧୧ କେଭି, ଗ୍ରେସିଙ୍ଗିଆ ପାଓ୍ୱାର ସବ୍‌ଷ୍ଟେସନ୍ ଗ୍ରେସିଙ୍ଗିଆ, ବାଦିମୁଣ୍ଡା, ପିକରାଡି, ରତିଙ୍ଗିଆ, ପେଟାପଙ୍ଗା ଓ ଗଡ଼ଗୁଡ଼ା ଗ୍ରାମ ପଞ୍ଚାୟତର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣ କରିବ। ଅତିରିକ୍ତ ଟ୍ରାନ୍ସଫର୍ମର କ୍ଷମତା ଉପଲବ୍ଧ ହେବା ଫଳରେ ସ୍ଥାନୀୟ ବିଦ୍ୟୁତ ବଣ୍ଟନ ନେଟଓ୍ୱର୍କ ଅଧିକ ସୁଦୃଢ଼ ହେବ ଏବଂ ଯୋଗାଣର ଗୁଣବତ୍ତା ଓ ସ୍ଥିରତାରେ ଉନ୍ନତି ଆସିବ। କନ୍ଧମାଳ ଏହାର ପାହାଡ଼ିଆ ଭୂଭାଗ, ଘନ ଜଙ୍ଗଲ, ଉପତ୍ୟକା ଏବଂ ବିକ୍ଷିପ୍ତ ବସତି ପାଇଁ ପରିଚିତ। ଅଞ୍ଚଳର ଭୌଗୋଳିକ ବୈଶିଷ୍ଟ୍ୟ ଯୋଗୁଁ ଭିତ୍ତିଭୂମି ବିକାଶ ଓ ବିଦ୍ୟୁତ ନେଟଓ୍ୱର୍କ ସୁଦୃଢ଼ୀକରଣ ଅନେକ ସମୟରେ ଆହ୍ୱାନ ପୂର୍ଣ୍ଣ ହୋଇଥାଏ। ଏଭଳି ପରିସ୍ଥିତିରେ ଏକ ସୁଦୃଢ଼ ସ୍ଥାନୀୟ ବିଦ୍ୟୁତ ଭିତ୍ତିଭୂମି ଅଞ୍ଚଳର ବିଭିନ୍ନ ଭୌଗୋଳିକ ପରିବେଶରେ ରହୁଥିବା ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ସେବାର ନିର୍ଭରଯୋଗ୍ୟତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଉନ୍ନତ ବିଦ୍ୟୁତ ନେଟଓ୍ୱର୍କ ଉପଭୋକ୍ତାମାନଙ୍କୁ ଅଧିକ ସ୍ଥିର ବିଦ୍ୟୁତ ଯୋଗାଣ ପ୍ରଦାନ କରିବା ସହ ବିଦ୍ୟୁତ ବିଭ୍ରାଟ ଓ ଭୋଲଟେଜ୍‌ରେ ଅସ୍ଥିରତାର ପ୍ରଭାବକୁ ହ୍ରାସ କରିବ। ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ଘରୋଇ ଉପଭୋକ୍ତାଙ୍କ ସହ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା କେନ୍ଦ୍ର, ସ୍ଥାନୀୟ ବ୍ୟବସାୟ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନକୁ ମଧ୍ୟ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ପାଇଁ ଆବଶ୍ୟକ ନିରବଚ୍ଛିନ୍ନ ସେବା ଯୋଗାଇବାରେ ସହାୟକ ହେବ। କନ୍ଧମାଳର ଅର୍ଥନୀତି ମୁଖ୍ୟତଃ କୃଷି, ଉଦ୍ୟାନ କୃଷି, ଜଙ୍ଗଲଭିତ୍ତିକ କାର୍ଯ୍ୟକଳାପ ଏବଂ କ୍ଷୁଦ୍ର ଜୀବିକା ଉପରେ ନିର୍ଭରଶୀଳ। ଉନ୍ନତ ବିଦ୍ୟୁତ ଭିତ୍ତିଭୂମି ସ୍ଥାନୀୟ ଅର୍ଥନୈତିକ କାର୍ଯ୍ୟକଳାପର ବିକାଶ ପାଇଁ ଏକ ମଜବୁତ ଭିତ୍ତି ପ୍ରଦାନ କରିବା ସହ ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳରେ ଆବଶ୍ୟକୀୟ ସେବାର ଉନ୍ନତ ପ୍ରବେଶକୁ ସମର୍ଥନ କରିବ। ଟିପିଏସଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, “ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ, ବିଶେଷକରି ଭୌଗୋଳିକ ଦୃଷ୍ଟିରୁ ଚ୍ୟାଲେଞ୍ଜିଂ ଅଞ୍ଚଳରେ ବସବାସ କରୁଥିବା ସମ୍ପ୍ରଦାୟଙ୍କ ପାଇଁ। ଗ୍ରେସିଙ୍ଗିଆ ପାଓ୍ୱାର ସବ୍‌ଷ୍ଟେସନ୍ ସ୍ଥାନୀୟ ବିଦ୍ୟୁତ ବଣ୍ଟନ ନେଟଓ୍ୱର୍କକୁ ସୁଦୃଢ଼ କରିବା ସହ ପ୍ରାୟ ୪,୦୦୦ ଉପଭୋକ୍ତାଙ୍କୁ ଅଧିକ ନିର୍ଭରଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପ୍ରଦାନରେ ସହାୟକ ହେବ। ଦକ୍ଷିଣ ଓଡ଼ିଶାର ସମସ୍ତ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଜୁଳି ସେବା ସୁନିଶ୍ଚିତ କରିବା ସହ ଆମର ଭିତ୍ତିଭୂମିକୁ ନିରନ୍ତର ସୁଦୃଢ଼ କରିବା ପାଇଁ ଆମେ ପ୍ରତିବଦ୍ଧ। ଗ୍ରେସିଙ୍ଗିଆ ସବ୍ ଷ୍ଟେସନ୍ କନ୍ଧମାଳରେ ବିଦ୍ୟୁତ ନେଟଓ୍ୱର୍କକୁ ନିରନ୍ତର ସୁଦୃଢ଼ କରିବା ଏବଂ ଆହ୍ୱାନପୂର୍ଣ୍ଣ ଭୂଭାଗରେ ଭିତ୍ତିଭୂମିର ସ୍ଥିରତା ବୃଦ୍ଧି ପାଇଁ ଚାଲିଥିବା ପ୍ରୟାସର ଏକ ଅଂଶ। ଏହି ପ୍ରକଳ୍ପ ଏକ ଅଧିକ ସୁଦୃଢ଼ ଓ ତ୍ୱରିତ ପ୍ରତିକ୍ରିୟାଶୀଳ ନେଟଓ୍ୱର୍କ ଗଠନରେ ଯୋଗଦାନ କରିବ, ଯାହା ଏହା ଅଧୀନରେ ଥିବା ସମୁଦାୟଙ୍କ ବର୍ତ୍ତମାନ ଓ ଭବିଷ୍ୟତର ବିଦ୍ୟୁତ ଆବଶ୍ୟକତା ପୂରଣରେ ସକ୍ଷମ ହେବ ।

# ‘ଦେଶର ଇକମର୍ସ ବଜାର ୨୦୩୦ ସୁଦ୍ଧା ୩୪୫ ବିଲିୟନ ଡଲାରରେ ପହଞ୍ଚିବ’

**ଭୁବନେଶ୍ୱର (ବ୍ୟୁରୋ) :** ଏକ ରିସର୍ଚ୍ଚ କନ୍‌ସଲ୍‌ଟାନ୍ସି ଇନ୍‌ଫିସମ ଦ୍ୱାରା ପ୍ରକାଶିତ ରିପୋର୍ଟ ‘ସ୍ମାର୍ଟ ଗ୍ରୋଥ ଇନ ଏ ଫାଷ୍ଟ ମାର୍କେଟ୍’ ଅନୁଯାୟୀ, ଭାରତର ଇକମର୍ସ ବଜାର ୨୦୨୪ରେ ୧୨୫ ବିଲିୟନ ଡଲାରରୁ ପ୍ରାୟ ୩ ଗୁଣ ବୃଦ୍ଧି ହୋଇ ୨୦୩୦ରେ ୩୪୫ ବିଲିୟନ ଡଲାରରେ ପହଂଚିବ ବୋଲି ଆକଳନ କରାଯାଉଥିବା ବେଳେ ଏହି କ୍ଷେତ୍ର ଏବେ ଅଭିବୃଦ୍ଧି ଓ ଉଦ୍ଭାବନର ଏକ ପରିବର୍ତନଶୀଳ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏକ ପବ୍ଲିକ ପଲିସି ଥିଙ୍କ-ଟ୍ୟାଙ୍କ ଏମ୍‌ପାଓ୍ୱାର ଇଣ୍ଡିଆର ସହଯୋଗ ସହିତ ପ୍ରସ୍ତୁତ ଏହି ରିପୋର୍ଟ ଚଳିତ ଦଶନ୍ଧିର ଅବଶିଷ୍ଟ ସମୟରେ ଭାରତର ଡିଜିଟାଲ କମର୍ସ ଇକୋସିଷ୍ଟମକୁ ପରିଭାଷିତ କରିବା ପାଇଁ ଆଶା କରାଯାଉଥିବା ଢାଂଚାଗତ ଧାରା, ପ୍ରତିଯୋଗିତାମୂଳକ ସ୍ଥିତି ଓ ନୀତି ବିକାଶଗୁଡିକୁ ବିଶ୍ଳେଷଣ କରିଛି। ଏହି ରିପୋର୍ଟ ଭାରତର ଇକମର୍ସ ବଜାର ୨୦୩୦ ସୁଦ୍ଧା ୧୮.୪%ର ସିଏଜିଆରରେ ବୃଦ୍ଧି ପାଇବ ବୋଲି ଆକଳନ କରିଛି, ଯାହା ବର୍ଦ୍ଧିତ ବ୍ୟବହୃତ ଆୟ, ବିସ୍ତୃତ ଇଂଟରନେଟ ଉପଲବ୍ଧତା ଓ ଦ୍ରୁତ ଡିଜିଟାଲ ଗ୍ରହଣୀୟତା ଦ୍ୱାରା ପରିଚାଳିତ ହେବ। ଏହି ଦଶନ୍ଧି ଶେଷ ସୁଦ୍ଧା ଇକମର୍ସ ଭାରତର ଖୁଚୁରା ବ୍ୟୟରେ ୧୦ରୁ ୧୫% ଯୋଗଦାନ ଦେବ, ଡିଜିପିରେ ୨.୫%ର ଯୋଗଦାନ ଦେବ ଏବଂ ୪୨୦ରୁ ୪୪୦ ମିଲିୟନ ଅନ୍‌ଲାଇନ ସପର୍‌ଙ୍କୁ ସେବା ପ୍ରଦାନ କରିବ, ଯାହା ଭାରତକୁ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ରିଟେଲ ମାର୍କେଟରେ ପରିଣତ କରିବ।

# ବିଜେପି ସରକାର ଘୋଷଣାର ନୁହେଁ, କାମର ସରକାର : ମନମୋହନ

**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟରେ ଜଳସେଚନର ବିସ୍ତାର ହେଲେ ଚାଷ ବଢ଼ିବ, ଚାଷ ବଢ଼ିଲେ ଚାଷୀଙ୍କ ଆୟ ବଢ଼ିବ ଏବଂ ଚାଷୀ ସମୃଦ୍ଧ ହେଲେ ଓଡ଼ିଶା ସମୃଦ୍ଧ ହେବ। ଏହାକୁ ମୂଳ ଆଧାର କରି ଓଡ଼ିଶାର ଚାଷୀଙ୍କ କ୍ଷେତକୁ ଜଳ ପହଁଚାଇବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ଗତ ଦୁଇ ବର୍ଷରେ ଓଡ଼ିଶାରେ ପ୍ରାୟ ୫୪ ହଜାର କୋଟିର ଜଳ ଭିତିଭୂମି କାର୍ଯ୍ୟ ଅନୁମୋଦିତ ହୋଇଛି। ଏହା କେବଳ ଏକ ବଡ଼ ଆର୍ଥିକ ଆକଳନ ନୁହେଁ; ଏହା ଓଡ଼ିଶାର ଚାଷୀଙ୍କ ଭବିଷ୍ୟତରେ ଏକ ବଡ଼ ନିବେଶ। ଗତ ଦୁଇ ବର୍ଷରେ ପ୍ରାୟ ୩.୨ ଲକ୍ଷ ହେକ୍ଟର ଚାଷଜମିକୁ ଅତିରିକ୍ତ ଜଳସେଚନ ସୁବିଧା ପହଞ୍ଚିଛି। ଏହା ଚାଷୀଙ୍କୁ ବର୍ଷା ଉପରେ ନିର୍ଭରଶୀଳତା କମାଇ ଅଧିକ ନିଶ୍ଚିତତାର ସହ ଚାଷ କରିବାର ସୁଯୋଗ ଦେବ। ରାଜ୍ୟରେ ୭୭୦ଟି ନୂଆ ଚେକ୍ ଡ୍ୟାମ୍ ଏବଂ ୯ଟି ନଦୀ ଗର୍ଭାଜଳ ସଂରକ୍ଷଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି। ଅର୍ଥାତ୍ ଜଳସେଚନ ସହିତ ଜଳ ସଂରକ୍ଷଣକୁ ମଧ୍ୟ ସରକାର ସମାନ ଗୁରୁତ୍ୱ ଦେଉଛନ୍ତି। ସେହିପରି ଗତ ଦୁଇ ବର୍ଷରେ ରାଜ୍ୟରେ ୬ଟି ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପ ଓ ୩୨ଟି ମାଇନର୍ ଇରିଗେସନ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ ୫୮ଟି ନୂଆ ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପରେ କାମ ଚାଲିଛି, ଯାହା ଉଚ୍ଚଭୂମି ଓ ଜଳସେଚନରୁ ବଂଚିତ ଅଂଚଳର ଚାଷୀଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ଅନ୍ୟ ପଟେ ଦୀର୍ଘଦିନ ଧରି ଅଟକି ରହିଥିବା କେନ୍ଦୁଝର ଜିଲ୍ଲାରେ ବୈତରଣୀ ନଦୀ ଉପରେ କାନୁପୁର ଜଳସେଚନ ପ୍ରକଳ୍ପର ଡ୍ୟାମ୍ କାର୍ଯ୍ୟ ଗତ ଅଗଷ୍ଟ ୩୧ରେ ସମ୍ପୂର୍ଣ୍ଣ ହୋଇଛି। ରାଜ୍ୟରେ କେନାଲ୍ ନେଟଓ୍ୱାର୍କ ଆସନ୍ତା ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରି ପ୍ରାୟ ୨୫,୦୦୦ ହେକ୍ଟର ଜମିକୁ ଜଳସେଚନ କରିବାର ଲକ୍ଷ୍ୟ ରହିଛି। ଏହା ଘୋଷଣାର ସରକାର ନୁହେଁ, କାମର ସରକାର ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ପୂର୍ବରୁ ବର୍ଷ ବର୍ଷ ଧରି ଯେଉଁ ଜଳସେଚନ ପ୍ରକଳ୍ପଗୁଡ଼ିକ ଫାଇଲ୍ ଓ ପ୍ରଶାସନିକ ଜଟିଳତା ମଧ୍ୟରେ ଅଟକି ରହୁଥିଲା, ଆଜି ସେଗୁଡ଼ିକୁ ଗତି ମିଳୁଛି।

# ମହାପ୍ରଭୁ ଜଗନ୍ନାଥଙ୍କ ଜମିକୁ ଚଞ୍ଚକତା କରି ସେଲ୍‌ଡିଡ୍ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଆଇନ ସହାୟତା ନେବ କି ବିଜେପି : କଂଗ୍ରେସ

**ଭୁବନେଶ୍ୱର (ବ୍ୟୁରୋ) :** ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ଦଳର ତୁଙ୍ଗ ନେତା ଏପରିକି ଖୋଦ ପ୍ରଧାନମନ୍ତ୍ରୀ ଜଗନ୍ନାଥଙ୍କ ରତ୍ନ ଭଣ୍ଡାର ଚାବି ଏବଂ ରତ୍ନ ଚୋରି ହୋଇ ଅନ୍ୟରାଜ୍ୟକୁ ଚାଲିଯିବା କଥାକୁ ନେଇ ପୂର୍ବ ସରକାରକୁ କଟୁ ସମାଲୋଚନା କରିଥିଲେ। ଏପରିକି ଓଡ଼ିଶାରେ ତାଙ୍କ ସରକାର ଆସିଲେ ଯେଉଁମାନେ ଜଗନ୍ନାଥଙ୍କ ସମ୍ପତ୍ତିକୁ ଲୁଟ୍ କରିଛନ୍ତି ବା ଲୁଟ୍ କରିବାରେ ସହାୟତା କରିଛନ୍ତି ତାଙ୍କୁ ଆଦୌ ଛଡା ଯିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଓଡ଼ିଆ ଅସ୍ମିତାକୁ ନେଇ ଡିଣ୍ଡିମ ପିଟୁଥିବା ବିଜେପି ଦଳର ପ୍ରକୃତ ଚେହେରା ଆଜି ସରକାର ଆସିଲା ପରେ ଜଣାପଡିଛି ବୋଲି ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରଦେଶ କଂଗ୍ରେସ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ୨୦୧୨ ମସିହାରେ ପୁରୀ, ପିପିଲି, ଜଟଣୀ ଅଂଚଳରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ଶିପ ସରୁବାଲି ଓ ଅମୃତ ମଣହୀ ଜମିକୁ ତତ୍‌କାଳୀନ ସବ୍‌ରେଜିଷ୍ଟ୍ରାର ଡ. ସ୍ମିତା ମହାନ୍ତି ଦୀର୍ଘ ବର୍ଷ ଧରି ଯେଉଁଭଳି ଭାବରେ ଚଞ୍ଚକତା କରି ରାଜ୍ୟର ସମସ୍ତ ନୀତି ନିୟମ ଓ ଆଇନକୁ ଉଲଘଂନ କରି ଏକର ଏକର ଜମିକୁ ଅନ୍ୟ ନାମରେ ବିକ୍ରି କବଲା କରିଥିଲେ ତାହାକୁ ନେଇ ବିଜୁ ଜନତା ଦଳ ସରକାର ସମୟରେ ବିଭାଗୀୟ ତଦନ୍ତ କରିବା ସହିତ ଓଡ଼ିଶା ରେଜିଷ୍ଟ୍ରାର ଜେନେରାଲ ଇନ୍‌ସ୍‌ପେକ୍ଟର ଇନକ୍ୟାରି ତଥା କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ରିପୋର୍ଟ ଅନୁସାରେ ତାଙ୍କୁ ଦୋଷି ସାବ୍ୟସ୍ତ କରିବା ସହିତ ସରକାର ତୁରନ୍ତ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିଲେ। ଏପରିକି କ୍ରାଇମ୍‌ବ୍ରାଞ୍ଚ ତାଙ୍କୁ ଗିରଫ କରିବ ବୋଲି ଜାଣିବା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରୁ ଆଗୁଆ ଆଣ୍ଟିସିପେଟୋରୀ ବେଲ୍ ନେଇଥିଲେ। ଖାଲି ସେତିକି ନୁହେଁ ପରେ ଏହି ଘଟଣାକୁ ନେଇ ଓଡ଼ିଶା ହାଇକୋର୍ଟର ସିଙ୍ଗିଲ ବେଞ୍ଚରେ ମକଦ୍ଦମା ଲଢ଼ିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୦୪ ମସିହାରେ କଟକରେ ଜଣେ ମୃତ ବ୍ୟକ୍ତି ମିଛର ଜୀବିତଥିବା ଦର୍ଶାଇ ୨୦୧୨ ମସିହାରେ ଅମୃତ ମହଣୀ ସେଲ୍‌ଡିଡି କରିଥିଲେ। ୨୦୧୨ ମସିହାରେ ପାଖାପାଖି ୮୩ଟି ଅମୃତ ମଣହୀ ଜମିର ଉଲଘଂନ କରିଥିଲେ। ଓଡ଼ିଶା ହାଇକୋର୍ଟର ସିଙ୍ଗିଲ ବେଞ୍ଚ ଶ୍ରୀମତୀ ମହାନ୍ତିଙ୍କ ସପକ୍ଷରେ ୨୩ ଜୁଲାଇ ୨୦୨୩ ମସିହାରେ ରାୟ ପ୍ରକାଶ କରିଥିଲେ। କିନ୍ତୁ ରାୟ ପ୍ରକାଶ ପାଇବାର ୯ମାସ ପରେ ଅର୍ଥାତ୍ ୨୦୨୪ ଅପ୍ରେଲ ମାସରେ ନବୀନ ପଟ୍ଟନାୟକଙ୍କ ସରକାର ଏହି ରାୟ ବିରୁଦ୍ଧରେ ଉଚ୍ଚତମ ନ୍ୟାୟଳୟରେ ରିଟ୍ ଆପିଲିକେସନ ଡିଭିଜନ ବେଞ୍ଚରେ ଶୁଣାଣି ପାଇଁ ଆବେଦନ କଲେ। ଉଚ୍ଚତମ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କଲେ। କିନ୍ତୁ ଏହି ସମୟରେ ଦୁଇ ମାସ ପରେ ଓଡ଼ିଶାର ଡବଲ ଇଞ୍ଜିନ ସରକାର ହେଲା ଏବଂ ଏହି ନିର୍ବାଚନରେ ଡ. ସ୍ମିତା ମହାନ୍ତିଙ୍କର ସ୍ୱାମୀ ପିପିଲି ନିର୍ବାଚନ ମଣ୍ଡଳୀରୁ ବିଜେପି ବିଧାୟକ ରୂପେ ନିର୍ବାଚିତ ମଧ ହେଲେ। ଏହି ସରକାର ଆସିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଏହି ରିଟ୍ ଆପିଲିକେସନର ଥରେ ବି ମଧ ଶୁଣାଣି ହୋଇନାହିଁ। ଫଳସ୍ୱରୂପ ଜଗନ୍ନାଥଙ୍କ ଜମିକୁ ଚଞ୍ଚକତା କରି ବିକ୍ରୟ କବଲା କରିଥିବା ଅଧିକାରୀଙ୍କୁ ଦଣ୍ଡିତ କରିବା ପରିବର୍ତ୍ତେ ସରକାର ଜାଣିଶୁଣି ଏହି କେସ୍‌କୁ ଉଠାଉନାହାନ୍ତି। ସବୁଠାରୁ ବଡ ଆଶ୍ଚର୍ଯ୍ୟର କଥା ଏସବୁ ଜାଣିଶୁଣି ମଧ ରାଜ୍ୟର ଆଇନମନ୍ତ୍ରୀ ଓ ଆଇନ୍ ବିଭାଗ ସଂପୂର୍ଣ୍ଣ ନୀରବ ରହିଛନ୍ତି। ରାଜସ୍ୱ ବିଭାଗର ମନ୍ତ୍ରୀ ମଧ ଚୁପ୍। ରାଜ୍ୟ ସରକାରଙ୍କର ମକଦ୍ଦମାକୁ ଲଢ଼ିବା ପାଇଁ ଶହ ଶହ ଓକିଲ ଏପରିକି ଖୋଦ ଆଡଭୋକେଟ୍ ଜେନେରାଲ ମଧ ଅଛନ୍ତି। କିନ୍ତୁ କାହିଁକି ଏ ଘଟଣାରେ ସମସ୍ତେ ସଂପୂର୍ଣ୍ଣ ନୀରବ। ନିଜ ଦଳର ବିଧାୟକଙ୍କ ପତ୍ନୀଙ୍କୁ ସୁରକ୍ଷା ଦେବା ଏବଂ ମହାପ୍ରଭୁଙ୍କ ଜମିକୁ ହରିଲୁଟ୍ କରିବାକୁ ଦେବା କଣ ଏ ସରକାରର ପ୍ରାଥମିକ କାମ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଦୀର୍ଘ ଦୁଇ ବର୍ଷ ୫ ମାସ ଧରି ରିଟ୍ ଫାଇଲ ହେଲା ପରେ ମଧ ଆଦୌ ଶୁଣାଣି ନ ହେବା ଏହା କେଉଁ ଦିଗକୁ ସୂଚାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ କଂଗ୍ରେସ ଦଳର ଦାବୀ ହେଉଛି ମାନ୍ୟବର ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଜଗନ୍ନାଥଙ୍କ ଜମିର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବା ସହିତ ହାଇକୋର୍ଟରେ ଏହି ମାମଲାର ତୋରିତ ଶୁଣାଣି କରିବା ପାଇଁ ବିହିତ ପଦକ୍ଷେପ ନିଅନ୍ତୁ। ମିଛରେ ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ନାଟକ କଲେ ରାଜ୍ୟର କଣ ସୁଫଳ ମିଳିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ମୁଖପାତ୍ର ଶ୍ରୀ ମନୋରଞ୍ଜନ ଦାଶ ଓ ଡ. ହମିଦ୍ ହୁସେନ ଉପସ୍ଥିତ ଥିଲେ।

# ଇଂରାଜୀ ଦୈନିକ 'ନ୍ୟାସନାଲ ବିକନ୍' ଲୋକାର୍ପିତ




**ଭୁବନେଶ୍ୱର (ବ୍ୟୁରୋ) :** ଇଂରାଜୀ ଦୈନିକ ସମ୍ବାଦପତ୍ର 'ନ୍ୟାସନାଲ ବିକନ୍'ର ଉନ୍ମୋଚନ ହୋଇଯାଇଛି। ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ଲୋକାର୍ପଣ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ 'ନ୍ୟାସନାଲ ବିକନ୍'ର ପ୍ରଥମ ସଂସ୍କରଣ ଉନ୍ମୋଚନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ବିଜେପିର ବରିଷ୍ଠ ନେତା ଶ୍ରୀ ମହେଶ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର (ଡ.) ମୃଣାଳ ଚାଟାର୍ଜୀ ଏବଂ ବରିଷ୍ଠ ସାମ୍ବାଦିକ ଶ୍ରୀ ସନତ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ 'ନ୍ୟାସନାଲ ବିକନ୍'ର ସମ୍ପାଦକ ଦିଲୀପ କୁମାର ବିଶୋଇ ସଭାପତିତ୍ୱ କରିଥିଲେ। ଖବରକାଗଜର ପ୍ରତିଷ୍ଠାତା ଶେଖ ରିଆଜ ମହମ୍ମଦ ଏବଂ ପ୍ରକାଶିକା ମାସୁମା ୟାସ୍ମିନ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରକୃତି ମର୍ଦ୍ଦରାଜ। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଗଣମାଧ୍ୟମ ସର୍ବଦା ଜନତାଙ୍କ ସ୍ୱର ହୋଇରହିଛି। ପାଠକଙ୍କ ହୃଦୟ ଜିତିବା ପାଇଁ 'ନ୍ୟାସନାଲ ବିକନ୍' ସାମ୍ବାଦିକତାର ମୂଲ୍ୟବୋଧ ଓ ନୈତିକତାକୁ ଅକ୍ଷୁଣ୍ଣ ରଖିବା ସହ ନିଷ୍ଠାର ସହିତ କାର୍ଯ୍ୟ କରିବା ଉଚିତ୍। ସରକାରଙ୍କ ନିକଟରେ ଲୋକଙ୍କ ସମସ୍ୟା ନିଷ୍ଠାର ସହ ଉତଥାପନ କରିବା ପ୍ରତ୍ୟେକ ଗଣମାଧ୍ୟମର ଧର୍ମ। ଏହି ଇଂରାଜୀ ଦୈନିକ ସେହି ମାର୍ଗରେ ଅଗ୍ରସର ହେବ ବୋଲି ଶ୍ରୀ ପୂଜାରୀ କହିଥିଲେ। କଂଗ୍ରେସର ବରିଷ୍ଠ ନେତା ପ୍ରସାଦ ହରିଚନ୍ଦନ ଆଶା ପ୍ରକାଶ କରି କହିଥିଲେ ଯେ, 'We Count What Matters You' ନାରାକୁ ସାର୍ଥକ କରି 'ନ୍ୟାସନାଲ ବିକନ୍' ଲୋକଙ୍କ ସମସ୍ୟା ଓ ଦାବିକୁ ପ୍ରମୁଖତାର ସହ ଉଠାଇବା ସହ ବିକାଶର ପଥ ଦେଖାଇବ। ଶିକ୍ଷାବିତ୍ ପ୍ରଫେସର ମୃଣାଳ ଚାଟାର୍ଜୀ କହିଥିଲେ ଯେ, ସତ୍ୟ ଓ ନ୍ୟାୟ ସାମ୍ବାଦିକତାର ମାର୍ଗଦର୍ଶକ ହେବା ଉଚିତ। ସୋସିଆଲ ମିଡିଆର କୋଳାହଳ ମଧ୍ୟରେ ମଧ୍ୟ ମୁଦ୍ରିତ ଗଣମାଧ୍ୟମ ପାଇଁ ଯଥେଷ୍ଟ ସ୍ଥାନ ରହିଛି। କାରଣ ଖବରକାଗଜ ଘଟଣାବଳୀ ସମ୍ପର୍କରେ ଗଭୀର ଓ ବିସ୍ତୃତ ତଥ୍ୟ ପ୍ରଦାନ କରିଥାଏ ବୋଲି କହିଥିଲେ। ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯାହା ଉପସ୍ଥିତ ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିପାରିଥିଲା।

# କେଡିଏର ୪୪ତମ ପ୍ରତିଷ୍ଠା ଦିବସ ପାଳିତ

## ସ୍ଥାୟୀ ଓ ଲୋକାଭିମୁଖୀ ସହରୀ ବିକାଶ ଉପରେ ଗୁରୁତ୍ୱ

**କଟକ (ବ୍ୟୁରୋ) :** କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ (କେଡିଏ) ପକ୍ଷରୁ ମଙ୍ଗଳବାର ଏହାର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କଟକ ସେକ୍ଟର-୬ସ୍ଥିତ ୱିଣ୍ଡସର ପ୍ଲେସ୍‌ରେ ଏହି ଅବସରରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେଡିଏର ଉପାଧ୍ୟକ୍ଷା ସୁଶ୍ରୀ କିରଣଦୀପ୍ କୌର ସହୋତା, କହିଥିଲେ ଯେ, କେଡିଏର ୪୪ ବର୍ଷର ଯାତ୍ରା କେବଳ ସମୟର ମାପକାଠି ନୁହେଁ, ବରଂ ଏହା ଦଶନ୍ଧି ଦଶନ୍ଧି ଧରି କଟକ ସହରରେ ଘଟିଥିବା ପରିବର୍ତ୍ତନ ଓ ବିକାଶର ପ୍ରତିଫଳନ। ସେ କହିଥିଲେ, "ଗତ ଚାରି ଦଶନ୍ଧି ମଧ୍ୟରେ କଟକ ସହରରେ ବ୍ୟାପକ ବିକାଶ ଓ ପରିବର୍ତ୍ତନ ଘଟିଛି। ସହରର ବିକାଶ ଜାରି ରହିଥିବା ବେଳେ ଲୋକଙ୍କ ଆଶା ଓ ଆକାଂକ୍ଷା ମଧ୍ୟ ବଢ଼ିଚାଲିଛି। ଏହି ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି କେଡିଏ ପକ୍ଷରୁ ସୁଚିନ୍ତିତ, ସ୍ଥାୟୀ ଓ ଲୋକାଭିମୁଖୀ ସହରୀ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସେ ଆହୁରି ସୂଚନା ଦେଇଥିଲେ ଯେ, ଖୁବଶୀଘ୍ର କେଡିଏ ପକ୍ଷରୁ ମହାନଦୀ ରିଭରଫ୍ରଣ୍ଟ ବିକାଶ, ଅଟଳ ପାର୍କ, ବାଲିମୁଣ୍ଡି ପାର୍କ ଓ କନଭେନସନ୍ ସେଣ୍ଟର ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନିଆଯିବ। ସିଲଭର ସିଟି କଟକର ସ୍ଥାୟୀ ବିକାଶ ପ୍ରତି କେଡିଏର ପ୍ରତିବଦ୍ଧତାକୁ ଦୋହରାଇ ସୁଶ୍ରୀ ସହୋତା କହିଥିଲେ ଯେ, ବିକାଶ କେବଳ ରାସ୍ତା, କୋଠାବାଡ଼ି ଓ ଅନ୍ୟାନ୍ୟ ଭୌତିକ ଭିତ୍ତିଭୂମି ନିର୍ମାଣରେ ସୀମିତ ନୁହେଁ। "ପ୍ରକୃତ ବିକାଶ ହେଉଛି ନାଗରିକଙ୍କ ଜୀବନକୁ ଅଧିକ ସହଜ, ନିରାପଦ ଓ ସୁବିଧାଜନକ କରିବା," ବୋଲି ସେ କହିଥିଲେ। ଏହି ଅବସରରେ ଉପାଧ୍ୟକ୍ଷା କେଡିଏର ବିଭିନ୍ନ ଚାଲୁଥିବା ଓ ଆଗାମୀ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିବା ସହ କଟକର ବିକାଶରେ କେଡିଏର ଅଧିକାରୀ ଓ କର୍ମଚାରୀମାନଙ୍କ ନିଷ୍ଠା, ପ୍ରତିବଦ୍ଧତା ଓ ଅବଦାନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କେଡିଏର ସଚିବ ଜନକ କୁମାର ନାୟକ କହିଥିଲେ ଯେ, ପ୍ରତିଷ୍ଠା ଦିବସ କେବଳ କର୍ତ୍ତୃପକ୍ଷର ପ୍ରତିଷ୍ଠାକୁ ସ୍ମରଣ କରିବାର ଅବସର ନୁହେଁ, ବରଂ ଏହା ଅଧିକାରୀ ଓ କର୍ମଚାରୀଙ୍କ ସାମୂହିକ ପ୍ରୟାସକୁ ସ୍ୱୀକୃତି ଦେବାର ମଧ୍ୟ ଏକ ସୁଯୋଗ। ସେ କହିଥିଲେ, ସମଗ୍ର କେଡିଏ ଟିମ୍‌ର ମିଳିତ ପ୍ରୟାସ ଯୋଗୁଁ କଟକର ବିକାଶ ଓ ପ୍ରଗତି ସମ୍ଭବ ହୋଇଛି। ଏକ ଉନ୍ନତ ଓ ଅଧିକ ବାସଯୋଗ୍ୟ ସହର ଗଠନର ଲକ୍ଷ୍ୟ ହାସଲ ପାଇଁ ଟିମ୍‌ୱର୍କ ଓ ସାମୂହିକ ଦାୟିତ୍ୱ ଅତ୍ୟନ୍ତ ଆବଶ୍ୟକ। କାର୍ଯ୍ୟକ୍ରମରେ କେଡିଏର ୮ଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କର କାର୍ଯ୍ୟ ଓ କର୍ତ୍ତୃପକ୍ଷଙ୍କର ବିଭିନ୍ନ ବିକାଶମୂଳକ ପଦକ୍ଷେପରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କେଡିଏର ଇଞ୍ଜିନିୟରିଂ ସଦସ୍ୟ ଇଞ୍ଜିନିୟର ଅତୁନ କୁମାର ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଡିଏର ଅର୍ଥ ସଦସ୍ୟ ପ୍ରଣବ କୁମାର ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉମା କୁମାରୀ ମାଝୀ, ଉପ ଅର୍ଥ ପରିଚାଳକ ସୀମାନ୍ତ ସେନାନାୟକ, ଏଟିପି ଶ୍ରୀ ବିଷ୍ଣୁ ପ୍ରସାଦ ସାହୁ ଏବଂ ଭୂମି ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କ ସମେତ କେଡିଏର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧରେ ହେବ ଜାତୀୟ ପରିସଂଖ୍ୟାନ ସର୍ବେକ୍ଷଣ



**ନୂଆଦିଲ୍ଲୀ :** କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (କ୍ଷେତ୍ର ପରିଚାଳନା ପ୍ରଭାଗ) ଏନଏସଓ (ଏଫଓଡି), ବ୍ରହ୍ମପୁର କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସରେ ଜାତୀୟ ପରିସଂଖ୍ୟାନ ସର୍ବେକ୍ଷଣ କରାଯିବ। ଏହି କାର୍ଯ୍ୟାଳୟର ଅଧିକାରୀମାନେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସର୍ବେକ୍ଷଣ କରିବେ। ସେମାନେ କେତେକ ନିର୍ଦ୍ଦିଷ୍ଟ ପରିବାର, ଶିଳ୍ପ ସଂସ୍ଥା, ବ୍ୟବସାୟିକ ପ୍ରତିଷ୍ଠାନ, ସେବା କ୍ଷେତ୍ର ଉଦ୍ୟୋଗ, କୃଷି ସଂସ୍ଥା ଏବଂ ପଞ୍ଜିକୃତ ସମିତିକୁ ଯାଇ ତଥ୍ୟ ଓ ସୂଚନା ସଂଗ୍ରହ କରିବେ। ବ୍ୟକ୍ତିଗତ ସାକ୍ଷାତ ଏବଂ ଧାର୍ଯ୍ୟ ସର୍ବେକ୍ଷଣ ଅନୁସୂଚୀ ଅନୁଯାୟୀ ଏହି ଅଧିକାରୀମାନେ ତଥ୍ୟ ସଂଗ୍ରହ କରିବେ। ସର୍ବେକ୍ଷଣରେ ସାମିଲ ଲୋକଙ୍କ ଠାରୁ ଗ୍ରହଣ କରାଯାଉଥିବା ତଥ୍ୟକୁ ସମ୍ପୂର୍ଣ୍ଣ ରୂପେ ଗୋପନୀୟ ରଖାଯିବ ଏବଂ ଏହାକୁ କେବଳ ପରିସଂଖ୍ୟାନ ଆଇନ ୨୦୦୮ର ବ୍ୟବସ୍ଥା ଅନୁଯାୟୀ ପରିସଂଖ୍ୟାନ ଉଦ୍ଦେଶ୍ୟ ନିମନ୍ତେ ଉପଯୋଗ କରାଯିବ। ପରିସଂଖ୍ୟାନ କାର୍ଯ୍ୟାଳୟର ଅଧିକାରୀମାନଙ୍କ ପାଖରେ ସରକାରୀ ପରିଚୟପତ୍ର ରହିବ ଏବଂ ସେମାନେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ଅନୁମତି ପତ୍ର ସାଙ୍ଗରେ ନେଇ ଯିବେ। ସର୍ବେକ୍ଷଣ ସମୟରେ ପାରିବାରିକ ଆୟ, ମୂଲ୍ୟ, ଅସଂଗଠିତ କ୍ଷେତ୍ର ଉଦ୍ୟୋଗ, ପ୍ରବାସ, ଋଣ ଓ ନିବେଶ ସ୍ଥିତି, ଶ୍ରମଶକ୍ତି ଆଦିର ତଥ୍ୟ ସଂଗ୍ରହ କରାଯିବ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ମନୋନୀତ ଉତ୍ତରଦାତା ଜନସାଧାରଣଙ୍କୁ ସର୍ଭେ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ଏବଂ ସଠିକ୍ ସୂଚନା ପ୍ରଦାନ କରି ସେମାନଙ୍କର ପୂର୍ଣ୍ଣ ସହଯୋଗ ବୃଦ୍ଧି କରିବାକୁ ନିବେଦନ କରାଯାଇଛି। ସୂଚନାପ୍ରଦ ଶାସନ ଏବଂ ଦେଶର ସାମାଜିକ-ଆର୍ଥିକ ବିକାଶରେ ଯୋଗଦାନ ଦେଉଥିବା ଭରସାଯୋଗ୍ୟ ସରକାରୀ ପରିସଂଖ୍ୟାନ ସୃଷ୍ଟି କରିବା ପାଇଁ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ ପକ୍ଷରୁ ବିଶ୍ୱ ନାରିକେଳ ଦିବସ

## ଆସନ୍ତା ବର୍ଷ ୫୦ ହଜାର ଚାରାରୋପଣ ପାଇଁ ଶ୍ରୀଫଳ ବିପ୍ଳବ ଯୋଜନା ଶୁଭାରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** ଭାରତୀୟ ସଂସ୍କୃତିରେ ନଡ଼ିଆକୁ ଦେବତା ଜ୍ଞାନକରି ପୂଜନ କରିବାର ସାମାଜିକ ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ। ତଦନୁଯାୟୀ ପ୍ରତିବର୍ଷ ସେପ୍ଟେମ୍ବର-୨ ତାରିଖକୁ ବିଶ୍ୱ ନାରିକେଳ ଦିବସ ରୂପେ ପାଳନ କରାଯଇଥାଏ। ଶ୍ରୀ ସମୃଦ୍ଧିର ପ୍ରତୀକ ଯାହା ସତ୍ୟ, ଶିବ ଓ ସୁନ୍ଦର ତାହା ହେଲା ଶ୍ରୀଫଳ। ନଡ଼ିଆ ଏକ ଗ୍ରୀଷ୍ମ ମଣ୍ଡଳୀୟ ଫସଲ। ଏହି ଫସଲକୁ ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟାଲୋକ ଓ ଆର୍ଦ୍ରତା ଦରକାର। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ନଡ଼ିଆ ଚାଷପାଇଁ ବେଶ୍ ଅନୁକୂଳ। କିନ୍ତୁ ରାଜ୍ୟ ଜନସଂଖ୍ୟାର ଚାହିଦା ଅନୁଯାୟୀ ବାର୍ଷିକ ପ୍ରାୟ ୮୦ କୋଟିରୁ ଉର୍ଦ୍ଧ ନଡ଼ିଆର ଆବଶ୍ୟକତା ରହିଥିବା ବେଳେ ରାଜ୍ୟରେ ବାର୍ଷିକ ମାତ୍ର ପ୍ରାୟ ୪୦ କୋଟି ନଡ଼ିଆ ଉତ୍ପାଦନ ହେଉଛି, ଯାହା ଫଳରେ ଓଡ଼ିଶାକୁ ଆନ୍ଧ୍ର, କେରଳ ଓ ତାମିଲନାଡୁ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ୧୯୯୯ ମହାବାତ୍ୟା ପରେ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାରେ ଫନି, ହୁଡ୍‌ହୁଡ଼ି ଓ ଫାଇଲିନ୍‌ରେ ବ୍ୟାପକ ପୁରୁଣା ଓ ନୂଆ ଗଛ ନଷ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ଭରଣା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ଏବେ ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇ ପାରିନାହିଁ। ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାୟ ୫୫ ହଜାର ହେକ୍ଟର ଜମିରେ ନଡ଼ିଆ ଚାଷ କରାଯାଉଥିବା ବେଳେ ଚାହିଦା ଅନୁଯାୟୀ ଏହାର ସମ୍ପ୍ରସାରଣ ଅତ୍ୟନ୍ତ ଜରୁରୀ। ଏଥିପାଇଁ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ ଅଧିନସ୍ଥ ନାରିକେଳ ଉନ୍ନୟନ ବୋର୍ଡ଼ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ନଡ଼ିଆ ଚାଷର ସମ୍ପ୍ରସାରଣ ପାଇଁ ପଦକ୍ଷେପ ନେଉଥିଲେ ମଧ୍ୟ ଆଶାନୁରୂପକ ଭାବରେ ଓଡ଼ିଶା ନଡ଼ିଆ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ୱୀ ହୋଇପାରିନାହିଁ। ତେଣୁ ସାମୁହିକ ପ୍ରଚେଷ୍ଟା ଦ୍ୱାରା ଏଥିପ୍ରତି ଦୃଷ୍ଟି ଦେବାର ଆହ୍ୱାନ ଆସିଛି। ଆଜି ସେପ୍ଟେମ୍ବର-୨, ବିଶ୍ୱ ନାରିକେଳ ଦିବସ ପାଳନ ଅବସରରେ ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ ଆନୁକୂଲ୍ୟରେ ବିଶ୍ୱ ନାରିକେଳ ଦିବସ ଭୁବନେଶ୍ୱରସ୍ଥିତ ସମିତି କାର୍ଯ୍ୟାଳୟଠାରେ ସମିତିର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି ଯେ, ଆଗାମୀ ଦିନରେ ନାରିକେଳ ଉନ୍ନୟନ ବୋର୍ଡ, କଏର ବୋର୍ଡ଼, ଓଡ଼ିଶା କତା ଶିଳ୍ପ ନିଗମ, ଓଡ଼ିଶା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଜିଲ୍ଲା ଶିଳ୍ପ କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟମ, କ୍ଷୁଦ୍ର ଓ ଲଘୁ ଶିଳ୍ପ ବିଭାଗର ଏବଂ ପ୍ରତିଷ୍ଠିତ ୫ଗୋଟି ବେ-ସରକାରୀ ସଂସ୍ଥାର ପରାମର୍ଶ, ସହଯୋଗ, ସମନ୍ୱୟ ଓ ସହାୟତା କ୍ରମେ ଆସନ୍ତା ୧ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରାୟ ୫୦ହଜାର ଉନ୍ନତ ନଡ଼ିଆ ଚାରା ସମିତି ପକ୍ଷରୁ ସୁଲଭ ମୂଲ୍ୟରେ ଆଗ୍ରହୀ ଚାଷୀମାନଙ୍କୁ ଯୋଗାଇ ଦିଆଯିବା ସହିତ ଉପକୂଳବର୍ତ୍ତୀ ୧୪ଗୋଟି ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଜିଲ୍ଲା ଓ ବ୍ଲକସ୍ତରରେ ଆଗ୍ରହୀ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ନେଇ ନଡ଼ିଆ ଚାଷ ଓ ଏହାର ସୁପରିଚାଳନା ପ୍ରଭୃତି କ୍ଷେତ୍ରରେ ପ୍ରଶିକ୍ଷଣ ଓ ତାଲିମ ପ୍ରଦାନ କରାଯିବ। ଏହା ବ୍ୟତୀତ ନଡ଼ିଆରୁ ପ୍ରସ୍ତୁତ ବିଭିନ୍ନ ଉପାଦେୟ ସାମଗ୍ରୀ ପାଇଁ ଆତ୍ମ ନିଯୁକ୍ତି ଭିତ୍ତିକ ତାଲିମ ଓ ପ୍ରମାଣପତ୍ର ପ୍ରଦାନ, ନୂତନକରି ହୀରାକୁଦ ସେଚାଞ୍ଚଳ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଆଗ୍ରହୀ ଚାଷୀମାନଙ୍କୁ ନେଇ ନଡ଼ିଆ ଚାଷ ଉପରେ ବିଶେଷ ଫୋକସ୍ ଏବଂ ସହଜ ଓ ସରଳ ଭାବରେ ଓଡ଼ିଆରେ ଲିଖିତ ନଡ଼ିଆ ଚାଷ ଓ ପରିଚାଳନା ସମ୍ବନ୍ଧୀୟ ଏକ ସଂକ୍ଷିପ୍ତ ସୂଚନା ପୁସ୍ତିକା ସମିତି ପକ୍ଷରୁ ପ୍ରକାଶନ କରାଯାଇ ଚାଷୀମାନଙ୍କୁ ମାଗଣାରେ ବଣ୍ଟନ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରାଯିବା ପାଇଁ ଅଭିଜ୍ଞ ଉଦ୍ୟାନ କୃଷି ବିଶେଷଜ୍ଞମାନଙ୍କୁ ନେଇ ଏକ ବୈଷୟିକ ପରାମର୍ଶଦାତା କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମିତିର ପରିଚାଳନା ପରିଷଦ ମଣ୍ଡଳୀର ନିର୍ଦ୍ଦେଶକ ସୁବାଷ ରାଉତ, ବୃନ୍ଦାବନ ଖଟେଇ, ପି. ଦେବେନ୍ଦ୍ର କୁମାର ରାଓ, ଗୋବିନ୍ଦ ପଟେଲ, ବେଣୁଧର ନାୟକ, ବ୍ରଜରାଜ ରାଉତ, ଜୟ ମାଝୀ, ସୁରଜ ମହାପାତ୍ର, ଅରବିନ୍ଦ ସାମଲ,ବସନ୍ତ ମହାରଣା, ବଂଶିଧର ନାୟକ, ଖଗେଶ୍ୱର ମହାପାତ୍ର ପ୍ରମୁଖ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ରହି ନଡ଼ିଆ ଚାଷର ବ୍ୟାପକ ପ୍ରସାର ଦିଗରେ ବହୁବିଧ ପ୍ରସ୍ତାବ ଉପସ୍ଥାପିତ କରିଥିଲେ। ପରିଶେଷରେ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ବିକ୍ରମ ଚନ୍ଦ୍ର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃକ୍ଷରୋପଣ ଓ ବୃକ୍ଷ ବଞ୍ଚାଅ କାର୍ଯ୍ୟକ୍ରମ

**ଭୁବନେଶ୍ୱର (ବ୍ୟୁରୋ) :** ଆଜି ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚର ପରିଚାଳନା ପରିଷଦର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏକ ବୃକ୍ଷ ରୋପଣ ଓ ବୃକ୍ଷ ବଞ୍ଚାଅ କାର୍ଯ୍ୟକ୍ରମ ସରକାରୀ ହାଇସ୍କୁଲ, ଆଇଆର ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। କର୍ମକର୍ତ୍ତାମାନେ ଅତ୍ୟନ୍ତ ଖୁସି ଯେ ଗଲା ବର୍ଷ ଲଗେଇଥିବା ନବେ ଭାଗ ଗଛ ବଞ୍ଚିଛି। ସେ ସବୁ ଗଛର ମୂଳ ଚାରିପଟ ସଫା କରି ଜୈବିକ ସାର ଦେବା ସହ ଏ ବର୍ଷ ମଧ୍ୟ ନଡ଼ିଆ, ଆମ୍ବ, ପଣସ ଗଛ ଲଗାଗଲା। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ବେହେରା, ମଞ୍ଚର ଅଧ୍ୟକ୍ଷ ଇଂ ଜଗବନ୍ଧୁ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଇଂ ବଂଶୀଧର ପାଢ଼ୀ ଓ ବରିଷ୍ଠ ଓକିଲ ସୁଧୀର ଚରଣ ମହାନ୍ତି,ସହ ସମ୍ପାଦକ ଆଭା ଦାସ ଏବଂ ପରିଚାଳନା ପରିଷଦର ସଭ୍ୟ ଲାୟନ ପ୍ରଦୀପ୍ତ ମହାନ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମଞ୍ଚର ସାଧାରଣ ସମ୍ପାଦକ ଅମୀର ପ୍ରସାଦ ସାହୁ ସଂଯୋଜନା କରିଥିଲେ।



# ସଂଶୋଧିତ ଖଣି ଆଇନ ପ୍ରତିବାଦରେ ବାମପନ୍ଥୀ ଦଳମାନଙ୍କ ସାମ୍ବାଦିକ ସମ୍ମିଳନୀ




**କଟକ (ବ୍ୟୁରୋ) :** କେନ୍ଦ୍ର ବିଜେପି ସରକାର ସଂସଦରେ ବିନା ଆଲୋଚନାରେ ପାସ୍ କରିଥିବା ସଂଶୋଧିତ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ ୨୦୨୬ ,ଦେଶର ଖଣିଜ ସମ୍ପଦକୁ ବଡ଼ ବଡ଼ କର୍ପୋରେଟ୍ ଗୋଷ୍ଠୀଙ୍କ ହାତକୁ ସମ୍ପୂର୍ଣ୍ଣ ଭାବରେ ଟେକି ଦେବ ଓ ସହ ରାଜ୍ୟଗୁଡ଼ିକର ଆର୍ଥିକ ଓ ସାମ୍ବିଧାନିକ ଅଧିକାରକୁ ସଂକୁଚିତ କରିବ ବୋଲି ଆଜି କଟକ୍ ଠାରେ ଅନୁଷ୍ଠିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ବାମପନ୍ଥୀ ଦଳ ମାନଙ୍କ ପକ୍ଷରୁ କୁହାଯାଇଛି ଯେ ଏହି ଆଇନ ରାଜ୍ୟ ସରକାରକୁ ଖଣି ମାଲିକ ମାନଙ୍କ ଠାରୁ ପ୍ରାୟ ୧ ଲକ୍ଷରୁ ୧.୨୫ଲକ୍ଷ କୋଟି ବାକିଆ ଟଙ୍କା ପାଇବାର ସୁଯୋଗରୁ ବଞ୍ଚିତ କଲା। ଏହା ବ୍ୟତୀତ ଖଣିଜ ଦ୍ରବ୍ୟ ଉପରେ ସେସ୍ ବା କର ଆଦାୟର ଅଧିକାରରୁ ରାଜ୍ୟ ମାନଙ୍କ ଅଧିକାର ଛଡ଼ାଇ ନିଆଗଲା। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୧୨ ହଜାରରୁ ୧୭ ହଜାର କୋଟି ଟଙ୍କା ହରାଇବ। କର୍ପୋରେଟ କମ୍ପାନୀ ମନେ ଲଗାମ୍ ଛଡ଼ା ଖଣିଜ ସଂପଦ ଉତ୍ତୋଳନ କରି ମୁନାଫା ଲୁଟ କରିବେ। ଏହା ସହିତ ଖଣି ମାଲିକ ମାନେ ଲିଜ ପାଇଥବା ଜାଗା ବାହାରେ ମଧ୍ୟ ଖଣି ଖୋଲିବା ର ସୁଯୋଗ ପାଇବେ। କ୍ରିଟିକାଲ ଖଣିଜ କ୍ଷେତ୍ରରେ ମଧ୍ୟ ଏକଚାଟିଆ ଖଣି ମଲିକ ମାନଙ୍କୁ ଅନେକ ରିହାତି ଦିଆଯାଇଛି। ଏହି ପରିସ୍ଥିତିରେ ଏସୟୁସିଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍ଏଲ) ରେଡ୍ ଷ୍ଟାର, ସିପିଆଇ (ଏମ୍ଏଲ୍) ନିୟୁ ଡେମୋକ୍ରେସି ଓ ସିପିଆଇ (ଏମ୍ ଏଲ) ପକ୍ଷରୁ ସଂଶୋଧିତ ଖଣି ଆଇନ, ୨୦୨୬ ପ୍ରତ୍ୟାହାର କରିବା,ରାଜ୍ୟମାନଙ୍କ ଖଣିଜ ରାଜସ୍ୱ ଓ କର ଆଦାୟର ସାମ୍ବିଧାନିକ ଅଧିକାର ସୁରକ୍ଷିତ ରଖିବା, ଖଣିଜ ସମ୍ପଦଶାଳୀ ରାଜ୍ୟମାନଙ୍କ ବକେୟା ରାଜସ୍ୱ ଆଦାୟର ଅଧିକାର ସୁରକ୍ଷିତ ରଖିବା , କ୍ୟାପ୍ଟିଭ୍ ଖଣିର ଖଣିଜକୁ ବାଣିଜ୍ୟିକ ବିକ୍ରି କରିବାର ନୀତିକୁ ରଦ୍ଦ କରିବା, ଖଣି ଅଞ୍ଚଳ ବିସ୍ତାରରେ ଗ୍ରାମସଭା, ଆଦିବାସୀ ଅଧିକାର, ଜଙ୍ଗଲ ଅଧିକାର ଓ ପରିବେଶ ଆଇନର ସମସ୍ତ ସୁରକ୍ଷା ଅକ୍ଷୁଣ୍ଣ ରଖିବା, ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକାର ଅଧିକାର ସୁରକ୍ଷିତ ରଖିବା, ନୂଆ ଖଣି ଖୋଲିବା ଉପରେ ରୋକ ଲଗାଇ ପୂର୍ବରୁ ଖୋଲାଯାଇଥିବା ଖଣିଗୁଡ଼ିକର ସାମାଜିକ, ଆର୍ଥିକ ଓ ପରିବେଶଗତ ସମୀକ୍ଷା କରିବା ପ୍ରମୁଖ ଦାବିରେ ଆନ୍ଦୋଳନ ଗଢି ତୋଳିବାପାଇଁ ଡାକରା ଦିଆଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ ଓ ଭଗ୍ୟରାବି ଦାସ ଉପସ୍ଥିତ ଥିଲେ।

# ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

## ରାଜ୍ୟରେ ବିଜେପି ସଂଗଠନ ମଜଭୁତ ହେଉଛି: ମନମୋହନ





**ଭୁବନେଶ୍ୱର (ବ୍ୟୁରୋ) :** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ଗଂଜାମ ଓ ପୁରୀ ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ଗତ ସାଧାରଣ ନିର୍ବାଚନରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀରୁ ଲଢିଥିବା ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ମନୋଜ କୁମାର ରଥଙ୍କ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକ ନାଗପୁର ପଂଚାୟତର ବରିଷ୍ଠ ବିଜେଡି ନେତା ଶ୍ରୀ ସୁକାନ୍ତ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମୀରେଖା ମହାନ୍ତି, ବରିଷ୍ଠ ବିଜେଡି ନେତା ଅଜିତ ରାଉତରାୟ, ବାଦଲ ମହାନ୍ତି, ଗଦାଧର ପ୍ରଧାନ, ପ୍ରଫୁଲ୍ଲ ସେଠୀ, ଭଗବାନ ମାହାଲା ଯଶୋଦା ନନ୍ଦନ ରଥ, ଗୌରାଙ୍ଗ ସ୍ୱାଇଁ, ପ୍ରମୋଦ ରାଉତ, ସୂର୍ଯ୍ୟନାରାୟାଣ ମହାପାତ୍ର; ୪ ନମ୍ବର ୱାର୍ଡର ରବିନ୍ଦ୍ର ମଲ୍ଲିକ, ନାରାୟଣ ଦାସ, ସୂର୍ଯ୍ୟକାନ୍ତ ମହାନ୍ତି, ପରମାନନ୍ଦ ଭୋଇ, ରଂଜିତ ମଲ୍ଲିକ ପ୍ରମୁଖ ବିଜେଡି ଓ କଂଗ୍ରେସ ନେତୃବୃନ୍ଦ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ଗଂଜାମ ଜିଲ୍ଲା ଛତ୍ରପୁର ମ୍ୟୁନିସିପାଲିଟିର ବରିଷ୍ଠ କମ୍ୟୁନିଷ୍ଟ ନେତା ରଂଜନ ମହାପାତ୍ର, ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଜି.ପାପା ରାଓ, କାଉନସିଲର ମାମା ସେଠୀ, ଡି.ଇନ୍ଦୁ, ମମତା ପାତ୍ର, କେ.ରମେଶ ରାଓ, ପ୍ରତିଛନ୍ଦା ସାମଲ, ଦେବାଶିଷ ମିଶ୍ର, ସନ୍ତୋଷ ସେଠୀ, ବି.ନିଶ୍ଚଳା ସ୍ୱାମୀ, ସୁମନ୍ତ କୁମାର ନାହକ, ପୂର୍ବତନ ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅମିତା ସାହୁ, ବରିଷ୍ଠ ବିଜେଡି ନେତା ସୁଶାନ୍ତ ସାହୁ, ସନମୁଖ ରାଓ ପଟ୍ଟନାୟକ, ବି.ଗୋପାଲ ସ୍ୱାମୀ, ଯୁବନେତା ଅକ୍ଷୟ ସ୍ୱାଇଁ, ଗୋପାଳପୁର ପୋର୍ଟ ମଜଦୁର ସଂଘ ସଭାପତି ଏମ.ଆୟାର , ଉପସଭାପତି ବି.କ୍ରିଷ୍ଣା, କୋଷାଧ୍ୟକ୍ଷ ଏନ.କ୍ରିଷ୍ଣା, ପି.ପୋଲେୟା, ଛତ୍ରପୁର ଏନଏସିର ପୂର୍ବତନ ଉପାଧ୍ୟକ୍ଷ ଜି.ଆରତୀ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ବିଜେପିର ଅନ୍ୟନାମ ବିକାଶ। ବିକାଶକୁ ତ୍ୱରାନ୍ୱିତ କରିବା ଦାୟିତ୍ୱ ଆମ ସମସ୍ତଙ୍କର। ଏହି କାରଣରୁ ବିଜେପି ଆଜି ସମଗ୍ର ଭାରତବର୍ଷରେ ଆଦୃତ ହୋଇ ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି। ବିଜେପି ଏକ କାର୍ଯ୍ୟକର୍ତ୍ତା ଆଧାରିତ ଦଳ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି। ଅନେକ ମହାପୁରୁଷଙ୍କ ବଳିଦାନ ଓ କାର୍ଯକର୍ତ୍ତାଙ୍କ ପ୍ରଚେଷ୍ଟାରୁ ଆଜି ବିଜେପିର ସଙ୍ଗଠନ ମଜଭୁତ୍ ହୋଇଛି। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା, ଗୋଟିଏ ପରେ ଗୋଟିଏ ପୂରଣ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି। ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ "ନିର୍ବାଚନୀ ଘୋଷଣାନାମା"ରେ ଦିଆଯାଇଥିବା ଅଧିକାଂଶ ପ୍ରତିଶ୍ରୁତି ଆମେ ପୂରଣ କରିଛୁ। ଲୋକଙ୍କ ସହ ଜୀବନ୍ତ ସମ୍ପର୍କ ରଖି ପାର୍ଟିର ବିଚାରଧାରା, ଆଦର୍ଶ ଏବଂ ବିଜେପି ସରକାରର ଲୋକାଭିମୁଖୀ କାର୍ଯ୍ୟକ୍ରମ ଯୋଜନାକୁ ଲୋକଙ୍କ ପାଖରେ ପହଁଚାଇବା ଆମ ସମସ୍ତଙ୍କର ମୂଳ ଲକ୍ଷ୍ୟ। ଏହି ଯୋଗଦାନ ଦ୍ୱାରା ରାଜ୍ୟରେ ବିଜେପି ସଂଗଠନ ଆହୁରି ମଜଭୁତ ହୋଇଛି। ନୂତନ ଓ ଆମର ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ସହାୟତାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ଘରେ ଘରେ ପହଂଚାଇବା ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମନ୍ତ୍ରୀ ବିଭୁତି ଭୂଷଣ ଜେନା, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ଡ.ଯତୀନ ମହାନ୍ତି ଓ ବିଷ୍ଣୁ ଦାସ, ରାଜ୍ୟ ସାଧାରଣ ସଂପାଦକ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର, ସାଂସଦ ସୁଜିତ କୁମାର, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୁରୀ ଜିଲ୍ଲା ସଭାପତି ଡା.ଦେବେନ୍ଦ୍ର ତରାଇ, ଗଂଜାମ ଜିଲ୍ଲା ସଭାପତି ସରୋଜ ସାବତ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ ।

# ପୁରୀ ବଚପନ୍ ସ୍କୁଲରେ ଜନ୍ମାଷ୍ଟମୀ ପୂଜା



















# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.136, Friday, 4 September 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୬, ଶୁକ୍ରବାର, ୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



